(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Friday, February 11/2022 | ★★★★

୪୮ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଜୁନ୍ ୧୦ରେ ଆସିବ 'ପୃଥ୍ୱୀରାଜ'**
ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ଏବଂ ମାନୁଷୀ ଛିଲ୍ଲରଙ୍କ ଫିଲ୍ମ 'ପୃଥ୍ୱୀରାଜ' ଜୁନ୍ ୧୦ ତାରିଖରେ ମୁକ୍ତିଲାଭ କରିବ।

୦୭

୦୮

**ଫ୍ରେଞ୍ଚ୍ କ୍ଲବ ତରଫରୁ ଖେଳିବେ ସାଥିୟାଁ**
ଭାରତର ଟପ୍ ଟେବୁଲ ଟେନିସ ଖେଳାଳି ଜି. ସାଥିୟାଁ ୨୦୨୨-୨୩ ସିଜନ ପାଇଁ ଏକ ଫ୍ରେଞ୍ଚ କ୍ଲବ ସହ ଚୁକ୍ତି କରିଛନ୍ତି।



# ୨୮ରୁ ସ୍କୁଲ ଯିବେ ୧ରୁ ୭ମ ପିଲା

## ୧୪ରୁ ଖୋଲିବ ପ୍ରାଥମିକ ସ୍କୁଲ

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ଆସନ୍ତା ୧୪ ତାରିଖଠାରୁ ସ୍କୁଲ ଖୋଲିବ। ସ୍କୁଲ ଖୋଲିଲେ ମଧ୍ୟ ଛାତ୍ରୀଛାତ୍ରମାନେ ସ୍କୁଲ ଯିବେ ନାହିଁ। ଆସନ୍ତା ୨୮ ତାରିଖରୁ ଅଫ୍‌ଲାଇନ୍ କ୍ଲାସ ବା ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ ହେବ। ସେତେବେଳେ ପର୍ଯ୍ୟନ୍ତ ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ କ୍ଲାସ କରିବେ। ଏ ନେଇ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓସେପା, ଓଏଭିଏସ୍, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ, ବିଏସ୍‌ଇ ସଭାପତି, ଏମ୍‌ଡିଏମ୍, ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଆସନ୍ତା ୧୪ ତାରିଖରୁ ☞ପୃଷ୍ଠା-୪

### ଦଶମ, ଦ୍ୱାଦଶ ପରୀକ୍ଷା ଓ ମୂଲ୍ୟାଙ୍କନ ପାଇଁ ପ୍ରସ୍ତୁତି

## ଅଂଶୀଦାରଙ୍କ ମତାମତ ଆଧାରରେ ନିଷ୍ପତ୍ତି

ଭୁବନେଶ୍ୱର, ୧୦।୨(ବ୍ୟୁରୋ)

ରାଜ୍ୟରେ ଗତ ୭ ତାରିଖରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ନିମନ୍ତେ ବିଦ୍ୟାଳୟ ଖୋଲିଛି। ଅଫ୍‌ଲାଇନ୍/ଅନ୍‌ଲାଇନ୍/ହାଇବ୍ରିଡ୍ ମୋଡ୍‌ରେ ଶିକ୍ଷାଦାନ ଚାଲିଛି। ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବାକୁ ପ୍ରସ୍ତୁତି ଚାଲିଥିବାବେଳେ ଏହାକୁ ବିରୋଧ କରି ଆନ୍ଦୋଳନ କରାଯାଉଛି। ଏ ପରିସ୍ଥିତିରେ ପରୀକ୍ଷା ସଂକ୍ରାନ୍ତ ଚୂଡ଼ାନ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପୁଞ୍ଜିବାଦ ଓ ପ୍ରତିଯୋଗିତା**

# କ୍ରିପ୍ଟୋକରେନ୍ସି ଆର୍ଥିକ ସ୍ଥିରତା ପ୍ରତି ବିପଦ

**କ୍ରିପ୍ଟୋକରେନ୍ସି ଭାରତର ବୃହତ୍ ଅର୍ଥନୀତି ଓ ଆର୍ଥିକ ସ୍ଥିରତା ପ୍ରତି ବିପଦ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିବା ପରେ ସରକାରଙ୍କ ମୁଦ୍ରାନୀତିକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଉଲ୍ଲେଖ କରାଯାଇପାରେ ଯେ, ବିମୁଦ୍ରୀକରଣ ବେଳେ ଶକ୍ତିକାନ୍ତ ଦାସ କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ଥିଲେ। ଏବେ ସେ କ୍ରିପ୍ଟୋକରେନ୍ସି ସମ୍ପର୍କରେ ଦେଇଥିବା ନକାରାତ୍ମକ ମତ ସରକାରଙ୍କ ମୂଳ ଆର୍ଥିକ ନୀତିର ବିରୋଧାଭାସ କରୁଥିବା କୁହାଯାଉଛି।**



ମୁମ୍ବାଇ,୧୦।୨

ମୁଦ୍ରାନୀତି ଘୋଷଣା ଅବସରରେ ଆର୍‌ବିଆଇ ଗଭର୍ନର କ୍ରିପ୍ଟୋକରେନ୍ସି ନିବେଶକମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଏହି ଡିଜିଟାଲ ମୁଦ୍ରାରେ ପୁଞ୍ଜି ଲଗାଉଥିବା ବ୍ୟକ୍ତି ମନେରଖିବା ଉଚିତ ଯେ, ସେମାନେ ନିଜ ରିସ୍କରେ ନିବେଶ କରୁଛନ୍ତି। ଏହା ଆଧାରଭୂତ ସମ୍ପତ୍ତି (ଅଣ୍ଡରଲେଇଙ୍ଗ୍ ଆସେଟ୍) ନୁହେଁ। କ୍ରିପ୍ଟୋକରେନ୍ସି ଉପରେ ରିଜର୍ଭ ବ୍ୟାଙ୍କ୍ ଗୁରୁବାର ଏହାର ଆଭିମୁଖ୍ୟକୁ ପୁଣିଥରେ ଦୋହରାଇଛି। ଏକ୍ଷେତ୍ରରେ ଆମ ଆଭିମୁଖ୍ୟ ସ୍ପଷ୍ଟ। ଘରୋଇ କ୍ରିପ୍ଟୋଗୁଡ଼ିକୁ ମାକ୍ରୋ(ବୃହତ୍) ଅର୍ଥନୀତି ଓ ଆର୍ଥିକ ସ୍ଥିରତା ପ୍ରତି ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଆର୍‌ବିଆଇ ଗଭର୍ନର କହିଛନ୍ତି। ସୂଚନାଯୋଗ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ଭର୍ଚୁଆଲ ଆସେଟ୍ ଲାଭ ଉପରେ କ୍ରିପ୍ଟୋ ଟ୍ୟାକ୍ସ କଥା କହିଥିଲେ। ଡିଜିଟାଲ ଆସେଟ୍ କାରବାରରେ ୩୦ ପ୍ରତିଶତ ଟିକସ ଲାଗୁ ହେବ। ତେବେ କ୍ରିପ୍ଟୋ କରେନ୍ସି ଉପରେ ଟିକସ ଲାଗୁ ଦ୍ୱାରା ଏହା ବୈଧ ସମ୍ପତ୍ତି ହେବନାହିଁ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଅନ୍ୟପକ୍ଷରେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଟିକସ ନୀତିରେ ସ୍ୱଚ୍ଛତା ପ୍ରଥମ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଯଦିଓ ନୂଆ ଟିକସ ବ୍ୟବସ୍ଥା ଯୋଗୁ ନିବେଶକମାନେ କ୍ରିପ୍ଟୋରେ ନିବେଶ କରିବା ବନ୍ଦ କରିଦେବେ ବୋଲି କେତେକ କହୁଥିବାବେଳେ, ବଜେଟ ଘୋଷଣା ଦିନ କ୍ରିପ୍ଟୋକରେନ୍ସି ବିନିମୟ ୨୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଥିଲା। କ୍ରିପ୍ଟୋରେ ଲୋକେ ଲାଭ ହାସଲ କରୁଥିବାରୁ ଏହା ଉପରେ ଟିକସ ଧାର୍ଯ୍ୟ ପାଇଁ ନିଷ୍ପତ୍ତି ହୋଇଥିବା ସୀତାରାମନ୍ କହିଥିଲେ। କ୍ରିପ୍ଟୋ କରେନ୍ସିର ଅନ୍ତର୍ଭୂତ ମୂଲ୍ୟ ନ ଥିବାରୁ ଆର୍‌ବିଆଇ ଏହି ଡିଜିଟାଲ ଆସେଟ୍‌କୁ ବିରୋଧ ☞ପୃଷ୍ଠା-୪



ଶକ୍ତିକାନ୍ତ ଦାସ

## ରେପୋ ରେଟ୍ ଅପରିବର୍ତ୍ତିତ

ମୁମ୍ବାଇ,୧୦।୨

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରାନୀତି କମିଟି (ଏମ୍‌ପିସି) କ୍ରମାଗତ ଦଶମ ଥର ପାଇଁ ରେପୋ ରେଟ୍‌କୁ ୪ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। ଆବଶ୍ୟକ ଥିବା ପର୍ଯ୍ୟନ୍ତ ରେଟ୍ ଅପରିବର୍ତ୍ତିତ କିମ୍ବା କମ୍ ରଖାଯିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଦ୍ରାନୀତି ଘୋଷଣା କରିବା ଅବସରରେ କହିଛନ୍ତି। ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ରେପୋ ରେଟ ସ୍ଥିର ରଖିବା ସପକ୍ଷରେ ୫:୧ରେ ଭୋଟ ଦେଇଥିଲେ। ସେହିପରି ରିଭର୍ସ ରେପୋ ରେଟ୍‌କୁ ୩.୩୫ ପ୍ରତିଶତରେ ଅପରିବର୍ତ୍ତିତ ରଖାଯାଇଛି। ମାର୍ଜିନାଲ ଷ୍ଟାଣ୍ଡିଂ ଫାସିଲିଟି (ଏମ୍‌ଏସ୍‌ଏଫ୍) ରେଟ୍ ଏବଂ ବ୍ୟାଙ୍କ ରେଟ୍ ମଧ୍ୟ ୪.୨୫ ପ୍ରତିଶତରେ ଅପରବର୍ତ୍ତିତ ରହିଛି। ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ ୨୦୨୨-୨୩ ବର୍ଷ ଲାଗି ବଜେଟ ଉପସ୍ଥାପନ ପରେ ଏହା ଥିଲା ପ୍ରଥମ ମୁଦ୍ରାନୀତି କମିଟି ବୈଠକ। ୨୦୨୦ ମେ' ୨୨ରେ ଶେଷ ଥର ପାଇଁ ରେପୋ ରେଟ୍ ପରିବର୍ତ୍ତନ ହୋଇଥିଲା।

ରିଜର୍ଭ ବ୍ୟାଙ୍କର ମୁଖ୍ୟ ନିଷ୍ପତ୍ତି ସମ୍ପର୍କରେ ଉଦ୍‌ବୋଧନ ଦେଇ ଶକ୍ତିକାନ୍ତ କହିଛନ୍ତି, ବିଶ୍ୱର ଅନ୍ୟ ଦେଶଗୁଡ଼ିକଠାରୁ ଭିନ୍ନ ସୁଧାର ମାର୍ଗରେ ଗତି କରୁଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ଅନୁମାନ ଅନୁଯାୟୀ ବୃହତ୍ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଦ୍ରୁତତମ ଅଭିବୃଦ୍ଧି କରୁଛି। ଦେଶରେ ବ୍ୟାପକ ଟିକାକରଣ ଏବଂ ସ୍ଥାୟୀ ଆର୍ଥିକ ସମର୍ଥନ ଅର୍ଥନୀତିରେ ସୁଧାର ଆଣିବାରେ ସହାୟକ ହୋଇଛି। ଆଗାମୀ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରକୃତ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତ ବର୍ଷରେ ୯.୨ ଜିଡିପି ଅଭିବୃଦ୍ଧି ଅର୍ଥନୀତିକୁ ମହାମାରୀ ପୂର୍ବ ସ୍ତରକୁ ନେଇଯିବ ବୋଲି ଆର୍‌ବିଆଇ ଗଭର୍ନର କହିଛନ୍ତି। ମୁଦ୍ରାସ୍ଫୀତି ସମ୍ପର୍କରେ ଶକ୍ତିକାନ୍ତ କହିଛନ୍ତି, ☞ପୃଷ୍ଠା-୪







| ମୋଟ ପ୍ରାପ୍ୟ ପ୍ରିମିଅମ | ଲେଟ୍ ଫୀ ରିହାତି % | ସର୍ବାଧିକ ରିହାତି ସୀମା |
|---|---|---|
| ₹ 1,00,000 ପର୍ଯ୍ୟନ୍ତ | 20% | ₹ 2000 |
| ₹ 1,00,001 ରୁ ₹ 3,00,000 ପର୍ଯ୍ୟନ୍ତ | 25% | ₹ 2500 |
| ₹ 3,00,001 ଓ ଅଧିକ | 30% | ₹ 3000 |

**ମଣିପୁର ନିର୍ବାଚନ ଫେବୃୟାରୀ ୨୮, ମାର୍ଚ୍ଚ ୫ରେ**

ମଣିପୁର ବିଧାନସଭାର ୬୦ ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ଫେବୃୟାରୀ ୨୭ ଓ ମାର୍ଚ୍ଚ ୩ରେ ନିର୍ବାଚନ ହେବାର ଥିଲା। ନିର୍ବାଚନ କମିଶନ (ଇସି) ଏହି ତାରିଖ ବଦଳାଇ ଫେବୃୟାରୀ ୨୮ ଓ ମାର୍ଚ୍ଚ ୫ରେ ମତଦାନ କରାଇବା ପାଇଁ ସ୍ଥିର କରିଛନ୍ତି। ଇସିଙ୍କ ପକ୍ଷରୁ ଗୁରୁବାର ଜାରି ଏକ ବିବୃତିରେ କୁହାଯାଇଛି ଯେ, ସଂଗୃହୀତ ମତାମତ, ଉପସ୍ଥାପନା ଓ ସ୍ଥାନୀୟ ସ୍ଥିତିକୁ ଅନୁଧ୍ୟାନ କରି ମଣିପୁର ନିର୍ବାଚନ ତାରିଖରେ ପରିବର୍ତ୍ତନ ଅଣାଯାଇଛି।

# ମୁସଲମାନ ମହିଳାଙ୍କୁ ମୁକ୍ତି ଦେଇଛି ଭାଜପା

**ଲକ୍ଷ୍ନୌ,୧୦।୨**



## ହିଜାବ ବିବାଦର ଜବାବ ତିନି ତଲାକରେ ଦେଲେ ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତର ପ୍ରଦେଶକୁ ଏକ ଦଙ୍ଗାମୁକ୍ତ ଓ ଶାନ୍ତିପୂର୍ଣ୍ଣ ରାଜ୍ୟରେ ପରିଣତ କରିବା ପାଇଁ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ପଶ୍ଚିମ ୟୁପିର ୯ ଜିଲା ଅଧୀନ ୫୫ ଆସନରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ମୋଦି ସାହରନପୁରରେ ଭାଜପା ପକ୍ଷରୁ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିଛନ୍ତି। ମୋଦି କହିଛନ୍ତି, ୟୁପିରେ ଯୋଗୀ ଆଦିତ୍ୟନାଥ ସରକାର ଅପରାଧୀମାନଙ୍କୁ ଜେଲକୁ ପଠାଇଦେଇଛନ୍ତି। ମହିଳାଙ୍କ ପାଇଁ ସୁରକ୍ଷାର ବାତାବରଣ ସୃଷ୍ଟି କରିବା ଲାଗି ଏଠାରେ ଭାଜପା ସରକାର ଜରୁରୀ ଥିଲା। ମହିଳାମାନଙ୍କ ପାଇଁ ଏବେ ସବୁ କ୍ଷେତ୍ର ଖୋଲା ଅଛି। ଭାଜପା ଶାସିତ କର୍ଣାଟକରେ ମୁସଲମାନ ସମ୍ପ୍ରଦାୟର କଲେଜ ଛାତ୍ରୀମାନଙ୍କୁ ଶ୍ରେଣୀଗୃହକୁ ପ୍ରବେଶ ଅନୁମତି ନ ମିଳିବାରୁ ସୃଷ୍ଟି ହୋଇଥିବା ବିବାଦ ପରିପ୍ରେକ୍ଷୀରେ ମୋଦି ତିନି ତଲାକ୍ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ଭାଜପା ସରକାର ନୂଆ ଆଇନ ଆଣି ମୁସଲିମ୍ ମହିଳାଙ୍କୁ ତିନି ତଲାକ୍ ପ୍ରଥା ନାମରେ ଚାଲିଥିବା ନିର୍ଯାତନାରୁ ମୁକ୍ତ କରିଛି। ମୁସଲିମ୍ ମହିଳାମାନେ ମୋଦି ସରକାରଙ୍କୁ ଖୋଲାଖୋଲି ସମର୍ଥନ କରିବାରେ ଲାଗିଥିବାବେଳେ ବିରୋଧୀ ଓ ଆତ୍ମଘୋଷିତ ତ୍ରାଣକର୍ତ୍ତାମାନେ ସେମାନଙ୍କ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଛନ୍ତି। ତେବେ ଆମେ ପ୍ରତ୍ୟେକ ମୁସଲମାନ ମହିଳାଙ୍କ ସହ ଛିଡ଼ା ହୋଇଛୁ ବୋଲି ମୋଦି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି। ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଜୟନ୍ତ ଚୌଧରୀଙ୍କ ମେଣ୍ଟକୁ ପ୍ରଧାନମନ୍ତ୍ରୀ 'ଅହଂକାରୀ' ଭାବେ ଅଭିହିତ କରିବା ସହ ପରିବାରବାଦୀଙ୍କୁ ଭୋଟ ନ ଦେବାକୁ କହିଛନ୍ତି। ଅଖିଳେଶଙ୍କ ନୂଆ ମେଣ୍ଟ ୨୦୧୭ର ଏସ୍‌ପି-କଂଗ୍ରେସ ମେଣ୍ଟ ଭଳି ଦଶା ଭୋଗିବ ବୋଲି ମୋଦି ସମାଲୋଚନା କରିଛନ୍ତି।



ଦାଦ୍ରିର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରଙ୍କୁ ଥର୍ମାଲ ସ୍କ୍ରିନିଂ କରାଯାଉଛି।

# ୫୮ ଆସନରେ ୬୦% ମତଦାନ

**ଲକ୍ଷ୍ନୌ,୧୦।୨**

## ୟୁପି ପ୍ରଥମ ପର୍ଯ୍ୟାୟ ନିର୍ବାଚନ

୪୦୩ ଆସନ ବିଶିଷ୍ଟ ଉତ୍ତର ପ୍ରଦେଶ ବିଧାନସଭାର ୫୮ ଆସନରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଛି। କୋଭିଡ୍ କଟକଣା ଓ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ପଶ୍ଚିମ ୟୁପିର ୧୧ ଜିଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଛି। ଶାମ୍‌ଲି, ହାପୁର, ଗୌତମବୁଦ୍ଧ ନଗର, ମୁଜାଫରନଗର, ମିରଟ, ବାଗ୍‌ପତ, ଗାଜିଆବାଦ, ବୁଲନ୍ଦସହର, ଆଲିଗଡ଼, ମଥୁରା ଓ ଆଗ୍ରା ଜିଲାର ୨.୨୭ କୋଟି ଭୋଟରଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏଥିସହ ୭୩ ମହିଳାଙ୍କ ସମେତ ୬୨୩ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ହେଭିଓ୍ୱେଟ୍‌ଙ୍କ ମଧ୍ୟରେ ସୁରେଶ ରାଣା, ଅତୁଲ ଗର୍ଗ, ଶ୍ରୀକାନ୍ତ ଶର୍ମା, ସନ୍ଦୀପ ସିଂ, ଅନିଲ ଶର୍ମା, କପିଳ ଦେବ ଅଗ୍ରଓ୍ୱାଲ, ଦୀନେଶ ଖାଟିକ, ଜି.ଏସ୍. ଧର୍ମେଶ ଏବଂ ଚୌଧରୀ ଲକ୍ଷ୍ମୀ ନାରାୟଣ ପ୍ରମୁଖ ମନ୍ତ୍ରୀ ଅଛନ୍ତି। ମତଦାନ ବେଳେ କେତେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ତେବେ ସେଗୁଡ଼ିକୁ ତୁରନ୍ତ ବଦଳାଇ ନୂଆ ଇଭିଏମ୍ ବ୍ୟବସ୍ଥା କରାଯାଇଥିଲା। ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ କରାଯାଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ । ଅବଶିଷ୍ଟ ୬ଟି ପର୍ଯ୍ୟାୟରେ ଫେବୃୟାରୀ ୧୪, ୨୦, ୨୩, ୨୭ ଓ ମାର୍ଚ୍ଚ ୩, ୭ରେ ନିର୍ବାଚନ ହେବାକୁ ଥିବାବେଳେ ଭୋଟ ଗଣତି ମାର୍ଚ୍ଚ ୧୦ରେ କରାଯିବ।

# ଭାଜପା, ଏସ୍‌ପିକୁ କିନ୍ନର ଭରସା

**ଲକ୍ଷ୍ନୌ,୧୦।୨**



ପାୟଲ



ସୋନମ

ଭାଜପାର ସୋନମ କିନ୍ନର ଓ ସମାଜବାଦୀ ପାର୍ଟିର ପାୟଲ କିନ୍ନରଙ୍କ ଭଳି ଟ୍ରାନ୍ସଜେଣ୍ଡର ଲିଡରମାନେ ୟୁପି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁ ନ ଥିଲେ ହେଁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେମାନଙ୍କ ପ୍ରଚାର ମାହୋଲକୁ ସରଗରମ କରିବାରେ ଲାଗିଛି। ଏହି କିନ୍ନର ନେତାମାନେ କେବଳ ନିଜ ସମୁଦାୟରେ ନୁହେଁ, ସାଧାରଣ ଲୋକଙ୍କୁ ମଧ୍ୟ ଆକର୍ଷିତ କରିବା ଲାଗି ରାଜ୍ୟ ସାରା ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଭୋଟର ଲିଷ୍ଟ ଅନୁସାରେ ରାଜ୍ୟରେ ତୃତୀୟ ଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୮,୮୫୩। ନଭେମ୍ବର ୧୭ରେ ସୋନମ କିନ୍ନରଙ୍କୁ ନବଗଠିତ ୟୁପି ଟ୍ରାନ୍ସଜେଣ୍ଡର ଓ୍ୱେଲଫେୟାର ବୋର୍ଡ ଭାଇସ୍-ଚେୟାରପର୍ସନ ନିଯୁକ୍ତ କରାଯାଇଛି। ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ପାୟଲ କିନ୍ନରଙ୍କୁ ଏସ୍‌ପି କିନ୍ନର ମହାସଭାର ରାଜ୍ୟ ସଭାପତି କରାଯାଇଛି। ଉଭୟେ ବିଭିନ୍ନ ଜିଲା ବୁଲି ନିଜ ନିଜ ଦଳ ପାଇଁ ସମର୍ଥନ ହାସଲରେ ବ୍ୟସ୍ତ। ସୋନମ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୁଣି ଥରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହେବେ। ଫଳରେ କିନ୍ନର ସମୁଦାୟ ସମୃଦ୍ଧ ହେବ ଓ ସେମାନଙ୍କ ସବୁ ସମସ୍ୟାର ସମାଧାନ ହୋଇପାରିବ। ୨୦୦୨ରେ ଲକ୍ଷ୍ନୌ ପଶ୍ଚିମ ଆସନରୁ ଭାଜପା ନେତା ଲାଲଜୀ ଟଣ୍ଡନଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ପାୟଲ କୁହନ୍ତି, କିନ୍ନର ସମାଜ ପାଇଁ ବହୁତ କିଛି କରିବା ବାକି ଅଛି। ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ସମାଜରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସେ ଏସ୍‌ପି ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

# ମୋଦିଙ୍କୁ ଡରୁନି: ରାହୁଲ

**ନୂଆଦିଲ୍ଲୀ,୧୦।୨**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରିଛନ୍ତି। ପାର୍ଲାମେଣ୍ଟରେ ଦେଇଥିବା ଭାଷଣ ଓ ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ ସହ ସାକ୍ଷାତ୍‌କାରରେ ମୋଦି କେବଳ କଂଗ୍ରେସ ବିରୋଧରେ କହିଛନ୍ତି। ମୋଦିଙ୍କୁ ସେ ଡରୁ ନାହାନ୍ତି, ବରଂ ତାଙ୍କ ଅହଂକାର ଯୋଗୁ ହସ ମାଡୁଛି ବୋଲି ରାହୁଲ କହିଛନ୍ତି।

ଫେବୃୟାରୀ ୧୪ରେ ଭୋଟ ହେବାକୁ ଥିବା ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମଙ୍ଗଲାଉରରେ ଏକ ସଭାରେ ଓ୍ୱାୟନାଡ୍ ଏମ୍‌ପି କହିଥିଲେ, ରାହୁଲ ଶୁଣୁନାହାନ୍ତି ବୋଲି ସାକ୍ଷାତ୍‌କାରରେ କହିଛନ୍ତି। ଏହାର ଅର୍ଥ ହେଉଛି ରାହୁଲଙ୍କ କ୍ଷେତ୍ରରେ ଇଡି ଏବଂ ସିବିଆଇ କାମ କରୁନି।



# ୟୁପି ଯଦି କେରଳ ପାଲଟେ...

## ଯୋଗୀଙ୍କୁ ଜବାବ ଦେଲେ ବିଜୟନ୍

**ନୂଆଦିଲ୍ଲୀ,୧୦।୨**

ଉତ୍ତର ପ୍ରଦେଶରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ମେସେଜ୍ ଜାରି କରିଥିଲେ। ୟୁପିକୁ କେରଳ, କଶ୍ମୀର କିମ୍ବା ପଶ୍ଚିମବଙ୍ଗରେ ପରିଣତ ନ କରିବାକୁ ସେ ଏଥିରେ ଅନୁରୋଧ ସହ ଭାଜପା ପାଇଁ ଭୋଟ ଭିକ୍ଷା କରିଥିଲେ। ଏହାର ଜବାବରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଗୁରୁବାର କହିଛନ୍ତି, ୟୁପି ଯଦି କେରଳ ପାଲଟିଯାଏ ତେବେ ଏହି ରାଜ୍ୟରେ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ସେବା, କଲ୍ୟାଣକାରୀ ଯୋଜନା, ଜୀବନଶୈଳୀରେ ଉନ୍ନତି ଦେଖିବାକୁ ମିଳିବ। ସାମାଜିକ ସହାବସ୍ଥାନ ହେଲେ ଜାତି ଓ ଧର୍ମ ନାମରେ ଲୋକଙ୍କୁ ହତ୍ୟା କରାଯାଇପାରିବ ନାହିଁ। ଯୋଗୀ ଏଥିପାଇଁ ଭୟଭୀତ ହୋଇ ନିଜ ରାଜ୍ୟକୁ କେରଳରେ ପରିଣତ ନ କରିବାକୁ ଭୋଟରଙ୍କୁ ଅନୁରୋଧ କରୁଛନ୍ତି ବୋଲି ବିଜୟନ୍ ଟୁଇଟ୍ କରିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ଶଶୀ ଥରୁର ମଧ୍ୟ ଯୋଗୀଙ୍କ ମନ୍ତବ୍ୟର ଜବାବ ରଖିଛନ୍ତି। ଥରୁର ଟୁଇଟ୍ କରିଛନ୍ତି, ୟୁପିରେ ଭାଜପା କ୍ଷମତାକୁ ନ ଆସିଲେ ଏହା କଶ୍ମୀର, ପଶ୍ଚିମବଙ୍ଗ କିମ୍ବା କେରଳ ହୋଇଯିବ ବୋଲି ମତଦାତାଙ୍କୁ ଯୋଗୀ କହୁଛନ୍ତି। ତେବେ ୟୁପିକୁ କଶ୍ମୀରର ସୌନ୍ଦର୍ଯ୍ୟ, ପଶ୍ଚିମବଙ୍ଗର ସଂସ୍କୃତି ଓ କେରଳର ଶିକ୍ଷା ମିଳିଲେ ଏହା ଏକ ଚମତ୍କାର ରାଜ୍ୟରେ ପରିଣତ ହେବ।



ପିନାରାୟୀ ବିଜୟନ

# ପ୍ରଚାର ବେଳେ ଏମ୍‌ପିଙ୍କୁ ଅଣ୍ଡାମାଡ଼, ଠେଙ୍ଗାବାଡ଼ି ଧରି ଗୋଡ଼ାଇଲେ

**ଝରିଗାଁ, ୧୦।୨(ସ୍ୱ.ପ୍ର.)**

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର କରୁଥିବାବେଳେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉପରେ ହୋଇଛି ଅଣ୍ଡା ଓ ପଥର ମାଡ଼। ଏଥିସହ ଲୋକମାନେ ଏମ୍‌ପି ଓ ତାଙ୍କ ସମର୍ଥକଙ୍କୁ ଠେଙ୍ଗା ବାଡ଼ି ଧରି ଗୋଡ଼ାଇଥିଲେ। ଫଳରେ ଏମ୍‌ପି ଓ ତାଙ୍କ ସମର୍ଥକମାନେ ଗାଁ ଛାଡ଼ି ପଳାଇବାକୁ ବାଧ୍ୟ ହୋଇଥିଲେ। ଏଭଳି ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଇଚ୍ଛାପୁର ପଞ୍ଚାୟତ ଧୁମାମ୍ ଗ୍ରାମରେ ଗୁରୁବାର ଦେଖିବାକୁ ମିଳିଛି। ଏମ୍‌ପି ମାଝି ଏହି ଝରିଗାଁ ନିର୍ବାଚନ ମଣ୍ଡଳୀରୁ ୨୦୦୪ରୁ ୧୯ ପର୍ଯ୍ୟନ୍ତ ସେ ବିଧାୟକ ଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଏମ୍‌ପି କିମ୍ବା ବିଜେଡି ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନାହିଁ।

ଗୁରୁବାର ଏମ୍‌ପି ମାଝି ପ୍ରଥମେ ଇଚ୍ଛାପୁର ପଞ୍ଚାୟତ ଢେପଗୁଡ଼ା ଗ୍ରାମରେ ପହଞ୍ଚି ୩ ନଂ. ଜୋନ୍ ଜିଲା ପରିଷଦ ବିଜେଡି ପ୍ରାର୍ଥୀ ତ୍ରମିଳା ପୂଜାରୀ, ବିଜେଡି ସମର୍ଥିତ ସମିତି ସଭ୍ୟ ଚକ୍ର ମାଝି ଏବଂ ସରପଞ୍ଚ ଜଗଦୀଶ ମାଝିଙ୍କ ପାଇଁ ପ୍ରଚାର କରିଥିଲେ। ସେଠାରୁ ବାଇକ୍ ରାଲିରେ ଧୁମାମ୍ ଗ୍ରାମରେ ପହଞ୍ଚି ପ୍ରଚାର କରିଥିଲେ। ଏହି ସମୟରେ ତାଙ୍କ ଉପରକୁ କେତେଜଣ ଯୁବକ ଓ ମହିଳା ଅଣ୍ଡା ଓ ପଥର ମାଡ଼ କରିବା ସହ ଠେଙ୍ଗାବାଡ଼ି ଧରି ଗୋଡ଼ାଇଥିଲେ। ସେଠାରେ କିଛି ସମୟ ପାଇଁ ଅପ୍ରୀତିକର ବାତାବରଣ ସୃଷ୍ଟି ହୋଇଥିଲା। ଏମ୍‌ପି ଓ ଦଳୀୟ କର୍ମୀମାନେ ସେଠାରୁ କେବଡ଼ି ଗ୍ରାମକୁ ପଳାଇଥିଲେ। ଖବରପାଇ ଝରିଗାଁ ଥାନାଧିକାରୀ ନଟବର ନନ୍ଦ, ଏସ୍‌ଆଇ ପ୍ରମୋଦ ଖଣ୍ଡୁଆଳ, ଏଏସ୍‌ଆଇ ଅଶୋକ ପାଳ, ଏ.ବେଦବ୍ୟାସ ବଞ୍ଜରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଧୁମାମ୍‌ରେ ଅଣ୍ଡାମାଡ଼ ଘଟଣାକୁ ଏମ୍‌ପି ନିନ୍ଦା କରିବା ସହ ଏହା ବିରୋଧୀଙ୍କ ଚକ୍ରାନ୍ତ ବୋଲି ସେ କହିଛନ୍ତି।

# ସିକିଲସେଲ୍ ରୋଗୀଙ୍କୁ ରକ୍ତ ଦାନକଲେ ପ୍ରାର୍ଥିନୀ

**ପାଟଣା,୧୦।୨(ସ୍ୱ.ପ୍ର.)**

ସିକିଲସେଲ୍ ରୋଗାକ୍ରାନ୍ତ ଜଣେ ବାଳକଙ୍କୁ ରକ୍ତଦାନ କରି ଚର୍ଚ୍ଚାକୁ ଆସିଛନ୍ତି କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ ୨୩ନଂ. ଜୋନ୍‌ର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥିନୀ ପଦ୍ମାବତୀ ମହାନ୍ତ। ନିଜ ବାପା ଗଣେଶ୍ୱରଙ୍କ ଦେହାନ୍ତ ସତ୍ତ୍ୱେ ପ୍ରତିକୂଳ ପରିସ୍ଥିତିରେ ରକ୍ତ ଅଭାବ ଜନିତ ସମସ୍ୟା ଦୂର କରି ଥିବାରୁ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି।

ସୂଚନା ଅନୁଯାୟୀ, ଝୁମ୍ପୁରା ବ୍ଲକ ଉଖୁଣ୍ଡା ଗ୍ରାମର ୮ ବର୍ଷର ବାଳକ ହରେକୃଷ୍ଣ ମହାନ୍ତ ସିକିଲସେଲ୍ ରୋଗରେ ପୀଡ଼ିତ ଅଛନ୍ତି। ବୁଧବାର ସନ୍ଧ୍ୟାରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହରେକୃଷ୍ଣଙ୍କ ବିରଳ ଏ-ନେଗେଟିଭ୍ ଗ୍ରୁପ୍ ରକ୍ତର ଆବଶ୍ୟକତା ଥିଲା। ମାତ୍ର ରକ୍ତଭଣ୍ଡାରରେ ଉକ୍ତ ଗ୍ରୁପ୍‌ର ରକ୍ତ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ପଦ୍ମାବତୀ ବାଳକଙ୍କ ଜରୁରିକାଳୀନ ରକ୍ତର ଆବଶ୍ୟକତା ଥିବା ଜାଣି ତୁରନ୍ତ ଜିଲା ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରିଥିଲେ।



ରକ୍ତଦାନ କରୁଛନ୍ତି ପଦ୍ମାବତୀ।

# ପତିଆରା ଲଢେଇ ପାଇଁ ବ୍ୟସ୍ତ

**ପ୍ରଭାତ ପାଣିଗ୍ରାହୀ**
**ଖୋର୍ଦ୍ଧା ଅଫିସ,୧୦।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ମାତ୍ର ସପ୍ତାହେ ବାକି ଥିବାବେଳେ ଗାଁ ରାଜନୀତି ବେଶ୍ ସରଗରମ ରହିଛି। ୫ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନରେ ଖୋର୍ଦ୍ଧା ଜିଲାରେ ୩ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ଜିଲାରେ ମୋଟ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫ଟି(ଖୋର୍ଦ୍ଧା, ବେଗୁନିଆ, ଚିଲିକା, ଜଟଣୀ ଓ ଜୟଦେବ)ରେ ପଞ୍ଚାୟତ ନିର୍ବାଚନ ହେଉଥିବାବେଳେ ଭୁବନେଶ୍ୱର ମଧ୍ୟ, ଉତ୍ତର ଏବଂ ଏକାମ୍ର ନିର୍ବାଚନମଣ୍ଡଳୀରେ ପୌର ନିର୍ବାଚନ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ଦୈନିକ ନୂଆ ରଣନୀତି ଆପଣାଉଛନ୍ତି ନେତା। ସବୁଦଳରେ ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ଚାଲିଛି ପ୍ରୟାସ। ଗୋଟିଏ ପଟେ ବିଜେଡି ନେତାଙ୍କ ପାଇଁ ଏହି ପଞ୍ଚାୟତ ନିର୍ବାଚନର ଫଳାଫଳ ଆସନ୍ତା ବିଧାନସଭା ଟିକେଟର ରାସ୍ତା ବୋଲି ଆଲୋଚନା ହେଉଥିବାବେଳେ ଭାଜପା ଖାସ୍‌କରି ଅପରାଜିତାଙ୍କ ପାଇଁ ପତିଆରା ବଜାୟ ରଖିବାର ଲଢେଇ ବୋଲି କୁହାଯାଉଛି। ସେହିଭଳି ଉଭୟଙ୍କ ଲଢେଇ ଭିତରେ କଂଗ୍ରେସ କମ୍‌ବ୍ୟାକ୍ କରିବାକୁ ସୁଯୋଗ ଖୋଜୁଥିବା ଚର୍ଚ୍ଚା ହେଉଛି। ଜିଲାରେ ମୋଟ ୩୦ ଜିଲା ପରିଷଦ, ୧୯୦ ସରପଞ୍ଚ ଓ ସମିତି ସଭ୍ୟ ଏବଂ ୨୭୧୧ ଓ୍ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୦,୩୦,୦୬୯ ଭୋଟର। ଗତ ୨୦୧୨ ନିର୍ବାଚନରେ ବିଜେଡି ୨୫, କଂଗ୍ରେସ ୧, ଭାଜପା୨ ଓ ଅନ୍ୟାନ୍ୟ ୨ଟି ଜିଲା ପରିଷଦ ଆସନ ଦଖଲ କରିଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ୨୦ଟି ଜିଲା ପରିଷଦ ଆସନ ଅକ୍ତିଆର କରିଥିବା ବେଳେ ଭାଜପା ୧୦ଟି ଆସନରେ ବିଜୟ ଲାଭ କରିଥିଲା। କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଅନୁଷ୍ଠିତ ହେବ।

ଖୋର୍ଦ୍ଧା ଜିଲାରେ ୮ଟି ବିଧାନସଭା କ୍ଷେତ୍ର ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ୭ଟି ଆସନରେ ବିଜେଡି ବିଜୟ ଲାଭ କରିଥିବାବେଳେ ଜଟଣୀ କଂଗ୍ରେସ ହାତକୁ ଯାଇଥିଲା। ଭୁବନେଶ୍ୱର ଲୋକ ସଭା ଆସନରୁ ଭାଜପାର ଅପରାଜିତା ଷଡଙ୍ଗୀ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡି କ୍ଲିନ୍ ସୁଇପ ଯୋଜନାରେ ରହିଥିବାବେଳେ ଭାଜପା ଗତଥର ଅପେକ୍ଷା ଅଧିକ ଆସନ ଲକ୍ଷ୍ୟ ରଖିଛି। ସେହିପରି କଂଗ୍ରେସ ମଧ୍ୟ ଅଧିକରୁ ଅଧିକ ଆସନ ହାତେଇବା ପାଇଁ ଜୋର୍‌ସୋର ଉଦ୍ୟମ ଚଳାଇଛି। ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀ ଓ୍ୱାରି ନେତା ଓ ବିଧାୟକ ଏଥର ପଞ୍ଚାୟତ ନିର୍ବାଚନର ମଙ୍ଗ ଧରିଥିବା ବେଳେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ କଂଗ୍ରେସ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି। ଅନ୍ୟପଟେ ଭାଜପା ପ୍ରାର୍ଥୀଙ୍କ ପାଇଁ ଅଣ୍ଟା ଭିଡିଛନ୍ତି ଏମ୍‌ପି ଅପରାଜିତା। ନିର୍ବାଚନ ରଣାଙ୍ଗନରେ ୩ ଦଳ ପ୍ରାର୍ଥୀଙ୍କ ସହ ହେଭିଓ୍ୱେଟ ନେତାଙ୍କ ମଧ୍ୟରେ ଚାଲିଛି ଟକ୍କର। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ଦିନ ରହିଥିବାବେଳେ ଗାଁ ଦାଣ୍ଡ ପ୍ରଚାରରେ କମ୍ପୁଛି। ପ୍ରତିଶ୍ରୁତି ଦେଉଛନ୍ତି ପ୍ରାର୍ଥୀ ଓ ଦଳୀୟ ନେତା। ଭୋଟର ବି ଏଥର ଦଳ ନୁହଁ, ଯୋଗ୍ୟ ପ୍ରାର୍ଥୀ ଖୋଜୁଛନ୍ତି। ଏଭଳିସ୍ଥିତିରେ ପଞ୍ଚାୟତ ନିର୍ବାଚନର ଫଳାଫଳ ୩ଦଳର ନେତାଙ୍କ ପାଇଁ ଏକ ପ୍ରକାର ପତିଆରା ଲଢେଇ ବୋଲି କୁହାଯାଉଛି।

### ବେଗୁନିଆ

ଏହି ନିର୍ବାଚନ ମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ୬ଟି ଜିଲା ପରିଷଦ ଆସନରୁ ବିଜେଡି ଓ ଭାଜପା ଉଭୟ ୩ଟି ଲେଖାଏ ଆସନ ପାଇଥିବାବେଳେ ଚଳିତ ଥର ଉଭୟ ଦଳ ସମସ୍ତ ଆସନରେ ବିଜୟ ଆଶା କରିଛନ୍ତି। ଚଳିତ ନିର୍ବାଚନରେ ସମସ୍ତ ଜୋନ୍‌ରେ ପ୍ରାର୍ଥୀ ବିପୁଳ ଭୋଟରେ ବିଜୟ ଲାଭ କରିବେ ବୋଲି ବିଧାୟକ ରାଜେନ୍ଦ୍ର କୁମାର ସାହୁ କହିଛନ୍ତି। ବିଜେଡିର ପ୍ରତିଦ୍ୱନ୍ଦ୍ୱୀ ସାଜିଥିବା କଂଗ୍ରେସ ନେତା ପ୍ରଦୀପ ସାହୁ ଚଳିତ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗଦେଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି। ଅନ୍ୟପଟେ ବିଜେଡିରେ ଗୋଷ୍ଠୀକନ୍ଦଳକୁ ଅସ୍ତ୍ର କରିଛି ଭାଜପା। ବିଜେଡିର ଅସନ୍ତୁଷ୍ଟ ନେତାଙ୍କୁ ନିଜ କ୍ୟାମ୍ପକୁ ଆଣିବା ପାଇଁ ଅପରାଜିତା ରଣନୀତି ପ୍ରସ୍ତୁତ କରିଛନ୍ତି।ବେଗୁନିଆ ଓ ବୋଲଗଡ଼ରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ପ୍ରଚାର ଚଳାଇଛନ୍ତି। ଅନ୍ୟପଟେ କଂଗ୍ରେସର ଦୁର୍ଗ କୁହାଯାଉଥିବା ବେଗୁନିଆ ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ଶୂନ୍ୟ ହୋଇପଡିଛି କଂଗ୍ରେସ। ଏଠାରୁ କଂଗ୍ରେସ ନେତା ପୃଥୀବଲ୍ଲବ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଙ୍ଗ ଧରିଛନ୍ତି।

### ଜୟଦେବ

ଏହି ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ବାଲିଅନ୍ତା ଓ ବାଲିପାଟଣାରେ ୬ଟି ଜିଲା ପରିଷଦ ଆସନରୁ ବିଜେଡି ୫ଟି ଓ ଭାଜପା ଗୋଟିଏ ଆସନ ଦଖଲ କରିଥିଲା। ନିର୍ବାଚନ ପୂର୍ବରୁ ବହୁ ନେତା ଶଙ୍ଖ ଧରିଛନ୍ତି। ଟିକେଟ ବଣ୍ଟନକୁ ନେଇ ଶାସକ ଦଳରେ ଅନେକ ଅସନ୍ତୁଷ୍ଟ ରହିଛନ୍ତି। ଏଠାରେ ମଧ୍ୟ ଭାଜପା ବାଜି ମାରିବା ପାଇଁ ଅପରାଜିତା ବ୍ଲୁ-ପ୍ରିଣ୍ଟ କରିଛନ୍ତି। ଯୁବବର୍ଗ ଭାଜପା ଆଡକୁ ମୁହାଁଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅଜିତା ଓ ୟୁଥ୍ ଫର୍ ଆକ୍ସନ ନାଁରେ ଦୁଇଟି ସଙ୍ଗଠନ ସହ ଯୋଡି ହୋଇ ଯୁବ ଓ ମହିଳାଙ୍କ ଭୋଟ ଉପରେ ଆଖି ପକାଇଛି ଅପରାଜିତାଙ୍କ କ୍ୟାମ୍ପ। ଆଉ ଏହି ଦୁଇଟି ସଙ୍ଗଠନ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅପରାଜିତାଙ୍କ ଭୋଟବ୍ୟାଙ୍କକୁ ବଢାଉଥିବା ଚର୍ଚ୍ଚା ହେଉଛି। କିନ୍ତୁ ସବୁଠୁ ବଡ କଥା ହେଉଛି ୨୦୧୭ରେ ଅପରାଜିତାଙ୍କ ବିନା ଭାଜପା ୧୦ ଆସନରେ ବାଜି ମାରିଥିଲା। ଆଉ ୨୦୨୨ରେ ଏହି ସଂଖ୍ୟାକୁ ବଢାଇବା ଅପରାଜିତାଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ।

### ଖୋର୍ଦ୍ଧା

୨୦୧୭ ନିର୍ବାଚନରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ୬ଟି ଜିଲା ପରିଷଦ ଆସନ ବିଜେଡି ଖାତାକୁ ଯାଇଥିଲା। ସେହିଭଳି କଂଗ୍ରେସର ଛାମୁଆ ସଙ୍ଗଠକ ବିପିନ ଜୟସିଂ, ପ୍ରମୋଦ ତ୍ରିପାଠୀ,ରାମ ମହାପାତ୍ର ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି, ଯାହା ଚଳିତ ନିର୍ବାଚନରେ ବିଜେଡିର ଶକ୍ତି ବୃଦ୍ଧି କରିଛି। ସେହିଭଳି ଭାଜପା ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରୁ ପ୍ରାୟ ୭୫ହଜାର ଭୋଟ ପାଇଥିଲା। ତେଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଅଧିକ ପାଇବାକୁ ଆଶା ରଖିଛି। ତୃଣମୂଳସ୍ତରରେ ଯେପରି ବିଜେଡି ଷ୍ଟ୍ରାଟେଜି ରହିଛି, ତାହା ଭାଜପାକୁ ଅଟକାଇବାକୁ ସକ୍ଷମ ହେବ ବୋଲି ଦଳୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି।

### ଜଟଣୀ

ବିଜେଡି ଏବଂ କଂଗ୍ରେସର ଜିଲା ସଭାପତିଙ୍କ ଗଡ଼ ଜଟଣୀ ନିର୍ବାଚନ ମଣ୍ଡଳୀ। ଏଠାରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେଉଛି। ୨୦୧୭ ନିର୍ବାଚନରେ ବିଜେଡି ସମସ୍ତ ଜିଲା ପରିଷଦ ଆସନ ଦଖଲକୁ ନେଇଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନରେ ତାହା ଓଲଟା ଫଳ ଦେଇଥିଲା। କଂଗ୍ରେସରୁ ସୁରେଶ ରାଉତରାୟ ଜୟଯୁକ୍ତ ହୋଇଥିଲେ। ତେଣୁ ଏଠାରେ ଉଭୟ ନେତା ନିଜ ନିଜ ସମ୍ମାନ ବଞ୍ଚେଇବା ପାଇଁ ଲଢେଇକୁ ଜୋରଦାର କରିଛନ୍ତି। ବିଜେଡି-କଂଗ୍ରେସ ଫାଇଟ ମଧ୍ୟରେ ଭାଜପା ଗୋଳିଆ ଭିତରୁ ଅସନ୍ତୁଷ୍ଟଙ୍କୁ ସାଥୀ କରି ପଦ୍ମ ଫୁଟାଇବା ଲକ୍ଷ୍ୟ ରଖିଛି।

### ଚିଲିକା

୨୦୧୭ରେ ଚିଲିକା ନିର୍ବାଚନ ମଣ୍ଡଳୀର ୬ଟି ଆସନରୁ ଭାଜପା ୫ ଏବଂ ବିଜେଡି ଗୋଟିଏ ଆସନରେ ବିଜୟୀ ହୋଇଥିଲା। ହେଲେ ୨୦୧୯ସାଧାରଣ ନିର୍ବାଚନରେ ଭାଜପାକୁ ପଛରେ ପକାଇଥିଲା ବିଜେଡି। ଗେରୁଆ ଦଳ ଧରାଶାୟୀ ହୋଇଥିଲା। ଶଙ୍ଖ ଦଳରୁ ପ୍ରଶାନ୍ତ ଜଗଦ୍ଦେବ ବିଜୟୀ ହୋଇଥିଲେ। ଏବେ ନିର୍ବାଚନ ପୂର୍ବରୁ ପ୍ରଶାନ୍ତ ଦଳୀୟ ବିଶୃଙ୍ଖଳା ପାଇଁ ଦଳରୁ ନିଲମ୍ବିତ ହୋଇଛନ୍ତି। ଚଳିତ ବର୍ଷ ତାଙ୍କ ସ୍ତ୍ରୀ ତଥା ବିଜେଡି ନେତ୍ରୀ ସଙ୍ଗୀତା ଜଗଦ୍ଦେବ ପ୍ରାର୍ଥୀଙ୍କ ମଙ୍ଗ ଧରିଥିବାବେଳେ ପ୍ରଚ୍ଛଦ ପଟରେ ଗୋଟି ଚାଳଣା କରୁଛନ୍ତି ପ୍ରଶାନ୍ତ। ଏଠାରେ ଅସନ୍ତୁଷ୍ଟ ବିଜେଡି କର୍ମୀ ହିଁ ବିଜେଡି ପାଇଁ କାଳ ହେବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଭାଜପା ନିଜର ଏହି ଗଡ଼କୁ ସୁରକ୍ଷିତ ରଖିବା ପାଇଁ ସବୁସ୍ତରରୁ ଉଦ୍ୟମ ଆରମ୍ଭ କରିଛି। ଭାଜପା ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ ଏବଂ ଦଳର ହେଭିଓ୍ୱେଟ ନେତା ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗ ଧରିଛନ୍ତି। କଂଗ୍ରେସର ଟାଣୁଆ ନେତା ପ୍ରଦୀପ ସ୍ୱାଇଁ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରସୋର ପ୍ରଚାର ଜାରି ରଖିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୦,୪୬,୪୫,୪୭୧ | ୫୭,୯୯,୧୨୯ | ୩୨,୪୫,୯୭,୮୩୫ |
| ଭାରତ | ୪,୨୪,୭୮,୦୬୦ | ୫,୦୬,୫୪୯ | ୪,୧୧,୮୦,୭୫୧ |
| ଓଡ଼ିଶା | ୧୨,୭୩,୦୦୩ | ୮୮୧୮(+୫୩) | ୧୨,୫୧,୪୩୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପଞ୍ଚାୟତ ନିର୍ବାଚନ ଡାକବାଜି ଯନ୍ତ୍ରକୁ ମିଳିବ ଅନୁମତିପତ୍ର

ଭୁବନେଶ୍ୱର,୧୦।୨(ବ୍ୟୁରୋ): ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନଙ୍କୁ ଗାଡ଼ି ଓ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରିବାକୁ ରାଜ୍ୟ ନିର୍ବାଚନ କମିଶନ ଅନୁମତି ଦେଇଛନ୍ତି। ଉପଜିଲାପାଳଙ୍କ ସମେତ ସ୍ଥାନୀୟ ତହସିଲଦାରମାନେ ଗାଡ଼ି ଓ ଡାକବାଜି ଯନ୍ତ୍ର ବ୍ୟବହାର ନିମନ୍ତେ ଅନୁମତି ପ୍ରଦାନ କରିପାରିବେ। ଯେଉଁ ବ୍ଲକ କମିଶନରେଟ୍ ପୋଲିସ ଅଧୀନରେ ରହିଛି, ସେଠାରେ ସମ୍ପୃକ୍ତ ପୋଲିସ କମିଶନର ଆବଶ୍ୟକ ଅନୁମତିପତ୍ର ଦେଇପାରିବେ। ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସ୍ଥାନୀୟ ବିଡିଓ ଏବଂ ଜିଲା ପରିଷଦ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ଗାଡ଼ି ବ୍ୟବହାର ଓ ଡାକବାଜି ଯନ୍ତ୍ର ବ୍ୟବହାର ପାଇଁ ଉପଜିଲାପାଳମାନେ ଅନୁମତିପତ୍ର ପ୍ରଦାନ କରିପାରିବେ ବୋଲି ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏ ନେଇ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କୁ ଡାକବାଜି ଯନ୍ତ୍ର ଓ ଯାନ ବ୍ୟବହାର ପାଇଁ ଅନୁମତିପତ୍ର ପାଇବାକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ବହୁ ଅଭିଯୋଗ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନର ଏହି ନିର୍ଦ୍ଦେଶ ଦେଇଛନ୍ତି।

### ଢିଙ୍କିଆରେ ବୁଥ୍ ହେବନି

କୁଜଙ୍ଗ,୧୦।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମତଦାନ ପାଇଁ ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗାଁରେ କୌଣସି ବୁଥ୍ ହେବ ନାହିଁ। ଏହି ଗାଁର ୬ଟି ବୁଥ୍‌କୁ ଅନ୍ୟ ଗାଁରେ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ପାଟଣା ଗାଁର ୧୩, ୧୪, ୧୫ ନଂ. ୱାର୍ଡ, ତ୍ରିଲୋଚନପୁର ୧୦, ୧୨ ନଂ. ୱାର୍ଡ ଏବଂ ମାହାଳରେ ୧୧ନଂ. ୱାର୍ଡରେ ଏସବୁ ବୁଥ୍ କରାଯାଇଛି ବୋଲି ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ଢିଙ୍କିଆ ଗାଁରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ଏଠାରେ ବୁଥ୍ ନ କରିବାକୁ ନିର୍ବାଚନ କମିଶନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ୨୦୧୯ ଜୁଲାଇରେ ଢିଙ୍କିଆ ପଞ୍ଚାୟତରେ ସରପଞ୍ଚ ଏବଂ ୱାର୍ଡ ସଭ୍ୟ ଆସନ ନିମନ୍ତେ ଭୋଟ ଗ୍ରହଣ କରାଯାଇଥିଲା। ୨୦୨୪ ଜୁଲାଇ ପର୍ଯ୍ୟନ୍ତ ଏଠାରେ ଉଭୟ ପଦବୀ ନିମନ୍ତେ ସମୟସୀମା ଥିବାରୁ ଚଳିତ ନିର୍ବାଚନରେ କେବଳ ଜିଲା ପରିଷଦ ଓ ସମିତି ସଭ୍ୟ ଆସନ ନିମନ୍ତେ ନିର୍ବାଚନ ହେବ ବୋଲି ବିଡିଓ ବେହେରା କହିଛନ୍ତି।




## ଓମ୍‌ଫେଡ ଶାଖା ଡିଜିଏମ୍‌ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ସମ୍ବଲପୁର,୧୦।୨(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ସାକ୍ଷିପଡାସ୍ଥିତ ଓମ୍‌ଫେଡ ଶାଖା ସମଲେଶ୍ୱରୀ ଦୁଗ୍ଧ ୟୁନିୟନ ଡିଜିଏମ୍ କିଶୋର କୁମାର ନାଏକଙ୍କ ଘରେ ଗୁରୁବାର ଭିଜିଲାନ୍ସ ଟିମ୍ ଚଢାଉ କରିଛି। ଏକ ସମୟରେ ସାକ୍ଷିପଡା ସ୍ଥିତ ଅଫିସ, ବାସଭବନ, ପୁରୀ ଜିଲା ଡେଲାଙ୍ଗରେ ଥିବା ଘର, ଭୁବନେଶ୍ୱରରେ ଥିବା ଆପାର୍ଟମେଣ୍ଟରେ ଚଢ଼ାଉ କରାଯାଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଏ ସମ୍ପର୍କରେ ବିଶେଷ ସୂଚନା ମିଳିପାରିନାହିଁ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢାଉ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

## ପରିବାର କୋର୍ଟରେ ହାଜର ହେଲେ ସୁମିତ

### ତପସ୍ୱିନୀଙ୍କ ଲାଗି ୧୭ ହଜାର ଦାଖଲ କଲେ

ବ୍ରହ୍ମପୁର ଅଫିସ,୧୦।୨

ଡା.ସୁମିତ ସାହୁ ଓ ତପସ୍ୱିନୀ ଦାଶ ମାମଲାକୁ ନେଇ ରୁଜୁ ହୋଇଥିବା ଛାଡ଼ପତ୍ର ଆବେଦନର ଉଭୟପକ୍ଷ କାଉନ୍‌ସେଲିଂ ପାଇଁ ଗୁରୁବାର ଦିନ ଧାର୍ଯ୍ୟ ହୋଇଥିଲା। କେବଳ ସୁମିତ ପରିବାର କୋର୍ଟରେ ହାଜର ହୋଇଥିଲେ, କିନ୍ତୁ ତପସ୍ୱିନୀ ହାଜର ନ ହେବାରୁ କାଉନ୍‌ସେଲିଂ ହୋଇପାରି ନ ଥିଲା ବୋଲି ସୁମିତଙ୍କ ଓକିଲ ସୁରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ତପସ୍ୱିନୀଙ୍କୁ ଛାଡ଼ପତ୍ର ଦେବା ପାଇଁ ସୁମିତ ୨୦୨୧ ସେପ୍ଟେମ୍ବରରେ ପରିବାର କୋର୍ଟରେ ଆବେଦନ କରିଥିଲେ। ଏହାର କାଉନ୍‌ସେଲିଂ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଅନ୍ୟପଟେ ତପସ୍ୱିନୀଙ୍କ ଭରଣପୋଷଣ ଲାଗି ଡା.ସୁମିତ ମାସିକ ୧୭ହଜାର ଟଙ୍କା ଦେବେ ବୋଲି କୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଛୁଟିରେ ଥିବା ଡା. ସୁମିତଙ୍କ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ୧୭ ହଜାର ଟଙ୍କା ଡିମାଣ୍ଡ ଡ୍ରାଫ୍ଟ (ଡିଡି) ଆକାରରେ ତାଙ୍କ ଓକିଲ ସୁରେନ୍ଦ୍ର ବେହେରାଙ୍କ ଜରିଆରେ ଏସ୍‌ଡିଜେଏମ ଜିତେନ୍ଦ୍ରିୟ ପାଣିଗ୍ରାହୀଙ୍କ କୋର୍ଟରେ ଦାଖଲ କରିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତପସ୍ୱିନୀ ବର୍ତ୍ତମାନ ବ୍ରହ୍ମନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ସୁମିତଙ୍କ ଘରେ ରହିଛନ୍ତି। ସେପଟେ ତପସ୍ୱିନୀ ଘରକୁ ପ୍ରବେଶ କରିବା ପରେ ତାଙ୍କ ଶ୍ୱଶୁର ପ୍ରମୋଦ ସାହୁ ଜାନୁୟାରୀ ୬ତାରିଖ ରାତିରୁ ଘର ଛାଡ଼ି କେଉଁଆଡେ ଚାଲି ଯାଇଛନ୍ତି। ଡା.ସୁମିତ ମାନସିକ ଦୁଶ୍ଚିନ୍ତା ଓ ଶାରୀରିକ ଅସୁସ୍ଥତାରୁ ଛୁଟିରେ ରହିଛନ୍ତି।

## ଓଡ଼ିଶା ହାଇକୋର୍ଟରେ ୩ ବିଚାରପତି ନିଯୁକ୍ତ

- ୪ଜଣଙ୍କ ନାମ ସୁପାରିସ ହୋଇଥିଲା
- ବିଚାରପତିଙ୍କ ସଂଖ୍ୟା ୨୧କୁ ବୃଦ୍ଧି

କଟକ ଅଫିସ, ୧୦।୨

ଓଡ଼ିଶା ହାଇକୋର୍ଟ ପାଇଁ ୩ ନୂଆ ବିଚାରପତି ନିଯୁକ୍ତ ହୋଇଛନ୍ତି। ସେମାନେ ହେଲେ ଭି. ନରସିଂହ, ବିରଜା ପ୍ରସନ୍ନ ଶତପଥୀ ଏବଂ ରମଣ ମୁରାହାରୀ ଓରଫ ମୁରାହାରୀ ଶ୍ରୀ ରମଣ। ଏହି ୩ ବିଚାରପତିଙ୍କ ନାମକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋହର ମାରିଛନ୍ତି। ବରିଷ୍ଠତା ଭିତ୍ତିରେ ସେମାନଙ୍କୁ ଅବସ୍ଥାପିତ କରାଯିବ। ଏହି ନିଯୁକ୍ତି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ୩ ନୂଆ ନିଯୁକ୍ତି ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୨୭ ଥିବାବେଳେ ୧୮ଜଣ ରହିଛନ୍ତି। ସୁପ୍ରିମକୋର୍ଟ ପ୍ରଧାନବିଚାରପତିଙ୍କ ନେତୃତ୍ୱରେ ଗଠିତ କଲେଜିୟମ ଗତ ୩୧ତାରିଖରେ ଓଡ଼ିଶା ହାଇକୋର୍ଟ ପାଇଁ



ଭି. ନରସିଂହ



ବିରଜା ପ୍ରସନ୍ନ ଶତପଥୀ



ରମଣ ମୁରାହାରୀ

ଆଇନଜୀବୀ ଭି. ନରସିଂହ, ବିରଜା ପ୍ରସନ୍ନ ଶତପଥୀ, ସଞ୍ଜୟ କୁମାର ମିଶ୍ର ଏବଂ ରମଣ ମୁରାହାରୀ ଓରଫ ମୁରାହାରୀ ଶ୍ରୀ ରମଣଙ୍କ ନାମ କେନ୍ଦ୍ରକୁ ସୁପାରିସ କରିଥିଲା। ହେଲେ ରାଷ୍ଟ୍ରପତି ୩ଜଣଙ୍କ ନାମରେ ମୋହର ମାରିଛନ୍ତି। ଏହି ୩ ନୂଆ ବିଚାରପତିଙ୍କ ଯୋଗଦାନ ମାମଲା ଫଇସଲା କରିବାରେ ବେଶ୍ ସହାୟକ ହେବ। ଭି. ନରସିଂହ ହେଉଛନ୍ତି ହାଇକୋର୍ଟର ପୂର୍ବତନ ବିଚାରପତି ସ୍ୱର୍ଗତ ଭି. ଗୋପାଳ ସ୍ୱାମୀଙ୍କ ପୁତ୍ର। ସେ ଆୟକର, ସର୍ଭିସ୍ ଲ', କମର୍ସିଆଲ, ଫୌଜଦାରି, ଦେୱାନୀ ଓ ସାମ୍ବିଧାନିକ ମାମଲା ପରିଚାଳନା କ୍ଷେତ୍ରରେ ଦକ୍ଷତା ହାସଲ କରିଛନ୍ତି। ସେ ସିବିଆଇ ଓକିଲ ଭାବେ ମଧ୍ୟ ଅନେକ ମାମଲା ପରିଚାଳନା କରିଛନ୍ତି। ସେହିପରି ବିରଜା ପ୍ରସନ୍ନ ଶତପଥୀ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭଗବାନ ଶତପଥୀଙ୍କ ପୁତ୍ର। ସେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନ ଶିକ୍ଷା ଶେଷ କରିବା ପରେ ସ୍ୱର୍ଗତ ଅଶୋକ ମହାପାତ୍ରଙ୍କ ଅଧୀନରେ ଓକିଲାତି ପେସା ଆରମ୍ଭ କରିଥିଲେ। ରମଣ ମୁରାହାରୀ ଓରଫ୍ ଏମ୍.ଏସ୍. ରମଣ ଜଣେ ବିଶିଷ୍ଟ ଟ୍ୟାକ୍ସ ଲୟର୍। ସେ ପୂର୍ବରୁ ସେଲ୍‌ସ ଟ୍ୟାକ୍ସ ଟ୍ରିବ୍ୟୁନାଲ୍‌ରେ ବହୁ ମାମଲା ଦକ୍ଷତାର ସହ ପରିଚାଳନା କରିଛନ୍ତି। ଏଥିସହ ସେ ସେଲ୍‌ସ ଟ୍ୟାକ୍ସ ଉପରେ ଅନେକ ବହି ଲେଖିଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ଜଣେ ଗୁରୁତର, ୩ କୋର୍ଟଚାଲାଣ

### ରାଜନୈତିକ ହିଂସା

ଗୋପାଳପୁର,୧୦।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ପଞ୍ଚାୟତରେ ନିର୍ବାଚନ ପୂର୍ବରୁ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଜଣେ ଯୁବକଙ୍କୁ ବିପକ୍ଷ ଗୋଷ୍ଠୀ ସଂଘବଦ୍ଧ ଆକ୍ରମଣ କରି ଗୁରୁତର କରିଥିବା ଜଣାପଡ଼ିଛି। ଆହତ ଯୁବକ ହେଲେ ଗୋଳନ୍ଥରା ଗାଁର ପ୍ରମୋଦ କୁମାର ରାଉଳ। ଏନେଇ ଗୁରୁବାର ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୭/୨୨ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ଅନାମ ପ୍ରଧାନ, ପ୍ରଭାତ ଗୌଡ଼ ଏବଂ ଚିନ୍ମୟ ଗୁରୁ। ଏମାନଙ୍କ ଗୋଷ୍ଠୀ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ମଧ୍ୟରାତ୍ରରେ ପ୍ରମୋଦ ବ୍ରହ୍ମପୁର ଯାଇ ଘରକୁ ଫେରୁଥିବା ସମୟରେ ତାଙ୍କ ଘର ସାମ୍ନାରେ ଏକ ରାଜନୈତିକ ଦଳର କେତେକ ଯୁବକଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। କିଛି ସମୟ ପରେ ସମ୍ପୃକ୍ତ ଯୁବକମାନେ ଲୁହାରଡ଼ରେ ପ୍ରମୋଦଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ଦୌଡ଼ି ନିଜ ଘରେ ପଶିଯାଇଥିଲେ। ଆକ୍ରମଣକାରୀମାନେ କବାଟ ଭାଙ୍ଗି ଘରେ ପଶି ପୁନର୍ବାର ଆକ୍ରମଣ କରିବା ସହ ଆସବାସପତ୍ର ଫିଙ୍ଗି ଦେଇଥିଲେ। ସ୍ଥାନୀୟ ଲୋକେ ପ୍ରମୋଦଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ଗୋଳନ୍ଥରା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## ସତ୍ୟପାଠ ଦାଖଲ କରିବେ ପ୍ରାର୍ଥୀ

### ପୌର ନିର୍ବାଚନ

- ଇଭିଏମ୍‌ରେ ହେବ ଭୋଟ
- ପ୍ରତ୍ୟେକ ବୁଥ୍‌ରେ ରହିବ ୨ ଇଭିଏମ୍

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଆସନ୍ତା ପୌର ନିର୍ବାଚନ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)ରେ ହେବ। ଗୁରୁବାର ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି।

କମିଶନରଙ୍କ ସୂଚନା ଅନୁଯାୟୀ, ଗୋଟିଏ ବୁଥ୍‌ରେ ୨ଟି ଇଭିଏମ୍ ରହିବ। ଗୋଟିଏ ଇଭିଏମ୍ କାଉନ୍‌ସିଲର/କର୍ପୋରେଟରଙ୍କ ଏବଂ ଅନ୍ୟ ଇଭିଏମ୍‌ରେ ପୌରାଧ୍ୟକ୍ଷ/ମେୟରଙ୍କ ପାଇଁ ଭୋଟ୍ ପଡ଼ିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଥର ଲାଗି ଭୋଟରମାନେ ସିଧାସଳଖ ମେୟର ଓ ପୌରାଧ୍ୟକ୍ଷଙ୍କୁ ପ୍ରତ୍ୟକ୍ଷ ନିର୍ବାଚନରେ ବାଛିବେ। ପଞ୍ଚାୟତ ନିର୍ବାଚନ ଭଳି ପୌର ନିର୍ବାଚନରେ ମଧ୍ୟ ପ୍ରାର୍ଥୀଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଏହି ସତ୍ୟପାଠରେ ସେମାନେ ନିଜର ସମ୍ପତ୍ତି ତାଲିକା ଏବଂ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଦେବେ। ଏଥିସହିତ ସେମାନଙ୍କ ନାଁରେ ଯଦି କୌଣସି ଆପରାଧିକ ମାମଲା ଥିବ ସେ ବିଷୟରେ ପ୍ରାର୍ଥୀ ଉଲ୍ଲେଖ କରିବେ। ଯଦି କେହି ସତ୍ୟପାଠରେ ଭୁଲ ତଥ୍ୟ ଦେଇଥିବେ ସେମାନଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଛନ୍ତି। ଇତିମଧ୍ୟରେ ସମସ୍ତ ସହରାଞ୍ଚଳକୁ ଇଭିଏମ୍ ପଠାଯାଇଛି। କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନର ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ ଲୋଡ଼ିଛନ୍ତି।

ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା କାଉନ୍‌ସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟରମାନଙ୍କର ନିର୍ବାଚନ ଖର୍ଚ୍ଚ ସୀମାକୁ ମଧ୍ୟ ରାଜ୍ୟ ନିର୍ବାଚନ କମିଶନର ବୃଦ୍ଧି କରିଛନ୍ତି। କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ୨ ଲକ୍ଷ ଏବଂ ମେୟର ପଦବୀ ପାଇଁ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ଯେଉଁ ପୌର ପରିଷଦର ଜନ ସଂଖ୍ୟା ୧ ଲକ୍ଷରୁ ଅଧିକ ସେଠାରେ ନିର୍ବାଚନ ଲଢୁଥିବା କାଉନ୍‌ସିଲର ୧ ଲକ୍ଷ ଏବଂ ପୌରାଧ୍ୟକ୍ଷ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଯେଉଁ ପୌରାଞ୍ଚଳର ଜନସଂଖ୍ୟା ୫୦ ହଜାରରୁ ୧ ଲକ୍ଷ ସେଠାରେ କାଉନସିଲର ୭୫ ହଜାର ଏବଂ ପୌରାଧ୍ୟକ୍ଷ ୩ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରିପାରିବେ। ଯେଉଁ ବିଜ୍ଞାପିତ ଅଞ୍ଚଳଗୁଡ଼ିକର ଜନସଂଖ୍ୟା ୫୦ ହଜାରରୁ କମ୍ ସେଠାରେ କାଉନ୍‌ସିଲର ୫୦ ହଜାର ଏବଂ ଅଧ୍ୟକ୍ଷ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଏ ନେଇ ସର୍ବଦଳୀୟ ବୈଠକରେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ସବୁ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ତେବେ ନିର୍ବାଚନ ସମୟ ପୂର୍ବଭଳି ବଳବତ୍ତର ରହିବ।

ଆସନ୍ତା ଏପ୍ରିଲ ମାସରେ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଇତିମଧ୍ୟରେ ୩ ମହାନଗର ନିଗମ ମେୟର, ୧୦୭ ପୌରାଧ୍ୟକ୍ଷ ଏବଂ ୱାର୍ଡଗୁଡ଼ିକର ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ଗତ ୩ ବର୍ଷ ହେବ ସ୍ଥାନ ସଂରକ୍ଷଣ ଝମେଲା ଯୋଗୁ ପୌର ନିର୍ବାଚନ ହୋଇପାରି ନ ଥିଲା। ଗୁରୁବାର ୧୦୭ ପୌରାଞ୍ଚଳ ଓ ୩ ମହାନଗର ପାଇଁ ଚିଠା ଭୋଟର ତାଲିକା ପ୍ରସ୍ତୁତ ହୋଇଛି। ଫେବୃୟାରୀ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଏହି ସର୍ବଦଳୀୟ ବୈଠକରେ କଂଗ୍ରେସରୁ ଶିବାନନ୍ଦ ରାୟ, ଭାଜପାରୁ ଦିଲୀପ କୁମାର ମଲ୍ଲିକ, ବିଜେଡିରୁ ସୁଲତା ଦେଓ, ରିପବ୍ଲିକାନ ପାର୍ଟିରୁ ରମେଶ ରଥ, ସିପିଆଇରୁ ରମେଶ ପାଢ଼ୀ, ସିପିଆଇ(ଏମ୍)ରୁ ଦୁଷ୍ମନ୍ତ ଦାସ, କଳିଙ୍ଗସେନାରୁ ହେମନ୍ତ ରଥ, ସମାଜବାଦୀ ପାର୍ଟିରୁ ସୁଦର୍ଶନ ପ୍ରଧାନ, ଫରୱାର୍ଡ ବ୍ଲକରୁ ଜ୍ୟୋତିରଞ୍ଜନ ମହାପାତ୍ର, ବହୁଜନ ସମାଜ ପାର୍ଟି ଓ ସୁପ୍ରିମ ପାର୍ଟି ଅଫ୍ ଇଣ୍ଡିଆର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଡିସିପିଙ୍କୁ ଭେଟିଲେ ପରିବାର ଲୋକେ

### ମଡେଲ ସୌମ୍ୟ ଆତ୍ମହତ୍ୟା ମାମଲା

- ପ୍ରେମିକା, ପରିବାର ଲୋକଙ୍କ ନାମରେ ଅଭିଯୋଗ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଇନ୍‌ଫୋସିଟି ଥାନା ନନ୍ଦନବିହାରରେ ରହୁଥିବା ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୧୨ଦିନ ବିତିଛି। ତେବେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ସୌମ୍ୟଙ୍କ ପ୍ରେମିକା ଓ ତାଙ୍କ ପରିବାର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରୁ ନ ଥିବାରୁ ଚାରିଆଡ଼େ ଅସନ୍ତୋଷ ଦେଖାଦେଇଛି। ଇତିମଧ୍ୟରେ ସୋସିଆଲ ମିଡିଆରେ ସୌମ୍ୟଙ୍କ ସହ ପ୍ରେମିକା ଓ ତାଙ୍କ ମା'ଙ୍କ ଏକାଧିକ ଭଏସ୍ ରେକର୍ଡିଂ ମଧ୍ୟ ଭାଇରାଲ ହେବାରେ ଲାଗିଛି। ସେଥିରେ ସୌମ୍ୟଙ୍କୁ ତାଙ୍କ ପ୍ରେମିକା ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଉଥିବା ସ୍ପଷ୍ଟ ବାରି ହେଉଛି। ଏଥିସହ ସୌମ୍ୟ ଲେଖିଥିବା ଚିଠିରେ ସମ୍ପୃକ୍ତ ଯୁବତୀ ଆତ୍ମହତ୍ୟାର କାରଣ ବୋଲି ଦର୍ଶାଯାଇଛି। ଏନେଇ ସୌମ୍ୟଙ୍କ ମାଆ ମୋହିନୀ ପାଣିଗ୍ରାହୀ ସେମାନଙ୍କ ନାମରେ ଇନ୍‌ଫୋସିଟି ଥାନାରେ ଗୁରୁବାର ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ଏତେସବୁ ପ୍ରମାଣ ଥାଇ ମଧ୍ୟ ପୋଲିସ ସମ୍ପୃକ୍ତ ପ୍ରେମିକା ଓ ପରିବାର ଲୋକଙ୍କ ନାଁରେ ମାମଲା ରୁଜୁ କରୁ ନ ଥିବାରୁ ସୌମ୍ୟଙ୍କ ପରିବାର ଲୋକେ ଡିସିପି ଉମାଶଙ୍କର ଦାଶଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ନିବେଦନ କରିଛନ୍ତି।

ସୌମ୍ୟଙ୍କ ମାଆ ମୋହିନୀ କହିଛନ୍ତି, ପ୍ରେମିକାଙ୍କ ମା'ଙ୍କୁ ସୌମ୍ୟ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ସେ ଯଦି ମୋତେ ଜଣାଇଥାନ୍ତେ ତେବେ ମୋ ପୁଅ ଆଜି ବଞ୍ଚିଥାନ୍ତା। ଦୁଇ ଜଣଙ୍କ ପ୍ରେମରେ ସମ୍ପୃକ୍ତ ଯୁବତୀଙ୍କ ଭଲପାଇବା ଛଳନା ଥିଲା। ପୋଲିସ ପ୍ରଶାସନ ଏହି ମାମଲାରେ ତଦନ୍ତ କରି ତାଙ୍କ ପୁଅର ଶେଷ ଇଚ୍ଛା ପୂରଣ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ସେ କହିଛନ୍ତି। ସୌମ୍ୟଙ୍କ ଭଉଣୀ କହିଛନ୍ତି, ଯଦି ମୋ ଭାଇ କୌଣସି ମନ୍ତ୍ରୀ କିମ୍ବା ବଡ଼ ଅଫିସରଙ୍କ ପୁଅ ହୋଇଥାନ୍ତେ, କ'ଣ ଆଜି ଯାଏ ପୋଲିସ ଚୁପ୍ ବସିଥାନ୍ତା କି? ଆମକୁ ନ୍ୟାୟ ମିଳିବ ବୋଲି ପୋଲିସ ପ୍ରଶାସନ ପାଖରେ ଭରସା ରଖିଛୁ ବୋଲି ସେ କହିଛନ୍ତି।

ଏନେଇ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ କହିଛନ୍ତି, ମାମଲାରେ ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଇନର ଊର୍ଦ୍ଧ୍ୱକୁ ଯାଇ କିମ୍ବା କୋହଳ କରି ଆମେ କିଛି କରିପାରିବୁ ନାହିଁ। ମୃତ ସୌମ୍ୟଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗପତ୍ରକୁ ଏଣିକି ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ସହ ସଂଯୋଗ କରାଯାଇ ତଦନ୍ତ କରାଯିବ ବୋଲି ଡିସିପି ଦାଶ କହିଛନ୍ତି।



**ଆଜିର ମନ୍ତବ୍ୟ**

"କଂଗ୍ରେସ ଏକାକୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁକାବିଲା କରିବାକୁ ସକ୍ଷମ। ସିବିଆଇ ଓ ଇଡି ଦ୍ୱାରା ଯେତେ ଚାପ ପକାଯିବାକୁ ଚେଷ୍ଟା କଲେ ମଧ୍ୟ ଆମେ ଡରିବୁ ନାହିଁ।"

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୀତାଂଶ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାକଲା ଗାମୁଛା ଫାଳେ ପାନ
ଘରେ ନଥାଉ ସେରେ ଧାନ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇବାରେ କାଣିଚାଏ ହେଳା କରିନଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପାଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାବା ମାରିଥାନ୍ତି। ଘରେ କିଛି ନ ଥାଉ ପଛେ ବାହାରେ ଫୁଟାଣି କାହିଁରେ କେତେ। ବାହାରକୁ ନିଜ ବୃଥା ବଡିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଇଲେ ପାଇବୁ ମେଞ୍ଚାଏ
ନଇଲେ ଖାଇବୁ କେଞ୍ଚାଏ।**

ସାଧାରଣତଃ ଭୋଜିଭାତ ବା ମେଳା ମଉଚ୍ଛବରେ ଏପରି ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ପଛକୁ ରହିଲେ କେବେ ଅଧିକ ମିଳିଯାଏ ତ କେବେ କେବେ ସରିଯିବା ଭଳି ପରିସ୍ଥିତି ମଧ୍ୟ ଉପୁଜିଥାଏ। ଆହାର ବା ଖାଦ୍ୟର ବଳକା ଉପରେ ଏହା ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମିହିରଙ୍କ ୭ଫୁଟର ପ୍ରତିମୂର୍ତ୍ତି ତିଆରି କଲେ କୁମ୍ଭାରସାହି ବାସିନ୍ଦା



**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ରର ବରିଷ୍ଠ ଅଭିନେତା ମିହିର ଦାସଙ୍କର ନିକଟରେ ପରଲୋକ ଘଟିଛି। ସେ ଦର୍ଶକଙ୍କ ଗହଣରେ ନାହାନ୍ତି ସତ, କିନ୍ତୁ ନିଜର ଚମତ୍କାର, ହୃଦୟ ସ୍ପର୍ଶୀ ଅଭିନୟ ପାଇଁ ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଛାଡ଼ି ଯାଇଛନ୍ତି। କଳାକାର କେବେ ମରେ ନାହିଁ, ନିଜ କଳା ଜରିଆରେ ଲୋକଙ୍କ ମନ ଆଉ ହୃଦୟରେ ସବୁଦିନ ବଞ୍ଚି ରହେ, ଯାହା ମିହିରଙ୍କ କ୍ଷେତ୍ରରେ ବି ଦେଖିବାକୁ ମିଳୁଛି। ତାଙ୍କୁ ଭଲ ପାଇବାର ନିଆରା ନିଦର୍ଶନ ସ୍ୱରୂପ କଟକ କୁମ୍ଭାର ସାହିର ବାସିନ୍ଦା କାକାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏକ ପ୍ରତିମୂର୍ତ୍ତି ତିଆରି କରୁଛନ୍ତି। ପ୍ରାୟ ୧୦ଦିନ ଧରି ଦିନରାତି ଏକକରି ୧୫ଜଣ ଶିଳ୍ପୀ ମୂର୍ତ୍ତି ତିଆରିରେ ଲାଗିପଡିଛନ୍ତି। ଏହାର ଉଚ୍ଚତା ପ୍ରାୟ ୭ ଫୁଟ ରହିଥିବାବେଳେ ଅବିକଳ ମିହିର ଦାସଙ୍କ ପ୍ରତିଛବି ଭଳି ଦୃଶ୍ୟମାନ ହେଉଛି। ଶୁକ୍ରବାର ୧୧ ତାରିଖରେ ମିହିରଙ୍କ ୬୩ତମ ଜନ୍ମଦିନ ଅବସରରେ ଏହି ମୂର୍ତ୍ତିର ଅନାବରଣ କରାଯିବ। ସୂଚନା ଅନୁସାରେ, ମାଟିର ଏହି ମୂର୍ତ୍ତି ତିଆରି ପଛରେ ଏକ ରୋଚକ କାହାଣୀ ରହିଛି। ଜଣେ ମୂର୍ତ୍ତି କାରିଗରର ଜୀବନୀକୁ ନେଇ ଫିଲ୍ମ 'ମାଟିର ବନ୍ଧନ' ତିଆରି ହୋଇଥିଲା। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ମିହିର ଦାସ। କଟକ କୁମ୍ଭାର ସାହିରେ ସେହି ଫିଲ୍ମର କିଛି ଦୃଶ୍ୟ ଶୁଟିଂ ମଧ୍ୟ ହୋଇଥିଲା। କୌଣସି କାରଣରୁ ଫିଲ୍ମଟି ଏଯାଏ ରିଲିଜ୍ ହୋଇପାରିନାହିଁ। ତେଣୁ କଟକ କୁମ୍ଭାର ସାହିର ଶିଳ୍ପୀମାନେ ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ମାଟିର ମୂର୍ତ୍ତି ନିର୍ମାଣ କରିଛନ୍ତି। ସଂସ୍କୃତି ବିଭାଗ କିମ୍ବା କଳିଙ୍ଗ ଷ୍ଟୁଡିଓ ପରିସରରେ ମିହିର ଦାସଙ୍କ ଏହି ମୂର୍ତ୍ତି ରଖିବାକୁ ଶ୍ରୀତମ ଦାସ ପ୍ରସ୍ତାବ ଦେଇଛନ୍ତି।

### ଭଲ ପାଇବାର ନିଆରା ନିଦର୍ଶନ

# ଘରଭଡ଼ା ଦେଇନାହାନ୍ତି ସୋନିଆ

**ନୂଆଦିଲ୍ଲୀ,୧୦।୨**

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗତବର୍ଷ ସେପ୍ଟେମ୍ବରଠାରୁ ତାଙ୍କ ୧୦ ଜନପଥ ରୋଡ୍ ବାସଭବନର ଭଡ଼ା ପୈଠ କରିନାହାନ୍ତି। କେବଳ ସୋନିଆ ନୁହନ୍ତି, ତାଙ୍କ ଦଳର ଅନ୍ୟ କେତେଜଣ ନେତା ମଧ୍ୟ ଘରଭଡ଼ା ବକେୟା ରଖିଛନ୍ତି। ଆର୍‌ଟିଆଇ କର୍ମୀ ସୁଜିତ ପଟେଲଙ୍କ ଆବେଦନକ୍ରମେ କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦେଇଥିବା ଉତ୍ତରରୁ ଏହା ଜଣାପଡ଼ିଛି। ଆକବର ରୋଡ୍‌ରେ ଥିବା କଂଗ୍ରେସ ମୁଖ୍ୟାଳୟର ଭଡ଼ା ୨୦୧୨ ଡିସେମ୍ବରରୁ ପୈଠ ହୋଇନାହିଁ। ଏବାବଦରେ କଂଗ୍ରେସ ଦଳ ଉପରେ ୧୨,୬୯,୯୦୨ ଟଙ୍କା ବକେୟା ରହିଛି। ସେହିପରି ସୋନିଆଙ୍କ ୧୦ ଜନପଥ ରୋଡ୍ ବାସଭବନ ଭଡ଼ା ବାବଦରେ ୪,୬୧୦ ଟଙ୍କା ବକେୟା ରହିଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାହୁଯୁକ୍ତ ଚନ୍ଦ୍ର ଦ୍ୱିତୀୟ ସ୍ଥାନରେ ଥିବାରୁ ଧନହାନି ଓ କଳହର ଆଶଙ୍କା ପୂର୍ଣ୍ଣମାତ୍ରାରେ ରହିଛି। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟମାନଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ରାଜନୀତିରେ କୂଟନୀତି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ।

**ବୃଷ** – ଚତୁର୍ଥାଧିପତି ଭାଗ୍ୟସ୍ଥାନରେ ରହିଥିବାରୁ ବନ୍ଧୁଙ୍କ ନିକଟରୁ ଯାହା ଚାହୁଁଛନ୍ତି ତାହା ପାଇବେ। ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ ଏବଂ ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ** – ବୁଧ ସ୍ୱଭାବରୁ କୋଣଭାବରେ ଥିବାରୁ ପାରିବାରିକ କ୍ଷେତ୍ରରେ ସମସ୍ୟା ସୁଧୁରିଯିବ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ,ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। ଅଫିସରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କର୍କଟ** – ଗ୍ରହମାନଙ୍କ ଶୁଭସଂସ୍ଥାନ କାରଣରୁ ଆଶା ଓ ଅଭିଳାଷ ଅଚିରେ ପୂରଣ ହେବ। ପୂର୍ବ ରାଗ ଶୁଝାଇବାକୁ ଯାଇ ସହକର୍ମୀ ହଇରାଣ କରିପାରନ୍ତି। ପାରିବାରିକ କ୍ଷେତ୍ରରେ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ।

**ସିଂହ** – ଧନାଧିପ ନୀଚାଭିମୁଖୀ ହେତୁ ଆର୍ଥିକ ପରିସ୍ଥିତି ବଦଳି ଯିବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** – କେତୁଙ୍କ ସ୍ଥିତିରୁ ସକାଳୁ ଅଶୁଭ ଖବର ପାଇ ମନ ବିଷର୍ଣ୍ଣ ହୋଇଯାଇପାରେ। ବନ୍ଧୁଙ୍କଠାରୁ ସହଯୋଗ ଆଶା ନିରାଶାରେ ପରିଣତ ହୋଇପାରେ । ବହୁଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇ ପାରି ନ ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** – ତିନୋଟି ଗ୍ରହ ଚତୁର୍ଥଭାବ ମଣ୍ଡନ କରିଥିବାରୁ ପରିବାର ଓ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଚିତ୍ରା ନକ୍ଷତ୍ର ପିଲାଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିବାରୁ ମନ ଭଲ ରହିବ ନାହିଁ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ମନେ ମନେ ବିରକ୍ତି ପ୍ରକାଶ କରିପାରନ୍ତି। ଅଫିସ କାମରେ ଦୀର୍ଘଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ବୃହସ୍ପତିଙ୍କ ଦୁର୍ବଳତା ଓ କେତୁଙ୍କ ପ୍ରଭାବରେ ଦୀର୍ଘଦିନ ହେଲା ଯାହାକୁ ଭଲ ଭାବୁଛନ୍ତି ସେହି ବ୍ୟକ୍ତି ବଦଳି ଯାଇ ପାରନ୍ତି। ଅତି ପରିଚିତ ଲୋକଟି ଫାଇଦା ପାଇଁ ସର୍ବଦା ଚେଷ୍ଟିତ ରହବେ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତାନ୍ତର ଆଶଙ୍କା ରହିଛି। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ସଂଗଠନ ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ମିଳିବ।

**ଧନୁ** – ତୃତୀୟ ଓ କର୍ମାଧିପଙ୍କ ସଂଯୋଗରୁ ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଭଙ୍ଗା ପଡିଥିବା ସମ୍ପର୍କ ପୁଣି ଯୋଡିବା ସକାଶେ ପ୍ରଯତ୍ନ କରି ପାରନ୍ତି । ନିର୍ମାଣ, ପରିବହନ, ବ୍ୟବସାୟରେ ଉନ୍ନତି କରିବେ। ଉତ୍ତରାଷାଢ଼ା ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ।

**ମକର** – ଦ୍ୱାଦଶସ୍ଥ ଶୁକ୍ର ଆପଣଙ୍କୁ ଭୋଗବିଳାସ ମାଧ୍ୟମରେ କାର୍ଯ୍ୟରେ ଅବହେଳା କରାଇପାରେ। ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** – ରାହୁଯୁକ୍ତ ଚନ୍ଦ୍ର ଚତୁର୍ଥଭାବସ୍ଥ ଯୋଗୁ ସାମାଜିକ ସ୍ତରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। କଠିନ ଶ୍ରମଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପଡ଼ାପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହୋଇପାରନ୍ତି।

**ମୀନ** – ସହକର୍ମୀଙ୍କ ସହଯୋଗରେ ଦିନ ଭିତରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଗତକାଲିର ଆଲୋଚନା ଅନୁଯାୟୀ ଆଜିର ଅଫିସିଆଲି କାମ ସବୁ ଠିକ୍ ଠିକ୍ ହୋଇଯିବ। ସରକାରୀ କ୍ଷେତ୍ରରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ। ଆର୍ଥିକ ସ୍ଥିତି ସୁଧୁରିଯିବ।


# classifieds Everyday
0674-2580101, 2549302

automobile

**SALE**

**Chevrolet Optra Magnum for sale 2012 Model 65000K.M. running (Personal use). 8249311037.** D-71789

real estate

**SALE**

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71943

**SC plot for sale in Mouza Nilakanthapur near Infocity-II, BBSR. Contact: 9437411877.** D-23062

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

**Fullnakhara Trinathbazar main road ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ସ୍ଥିତିବାନ୍ ଜାଗା ବାଉଣ୍ଡରୀ ସହିତ ତୁରନ୍ତ ବିକ୍ରିହେବ। 9090556060.** D-23112

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

**ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481.** D-71783

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

**ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.** D-71780

to-let

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

Plot No.- 331/1905 Sri Aurobinda Nagar Chandrasekharpur near Aditya Aswin Hospital 1500sqft. area for Office/ Wholesale. Ph: 8917326277, BBSR. D-23096

ଯାଆଁଳା, ଓଗାଳପଡ଼ା ରାସ୍ତାକଡେ ହଷ୍ଟେଲ, ଅଫିସ୍, ଗୋଦାମ, Family ଭଡ଼ା ଦିଆଯିବ। 7609836849, 9861416754. D-71520

healthcare

Newly opening SPA positively health benefits with expert therapist. 8917332216. D-71941

Open full body massage home service Ladies, Gents available. 9583808247. D-23078

Refreshing your mind and body with the best therapy, 7873794731. D-23024

Full body massage in homely atmosphere all therapy. Contact: 8114881641. D-60895

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

Newly open full body massage ladies and gents. 8327740003. D-71859

Take wellness relax body massage by experienced lady therapist. 7008773793. D-71473

**LOST**

I Amita Pragnya Dash, D/o- Prasanta Kumar Dash, R/o- Charbhati, PO- Dhanupali, Dist. Sambalpur declare that I had passed Bachelor of Engineering from Seemanta Engineering college, Jharpokharia, Baripada, Mayurbhanja. Registration No- 48323/02, Roll No.83302MT02003 under BPUT. That I have lost my Engineering Pass Certificate and it is beyond recovery. D-23115

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ପ୍ରଥମ ପୃଷ୍ଠାରୁ...

## କ୍ରିପ୍ଟୋକରେନ୍ସି ଆର୍ଥିକ...

କରୁଛି। ଶେୟାର ବଜାରରେ ଏକ ଅଣ୍ଡରଲେଇଙ୍ଗ୍ ବ୍ୟବସାୟ ଚାଲିଥିବାବେଳେ କ୍ରିପ୍ଟୋରେ ଏହା କେବଳ ଆଲ୍‌ଗୋରିଦିମ୍ ବୋଲି ଆର୍‌ବିଆଇ କହିଛି। କ୍ରିପ୍ଟୋ କରେନ୍ସି କାରବାରରେ ଆର୍ଥିକ ସ୍ଥିରତାକୁ ନେଇ ରିଜର୍ଭ ବ୍ୟାଙ୍କ ଏକାଧିକ ଥର ଚିନ୍ତାବ୍ୟକ୍ତ କରିଆସିଛି। ଚିନ୍ତା ଏଇଥିପାଇଁ ଯେ, ଯଦି ଜଣେ ବ୍ୟକ୍ତି, ତାଙ୍କର ସମସ୍ତ କ୍ରେଡିଟ୍ କାର୍ଡ କିମ୍ବା ବ୍ୟକ୍ତିଗତ ଋଣ ଓ ନିବେଶକୁ କ୍ରିପ୍ଟୋରେ ଲଗାଇ ଦିଅନ୍ତି ଏବଂ ଏହା ଦ୍ରୁତ ବେଗରେ ଖସିଚାଲେ ତେବେ ସେହି ବ୍ୟାଙ୍କଗୁଡ଼ିକ ଏନ୍‌ପିଏର ସମ୍ମୁଖୀନ ହେବେ। ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ବ୍ଲକ୍‌ଚେନ୍ ଓ ଅନ୍ୟ ପ୍ରଯୁକ୍ତି ବ୍ୟବହାର କରି ଡିଜିଟାଲ ମୁଦ୍ରା ଜାରି କରିବାକୁ ଯାଉଛି।

## ରେପୋ ରେଟ୍...

ଚଳିତ ଆର୍ଥିକ ବର୍ଷ ଲାଗି ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ମୁଦ୍ରାସ୍ଫୀତି ୫.୩ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଇଥିଲା। ଆସନ୍ତା ଆର୍ଥିକ ବର୍ଷ ଲାଗି ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି କୁହାଯାଇଛି। ଆର୍‌ବିଆଇ ପୂର୍ବାନୁମାନ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୁଦ୍ରାସ୍ଫୀତି ୪.୯% ରହିବାକୁ ଥିବାବେଳେ ଦ୍ୱିତୀୟ ତ୍ରୈମାସିକରେ ୫%, ତୃତୀୟରେ ୪% ଏବଂ ଚତୁର୍ଥ ତ୍ରୈମାସିକରେ ୪.୨ ପ୍ରତିଶତ ରହିବ।

## ୨୮ରୁ ସ୍କୁଲ...

ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବ ବୋଲି ଗତ ସପ୍ତାହରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଘୋଷଣା କରିଥିଲେ। କିନ୍ତୁ କରୋନା ଯୋଗୁ ଦୀର୍ଘଦିନ ଧରି ସ୍କୁଲଗୁଡ଼ିକ ବନ୍ଦ ଥିବାରୁ ଏହାକୁ ସଫାସୁତୁରା କରିବା ପାଇଁ ସମୟ ଦରକାର। ସ୍କୁଲର ସ୍ୱଚ୍ଛତା ଓ ଆବଶ୍ୟକ ମରାମତି ପାଇଁ ଜିଲାପାଳମାନେ ସମୟ ମାଗିଛନ୍ତି। ଏଥି ସହିତ ଭୋଟ୍ ପାଇଁ ଶିକ୍ଷକ ଓ ସ୍କୁଲ କର୍ମଚାରୀଙ୍କ ନିର୍ବାଚନ ଡ୍ୟୁଟି ପଡ଼ିଛି। ଏହି ସମୟ ମଧ୍ୟରେ ସେମାନେ ପ୍ରଶିକ୍ଷଣ ନେବା ପାଇଁ ଯିବେ। ସେହିପରି ଅଧିକାଂଶ ସ୍କୁଲରେ ମତଦାନ କେନ୍ଦ୍ର ବା ବୁଥ୍ ହେବ। ତେଣୁ ପିଲାଙ୍କ ଅଫ୍‌ଲାଇନ୍ କ୍ଲାସ୍ ଘୁଞ୍ଚାଇବାକୁ ଜିଲାପାଳମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ପାଠପଢ଼ା ୨୮ରୁ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ୧୪ ତାରିଖରୁ ସ୍କୁଲ ଖୋଲିଲେ ଶିକ୍ଷକ ଓ କର୍ମଚାରୀ ସ୍କୁଲକୁ ଯାଇ ସଫେଇ ଓ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିବେ। ଏଥିସହ ଏହି ସମୟରେ ସେମାନେ ଅନ୍‌ଲାଇନ୍ କ୍ଲାସ କରିପାରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, କରୋନା ଯୋଗୁ ଦୁଇବର୍ଷ ହେବ ପ୍ରାଥମିକ ପିଲାମାନେ ସ୍କୁଲ ମାଟି ମାଡ଼ିନାହାନ୍ତି। ଜାନୁୟାରୀ ୩ରୁ ସ୍କୁଲ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥଲେ। କିନ୍ତୁ କରୋନାର ତୃତୀୟ ଲହର ପ୍ରଭାବ ଯୋଗୁ ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଥିଲା। ବାକି ସବୁ ଶ୍ରେଣୀ ପାଠପଢ଼ାକୁ ବି ବନ୍ଦ କରି ଦିଆଯାଇଥିଲା। ତେବେ ତୃତୀୟ ଲହର ସଂକ୍ରମଣ କମିବା ପରେ ସରକାର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଗତ ୭ ତାରିଖରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ସହିତ କଲେଜ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ଖୋଲି ପାଠପଢ଼ା ଆରମ୍ଭ ହୋଇସାରିଛି।

## ଅଂଶୀଦାରଙ୍କ ମତାମତ...

ନିଷ୍ପତ୍ତି ଗ୍ରହଣ ପୂର୍ବରୁ ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ସହ ବିସ୍ତୃତ ଆଲୋଚନାପୂର୍ବକ ମତାମତ ନିଆଯିବ। ଏହି ଆଧାରରେ ପରୀକ୍ଷା ପରିଚାଳନା ଓ ମୂଲ୍ୟାଙ୍କନ ନିମନ୍ତେ ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଓ ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି। ସେ କହିଛନ୍ତି, କୋଭିଡ୍-୧୯ ଶିକ୍ଷା କ୍ଷେତ୍ର ପାଇଁ ଏକ କଠିନ ସମୟ ସୃଷ୍ଟି କରିଛି। ଉପୁଜିଥିବା ଆହ୍ୱାନ ଓ ଚ୍ୟାଲେଞ୍ଜଗୁଡ଼ିକୁ ଯଥାସମ୍ଭବ ସମାଧାନ କରାଯିବ। ଶିକ୍ଷାଦାନର ପୁନରାରମ୍ଭ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଏବଂ ଶିକ୍ଷଣ ପ୍ରକ୍ରିୟାରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଆମେ ମୁଖ୍ୟତଃ ଗୁରୁତ୍ୱାରୋପ କରିଛୁ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି।

ସେପଟେ ଗଣଶିକ୍ଷା ବିଭାଗର ଦଶମ ଓ ଦ୍ୱାଦଶ ପରୀକ୍ଷା ନିଷ୍ପତ୍ତିକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛି। କିନ୍ତୁ ଦୁଇ ତିନିମାସ ପାଠପଢ଼ା ପରେ ଅଫ୍‌ଲାଇନ ପରୀକ୍ଷା କରାଯାଉ ବୋଲି ମହାସଂଘ ଦାବି କରିଛି। ମହାସଂଘର କହିବାନୁଯାୟୀ, ସିବିଏସଇ ଦଶମ ଓ ଦ୍ୱାଦଶ ପାଇଁ ଏପ୍ରିଲ ୨୬ରୁ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା ଆରମ୍ଭ କରିବାକୁ ଘୋଷଣା କରିଛି। ହେଲେ ଏଯାଏ ଦ୍ୱାଦଶ ପିଲାଙ୍କ କ୍ଲାସ ଠିକ୍ ଭାବେ ହୋଇନି। ତେଣୁ ପରୀକ୍ଷା ବାତିଲ ଓ ଅନ୍‌ଲାଇନରେ କରିବାକୁ ବିଭିନ୍ନ ଅଞ୍ଚଳରେ ପିଲାମାନେ ଆନ୍ଦୋଳନ କରୁଛନ୍ତି। ତେଣୁ ପ୍ରଥମେ ନିର୍ଦ୍ଧାରିତ କୋର୍ସକୁ ଦୁଇ ତିନିମାସ ମଧ୍ୟରେ ଅଫ୍‌ଲାଇନ ମାଧ୍ୟମରେ ପଢ଼ାଇବା ସହ ରିଭିଜନ କରାଯାଉ।

ଏହାପରେ ସେମାନଙ୍କ ପରୀକ୍ଷା ତାରିଖ ନିର୍ଦ୍ଧାରଣ କରାଯାଉ। ସିବିଏସଇ କର୍ତ୍ତୃପକ୍ଷ ଯେପରି ପ୍ରାୟ ଦୁଇ ମାସରୁ ଅଧିକ ସମୟ ପାଠ ପଢ଼ିବାକୁ ସମୟ ଦେଇ ପରୀକ୍ଷା ପାଇଁ ଘୋଷଣା କରିଛନ୍ତି, ଆମ ରାଜ୍ୟରେ ମଧ୍ୟ ସେହିପରି ପିଲାଙ୍କୁ ପର୍ଯ୍ୟାପ୍ତ ସମୟ ଦେଇ ଅଫ୍‌ଲାଇନରେ ପାଠ ପଢ଼ାଇ ପରୀକ୍ଷା କରିବାକୁ ଅଭିଭାବକ ମହାସଂଘ ସରକାରଙ୍କ ନିକଟରେ ଦାବି କରିଛି।

"ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ହିଁ ଭଲ ଭାବେ ଜଣା । -ଶ୍ରୀଅରବିନ୍ଦ

# ପୁଞ୍ଜିବାଦ ଓ ପ୍ରତିଯୋଗିତା



ରୁବେନ୍ ମ୍ୟାକ୍ସିମିଆନୋ

ଜୋ ବାଇଡେନ୍ ଆମେରିକାର ରାଷ୍ଟ୍ରପତି ହେବା ଏକ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଏହି ସମୟ ମଧ୍ୟରେ ଲଗାତର ତାଙ୍କୁ ଫ୍ରାଙ୍କଲିନ୍ ଡେଲାନୋ ରୁଜ୍‌ଭେଲ୍ଟଙ୍କ ସହ ତୁଳନା କରାଯାଇଆସୁଛି। ରୁଜ୍‌ଭେଲ୍ଟ ୧୯୩୦ ଦଶକରେ ଅର୍ଥନୀତିରେ ଏକ ନ୍ୟୁ ଡିଲ୍ ବା ନୂଆ ବ୍ୟବସ୍ଥା ଆରମ୍ଭ କରିଥିଲେ। ଆର୍ଥିକ କାର୍ଯ୍ୟକଳାପରେ ତାଙ୍କର ଗଭୀର ଆତ୍ମବିଶ୍ୱାସ ଏବଂ ସୁଯୋଗ ଯୋଗୁ ଏହା ସମ୍ଭବ ହୋଇଥିଲା। ଆମେରିକାର ପ୍ରଥମ ରାଷ୍ଟ୍ରପତି ଥେଓଡର ରୁଜ୍‌ଭେଲ୍ଟ କିମ୍ବା 'ଟେଡି'ଙ୍କର ଆର୍ଥିକ କାର୍ଯ୍ୟସୂଚୀ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ସେତେବେଳର କମ୍ପିଟିଶନ ପଲିସି ବା ପ୍ରତିଯୋଗିତା ନୀତିକୁ ଗ୍ରହଣ କରିଥିଲା । ଏବେ ବାଇଡେନ୍ ତାହା କରିବାକୁ ପାଦ ବଢ଼ାଇଛନ୍ତି। ଏଣୁ ଆର୍ଥିକ ଦୃଷ୍ଟିକୋଣରୁ ରୁଜ୍‌ଭେଲ୍ଟଙ୍କ ସହ ବାଇଡେନ୍‌ଙ୍କ ଅଧିକ ସାମଞ୍ଜସ୍ୟ ରହିଥିବା କୁହାଯାଇପାରେ। ଚଳିତ ବର୍ଷ ପ୍ରାରମ୍ଭରୁ ବାଇଡେନ୍‌ଙ୍କର ପ୍ରଥମ ଟେଡି ରୁଜ୍‌ଭେଲ୍ଟ ଅଭିଯାନ ଆରମ୍ଭ ହୋଇଥିଲା। ମହାମାରୀ ପରବର୍ତ୍ତୀ ସମୟରେ ଆର୍ଥିକ ସୁଧାର ପାଇଁ ୧ ବିଲିୟନ ଡଲାର ଖର୍ଚ୍ଚ କରାଯିବ ବୋଲି ବାଇଡେନ୍ ପ୍ରଶାସନ ଘୋଷଣା କରିଥିଲା। ଉକ୍ତ ପୁଞ୍ଜି ମେଟାପ୍ୟାକେଜିଂ (ରପ୍ତାନି କିମ୍ବା ବିକ୍ରି ପାଇଁ ମାଂସ ପ୍ରସ୍ତୁତି ଏବଂ ପ୍ୟାକେଜିଂ) ସେକ୍ଟରରେ ପ୍ରତିଯୋଗିତା ବଢ଼ାଇବା ଲାଗି ଏହା କରାଯାଇଥିଲା। ହ୍ୱାଇଟ୍ ହାଉସ୍ ଅନୁଯାୟୀ, ୪ଟି ଫାର୍ମ ସବୁ ମାଂସ ପ୍ରୋସେସିଂର ୮୫% ଓ ପର୍କ ମାର୍କେଟର ୭୦ ପ୍ରତିଶତ ନିୟନ୍ତ୍ରଣ କରନ୍ତି। ଏବେ ଖାଦ୍ୟର ଅହେତୁକ ମୂଲ୍ୟବୃଦ୍ଧି, ଆମେରିକାର ମୁଦ୍ରାସ୍ଫୀତିରେ ଦ୍ରୁତ ବୃଦ୍ଧିକୁ ଦୃଷ୍ଟିରେ ରଖି ବାଇଡେନ ପ୍ରଶାସନ ମାଂସଶିଳ୍ପରେ ଏହି ଫାର୍ମଗୁଡ଼ିକର ଅତ୍ୟଧିକ ନିୟନ୍ତ୍ରଣ ବିରୋଧରେ ପଦକ୍ଷେପ ନେଇଛନ୍ତି। ମାଂସ ପ୍ରକ୍ରିୟାକରଣ ଶୃଙ୍ଖଳରେ ନୂଆ ବ୍ୟବସାୟୀଙ୍କୁ ଆଣି ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ସେମାନଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବ ବୋଲି ଆଶା ରଖିଛି।

ପରିଣାମ ଯାହା ହେଉ ନା କାହିଁକି ବାଇଡେନ୍‌ଙ୍କର ଏହା ଏକ ସାହସିକ ପଦକ୍ଷେପ। ପୁଞ୍ଜିବାଦୀ ମାର୍କେଟ ପ୍ରକ୍ରିୟା ବିରୋଧରେ ଏହାକୁ ଅତିଶୟ ହସ୍ତକ୍ଷେପ କିମ୍ବା ସେହିସବୁ ପ୍ରକ୍ରିୟାକୁ ସହଯୋଗ କରିବାର ପ୍ରୟାସ ବୋଲି ବୁଝିବା ଉଚିତ ନୁହେଁ। କୋଭିଡ୍-୧୯ ମହାମାରୀରେ ଲଗାତର ମାର୍କେଟ ବିଫଳତାକୁ ସୁଧାରିବା ଲାଗି ଏଭଳି ହସ୍ତକ୍ଷେପ କରାଯିବା ସ୍ୱଷ୍ଟ ହୋଇଛି। ସବୁଠି ସରକାର 'ଯାହା ହେଉ ପଛେ ଲକ୍ଷ୍ୟ ହାସଲ କରିବାକୁ ହେବ'; ଏହି ଉଦ୍ଦେଶ୍ୟରେ ସମାନ ମନୋଭାବ ଗ୍ରହଣ କରିଛନ୍ତି ଓ ଆର୍ଥିକ ସଙ୍କଟ ଟାଳିବା ପାଇଁ ଏଯାବତ୍ ପ୍ରାୟ ୧୭ ଟ୍ରିଲିୟନ ଡଲାର ଖର୍ଚ୍ଚ କରି ସାରିଛନ୍ତି।

ଏହି ଅନିବାର୍ଯ୍ୟ ଆର୍ଥିକ ସହାୟତା ବା ପ୍ରୋତ୍ସାହନ ପାଇଁ ଅଣାଯାଇଥିବା ବିଲ୍ ତା'ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ନକାରାତ୍ମକ ପ୍ରଭାବ ହ୍ରାସ କରିବା ଲାଗି ସ୍ୱଷ୍ଟ ନୀତି ନିର୍ଦ୍ଧାରଣ କରାଯିବା ଦରକାର। ଅର୍ଥ ବ୍ୟବସ୍ଥାକୁ ବଞ୍ଚାଇବା ପାଇଁ ଦେଶକୁ ବଡ଼ ଭୂମିକା ନେବାକୁ ହେବ। ଗତ ଦୁଇ କି ତିନି ଦଶନ୍ଧିରେ ଅର୍ଥ ବ୍ୟବସ୍ଥାରୁ ଧୀରେ ଧୀରେ ଲୋପ ପାଇ ଆସିଥିବା ପ୍ରତିଯୋଗିତାମୂଳକ କାର୍ଯ୍ୟଶକ୍ତିକୁ ପୁନର୍ବାର ଫେରାଇ ଆଣିବା ସକାଶେ ଯଦି ସରକାର ଏହି ଅଭିଯାନ ଚଳାନ୍ତି ତେବେ ଲାଭଦାୟକ ହେବ। ଟେଡି ରୁଜ୍‌ଭେଲ୍ଟଙ୍କ ସମୟରେ ଯେଭଳି ମାର୍କେଟ ପ୍ରତିଯୋଗିତା ଦୃଢ ହୋଇଥିଲା ମହାମାରୀ ସମୟରେ ସେଭଳି ପ୍ରତିଯୋଗିତା ଆବଶ୍ୟକ କରେ ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପ। ବାସ୍ତବରେ ରୁଜ୍‌ଭେଲ୍ଟଙ୍କ ସମୟରେ ଅର୍ଥ ବ୍ୟବସ୍ଥାରେ ପ୍ରତିଯୋଗିତା ମଧ୍ୟବିତ୍ତବର୍ଗଙ୍କ ବିକାଶର ମାର୍ଗକୁ ପ୍ରଶସ୍ତ କରିଥିଲା। ଗତବର୍ଷ ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାର ସବୁ କ୍ଷେତ୍ରରେ ଅକ୍ଷମତା ପ୍ରକାଶ ପାଇଛି। ଏହା ସତ୍ତ୍ୱେ ଆମେରିକା ଏବଂ ଅନ୍ୟ ବୈଶ୍ୱିକ ନୀତିନିର୍ଦ୍ଧାରକମାନେ ପ୍ରତିଯୋଗିତା, ସମ୍ପଦ ସୃଷ୍ଟ କରିବା ଏବଂ ବଣ୍ଟନ ମଧ୍ୟରେ ଥିବା ସମ୍ପର୍କକୁ ନୂଆ ସ୍ୱୀକୃତି ଦେବା ଦ୍ୱାରା ଆର୍ଥିକ ପ୍ରଦର୍ଶନ ଖୁବ୍ ଶୀଘ୍ର ସଫଳ ହେଲା। ଉଲ୍ଲେଖନୀୟ ଯେ, ଦୁଇ କମ୍ପିଟିଶନ ଲ' ଏକ୍ସପର୍ଟ (ବ୍ୟବସାୟରେ ପ୍ରତିଯୋଗିତାକୁ ହ୍ରାସ କରୁଥିବା ଉତ୍ସକୁ ଦୂର କରି ଏହାକୁ ଶକ୍ତି ଦେବା କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞ)ଙ୍କୁ ବାଇଡେନ୍ ନିଯୁକ୍ତି ଦେଇଛନ୍ତି। ଲିନା ଖାନଙ୍କୁ ଫେଡେରାଲ ଟ୍ରେଡ୍ କମିଶନର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିବା ସହ ଟିମ୍ ଉଙ୍କୁ ରାଷ୍ଟ୍ରପତିଙ୍କ ନ୍ୟାଶନାଲ ଇକୋନୋମିକ କାଉନ୍‌ସିଲରେ ନିଯୁକ୍ତ କରିଛନ୍ତି। ଗତ ବର୍ଷ ଜୁଲାଇରେ ପ୍ରତିଯୋଗିତା ବଢ଼ାଇବା ଲାଗି ରାଷ୍ଟ୍ରପତି ୭୨ଟି ପ୍ରସ୍ତାବକୁ ଅନୁମତି ଦେଇ ଏକ ଏକ୍‌ଜିକ୍ୟୁଟିଭ ଅର୍ଡର ଜାରି କରିଥିଲେ। ଅନେକ ଆହ୍ୱାନକୁ ନିୟନ୍ତ୍ରଣ କରିବା ଲାଗି ଏଥିରେ ବହୁ ସାମ୍ବିଧାନିକ ଏଜେନ୍ସିକୁ ସାମିଲ କରିଥିଲେ।

ପ୍ରତିଯୋଗିତାରେ ସମସ୍ୟାଗୁଡ଼ିକ କେତେକାଂଶରେ ଉଚ୍ଚ ମୁଦ୍ରାସ୍ଫୀତି ଦ୍ୱାରା ପ୍ରକାଶ ପାଇଛି ବୋଲି କେତେକେ କହନ୍ତି। ମାର୍କେଟରେ ଥିବା ଉଚ୍ଚ ଶେୟାର ଓ ଅଧିକ ପ୍ରଭାବର ଫାଇଦା ନେଉଥିବା କେତେକ କମ୍ପାନୀ ମଧ୍ୟ ଏଥିପାଇଁ ଦାୟୀ। କିନ୍ତୁ ମହାମାରୀ ଯୋଗୁ ଅପର୍ଯ୍ୟାପ୍ତ ପ୍ରତିଯୋଗିତା ଯୋଗାଣ ଚେନ୍‌ରେ କ୍ଷତି ବଢାଇ ଦେଇଛି। ଏହି ସମସ୍ୟାର ସମାଧାନ ଲାଗି ଏବେ ମାଂସ ଶିଳ୍ପରେ ପ୍ରତିଯୋଗିତା ବଢାଇବା ଲାଗି ଅଭିଯାନ ଆରମ୍ଭ କରିଛନ୍ତି ବାଇଡେନ୍। ସ୍ୱଷ୍ଟ ପ୍ରତିଯୋଗିତା ନୀତି ନିର୍ଦ୍ଧାରଣ କରି ତାହାକୁ ଲାଗୁ ନ କଲେ ଆମେରିକା ଏବଂ ଅନ୍ୟ ଦେଶରେ ମାର୍କେଟ ବିଫଳତା ଲାଗି ରହିବ ଏବଂ ମହାମାରୀ ପରବର୍ତ୍ତୀ ସୁଧାର ପ୍ରଭାବିତ ହେବା ଯୋଗୁ ଏହା ଅତ୍ୟଧିକ କ୍ଷତିଗ୍ରସ୍ତ ହେବ। ଏପରି କି ସବୁଜ ଅର୍ଥନୈତିକ ପରିବର୍ତ୍ତନରେ ବାଧା ଉପୁଜିବ। ପ୍ରତିଯୋଗିତା ସହଜରେ ହୁଏ, ଏଭଳି ଏକ ଦୀର୍ଘମିଆଦୀ ଧାରଣାକୁ ଗ୍ରହଣ ନ କରି ଆମେରିକା ଏବଂ ସାରା ବିଶ୍ୱରେ ଆଣ୍ଟିଟ୍ରଷ୍ଟ ଅଥରିଟି (ବିଜ୍‌ନେସରେ ଏକଚାଟିଆ ଭାବକୁ ଦୂର କରି ପ୍ରତିଯୋଗିତା ବୃଦ୍ଧି କରିବା ଲାଗି କାର୍ଯ୍ୟରତ ଅଥରିଟି) ସବୁ ଲଗାତର ଉଦ୍ୟମ କରିଆସୁଛନ୍ତି। କିନ୍ତୁ ଯେଉଁ ଉପାୟରେ ଅର୍ଥ ବ୍ୟବସ୍ଥାଗୁଡ଼ିକ ଚାଲିଛି ଏବଂ ମାର୍କେଟଗୁଡ଼ିକ ପରିଚାଳିତ ହେଉଛି ସେଥିରେ ପ୍ରତିଯୋଗିତା ନୀତି ନିଶ୍ଚିତ ଭାବେ ନିର୍ଣ୍ଣାୟକ ଭୂମିକା ନେଇପାରିବ।

ମାଂସ ଶିଳ୍ପରେ ବାଇଡେନ୍ ପ୍ରଶାସନର ହସ୍ତକ୍ଷେପ ଭବିଷ୍ୟତର ଏକ ସମ୍ଭାବ୍ୟ ପଥକୁ ସୂଚିତ କରେ। ବିଜ୍‌ନେସ ସେକ୍ଟରରେ ପ୍ରତିଯୋଗିତା ବୃଦ୍ଧି କରିବା ଏବଂ ନୂଆ ଉଦ୍ୟୋଗୀଙ୍କୁ ଏଥିରେ ପ୍ରବେଶ କରାଇବା ପାଇଁ ଫେଡେରାଲ ଟ୍ରେଡ୍ କମିଶନ (ଏଫ୍‌ଟିସି) ଏକାକୀ କାର୍ଯ୍ୟ କରୁନାହିଁ। ଏହା ବ୍ୟବସାୟରେ ପ୍ରତିଯୋଗିତାମୂଳକ ନୀତିର ଦେଖାରଖା କରୁଥିବା ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ ଏବଂ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍‌ଚର ସହିତ ମିଳିତ ଭାବେ କାର୍ଯ୍ୟ କରୁଛି। ସାଧାରଣତଃ ସବୁ କମ୍ପିଟିଶନ ଅଥରିଟି ମାର୍କେଟ ପରିବର୍ତ୍ତନକୁ ଠିକ୍ ଭାବେ ବୁଝିଥିବାରୁ ନୀତି ନିର୍ଦ୍ଧାରଣ ତାଲିକାରେ ସେମାନଙ୍କର ଏକ ସ୍ଥାନ ରହିବା ଉଚିତ। ସେମାନଙ୍କୁ ଯଥାର୍ଥ ସୁଯୋଗ ଦେବା ଦରକାର। ଅତି କମ୍‌ରେ ଇଣ୍ଡଷ୍ଟ୍ରି ଲବିଷ୍ଟ (ଶିଳ୍ପ କ୍ଷେତ୍ରରେ ମଧ୍ୟସ୍ଥ ଭାବେ ବିଭିନ୍ନ ପ୍ରସଙ୍ଗରେ ରହି ସରକାରଙ୍କୁ ରାଜି କରୁଥିବା ବ୍ୟକ୍ତି) ମାନଙ୍କ ଅନୁଭୂତି ଶେୟାର କରିବା ପାଇଁ ସୁଯୋଗ ଦେବା ଦରକାର। ଅର୍ଥ ବ୍ୟବସ୍ଥାରେ ବଜାରରେ ପ୍ରତିଯୋଗିତା ବଢାଇବାରେ 'ପ୍ରତିଯୋଗିତା ନୀତି'ପ୍ରମୁଖ ଭୂମିକା ରହିଛି। ଦୃଢ ପ୍ରତିଯୋଗିତା ବିକାଶ କରି ତାହାକୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାର୍କେଟଗୁଡ଼ିକ ସେମାନଙ୍କ କମ୍ ମୂଲ୍ୟ ପ୍ରତିଶ୍ରୁତି ମୁତାବକ ଉତ୍ପାଦ ଯୋଗାଣ, ବିକଳ୍ପ ସମ୍ପ୍ରସାରିତ କରିବା, ନୂଆ ଉତ୍ପାଦ ଓ ସେବା ବଢ଼ାଇବା ଏବଂ ଶେଷରେ ଅଧିକ ସମୃଦ୍ଧି ଆଣିବା ନିଶ୍ଚିତ କରିବାକୁ ଦେବ। କିନ୍ତୁ ଏହା ପରିବର୍ତ୍ତେ ବିକଳ୍ପ ହ୍ରାସ ପାଉଛି ଏବଂ ଅକ୍ଷମତା ବଢୁଛି। କ୍ଷମତାରେ ଥିବା ହେଭିୱେଟମାନେ ବା ବୃହତ୍ କମ୍ପାନୀଗୁଡ଼ିକ ସ୍ୱଳ୍ପମିଆଦୀ ଶେୟାର ହୋଲ୍‌ଡର ଭାବେ ଅଧିକ ଲାଭ ପାଇବା ଉପରେ ଧ୍ୟାନ ଦେଇ ଛୋଟ ଛୋଟ ଆହ୍ୱାନଗୁଡ଼ିକୁ ଦୂର କରୁନାହାନ୍ତି। ଫଳରେ ସେମାନେ ନୂତନତ୍ୱକୁ ରୋକିବେ ଏବଂ ଉଚ୍ଚ ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଇଚାଲିବେ।

କମ୍ପାନୀ ଓ ଲୋକମାନଙ୍କ ଅଧିକାର ବା ହିତ ଉପରେ ନଜର ରଖିଥିବା ଅନ୍ୟ ନିୟାମକ ଭଳି ଏସମ୍ପର୍କରେ ମିଡିଆ ଚର୍ଚ୍ଚା କରିବା ସହ କମ୍ପିଟିଶନ ଅଥରିଟିସବୁକୁ ଅବଗତ କରୁଛି। ବିଭିନ୍ନ ଦେଶର ସରକାର ପୁଞ୍ଜିବାଦ ଠିକ୍ ଭାବେ ଚାଲିଛି ବୋଲି ନିଶ୍ଚିତ କରିବା ଦରକାର। ଯଦି ମାର୍କେଟ ଅର୍ଥ ବ୍ୟବସ୍ଥାଗୁଡ଼ିକ ଆତ୍ମନିର୍ଭରଶୀଳ କି ସ୍ୱନିୟନ୍ତ୍ରିତ ନ ହୁଏ ତେବେ ଏହିସବୁ ଅଥରିଟି 'ଗାଇଡ ଡଗ୍' ବା ପଥ ପ୍ରଦର୍ଶକ ପାଲଟିବା ଆବଶ୍ୟକ। ପ୍ରତିଯୋଗିତା ଏବଂ ବର୍ଦ୍ଧିତ ସମୃଦ୍ଧି ପ୍ରତି ନୀତି ନିର୍ଦ୍ଧାରଣ ପ୍ରକ୍ରିୟା ପ୍ରସ୍ତୁତ ରହିଛି ବୋଲି ନଶ୍ଚିତ କରିବାକୁ ହେବ। ଶେଷରେ ବିନା ପ୍ରତିଯୋଗିତାରେ ପୁଞ୍ଜିବାଦ କେବେ ପୁଞ୍ଜିବାଦ ନୁହେଁ ବୋଲି ଯାହା ଟେଡି ରୁଜଭେଲ୍ଟ ଅନୁଭବ କରିଥିଲେ ଏବେ ତାହାକୁ ବାଇଡେନ ସ୍ୱୀକାର କରିଛନ୍ତି।

**ସିନିୟର କମ୍ପିଟିଶନ ଅଥରିଟି, ଓଇସିଡି**

## ପ୍ରଳୟ କେତେ ଦୂର



ଅଲେଖ ଚନ୍ଦ୍ର ମିଶ୍ର

ଜୀବଜଗତର ସୃଷ୍ଟି, ସ୍ଥିତି ଓ ବିଲୟ ସହିତ ପ୍ରକୃତି ଓତପ୍ରୋତ ଭାବେ ଜଡିତ। ପ୍ରକୃତିରେ ଭାରସାମ୍ୟରେ ତା'ର ସୃଷ୍ଟି ହୁଏ। ସାମାନ୍ୟ କୋଡମାଡ଼ (ଦୁର୍ବିପାକ)ରେ ତା'ର ସ୍ଥିତି ବିପନ୍ନ ହୁଏ ଏବଂ କିଞ୍ଚିତ୍ ବିଶୃଙ୍ଖଳାରେ ତା'ର ବିଲୟ ଘଟେ। ପ୍ରାକୃତିକ ଦୁର୍ବିପାକ ଜୀବଜଗତ ପାଇଁ ସତର୍କ ଘଣ୍ଟି ହେଲେ ପ୍ରାକୃତିକ ଉର୍ଜାରେ ଅସନ୍ତୁଳନ ତା'ପାଇଁ ମୃତ୍ୟୁଘଣ୍ଟି ସଦୃଶ । ଅଧୁନା ଜୀବଜଗତ ଏହି ଦୁଇଟି ବିଭାବ ଦ୍ୱାରା ସୃଷ୍ଟ ଘୋର ଘଡ଼ିସନ୍ଧି ଦେଇ ଗତି କରୁଛି ଯାହାର ସମ୍ୟକ ସୂଚନା ଅଳ୍ପ ବହୁତେ ସମସ୍ତେ ଜାଣୁଥିବେ। ବିଶ୍ୱତାପନ, ପ୍ରବାଳ ପ୍ରାଚୀରର ଅବକ୍ଷୟ, ଆଣ୍ଟାର୍କଟିକାରେ ବରଫ ତରଳିବା, ଆଗ୍ନେୟଗିରିର ଅସ୍ୱାଭାବିକ ଉଦ୍‌ଗିରଣ, ଫ୍ଲାସ ଫ୍ଲଡ, ସାମୁଦ୍ରିକ ଝଡ଼, ଋତୁଚକ୍ରରେ ଅନିୟମିତତା, ପରିବେଶରେ ପରିବର୍ତ୍ତନ, ଜୈବବିବିଧତାରେ ବିବର୍ତ୍ତନ, ଉର୍ବର ଭୂମି ଅନୁର୍ବର ପାଲଟିଯିବା ଇତ୍ୟାଦି ପ୍ରାକୃତିକ ବିଭବର ବିଘଟନ ଜୀବଜଗତକୁ ଧ୍ୱଂସମୁଖକୁ ଟାଣି ନେଉଥିବାର ସଂକେତ। ବିଶେଷଜ୍ଞମାନଙ୍କ ମତରେ ଏସବୁର ମୂଳ କାରଣ ଜଳବାୟୁ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ବିଶ୍ୱର କ୍ରମବର୍ଦ୍ଧିଷ୍ଣୁ ତାପମାନ ଯାହାର ପ୍ରାଥମିକ ସୂଚନା ପ୍ରାୟ ଦୁଇଶହ ବର୍ଷ ପୂର୍ବେ ମିଳିଥିଲା। ୧୮୫୦ରୁ ୧୯୦୦ ମଧ୍ୟରେ ବିଶ୍ୱର ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଥିଲା, ଯାହାର ପରିଣାମ ସ୍ୱରୂପ ସେବେଠାରୁ ଉଲ୍ଲିଖିତ ଅଘଟଣମାନ ଘଟି ଚାଲିଛି। ଉଦ୍‌ବେଗର କାରଣ ହେଲା ତାପମାତ୍ରାରେ ଏପରି ବୃଦ୍ଧି ହେଲେ ବାୟୁମଣ୍ଡଳରେ ଓଜୋନ ସ୍ତରର ସାନ୍ଦ୍ରତା ହ୍ରାସ ପାଇଯିବ ଏବଂ ସୂର୍ଯ୍ୟଙ୍କର ବିଷାକ୍ତ ୟୁଭି-ବି ରଶ୍ମି ସିଧାସଳଖ ଭୂପୃଷ୍ଠରେ ପ୍ରବେଶ କରିବ। ମଣିଷ ନାନା ପ୍ରକାରର ଅଜଣା ରୋଗର ଶିକାର ହେବେ, କୃଷି ଉତ୍ପାଦନ କମି ଯିବ, ବୃକ୍ଷଲତାର ପତ୍ର, ଫୁଲ, ଫଳ କ୍ଷୁଦ୍ର, ଶୁଷ୍କ ବା ବିକୃତ ହୋଇଯିବ, ମାଛ ଯାଆଁଳ ବଢ଼ିପାରିବେ ନାହିଁ, ଭୂମିର ଉର୍ବରତା ହ୍ରାସ ପାଇବ ଇତ୍ୟାଦି। ଅତଏବ ତାପମାତ୍ରା ଯଦି ଅଧିକ ବୃଦ୍ଧିପାଏ ଅବସ୍ଥା କେତେ ଅସମ୍ଭାଳ ହେବ ତା'ର ଭୟାବହତା ଉପଲବ୍ଧି କରି ତାକୁ ରୋକିବାକୁ ବିଗତ କିଛିବର୍ଷ ହେଲା ଆନୁଷ୍ଠାନିକ ସ୍ତରରେ ଧାରାବାହିକ ପ୍ରଚେଷ୍ଟା ଜାରି ରହିଛି। ସେଥିରୁ କେତେକ ହେଲା ଷ୍ଟକ୍ ହୋମ କନ୍‌ଫରେନ୍ସ (୧୯୭୨), ମଣ୍ଟ୍ରିଲ ଆକର୍ଡ (୧୯୮୭), ରିଓ କନ୍‌ଫରେନ୍ସ (୧୯୯୨), ବର୍ଲିନ କନ୍‌ଫରେନ୍ସ (୧୯୯୫), କ୍ୱେଟୋ ପ୍ରୋଟୋକଲ (୧୯୯୭), କୋପେନ ହାଗେନ ଆକର୍ଡ (୨୦୦୯) ଏବଂ ପ୍ୟାରିସ ଏଗ୍ରିମେଣ୍ଟ (୨୦୧୫)। ମାତ୍ର ଆବଶ୍ୟକ ସହମତି ଅଭାବରୁ ଦିଆଯାଇଥିବା ପ୍ରସ୍ତାବ ଆଗେଇ ପାରିଲା ନାହିଁ।

ଏବେ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବିଶ୍ୱର ଶତାଧିକ ବୈଜ୍ଞାନିକ,ବିଶେଷଜ୍ଞ ଓ ପରିବେଶବିତ୍‌ମାନଙ୍କୁ ନେଇ ମିଳିତ ଜାତିସଂଘ ଦ୍ୱାରା ଗଠିତ ଆଇପିସିସି(ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ)। ଯିଏ ପରିସ୍ଥିତିକୁ ଅନୁଧ୍ୟାନ କରି ପ୍ରତି୬-୭ ବର୍ଷରେ ଥରେ ଆସେସ୍‌ମେଣ୍ଟ ରିପୋର୍ଟ ପ୍ରଦାନ କରୁଛି । ଅଗଷ୍ଟ୨୦୨୧ରେ ଏହି କମିଟି ୧୩୦୦ ପୃଷ୍ଠା ସମ୍ବଳିତ ଏହାର ଷଷ୍ଠ ରିପୋର୍ଟ ପ୍ରଦାନ କରିଛି , ଯାହାର ମୁଖ୍ୟାଂଶ (ଏସିଆ ମହାଦେଶ ସମ୍ବନ୍ଧରେ) ହେଲା ;

-ଚଳିତ ଶତାବ୍ଦୀରେ ଦକ୍ଷିଣ ପଶ୍ଚିମ ଏସିଆରେ ଉଷ୍ଣଲହରି ଓ ଗ୍ରୀଷ୍ମ ପ୍ରବାହ ବଢି ଚାଲିବ। ଏହାର ବିଶେଷ ପ୍ରଭାବ ଭାରତ ଉପରେ ପଡ଼ିବ। ବାର୍ଷିକ ଓ ଗ୍ରୀଷ୍ମକାଳୀନ ମୌସୁମୀ ପ୍ରବାହ କମିଯିବ ଏବଂ ତାହା ଅନିୟମିତ ହେବ। ଆଗାମୀ ଦଶନ୍ଧିରେ ଉତ୍ତାପର ପ୍ରକୋପ ବଢ଼ିବ ଓ ଶୀତ କମିବ। ଏହି ରିପୋର୍ଟରେ ସ୍ୱଷ୍ଟ କରିଦିଆଯାଇଛି ଯେ ତାପମାତ୍ରା ବୃଦ୍ଧିକୁ ଯଦି ସମ୍ପୂର୍ଣ୍ଣ ଭାବରେ ରୋକା ନ ଯାଏ ତେବେ ଚଳିତ ଶତାବ୍ଦୀର ଶେଷ ବେଳକୁ ଜୀବଜଗତ ଲୋପ ପାଇଯିବ। ବିଶେଷ କରି ସବୁଜ ଗୃହରୁ ନିର୍ଗତ ବାଷ୍ପ (ଗ୍ରୀନ୍ ହାଉସ ଏମିସନ୍ସ) ପୃଥିବୀ ପାଇଁ ମୃତ୍ୟୁଦୂତ ସାଜିବ। ୧୭।୯।୨୦୨୧ରେ ଜାତିସଂଘର ମୁଖ୍ୟ ଆଣ୍ଟୋନିଓ ଗୁଟେରସ ବର୍ଲିନଠାରେ ଚେତାବନୀ ଦେଇଛନ୍ତି ଯେମିତି ହେଲେ ସବୁଜଗୃହରୁ ବାଷ୍ପ ନିର୍ଗମନକୁ ୨୦୩୦ ଭିତରେ ୪୫% କମେଇବାକୁ ପଡିବ । ନଚେତ୍ ଏହା ଯୋଗୁ ତାପମାନ ୨.୭୦ ସେଲ୍‌ସିୟସ ବଢ଼ି ପୃଥିବୀ ପାଇଁ ଧ୍ୱଂସର କାରଣ ହେବ।

ଅକ୍ଟୋବର ୨୦୨୧ରେ ଭାଟିକାନ ସିଟିସ୍ଥିତ ପୋପ୍‌ଙ୍କ ବାସଭବନ ଅପୋଷ୍ଟୋଲିକ ପ୍ୟାଲେସ୍‌ରେ ପୋପ୍ ଫ୍ରାନ୍ସିସ୍‌ଙ୍କ ଦ୍ୱାରା ଆୟୋଜିତ ବିଶ୍ୱର ବିଭିନ୍ନ ଧର୍ମଗୁରୁଙ୍କ ସମ୍ମିଳନୀରେ ଏହି ସମସ୍ୟାକୁ ସୁଧାରିବା ପାଇଁ ଏକ ସ୍ମାରକପତ୍ର ମିଳିତ ଜାତିସଂଘକୁ ଦିଆଯାଇଛି। ଶହ ଶହ ବର୍ଷ ପୂର୍ବେ ଆମର ମୁନି ଋଷିମାନେ କରିଯାଇଥିବା ଭବିଷ୍ୟବାଣୀ ତଥା ମାଳିକାରେ ପରିକଳ୍ପିତ 'ପ୍ରଳୟ' ଏବେ ସତ୍ୟରେ ପରିଣତ ହେବାକୁ ଯାଉନି ତ !

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ଅସହାୟ ତଥା ଭୋକିଲା ପିଲାଙ୍କ ପେଟ ଭରୁଛନ୍ତି ଦିଲ୍ଲୀର ସରିତା କଶ୍ୟପ। ଅଟୋମୋବାଇଲ ସେଲ୍ସପର୍ସନ ଭାବେ ସରିତା ୧୭ ବର୍ଷ କାର୍ଯ୍ୟ କରି ୨୦୧୯ରେ ତାହାକୁ ଛାଡି ଅସହାୟ ପିଲାମାନଙ୍କୁ ଖାଇବାକୁ ଦେଉଛନ୍ତି। ସେ ଏଥିପାଇଁ ଏକ ରାଜମା ଚାଓ୍ୱଲ ଷ୍ଟଲ୍ ଖୋଲିଛନ୍ତି। କଶ୍ୟପ ରହୁଛନ୍ତି ମିରାବାଗ୍‌ରେ । ସେ ସ୍କୁଟର୍‌ରେ ଖାଦ୍ୟ ନେଇ ପିରଗଡି ବସ୍ ଷ୍ଟାଣ୍ଡରେ ଥିବା ତାଙ୍କ ଷ୍ଟଲ୍‌ରେ ପିଲାଙ୍କୁ ଦେଉଛନ୍ତି। ସ୍କୁଟର୍‌ରେ ଖାଦ୍ୟ ରଖିବା ଲାଗି କ୍ୟାରିୟର ରହିଛି ଓ ଏକ ଛୋଟ ଟେବୁଲ ମଧ୍ୟ ଖଞ୍ଜାଯାଇଛି। କଶ୍ୟପ ସକାଳ ୪ଟାରେ ଉଠନ୍ତି ଓ ୧୦୦ ଜଣଙ୍କ ପାଇଁ ରାଜମା ଚାଓ୍ୱଲ, ସାଲାଡ ଏବଂ ଚଟଣି ପ୍ରସ୍ତୁତ କରନ୍ତି। ପାଖାପାଖି ୧୧.୩୦ରେ ସେ ପିରଗଡି ବସ୍‌ଷ୍ଟାଣ୍ଡକୁ ବାହାରି ଯାଆନ୍ତି। ସେଠାରେ ୩-୪ ଟା ଯାଏ ଷ୍ଟଲ୍ ଖୋଲନ୍ତି ଓ ଖାଦ୍ୟ ଲୋକଙ୍କୁ ବିକ୍ରି କରିବା ସହ ନିକଟସ୍ଥ ବସ୍ତି ପିଲାମାନଙ୍କୁ ମାଗଣାରେ ଖାଇବାକୁ ଦିଅନ୍ତି । ପିଲାମାନେ ଗୋଟିଏ ଧାଡିରେ ରହନ୍ତି ଓ ଲୋକମାନେ ରହନ୍ତି ଆଉ ଏକ ଧାଡିରେ । ଲୋକମାନଙ୍କୁ ସେ ଅଧା ପ୍ଲେଟ୍‌କୁ ୪୦ ଟଙ୍କା ଓ ପୂରା ପ୍ଲେଟ୍‌କୁ ୬୦ ଟଙ୍କାରେ ବିକ୍ରି କରି ଯାହା ଆୟ କରନ୍ତି ତାହାର ଏକ ମୁଖ୍ୟ ଭାଗ ପିଲାମାନଙ୍କୁ ଦେଉଥିବା ମାଗଣା ଖାଦ୍ୟ ବାବଦରେ ଖର୍ଚ୍ଚ କରନ୍ତି। ସେ ଖାଦ୍ୟର ୬୦ପ୍ରତିଶତ ବିକ୍ରି କରନ୍ତି ଓ ୪୦ପ୍ରତିଶତ ପିଲାମାନଙ୍କୁ ମାଗଣାରେ ଦେଇଥାନ୍ତି। କେବଳ ଏତିକି ନୁହେଁ ସମୟସୁବିଧା ଦେଖି ସେ ଏହି ପିଲାମାନଙ୍କୁ ପାଠ୍ହାଉଛନ୍ତି। ଏସବୁ କଷ୍ଟ ହେଲେ ମଧ୍ୟ ପିଲାମାନଙ୍କ ଭବିଷ୍ୟତ ଗଢ଼ିବାକୁ ଚାହାନ୍ତି ବୋଲି କହନ୍ତି କଶ୍ୟପ।

## ୨୫ ବର୍ଷ ତଳର ଧରିତ୍ରୀ

ୱ୧ ଫେବୃୟାରୀ ୧୯୯୭

- ବୋଫର୍ସ ମାମଲାର ତଦନ୍ତ ପାଇଁ ସିବିଆଇ ଦ୍ୱାରା ଗଠିତ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍‌ଆଇଟି) ପକ୍ଷରୁ ସୈନ୍ୟବାହିନୀର ପୂର୍ବତନ ମୁଖ୍ୟ ଜେନେରାଲ କେ. ସୁନ୍ଦରଜୀଙ୍କୁ ଜେରା କରାଯାଇଛି।
- କୌଣସି ଶିଳ୍ପ ସଂସ୍ଥାକୁ କ୍ରୋମ ଖଣି ନ ଦେଇ ଓଏମ୍‌ସିକୁ ସବୁ ହସ୍ତାନ୍ତର କରିବା ଲାଗି ସୁପ୍ରିମ୍‌କୋର୍ଟରେ ଓଏମ୍‌ସି ପକ୍ଷରୁ କରାଯାଇଥିବା ଆବେଦନକୁ ସର୍ବୋଚ ଅଦାଲତ ଖାରଜ କରିଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 8 | | | | 1 |
| | 9 | | 7 | | | | | |
| | 1 | | | | | 3 | 2 | |
| 9 | | | | 4 | | | 7 | |
| | | 7 | | 9 | | | | 8 |
| | 8 | | | | | 9 | | |
| 3 | | 4 | | | 7 | 6 | | |
| | | | 2 | | | | | 9 |
| | | | 4 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 8 | 7 | 2 | 1 | 3 | 6 | 9 |
| 3 | 2 | 6 | 4 | 8 | 9 | 7 | 5 | 1 |
| 9 | 7 | 1 | 5 | 6 | 3 | 2 | 4 | 8 |
| 2 | 8 | 5 | 6 | 9 | 7 | 1 | 3 | 4 |
| 6 | 1 | 9 | 3 | 5 | 4 | 8 | 2 | 7 |
| 7 | 3 | 4 | 8 | 1 | 2 | 6 | 9 | 5 |
| 1 | 4 | 3 | 9 | 7 | 6 | 5 | 8 | 2 |
| 5 | 9 | 2 | 1 | 3 | 8 | 4 | 7 | 6 |
| 8 | 6 | 7 | 2 | 4 | 5 | 9 | 1 | 3 |

ଗତକାଲିର ଉତ୍ତର

# ଆମ ଗଣତନ୍ତ୍ର କାହା ହାତରେ



ଡ. ପବିତ୍ର ସୁବୁଦ୍ଧି

ଆଗକୁ ଆସୁଛି ଆମ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ନିର୍ବାଚନୀ ଆବହାଓ୍ୱାରେ ସାରା ରାଜ୍ୟ ଏବେ ଆଚ୍ଛନ୍ନ। ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇ ଭାଗ୍ୟ ପରୀକ୍ଷା କରିବାକୁ ଅଗଣିତ ଓ୍ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀ ଏବେ ତୟାର୍। ମଦ ମାଂସ, ଭୋଜିଭାତ ଓ ଅର୍ଥର ଚାଲିଛି ଅବାଧ କାରବାର। ପ୍ରାର୍ଥୀମାନେ ଏସବୁ ପ୍ରଦାନରେ ଯେତିକି ତତ୍ପର, ଭୋଟରମାନେ ଏସବୁକୁ ପ୍ରସାଦ ପରି ଗ୍ରହଣ କରିବାରେ ସେତିକି ଆଗଭର। ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ହେଉଛି ଆମ ଭାରତ। ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଅନୁଯାୟୀ ନିଜକୁ ନିଜେ ଶାସନ କରିବା ହେଉଛି ଗଣତନ୍ତ୍ରର ସ୍ୱାତନ୍ତ୍ର୍ୟ। ଗ୍ରାମପଞ୍ଚାୟତ ହେଉଛି ଏହି ବିଧିବ୍ୟବସ୍ଥାର ପ୍ରଥମ ପ୍ରୟୋଗଶାଳା। ଗଣତାନ୍ତ୍ରିକ ଶାସନ ପଦ୍ଧତି ଅନୁସାରେ ପ୍ରତ୍ୟେକ ଭାରତୀୟ ନାଗରିକ ଗୋଟିଏ ସର୍ବଶ୍ରେଷ୍ଠ ରାଜନୈତିକ ଅଧିକାର ପ୍ରାପ୍ତ ହୋଇଛନ୍ତି। ତାହା ହେଉଛି- ପ୍ରାର୍ଥୀ ନିର୍ବାଚନରେ ଭୋଟଦାନର କ୍ଷମତା। ନାଗରିକତ୍ୱର ଅଧିକାର ବଳରେ ପ୍ରାପ୍ତ ଏହି ଭୋଟ୍‌ଦାନ କ୍ଷମତାର ଯଥାଯଥଃ ଉପଯୋଗ ହେଉଛି ପ୍ରତ୍ୟେକ ଭୋଟରଙ୍କର ଚରମ ଓ ପରମ କର୍ତ୍ତବ୍ୟ। ଏଣୁ ନିର୍ଭୟରେ ଭୋଟ୍‌ଦେଇ ମନପସନ୍ଦର ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ଆମ୍ଭମାନଙ୍କର ଗଣତାନ୍ତ୍ରିକ ଦାୟିତ୍ୱ। ତେବେ ଏ ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି- ଭୋଟ୍ କାହାକୁ ଦେବା?

ଏ ପ୍ରସଙ୍ଗରେ ପ୍ରାଚୀନ ଗ୍ରୀକ୍ ସଭ୍ୟତାର କିମ୍ବଦନ୍ତୀଟିଏ ମନେପଡୁଛି। ଭୂମଧ୍ୟସାଗରର ଏକ ଦ୍ୱୀପରେ ସର୍ସ ନାମ୍ନୀ ଏକ ସୁନ୍ଦରୀ ତରୁଣୀର ରାଜତ୍ୱ ଥିଲା। ସର୍ସ ନିଜର କୁହୁକଶକ୍ତି ବଳରେ ସେ ଦ୍ୱୀପକୁ ଆସୁଥିବା ମଣିଷଙ୍କୁ ବିଭିନ୍ନ ପ୍ରକାରର ପଶୁରେ ରୂପାନ୍ତରିତ କରୁଥିଲା। ଫଳରେ ସେ ଦ୍ୱୀପରେ ପାଦ ଦେଉଥିବା ବହୁ ବୀରପୁରୁଷ ନିଜର ଅତୀତ ଓ ଭବିଷ୍ୟତକୁ ଭୁଲିଯାଇ, ଲକ୍ଷ୍ୟ ଓ ଆଭିମୁଖ୍ୟକୁ ଜଳାଞ୍ଜଳି ଦେଇ କେବଳ ଖାଇ, ପିଇ, ଶୋଇ ପଶୁଭଳି ଜୀବନଯାପନ କରୁଥିଲେ। ସର୍ସର ମାୟା କୁହେଳିକାରୁ ମୁକ୍ତି ପାଇଁ ଆଦୌ ବାଟ ଖୋଜୁ ନ ଥିବା ମହାପ୍ରତାପୀ ବାହୁବଳୀମାନେ ଏବେ ଯୋଡ଼ହସ୍ତରେ ନତମସ୍ତକ ହୋଇ ଭୋଟ୍‌ଭିକ୍ଷା କରିବାକୁ ଜନତା ଜନାର୍ଦ୍ଦନଙ୍କ ଆଗରେ ଠିଆ। ରାମଦ୍ରୋହୀ ଯେତେବେଳେ ଯତିବେଶରେ ରାମନାମ ଭଜେ, ଜାଣିବ ଯେ ସୀତାଚୋରି ବେଳ ଆସିଗଲା। ଆମେ ଭୋଟରମାନେ ବେଳ ହୁଁ ସାବଧାନ ନ ହେଲେ, ଚାଷୀ ହୁଡ଼ିଲେ ବରଷେ ଭଳି ଭୋଟର ହୁଡ଼ିଲେ ପାଞ୍ଚବରଷ ପାଇଁ ପସ୍ତେଇବାକୁ ପଡ଼ିବ।

ଏବେ ଗାଁଦାଣ୍ଡରେ ନେତାଙ୍କ ଭିଡ଼। ଯେଉଁ ଦେଶରେ ଦିନେ ନେତାଜୀ ସୁଭାଷ କହିଥିଲେ- ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି, ସେହି ନେତାଜୀଙ୍କ ଦେଶରେ ଏବେ ଜନତା ମାଗୁଛି- ମୋତେ ଟଙ୍କା ଦିଅ, ମୁଁ ତୁମକୁ ଭୋଟ୍ ଦେବି। ଏହା କ'ଣ କମ୍ ଲଜ୍ଜା? ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳଜୀ ଏକଦା କହିଥିଲେ, ''ଜନତାଙ୍କୁ ମାଗଣାରେ କିଛି ଦିଅ ନାହିଁ। କେବଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ନ୍ୟାୟ ମାଗଣାରେ ମିଳିବା ଦରକାର। ମାଗଣା ପାଉଥିବା ଲୋକ ନିଜକୁ କାମଚୋର ଆଉ ଦେଶକୁ କମ୍‌ଜୋର ବନାନ୍ତି।'' କିନ୍ତୁ ଏ କଥାକୁ ପଚାରୁଛି କିଏ? ''ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼''ର ଗୀତ ଗାଇ ଗାଇ ନେତାଏ ଏବେ ଭୋଟରଙ୍କ ଆଗରେ ଠିଆ। ସମସ୍ତେ କାନ୍ଦୁଛନ୍ତି ଗରିବଙ୍କ ପାଇଁ, କିନ୍ତୁ କାହାରି ଆଖିରେ ଲୁହ ନାହିଁ। ବାଦ-ବିବାଦ, ଫନ୍ଦିଫିକର କରି ଭୋଟ୍ ହାତେଇବା ପାଇଁ ସମସ୍ତେ ବ୍ୟସ୍ତ। ହାତୀ ନେ, ଘୋଡ଼ା ନେ, ମୋ ପେଁକାଳି ବଜେଇ ଦେ। ଭୋଟ୍ ପରେ ତୁ କିଏ ନା ମୁଁ କିଏ ? ଓଠରେ ନକଲି ହସ, ମୁହଁରେ ମୁଖା, ପାଟିରେ 'ଭୋଟ ଭିକ୍ଷାଂ ଦେହି'ର ଧ୍ୱନି। ବିଚରା ଭୋଟର ଦୁର୍ନୀତିର ଦୁର୍ଗ ଭିତରେ ଭ୍ରଷ୍ଟାଚାରୀଙ୍କୁ ସଲାମ ଜଣାଉଛି ବାରବାର। ମଦମାଂସ ଓ କିଛି ଟଙ୍କା ବଦଳରେ ବନ୍ଧାପକେଇ ଦେଉଛି ତା'ର ଅସ୍ମିତା ଓ ସ୍ୱାଭିମାନ। ମଦମାଂସର ଆସର ଭିତରେ ହଜିଯାଉଛି ସ୍ୱଚ୍ଛ ଓ ଅବାଧ ନିର୍ବାଚନ। ଗୌଣ ହୋଇଯାଉଛି ନିର୍ବାଚନୀ ପ୍ରସଙ୍ଗ। କପଟପାଶାରେ ଏବେ ଶକୁନିମାନଙ୍କ ଜିତାପଟ।

ଭାଗବତ ଟୁଙ୍ଗିରେ ଏବେ ତାଲା, ଗାଁ କ୍ଲବ ଘର ମେଲା। କ୍ଲବ ଘରେ ଚାଲିଛି ଭୋଟ୍ ନାଁରେ ନିରୀହ ମଣିଷକୁ ବାଣ୍ଟିବାର ମନ୍ତ୍ରଣା। ଅଶାନ୍ତିର ବୀଜ ବୁଣା ସରିଲାଣି ଗାଁ ଗାଁରେ। ଗାଁ ଦାଣ୍ଡରେ ବୋମା ଫୁଟିବ। ଶାନ୍ତ ଗାଁ ଅଶାନ୍ତ ହେବ। ଭାଇ ଭାଇ ଭିତରେ ଲଢ଼େଇ ଚାଲିବ। ଟୋକା, ବୋକା ଓ ଟଙ୍କାକୁ ଅସ୍ତ୍ର କରି ମାରିନେବେ ମହାପାତ୍ରେ, ଆମେ ଚାହିଁଥିବା ଜଳକା। ଆମେ ଗରିବ ଯେଉଁ ଟିମିରେ କୁ ସେଇ ଟିମିରେ। ଡାକ୍ତରଖାନା ଅଛି- ଡାକ୍ତର ନାହାନ୍ତି, ସ୍କୁଲ ଅଛି- ଶିକ୍ଷକ ନାହାନ୍ତି, ଅଫିସ ଅଛି-ଅଫିସର ନାହାନ୍ତି, ତଥାପି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦିଆଚାଲିଛି। ଯୋଜନା ପରେ ଯୋଜନା ଚାଲିଛି। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଇନ୍ଦିରାଆବାସ ଓ ବିପିଏଲ୍ କାର୍ଡଟିଏ ପାଇଁ ଲାଞ୍ଚ ନେଉଥିବା ନେତାଏ ଏବେ ଦୁର୍ନୀତିମୁକ୍ତ ଭାରତ ପାଇଁ ନାରା ଦେଉଛନ୍ତି। ଶାବଳ ଚୋରି କରି ଛୁଞ୍ଚିଦାନ କରୁଥିବା ଧନକୁବେରମାନେ ଏବେ ସାମ୍ୟବାଦର ମନ୍ତ୍ର ପଢୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସେବାରୁ ବଞ୍ଚିତ, ଲାଞ୍ଛିତ, ଅବହେଳିତ ମଣିଷ ଛଦ୍ମବେଶୀ ଏ ଦେଶ ସେବକଙ୍କ ଜୟଜୟକାରରେ କିନ୍ତୁ ଉତ୍‌ଫୁଲ୍ଲ! ଏହାଠୁ ବଳି ବଡ଼ ବିଡ଼ମ୍ବନା ଗଣତନ୍ତ୍ରରେ ଆଉ ବା କ'ଣ ଥାଇପାରେ?

ମେଣ୍ଢାମାନଙ୍କର ଏକ ସଭା ହେଉଥାଏ। ସଭାରେ ରାଜନେତାମାନେ କଥା ଦେଲେ ଯେ ଏ ଶୀତରୁ ରକ୍ଷାପାଇବା ପାଇଁ ସବୁ ମେଣ୍ଢାଙ୍କୁ ଗୋଟେ ଗୋଟେ କମ୍ବଳ ଦେବେ। ମେଣ୍ଢାମାନେ ଏ କଥା ଶୁଣି ଖୁସିରେ ନାଚି ଉଠିଲେ। ଆଉ ସମସ୍ତେ ନେତାଙ୍କ ଜୟଜୟକାର କଲେ। ଏ କଥା ଦେଖି ମେଣ୍ଢାଛୁଆଟେ ତା' ମାଆକୁ ପଚାରିଲା- ନେତା ଆମକୁ ଦେବାକୁ ଯାଉଥିବା କମ୍ବଳ ପାଇଁ ଏତେ ଉଲ୍ କେଉଁଠୁ ଆଣିବେ? ତା' ପରେ ସମସ୍ତେ ଚୁପ୍। ଯଦି ଏହି ପ୍ରଶ୍ନ ଭୋଟରମାନେ ଏବେ ସବୁ ରାଜନୀତି ଦଳକୁ ପଚାରନ୍ତେ ଯେ ମାଗଣା ଚାଉଳ, ଚିନି, ଗହମ, ଛତା, ଜୋତା, ମୋବାଇଲ ଓ ସାଇକେଲ ଆଦି କେଉଁଠୁ ଆଣିକି ଦେବେ? ଏଥିପାଇଁ ଟଙ୍କା ଆସିବ କେଉଁଠୁ?

ଆମେ ଭୋଟର। ଆମେ ସ୍ୱାଧୀନ। ଆମର ଦଳ ନାହିଁ। ଆମ ହାତରେ ଏବେ ଭୋଟ ବ୍ରହ୍ମାସ୍ତ୍ର। ଏ ଅସ୍ତ୍ର ବଳରେ ବହୁରୂପୀଙ୍କ ମୁଖା ଖୋଲିଦେବାର ବେଳ ଆସିଛି। ଭୋଟଦେବା ପୂର୍ବରୁ ଭଲକରି ଚିହ୍ନିନେବା ଭ୍ରାତାଙ୍କ ବଦନ। କୁମ୍ଭୀର କାନ୍ଦଣାରେ କାନ ଦେବାନାହିଁ। ମିଥ୍ୟା ପ୍ରଲୋଭନରେ ପ୍ରଭାବିତ ହେବାନାହିଁ। ନଚେତ୍ ସାମ୍ୟବାଦ ନାଁରେ ଆମ ଅଲକ୍ଷ୍ୟରେ ଏକ ପୁଞ୍ଜିବାଦୀ ରାଷ୍ଟ୍ର ଗଠନ ହୋଇଯାଇପାରେ। ''ମଦ ଆଉ ମାଉଁସ, ମୁଣ୍ଡଗୋଟାକୁ ପାଆଁଶ'' ଲୋଭରେ ଭଳି ନ ଯାଇ ରାଜନୈତିକ ସର୍ଦ୍ଦାର ଓ ଘୋଡ଼ାବେପାରୀଙ୍କ ଅସଲ ସ୍ୱରୂପକୁ ଉତ୍‌ଖାତ୍ କରିବା। ସ୍ୱାଧୀନତାକୁ ସ୍ୱେଚ୍ଛାଚାରରେ ପରିଣତ ନ କରି ଆମର ମହାମୂଲ୍ୟ ଅଧିକାର ଓ କର୍ତ୍ତବ୍ୟକୁ ସାମୟିକ ସଂକୀର୍ଣ୍ଣ-ସ୍ୱାର୍ଥ-ଯଜ୍ଞରେ ଆହୁତି ନ ଦେଇ ବିନା ପ୍ରଲୋଭନରେ ମନପସନ୍ଦର ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଗଣତନ୍ତ୍ର ଶାସନର ଅନ୍ତୁଡ଼ିଶାଳ ବୋଲାଉଥିବା ପବିତ୍ର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛ, ନିର୍ମଳ, ଲୋକାଭିମୁଖୀ ଓ ସଶକ୍ତ କରିବାରେ ସହାୟକ ହେବା।

ପିଠିରେ ବୋଝ, ଛାତିତଳେ ଘାଇ, ରଣରେ ନଇଁଥିବା ମଥା ନେଇ ବଞ୍ଚୁଥିବା ହେ ଅଜସ୍ର ମଣିଷ! ନିର୍ବାଚନ ବେଳେ ତମେ ନିର୍ଣ୍ଣୟ କରିଦିଅ ଏ ସଂସାରରେ ମଣିଷ କିଏ, ଆଉ ସଇତାନ୍ କିଏ? ନିରୀହ ମଣିଷଙ୍କ ମଗଜକୁ କବ୍‌ଜା କରି ଶାସନଗାଦି ମାଡ଼ି ବସୁଥିବା ଦୁର୍ନୀତିଖୋର ପ୍ରାର୍ଥୀଙ୍କୁ ପାଟିଖୋଲି କହିଦିଅ-''ଆମେ ଧନତନ୍ତ୍ର ନୁହେଁ, ଗଣତନ୍ତ୍ର ଚାହୁଁ। ଭାଇ ଭାଇ ଭିତରେ ଯୁଦ୍ଧ ନୁହେଁ, ଆମେ ଶାନ୍ତି ଚାହୁଁ।''

ଏଣୁ ଆଗାମୀ ନିର୍ବାଚନରେ ଅଭିନେତା ନୁହେଁ, ନେତା ବାଛନ୍ତୁ, ନଚେତ କେବଳ ନାଟକହିଁ ଦେଖିବେ।

ମୋ: ୬୩୭୦୬୪୫୬୭୮୯

## ପାଠକ ଶ୍ରେଷ୍ଠ ବିଚାରକ

### ସବୁ ଅଫିସ୍‌ରେ ସିସିଟିଭି ଲାଗୁ

ମହାଶୟ,

ବର୍ତ୍ତମାନ ଦୁର୍ନୀତି କେଉଁ ଅବସ୍ଥାରେ ପହଞ୍ଚିଛି ତାହା ପ୍ରତ୍ୟେକ ସଚେତନ ନାଗରିକ ଜାଣିଛନ୍ତି। ସରକାରୀ କାର୍ଯ୍ୟାଳୟରେ ଉତ୍କୋଚ କାରବାର ଓ ଶତକଡ଼ା ଦେୟ(ପିସି) କାରବାର ହେବାର ଦୃଶ୍ୟ ସ୍ୱଷ୍ଟ । କାର୍ଯ୍ୟାଳୟରେ ଏପରି ବେନିୟମ କାର୍ଯ୍ୟ ଚାଲିଥିବାର ଅଭିଯୋଗ ପ୍ରମାଣ କରିବା ପାଇଁ ସାକ୍ଷୀ ମିଳନ୍ତି ନାହିଁ। ଅବଶ୍ୟ କ୍ରାଇମ୍ ପାଇଁ ସାକ୍ଷୀ ମିଳନ୍ତି ନାହିଁ। ଅବଶ୍ୟ କ୍ରାଇମ୍ ବ୍ରାଞ୍ଚ ଅଧିକାରୀମାନେ କିଛି ଉତ୍କୋଚସନାକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରଙ୍ଗୀହାତ ଗିରଫ କରୁଥିବାରୁ ପ୍ରଶଂସନୀୟ ଅଟନ୍ତି। ରାଜନୈତିକ ବାହୁଚ୍ଛାୟା ତଳେ ସମସ୍ତ ଅଧିକାରୀ ଓ କର୍ମଚାରୀ ସୁରକ୍ଷିତ ଥିବା ଅନୁମାନ କରାଯାଏ। ପ୍ରତିରକ୍ଷା ଓ ସରକାରଙ୍କ ଗୋପନୀୟ କାର୍ଯ୍ୟ ବିଭାଗକୁ ବାଦ୍ ଦେଇ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ସିସିଟିଭି ସ୍ଥାପନ ହେଲେ ସବୁ ଧରା ପଡ଼ନ୍ତା। ହେଲେ ସିସିଟିଭି କାର୍ଯ୍ୟରତ ଦିବସରେ ଚାଲୁ ରହିବା ଦରକାର। ଏହା କ୍ରାଇମ୍‌ବ୍ରାଞ୍ଚ ତଦାରଖ କଲେ ଠିକ୍ ହେବ।

**-ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ବଳଙ୍ଗା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର-ଜବା
କଟିର ଚାରୁ ଗତି ଭ୍ରୂରୁର ଛାୟା
କପଟହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଲା ଯେବେ ସରସ
ସେ ଦିନ କଥା ଆଜି ପାସୋର କାହିଁ ହେଲା
ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନ୍ତୁ, ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି !
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏୟାରଟେଲ ପକ୍ଷରୁ ଏକ୍ସଟ୍ରିମ୍ ପ୍ରିମିୟମର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୨:** ଏୟାରଟେଲର ନୂଆ ଭିଡିଓ ଷ୍ଟ୍ରିମିଙ୍ଗ୍ ସର୍ଭିସ 'ଏୟାରଟେଲ ଏକ୍ସଟ୍ରିମ୍ ପ୍ରିମିୟମ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା ୧୫ଟି ଭାରତୀୟ ଏବଂ ବିଶ୍ୱସ୍ତରୀୟ ଭିଡିଓ ଓଟିଟିରୁ କଣ୍ଟେଣ୍ଟଗୁଡ଼ିକୁ ଗୋଟିଏ ଆପ୍‌ରେ ଏକତ୍ର କରୁଛି। ଗ୍ରାହକମାନେ ଏୟାରଟେଲ ଏକ୍ସଟ୍ରିମ୍ ପ୍ରିମିୟମରେ ୧୦,୫୦୦ରୁ ଅଧିକ ସିନେମା ଏବଂ କାର୍ଯ୍ୟକ୍ରମର ସର୍ବବୃହତ୍ ତାଲିକା ସମେତ ସୋନି ଲାଇଭ, ଏରୋସ୍‌ନାଓ, ଲାୟନ୍ସଗେଟ୍ ପ୍ଲେ, ହୋଇଚୋଇ, ମନୋରମ ମ୍ୟାକ୍ସ, ସୀମାରୋ, ଅଲ୍‌ଟ୍ରା, ହଙ୍ଗାମାପ୍ଲେ, ଏପିକଅନ୍, ଡକ୍ୟୁବେ, ଡିଭୋଟିଭି, କ୍ଲିକ୍, ଡଲିଉଡ, ସର୍ଟସ ଟିଭି ଭଳି ଲାଇଭ ଚ୍ୟାନେଲଗୁଡ଼ିକୁ ଉପଲବ୍ଧ କରିବେ। ଏହି ସମସ୍ତ କଣ୍ଟେଣ୍ଟ ମାସକୁ ମାତ୍ର ୧୪୯ ଟଙ୍କା ମୂଲ୍ୟରେ ଏୟାରଟେଲ ଗ୍ରାହକଙ୍କ ପାଇଁ ବିଶେଷ ରୂପେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ଏୟାରଟେଲ ଡିଜିଟାଲର ସିଇଓ ଆଦର୍ଶ ନାୟାର କହିଛନ୍ତି, ଏୟାରଟେଲ ଏକ୍ସଟ୍ରିମ୍ ପ୍ରିମିୟମ ହେଉଛି କଣ୍ଟେଣ୍ଟ ଆବିଷ୍କାର, ସୁଲଭତା ଏବଂ ଓଟିଟି କଣ୍ଟେଣ୍ଟର ବିମୁଦ୍ରୀକରଣ କରିବାରେ ଏକ ପରିବର୍ତ୍ତନକାରୀ ଉଦ୍ଭାବନ।

### ସିଡ୍‌ବି ଜରିଆରେ ଏମ୍ଏସ୍ଏମ୍ଇର ସବୁଜୀକରଣ

**ଭୁବନେଶ୍ୱର,୧୦।୨:** ଦେଶର ସବୁ ବର୍ଗର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଗୁଡ଼ିକର ସବୁଜୀକରଣ ପାଇଁ ସ୍ମଲ୍ ଇଣ୍ଡଷ୍ଟ୍ରିଜ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିଡ୍‌ବି) ପକ୍ଷରୁ ଅନେକ ବିକାଶମୂଳକ ଓ ଆର୍ଥିକ ପଦକ୍ଷେପ ଗ୍ରହଣ କରାଯାଇଛି। ସିଡ୍‌ବି ହେଉଛି ଏକ ସର୍ବଭାରତୀୟ ଆର୍ଥିକ ସେବା ପ୍ରଦାନକାରୀ ଅନୁଷ୍ଠାନ। ଏହା ଭାରତୀୟ ଏମ୍ଏସ୍ଏମ୍ଇଗୁଡ଼ିକୁ ସମନ୍ୱିତ କ୍ରେଡିଟ୍ ଓ ବିକାଶ ସହାୟତା ପ୍ରଦାନରେ ନିୟୋଜିତ ରହିଛି। ଏହା ମଧ୍ୟ ଜଳବାୟୁ ଜନିତ ପରିବର୍ତ୍ତନକୁ ଏଡ଼ାଇବା ସହିତ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଏକ ସମର୍ପିତ ଭର୍ଟିକାଲର ସ୍ଥାପନା କରିଛି। ନିକଟରେ ଗ୍ଲାସ୍‌ଗୋଠାରେ ଆୟୋଜିତ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍ (ସିଓପି ୨୬)ରେ ଦେଶର ପ୍ରତିଶ୍ରୁତିବଦ୍ଧତା ଅନୁସାରେ ଏଭଳି ସମସ୍ତ କାର୍ଯ୍ୟ କରାଯାଉଛି।

# ରେକର୍ଡ ସ୍ତରରେ ଅଶୋଧିତ ତୈଳ ଦର

**ନୂଆଦିଲ୍ଲୀ,୧୦।୨**




■ ନିର୍ବାଚନ ପରେ ବଢ଼ିବ ପେଟ୍ରୋଲ ଓ ଡିଜେଲ ଦର
■ କ୍ଷତିରେ ଚାଲୁଛନ୍ତି ତୈଳ ବିପଣନ କମ୍ପାନୀ

ଅନ୍ତଃରାଷ୍ଟ୍ରୀୟ ବଜାରରେ କ୍ରୁଡ୍ ଅଏଲ (ଅଶୋଧିତ ତୈଳ)ର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଏହା ସତ୍ତ୍ୱେ ମଧ୍ୟ ତୈଳ କମ୍ପାନୀଗୁଡ଼ିକ ତୈଳ ଦର ବୃଦ୍ଧିକରି ନାହାନ୍ତି। କ୍ରମାଗତ ଭାବେ ଅଶୋଧିତ ତୈଳ ଦର ବୃଦ୍ଧି ପାଉଥିବାରୁ ପୁଣିଥରେ ତେଲ ଦର ବଢ଼ିବ ବୋଲି ଆଶଙ୍କା କରାଯାଉଛି। ହେଲେ ନିର୍ବାଚନ ପରେ ଏହା ଉପରେ ସରକାର ବିଚାର କରିବା ସହ ଦର ବୃଦ୍ଧି କରିପାରନ୍ତି ବୋଲି କେନ୍ଦ୍ରର ଜଣେ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଛନ୍ତି। ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୯୩ ଡଲାର ଛୁଇଁଥିବା ସୂଚନା ମିଳିଛି।

ଗତବର୍ଷ ନଭେମ୍ବର ୩ ରେ ସରକାର ତୈଳ ଦର ଉପରୁ ଶୁଳ୍କ ହ୍ରାସ କରିଥିଲେ। ଫଳରେ ୨୦୨୧ ନଭେମ୍ବର ୪ରୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥିଯୋଗୁ ତୈଳ ବିପଣନ କମ୍ପାନୀଗୁଡ଼ିକୁ ଲିଟର ପିଛା ୮ ରୁ ୧୦ ଟଙ୍କା ଲେଖାଏଁ କ୍ଷତି ସହିବାକୁ ପଡୁଛି। ସେହିଭଳି ଗତ ଦୀପାବଳି ପୂର୍ବରୁ ଦେଶରେ ଅଶୋଧିତ ତୈଳ ଦର ୮୦ ଡଲାର ଥିଲା। କିନ୍ତୁ ଗତ କିଛିଦିନ ମଧ୍ୟରେ ଦାମ ବୃଦ୍ଧି ପାଇ ପ୍ରାୟ ୯୩ ଡଲାରରେ ପହଞ୍ଚିଛି। ୫ ରାଜ୍ୟର ବିଧାନସଭା ନିର୍ବାଚନ ଯୋଗୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ପାରୁନାହାନ୍ତି। ଫଳରେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି କ୍ଷେତ୍ରରେ ତୈଳ କମ୍ପାନୀଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କ୍ଷତିରେ ଚାଲୁଛନ୍ତି। ଅନ୍ୟପଟେ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଜାରି ରହିଥିବାରୁ ଏହାର ପ୍ରଭାବ ବିଶ୍ୱ ବଜାର ଉପରେ ମଧ୍ୟ ପଡୁଛି। ଫଳରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଯଦି ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୨୫ ଡଲାରରେ ପହଞ୍ଚିଯାଇପାରେ ବୋଲି ବଜାର ବିଶେଷଜ୍ଞଙ୍କମାନେ ଆକଳନ କରୁଛନ୍ତି। କେବଳ ସରକାରୀ ନୁହେଁ, ନିର୍ବାଚନ ପରେ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଦର ବ୍ୟାପକ ଭାବେ ବୃଦ୍ଧି କରିପାରନ୍ତି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ଚିନ୍ତା କରୁଛନ୍ତି। ବର୍ତ୍ତମାନ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୯୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୮୬.୬୭ ଟଙ୍କା ରହିଛି। ତେବେ ଯଦି ଅନ୍ତଃରାଷ୍ଟ୍ରୀୟ ଦର ଅନୁଯାୟୀ ଭାରତରେ ତେଲ ଦାମ ବଢ଼େ ତେବେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୫ ଟଙ୍କାରେ ପହଞ୍ଚିଯିବ। ସେହିଭଳି ଭୁବନେଶ୍ୱରରେ ଗୁରୁବାର ପେଟ୍ରୋଲ ଦର ଲିଟର ପିଛା ୧୦୧.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦର ୯୧.୬୨ ଟଙ୍କାରେ କାରବାର ହେଉଛି। ଦେଶର ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୯.୯୮ ଟଙ୍କା ଥିବାବେଳେ ଡିଜେଲର ଦାମ୍ ୯୪.୧୪ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଲିଟର ପିଛା ୧୦୪.୬୭ ଟଙ୍କା ଓ ଡିଜେଲ ୮୯.୭୯ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ୧୦୧.୪୦ ଟଙ୍କା ଓ ଡିଜେଲ ୯୧.୪୩ ଟଙ୍କାରେ ବିକ୍ରି ହେଉଛି।

# ବିଓବିର ନୂତନ ପରିସର ଉଦ୍‌ଘାଟିତ



**ଅନୁଗୋଳ,୧୦।୨**

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଅନୁଗୋଳ ଜିଲା ପାଇକସାହି ଶାଖାକୁ ନୂତନ ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ବ୍ୟାଙ୍କର ଆବଶ୍ୟକ କାର୍ଯ୍ୟ ଶେଷ ପରେ ଏହାର ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ଅବସରରେ ବ୍ୟାଙ୍କର ପାଟନା ଜୋନ୍‌ର ନେଟ୍‌ୱର୍କ ଡିଜିଏମ୍-୧ ଆର୍.କେ.ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ଉକ୍ତ ନୂଆ ପରିସରରକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରମୁଖ ଏ.ପି.ଦାସଙ୍କ ସମେତ ଉକ୍ତ ଶାଖାର ସମସ୍ତ କର୍ମଚାରୀ ଓ ଗ୍ରାହକ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏସ୍‌ଜି) କୁ ୪୫ ଲକ୍ଷ ଏବଂ ୧୨ଜଣ ପ୍ରମୁଖ ଗ୍ରାହକଙ୍କୁ ୨୫ଲକ୍ଷ ଟଙ୍କାର ମୁଦ୍ରାଋଣର ସ୍ୱୀକୃତିପତ୍ର ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଭାଲେଣ୍ଟାଇନ କଲେକ୍ସନ 'ଫ୍ଲୋରେଓ'ର ଶୁଭାରମ୍ଭ

**ଭୁବନେଶ୍ୱର,୧୦।୨**



ଦେଶର ଅଗ୍ରଣୀ ଓ ବିଶ୍ୱାସଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଭାଲେଣ୍ଟାଇନ କଲେକ୍ସନ 'ଫ୍ଲୋରେଓ'ର ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର କଲେକ୍ସନ 'ଫ୍ଲୋରେଓ' ସମସାମୟିକ ରିଙ୍ଗ୍ ଓ ପେଣ୍ଡାଣ୍ଟରେ ରୋଜ୍ ଗୋଲ୍‌ଡ ଓ ୟେଲୋ ଗୋଲ୍‌ଡରେ ଉପଲବ୍ଧ ରହିଛି। ଏହାର ମୂଲ୍ୟ ୧୨,୦୦୦ ଟଙ୍କାରୁ ଆରମ୍ଭ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ କଲେକ୍ସନ ସହିତ ରିଲାଏନ୍ସ ଜୁଏଲ୍ସ ଏକ ସ୍ୱତନ୍ତ୍ର ଅଫର 'ଡ୍ରିମ୍ ଡାଏମଣ୍ଡ ସେଲ୍' ଜରିଆରେ ଗ୍ରାହକଙ୍କୁ ଡାଏମଣ୍ଡ ଉତ୍ପାଦର ଇନ୍‌ଭଏସ୍ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହା ୨୮ ଫେବୃୟାରୀ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ସେହିଭଳି ସୁନାଗହଣାର ଗଢ଼ା ମଜୁରି ଉପରେ ୨୫%ର ରିହାତି ମଧ୍ୟ ଉପଲବ୍ଧ ଅଛି। ଏହି ଆକର୍ଷଣୀୟ କଲେକ୍ସନ ରିଲାଏନ୍ସ ଜୁଏଲ୍ସର ସମସ୍ତ ଫ୍ଲାଗ୍‌ଶିପ୍ ଶୋ'ରୁମ୍ ସମେତ ଏହାର ବଛା ବଛା ସମ୍ଭାରଗୁଡ଼ିକ ମଧ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ । ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଗ୍ରାହକମାନଙ୍କ ପାଇଁ ଆମେ ଏହି ପ୍ରେମର ସ୍ୱତନ୍ତ୍ର ସପ୍ତାହ ନେଇ ଆସିଛୁ 'ଫ୍ଲୋରେଓ'। ଆମ ଲକ୍ଷ୍ୟ ଗ୍ରାହକମାନଙ୍କୁ ସର୍ବଦା ଉନ୍ନତ ଉତ୍ପାଦ ପ୍ରଦାନ କରିବା। 'ଗ୍ରୋ ଇନ୍ ଲଭ୍' ଦର୍ଶନ ସହିତ ଏହି ଡିଜାଇନଗୁଡ଼ିକ ପ୍ରସ୍ତୁତ କରାଯାଇଛି। ଆମେ ଆଶା କରୁଛୁ ଉକ୍ତ କଲେକ୍ସନ ମାଧ୍ୟମରେ ଗ୍ରାହକମାନେ ସେମାନଙ୍କ ପ୍ରିୟଜନଙ୍କ ସହିତ ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିପାରିବେ। ସେହିଭଳି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଆକର୍ଷଣୀୟ ଡାଏମଣ୍ଡ ଜୁଏଲେରି କଲେକ୍ସନର ଆଧୁନିକ ଡିଜାଇନଗୁଡ଼ିକର ଶୁଭାରମ୍ଭ ମଧ୍ୟ କରାଯାଇଛି।

# ସେନ୍‌ସେକ୍ସ ୪୬୦ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୧୦।୨:** ଦଲାଲ ଷ୍ଟ୍ରିଟ୍‌ର ଟପ୍‌ଲାଇନ ଇକ୍ୱିଟି ଇଣ୍ଡେକ୍ସ କ୍ରମାଗତ ୩ୟ ଦିନ ପାଇଁ ୦.୮%ରୁ ଅଧିକ ବୃଦ୍ଧି ପାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର (ଆର୍‌ବିଆଇ) ମୁଦ୍ରା ନୀତି ବୈଠକର ଫଳାଫଳ ପରେ ଗୁରୁବାର ବଜାର କାରବାର ଭଲ ହୋଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୬୦ ପଏଣ୍ଟ ବୃଦ୍ଧି ପାଇ ୫୮,୯୨୬ ଅଙ୍କରେ ରହିଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ନିଫ୍ଟି ୫୦ରେ ୧୪୨ ପଏଣ୍ଟ ବଢ଼ି ୧୭,୬୦୬ ଅଙ୍କରେ କାରବାର ଶେଷ କରିଛି। ବିଏସ୍ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୪୬୦.୦୬ ପଏଣ୍ଟ (୦.୭୯%) ବୃଦ୍ଧି ଘଟି ୫୮,୯୨୬.୦୩ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ମଧ୍ୟ ୧୪୨.୦୫ ପଏଣ୍ଟ (୦.୮୧%) ବଢ଼ି ୧୭,୬୦୫.୮୫ରେ ରହିଥିବା ସୂଚନା ମିଳିଛି।

# ଏସ୍‌ବିଆଇ ପକ୍ଷରୁ ଏନ୍ଏସ୍ଇ ଏକାଡେମି ସହ ଚୁକ୍ତି

**ଭୁବନେଶ୍ୱର,୧୦।୨**

ଆର୍ଥିକ ସାକ୍ଷରତା ଓ ଆବଶ୍ୟକ କୌଶଳର ପ୍ରସାର କରିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ)ର ଷ୍ଟ୍ରାଟେଜିକ୍ ଟ୍ରେନିଂ ୟୁନିଟ୍ ଓ ଏନ୍ଏସ୍ଇ ଏକାଡେମି ମଧ୍ୟରେ ଏକ ଚୁକ୍ତି (ସହଯୋଗିତା) ସ୍ୱାକ୍ଷର କରାଯାଇଛି। ଏହାର ବିଦ୍ୟାର୍ଥୀମାନେ ଏସ୍‌ବିଆଇର ପ୍ରାରମ୍ଭିକ ୫ଟି ଏମ୍‌ଓଓସି ପାଇଁ ଏନ୍ଏସ୍ଇ ନଲେଜ୍ ହବ୍ ପ୍ଲାଟ୍‌ଫର୍ମରେ ଯୋଡ଼ି ହୋଇପାରିବେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବହୁ ବର୍ଷର ଅଭିଜ୍ଞତା ଥିବା ପେସାଦାର ଓ ଉତ୍କୃଷ୍ଟ ଶିକ୍ଷାବିତ୍‌ଙ୍କ ଦ୍ୱାରା ଏହି ପାଠ୍ୟକ୍ରମଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇର ଡିଏମ୍‌ଡି (ଏଚ୍‌ଆର୍) ଓ ସିଡିଓ ଓମ୍ ପ୍ରକାଶ ମିଶ୍ର କହିଛନ୍ତି,ଏସ୍‌ବିଆଇ ପକ୍ଷରୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆର ସମ୍ପୂର୍ଣ୍ଣ ସହଯୋଗୀ ଏନ୍ଏସ୍ଇ ଏକାଡେମି ସହିତ ସହଯୋଗିତା ସ୍ଥାପନ ହୋଇଛି। ଆମର ବିଶ୍ୱାସ ରହିଛି, ଏହି ସହଯୋଗିତା ଶିକ୍ଷାର୍ଥୀମାନଙ୍କୁ ବିଏଫ୍ଏସ୍ଆଇ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକାରୀ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦେବ। ନିଯୁକ୍ତାଧିକ ପେସା ଆଶାୟୀ ବ୍ୟକ୍ତିବିଶେଷ ଏହାଦ୍ୱାରା ଉପକୃତ ହେବେ। ଏସ୍‌ବିଆଇ ଇ-ପାଠ୍ୟକ୍ରମର ଶିକ୍ଷାର୍ଥୀମାନେ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବାର ବିଭିନ୍ନ ଦିଗ ଉପରେ ଭଲ ଜ୍ଞାନ ଆହରଣ କରିବେ ଏବଂ ସେମାନଙ୍କ ପେସାଦାର ଜୀବନରେ ମୂଲ୍ୟ ଯୋଗ କରିବାରେ ତାହା ସହାୟକ ହେବ। ସେହିଭଳି ଏନ୍ଏସ୍ଇର ଏମ୍‌ଡି ଓ ସିଇଓ, ବିକ୍ରମ ଲିମାୟେ କହିଛନ୍ତି, ଭାରତୀୟ ବିଏଫ୍ଏସ୍ଆଇ କ୍ଷେତ୍ରରେ ନବସୃଜନକୁ ଆଗକୁ ବଢ଼ାଇବାରେ ଏନ୍ଏସ୍ଇ ସର୍ବଦା ଅଗ୍ରଦୂତ ରହିଛି।

## ଫୁରସତ୍

# ବିଜ୍ଞାନ, ପ୍ରଯୁକ୍ତିରେ ମହିଳା ଆଗରେ

### ବିଜ୍ଞାନ କ୍ଷେତ୍ରରେ ଅନ୍ତର୍ଜାତୀୟ ମହିଳା ଏବଂ ବାଳିକା ଦିବସ



ଏବେ ମହିଳା ଏବଂ ବାଳିକାମାନେ ପ୍ରତିଟି କ୍ଷେତ୍ରରେ ଆଗରେ ରହିଛନ୍ତି। ଘର କାମଠାରୁ ଆରମ୍ଭ କରି ଦେଶସୁରକ୍ଷା, ମହାକାଶ ସବୁଠାରେ ମହିଳାଙ୍କର ଯୋଗଦାନ ରହିଛି। ବିଜ୍ଞାନ କ୍ଷେତ୍ରରେ ମହିଳା ଏବଂ ବାଳିକାଙ୍କ ଯୋଗଦାନ ବୃଦ୍ଧି କରିବା ଲାଗି ୨୨ ଡିସେମ୍ବର ୨୦୧୫ରେ ମିଳିତ ଜାତିସଂଘର ସାଧାରଣ ସଭାର ସଂକଳ୍ପ ଅନୁଯାୟୀ ବିଜ୍ଞାନ କ୍ଷେତ୍ରରେ ଅନ୍ତର୍ଜାତୀୟ ମହିଳା ଏବଂ ବାଳିକା ଦିବସ ପାଳନ ଲାଗି ଫେବୃୟାରୀ ୧୧କୁ ସ୍ଥିର କରାଯାଇଥିଲା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳା ଏବଂ ବାଳିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକୁ ଏହି ଦିନଟି ସ୍ୱୀକୃତି ପ୍ରଦାନ କରିଥାଏ।

ଅନ୍ତର୍ଜାତୀୟ ମହିଳା ଏଜେନ୍ସି ଏବଂ ଅନୁଷ୍ଠାନ ତଥା ନାଗରିକ ସମାଜ ସହଭାଗୀମାନଙ୍କ ସହଯୋଗରେ ୟୁନେସ୍କୋ ଏବଂ ଜାତିସଂଘ ମହିଳାମାନଙ୍କ ଦ୍ୱାରା ବିଜ୍ଞାନ କ୍ଷେତ୍ରରେ ଅନ୍ତର୍ଜାତୀୟ ମହିଳା ଏବଂ ବାଳିକା ଦିବସ କାର୍ଯ୍ୟକାରୀ ହୋଇଥାଏ। ଏହି ଦିନର ଉଦ୍ଦେଶ୍ୟ ହେଉଛି ମହିଳା ଏବଂ ବାଳିକାମାନଙ୍କ ପାଇଁ ବିଜ୍ଞାନ କ୍ଷେତ୍ରରେ ଅଂଶଗ୍ରହଣ ଲାଗି ପୂର୍ଣ୍ଣ ଏବଂ ସମାନ ପ୍ରବେଶକୁ ପ୍ରୋତ୍ସାହିତ କରିବା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳା ଏବଂ ବାଳିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଚିହ୍ନିବା ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ଏହି ବାର୍ଷିକ ଦିବସ ପାଳନ ଉପରେ ପୃଥିବୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥାଏ। ସମାଜରେ ମହିଳାଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

# ଜୁନ୍ ୧୦ରେ ମାନୁଷୀଙ୍କ 'ପୃଥ୍ୱୀରାଜ'

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଅକ୍ଷୟ କୁମାର ଏବଂ ମାନୁଷୀ ଛିଲ୍ଲରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ପୃଥ୍ୱୀରାଜ'ର ରିଲିଜ୍ ତାରିଖ ଘୋଷଣା ହୋଇଯାଇଛି। ଚନ୍ଦ୍ର ପ୍ରକାଶ ଦ୍ୱିବେଦୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜୁନ୍ ୧୦ ତାରିଖ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ୨୦୧୭ର ମିସ୍ ୱାର୍ଲ୍ଡ ହୋଇଥିବା ମାନୁଷୀ ପ୍ରଥମ ଥର ପାଇଁ ଚଳଚ୍ଚିତ୍ର ଦୁନିଆର ସଦସ୍ୟ ହେବାକୁ ଯାଉଛନ୍ତି। ଫିଲ୍ମଟି ସମ୍ରାଟ୍ ପୃଥ୍ୱୀରାଜ ଚୌହାନଙ୍କ ବିଜୟ ଗାଥାକୁ ନେଇ ଆଧାରିତ। ଏଥିରେ ଅକ୍ଷୟ ପୃଥ୍ୱୀରାଜଙ୍କ ଚରିତ୍ରରେ ଏବଂ ମାନୁଷୀ ରାଜକୁମାରୀ ସଂଯୋଗିତାଙ୍କ ଭୂମିକାରେ ନଜରକୁ ଆସିବେ। ମୁଭିରେ ସୋନୁ ସୁଦ ଏବଂ ସଞ୍ଜୟ ଦତ୍ତଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ଚନ୍ଦ୍ର ବରଦାଇଙ୍କ ଭୂମିକାରେ ସୋନୁ ଏବଂ ସଞ୍ଜୟ କାକା କାହ୍ନାଙ୍କ ଭୂମିକାରେ ନଜରକୁ ଆସିବେ।

ଗତବର୍ଷ ନଭେମ୍ବରରେ ସିନେମାର ଟିଜର ରିଲିଜ୍ ହୋଇଥିଲା। ଫିଲ୍ମଟି ହିନ୍ଦୀ, ତାମିଲ ଓ ତେଲୁଗୁ ଆଦି ତିନୋଟି ଭାଷାରେ ମୁକ୍ତିଲାଭ କରିବ।



ମାନୁଷୀ ଛିଲ୍ଲର

# ସ୍ୱାସ୍ଥ୍ୟ ପ୍ରତିଷେଧକ ବ୍ୟବସ୍ଥା ଜରୁରୀ



### ବିଶ୍ୱ ରୁଗ୍‌ଣ ଦିବସ

କୁହାଯାଏ ରୋଗରୁ ମୁକ୍ତି ହେବା ଅପେକ୍ଷା ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ସର୍ବୋତ୍ତମ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୧୧ରେ ବିଶ୍ୱ ରୁଗ୍‌ଣ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନ ପାଇଁ ୧୩ ମେ ୧୯୯୨ ରେ ପୋପ୍ ଜନ୍ ପଲ୍‌ଙ୍କ ଦ୍ୱାରା ଘୋଷଣା ହୋଇଥିଲା। ୧୯୯୧ରେ ପୋପ୍ ଜନ୍ ପଲ୍ ଦ୍ୱିତୀୟ ପାର୍କିନ୍ସନ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ଦିବସ ୧୯୯୩ ଫେବୃୟାରୀ ୧୧ଠାରୁ ପ୍ରଥମେ ପାଳନ କରିବା ଆରମ୍ଭ ହୋଇଥିଲା।

ପୂର୍ବରୁ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଚେତନ ହେଲେ ବହୁ ସମସ୍ୟାରୁ ଦୂରେଇ ରହିହୁଏ ବୋଲି ଏହି ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହା ସହିତ ସ୍ୱାସ୍ଥ୍ୟ ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥାଏ।

ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା

ଗୌରବ୍ ପ୍ରୀତ୍ କରାଲୀ (ଗୀତାଂଶ)
ବାପା: ବିକ୍ରାନ୍ତ କୁମାର କରାଲୀ
ମାଁ: ମୁକ୍ତା କରାଲୀ
କେନ୍ଦୁପଡ଼ା, ସୁନ୍ଦରଗଡ଼
ତୁମର ଏଇ ଜନ୍ମ ଦିବସ ଅବସରରେ ବାପା, ମାଁ, ଦାଦା, ଦାଦୀ, ଝିଅ, କାକା, କାକୀ, ଅଜା, ଆଈ, ବଡ଼ମାମୁ, ବଡ଼ମାଈଁ, ବଡ଼ବାପା, ବଡ଼ମାଁ, ଛୋଟମାମୁ, ମାଉସୀ, ବଡ଼ଦାଦା, ବଡ଼ଦାଦୀ, କ୍ରିସ୍‌ଦାଦା, ବିକାଶ କାକା, ବିନିଝିଅ ଓ କରାଲୀ ପରିବାରବର୍ଗ ଭଗବାନଙ୍କ ଠାରେ ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରାର୍ଥନା କରୁଛୁ।
ଧ-୨୩୧୧୦

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଜୟକୃଷ୍ଣ ପଣ୍ଡା
ଓଲ୍‌ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୯୩୨, ଜାନୁୟାରୀ ୨୯
ତିରୋଧାନ: ୨୦୨୨, ଫେବୃୟାରୀ ୦୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୩୧୧୬

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁଯଶଶ୍ରୀ ପାଢ଼ୀ (ଶିରି)
ବି-୮, ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା
ଆବିର୍ଭାବ: ୨୩।୦୩।୧୯୫୦
ତିରୋଧାନ: ୧୧।୦୨।୨୦୨୦
ବିଗତ ଦିନର ଅଭୁଲା ସ୍ମୃତିସବୁ ଆମର ଏକାନ୍ତ ଜୀବନର ପାଥେୟ ହୋଇ ରହୁ। ତୁମର ସ୍ନେହ, ମମତା, ତ୍ୟାଗ, ଆଦର୍ଶ, ସରଳ ନିଷ୍କପଟ ଜୀବନଶୈଳୀ ଆଜି ବି ମାନବପଟରେ ଅବିସ୍ମରଣୀୟ ରହିବ। ତୁମେ ଯେଉଁଠି ଥାଅନା କାହିଁକି ଦିବଂଗତ ଆତ୍ମାର ସଦ୍‌ଗତି ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ନିବେଦନ ।
ଶୋକସନ୍ତପ୍ତ: ସ୍ୱାମୀ: ବଳରାମ ସାହୁ, ପୁତ୍ର: କୁନାଳ, ପୁତ୍ରବଧୂ: ସୋନି, ନାତି: ଆରଭ ।
ଧ-୨୩୧୧୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁଶିବଶଙ୍କର ପଟେଲ
(ପ୍ରଧାନ ଶିକ୍ଷକ), ଟପରିଆ ଉଚ୍ଚ ବିଦ୍ୟାଳୟ
ଗ୍ରା: ଜେ ରାଏବଗା, ସୁନ୍ଦରଗଡ଼
ଆବିର୍ଭାବ-୧୫।୦୫।୧୯୬୩
ତିରୋଧାନ- ୦୧।୦୨।୨୦୨୨
ଆପଣଙ୍କ ବିଦାୟଜନିତ ଶୂନ୍ୟସ୍ଥାନ ଚିର ଅପୂରଣୀୟ, କିନ୍ତୁ ଆପଣଙ୍କ ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ଓ ଆଶୀର୍ବାଦ ଆମ ହୃଦୟରେ ସଦା ସତେଜ ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଦିବ୍ୟ ଆତ୍ମାକୁ ଶରଣ ଦିଅନ୍ତୁ। ଶୋକସନ୍ତପ୍ତ: ମାତା: ବସନ୍ତ ପଟେଲ, ପତ୍ନୀ: ସରୋଜିନୀ ଚୌଧୁରୀ, ପୁତ୍ର: ସୁମନ ରଞ୍ଜନ ପଟେଲ, ପୁତ୍ରବଧୂ: ପୂର୍ଣ୍ଣିମା ନାଏକ, କନ୍ୟା: ଶୁଭଶ୍ରୀ ପଟେଲ, ଜ୍ୱାଇଁ ଆଲୋକ ଚନ୍ଦ୍ର ନାଏକ, ଭଉଣୀ: ନିରୂପା ପଟେଲ, ସରୂପା ପଟେଲ, ଜ୍ୱାଇଁ: ଅଶୋକ ପଟେଲ, ମନୋଜ ଚୌଧୁରୀ, ଭଣଜା: ଅଙ୍କିତ୍ ପଟେଲ, ଅଙ୍କୁଶ ପଟେଲ, ଭାଣିଜୀ: ଦିକ୍ଷା ଚୌଧୁରୀ, ନାତି/ନାତୁଣୀ: ଅନୁପମ ନାଏକ, ଆୟାଂଶ ନାଏକ, ଶ୍ରୀୟାଂଶ ପଟେଲ, ବନ୍ଧୁ ଓ ପରିଜନ ଏବଂ ଛାତ୍ରଛାତ୍ରୀବୃନ୍ଦ ।
ଧ-୨୩୧୧୪




ଓଡ଼ିଶା ଓ ହରିୟାଣା ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍। ଆନ୍ଧ୍ର ପ୍ରଦେଶ ବିପକ୍ଷରେ ବିଜୟୀ ଓଡ଼ିଶା ପୁରୁଷ ଭଲିବଲ୍ ଦଳ କର୍ମକର୍ତ୍ତାଙ୍କ ଗହଣରେ।

# ନକ୍‌ଆଉଟ୍‌ରେ ଓଡ଼ିଶା ମହିଳା, ପୁରୁଷ ଦଳ

**ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍**

**ଭୁବନେଶ୍ୱର, ୧୦।୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୭୦ତମ ଜାତୀୟ ଭଲିବଲ (ମହିଳା/ପୁରୁଷ) ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ହରିୟାଣାକୁ ୩:୦ ସେଟ୍ (୨୫-୨୦, ୨୫-୨୨ ଓ ୨୫-୧୬)ରେ ପରାସ୍ତ କରି ମହିଳା ଦଳ ପୁଲ୍ ଚାମ୍ପିୟନ ହୋଇଛି। ଦଳର ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ଦଳ ପକ୍ଷରୁ ମୋନାଲିସା ପାତ୍ର (ଲିବରୋ) ଓ ଆଞ୍ଜେଲ ଯୋଶେଫ୍ (ସେଣ୍ଟର ବ୍ଲକ)ଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଅନ୍ୟପକ୍ଷରେ ପୁରୁଷ ଦଳ ୩:୨ ସେଟ୍ (୨୫-୨୭, ୧୯-୨୫, ୨୫-୨୨, ୨୫-୨୧ ଓ ୧୫-୧୦)ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଦଳ କ୍ରମାଗତ ଚତୁର୍ଥ ବିଜୟ ସହ ପୁଲ୍ ଚାମ୍ପିୟନ ହୋଇ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି।

ମହିଳା ବିଭାଗରେ ଅନୁଷ୍ଠିତ ଅନ୍ୟ ମ୍ୟାଚଗୁଡ଼ିକରେ ପଞ୍ଜାବ ଲଦାଖକୁ, ତେଲଙ୍ଗାନା ଝାଡ଼ଖଣ୍ଡକୁ, ରାଜସ୍ଥାନ ଆସାମକୁ, ପଶ୍ଚିମବଙ୍ଗ ମହାରାଷ୍ଟ୍ରକୁ, ହିମାଚଳପ୍ରଦେଶ ଦିଲ୍ଲୀକୁ ଏବଂ ଗୁଜରାଟ ପଞ୍ଜାବକୁ ସମାନ ୩:୦ ସେଟ୍‌ରେ ହରାଇ ଦେଇଛନ୍ତି। ତାମିଲନାଡୁ ଆନ୍ଧ୍ର ପ୍ରଦେଶକୁ ୩:୧ ସେଟ୍‌ରେ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗରେ ଦିଲ୍ଲୀ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ଚଣ୍ଡିଗଡ଼, ସର୍ଭିସେସ୍ ଓ କେରଳ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା, ଏମ୍‌ପି ତଥା ଭାରତ ଭଲିବଲ ମହାସଂଘର ସଭାପତି ଓଡ଼ିଶା ଦଳର ପ୍ରଦର୍ଶନକୁ ଉଚ୍ଚପ୍ରଶଂସା କରିବା ସହ ଆଗାମୀ ମ୍ୟାଚଗୁଡ଼ିକ ଲାଗି ଶୁଭକାମନା କରିଛନ୍ତି।

## ଅଷ୍ଟ୍ରେଲିଆ ଟି୨୦ ଦଳରେ ୨ ପରିବର୍ତ୍ତନ

**ସିଡ୍‌ନୀ, ୧୦।୨(ଏପି):** ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ନଭେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ପ୍ରଥମ ଥର ଟି୨୦ ବିଶ୍ୱକପ୍ ଜିତିଥିବା ଦଳରେ ୨ ଖେଳାଳି ପରିବର୍ତ୍ତନ କରାଯାଇଛି। ଶୁକ୍ରବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଏହି ମ୍ୟାଚ ଖେଳାଯିବ। ଘରୋଇ ଟି୨୦ ପ୍ରତିଯୋଗିତାର ଟପ୍ ସ୍କୋରର ଡେଭିଡ୍ ୱାର୍ନରଙ୍କୁ ବିଶ୍ରାମ ଦିଆଯାଇଛି। ଅଧିନାୟକ ଆରୋନ୍ ଫିଞ୍ଚଙ୍କ ସହ ସେ ବ୍ୟାଟିଂ ଓପନ କରିବେ। ମିଚେଲ ମାର୍ଶଙ୍କ ସ୍ଥାନରେ ଜୋଶ ଇଂଲିଶଙ୍କୁ ଦଳରେ ସାମିଲ କରାଯାଇଛି। ସେ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିବେ। ମାଥ୍ୟୁ ୱେଡ୍ ଉଇକେଟ କିପିଂ କରିବେ। ସିରିଜର ଦ୍ୱିତୀୟ ମ୍ୟାଚ ସମାନ ଏସ୍‌ସିଜି ଗ୍ରାଉଣ୍ଡରେ ରବିବାର ଖେଳାଯିବ। ତୃତୀୟ ମ୍ୟାଚ ମଙ୍ଗଳବାର କାନବେରାର ମନୁକା ଓଭାଲଠାରେ ଖେଳାଯିବ।

## ଫ୍ରେଞ୍ଚ୍ କ୍ଲବ ସହ ଚୁକ୍ତି କଲେ ସାଥିୟାଁ




**ନୂଆଦିଲ୍ଲୀ, ୧୦।୨ (ପି.ଟି.):** ଭାରତର ଟପ୍ ଟେବୁଲ ଟେନିସ (ଟିଟି) ଖେଳାଳି ଜି. ସାଥିୟାଁ ୨୦୨୨-୨୩ ସିଜନ ପାଇଁ ଟପ୍ ଟିଅର ଫ୍ରେଞ୍ଚ ପ୍ରୋ-ଏ' ଲିଗ୍ କ୍ଲବ ଜୁରା ମୋରେଜ ଟେନିସ ଡି' ଟେବୁଲ ସହ ଚୁକ୍ତି କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ପାଇଁ ନିଜକୁ ପ୍ରସ୍ତୁତ କରିବା କ୍ଷେତ୍ରରେ ଏହା ଶ୍ରେଷ୍ଠ ସୁଯୋଗ ବୋଲି କୁହାଯାଇପାରେ। ଏହି ୨୯ ବର୍ଷୀୟ ଟେବୁଲ ଟେନିସ ଖେଳାଳି ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ବର୍ତ୍ତମାନ ସେ ଏକ ସମ୍ମାନଜନକ ଲିଗ୍‌ରେ ଖେଳିବାକୁ ଯାଉଛନ୍ତି। ବିଶ୍ୱର ୩୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଚାଇନାର ହାଙ୍ଗ୍‌ଝୋରେ ଏସିଆନ ଗେମ୍ସ ପରେ ସେ ଫ୍ରାନ୍ସରେ ତାଙ୍କ ପଦାର୍ପଣ କରିବେ। ଚେନ୍ନାଇର ସାଥିୟାଁ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେ ଆହୁରି ମଧ୍ୟ ପଲିଶ ସୁପର ଲିଗ୍‌ରେ ଏସ୍‌ଏ ଜାରୋସ୍ଲା ତରଫରୁ ଖେଳିଥିଲେ।

# ଓଡ଼ିଶା ପ୍ରଥମେ ଗୋଆକୁ ଭେଟିବ

**ରଣଜୀ ଟ୍ରଫି କ୍ରିକେଟ**

**ଭୁବନେଶ୍ୱର, ୧୦।୨ (କ୍ରୀଡ଼ା ପ୍ରତିନିଧି)**

ଆଗାମୀ ରଣଜୀ ସିଜନ ପାଇଁ ଏଲିଟ୍ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଗୋଆ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଚଳିତ ମାସ ୧୭ରୁ ଆରମ୍ଭ ହୋଇ ୨୦ ପର୍ଯ୍ୟନ୍ତ ଚାଲିବ। ଏହାପରେ ୨୪ରୁ ୨୭ ପର୍ଯ୍ୟନ୍ତ ଦଳ ସୌରାଷ୍ଟ୍ର ବିପକ୍ଷ ମ୍ୟାଚରେ ଅବତୀର୍ଣ୍ଣ ହେବ। ରଣଜୀ ଟ୍ରଫିର ସବୁଠାରୁ ସଫଳ ଦଳ ମୁମ୍ବାଇ ବିପକ୍ଷରେ ଓଡ଼ିଶା ମାର୍ଚ୍ଚ ୩ରୁ ୬ ପର୍ଯ୍ୟନ୍ତ ଖେଳିବ। ଓଡ଼ିଶା ଗ୍ରୁପ୍‌ର ମ୍ୟାଚଗୁଡ଼ିକ ଅହମଦାବାଦରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ଗୁରୁବାର ଅହମଦାବାଦ ଯାତ୍ରା କରିଛି। ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ମ୍ୟାଚ ଖେଳିବା ପୂର୍ବରୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ପ୍ରୋଟୋକଲ ଅନୁସାରେ ୧୦ରୁ ୧୪ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍ ଅବଧି ରହିବ। କୋଭିଡ୍ ଟେଷ୍ଟ ନେଗେଟିଭ୍ ଆସିଲେ ୧୫ ଓ ୧୬ ତାରିଖରେ ପିଲାମାନେ ଅଭ୍ୟାସ କରିବେ। ୧୭ ତାରିଖରୁ ମ୍ୟାଚ ଆରମ୍ଭ ହେବ। ଓଡ଼ିଶା ଦଳର ଖେଳାଳିମାନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶାର କାର୍ଯ୍ୟସୂଚୀ**

ଫେବୃୟାରୀ ୧୭ରୁ ୨୦: ଓଡ଼ିଶା ବନାମ ଗୋଆ

ଫେବୃୟାରୀ ୨୪ରୁ ୨୭: ଓଡ଼ିଶା ବନାମ ସୌରାଷ୍ଟ୍ର

ମାର୍ଚ୍ଚ ୩ରୁ ୬: ଓଡ଼ିଶା ବନାମ ମୁମ୍ବାଇ



ରଣଜୀ ଟ୍ରଫି ଖେଳିବା ପାଇଁ ଗୁରୁବାର ଅହମଦାବାଦ ଯାତ୍ରା କରିଥିବା ଓଡ଼ିଶା ଦଳ।

## ଟାଇଟଲ ବଜାୟ ରଖିଲେ କ୍ଲୋ କିମ୍



କ୍ଲୋ କିମ

**ବେଜିଂ, ୧୦।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ୱିଣ୍ଟର ଅଲିମ୍ପିକ୍ସରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର କ୍ଲୋ କିମ୍ ସ୍ନୋବୋର୍ଡ ହାଫ୍‌ପାଇପ୍ ଇଭେଣ୍ଟରେ ଟାଇଟଲ ବଜାୟ ରଖିଛନ୍ତି। ଫଳରେ ଅଲିମ୍ପିକ୍ସର ଏହି ଇଭେଣ୍ଟରେ କ୍ରମାଗତ ଦ୍ୱିତୀୟ ଥର ସ୍ୱର୍ଣ୍ଣ ଜିତିବାରେ ସେ ପ୍ରଥମ ମହିଳା ବିବେଚିତ ହୋଇଛନ୍ତି। ଆମେରିକାର ଏହି ୨୧ ବର୍ଷୀୟା ୯୪.୦୦ ସ୍କୋର କରିଥିଲେ। ସ୍ପେନର କ୍ୱେରାଲ୍ଟ କାଷ୍ଟିଲେଟ୍ (୯୦.୨୫) ଓ ଜାପାନର ସେନା ଟୋମିଟା (୮୮.୨୫) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ।

**ପିତାଙ୍କ ପରେ ପୁତ୍ର**

ଅଷ୍ଟ୍ରିଆନ ସ୍କିଅର ଜୋହାନେସ୍ ଷ୍ଟୋଲ୍‌ଜ ପୁରୁଷ ଆଲ୍‌ପାଇନ୍ କମ୍ବାଇନ୍‌ଡ ରେସ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନରୱେର ଆଲେକ୍‌ଜାଣ୍ଡର ଆମୋଡିଟ୍ କିଲ୍‌ଡେ ଓ କାନାଡାର ଜେମ୍ସ କ୍ରଫୋର୍ଡ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୩୪ ବର୍ଷ ପୂର୍ବେ ତାଙ୍କ ପିତା ହୁବର୍ଟ କାଲଗାରିରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଏହି ସଫଳତା ହାସଲ କରିଥିଲେ।

## ଇଜନରଙ୍କ ସଂଘର୍ଷପୂର୍ଣ୍ଣ ବିଜୟ

**ଡଲାସ, ୧୦।୨ (ଏପି):** କେଭିନ୍ ଆଣ୍ଡରସନଙ୍କୁ ପରାସ୍ତ କରି ଜନ୍ ଇଜନର ନିଜ ସହରରେ ଡଲାସ ଓପନ ଟେନିସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୮ ୱିମ୍ବଲଡନ ମାରାଥନ ସେମିଫାଇନାଲ ପରେ ଦୁଇ ଖେଳାଳି ପ୍ରଥମ ଥର ଏକ ପ୍ରତିଯୋଗିତାରେ ପରସ୍ପରକୁ ଭେଟିଥିଲେ। ମ୍ୟାଚର ତିନୋଟି ସେଟ୍ ଟାଇବ୍ରେକର ସ୍ତରକୁ ଯାଇଥିଲା। ଇଜନର ଦକ୍ଷିଣ ଆଫ୍ରିକାର ଆଣ୍ଡରସନଙ୍କୁ ୭-୬ (୧), ୬-୭ (୭) ଓ ୭-୬ (୫)ରେ ପରାସ୍ତ କରିଥିଲେ। ୨୦୧୮ ୱିମ୍ବଲଡନ ସେମିଫାଇନାଲରେ ଇଜନର ଓ ଆଣ୍ଡରସନଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଦୀର୍ଘ ୬ଘଣ୍ଟା ୩୬ ମିନିଟରେ ଶେଷ ହୋଇଥିଲା। ୱିମ୍ବଲଡନର ୧୩୪ ବର୍ଷ ଇତିହାସରେ ଏହା ଥିଲା ଦ୍ୱିତୀୟ ଦୀର୍ଘତମ ମ୍ୟାଚ। ଆଣ୍ଡରସନ ଏହି ମ୍ୟାଚରେ ବିଜୟ ଲାଭ କରିଥିଲେ ମଧ୍ୟ ଫାଇନାଲରେ ନୋଭାକ୍ ଜୋକୋଭିଚ୍‌ଙ୍କ ଠାରୁ ହାରି ଯାଇଥିଲେ।

# ଓଡ଼ିଶା ମହିଳା ଫୁଟବଲ ଲିଗ୍ ଜର୍ସି ଉନ୍ମୋଚିତ




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଜର୍ସି ଉନ୍ମୋଚନ ଅବସରରେ କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟମାନଙ୍କ ସହ ୬ ଦଳର ଅଧିନାୟିକା।

**ଭୁବନେଶ୍ୱର, ୧୦।୨(କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହେବ। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଫାଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଅଂଶଗ୍ରହଣକାରୀ ୬ ଦଳର ଜର୍ସି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏଏଫ୍‌ସି ଏସିଆନ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦୁଇ ଖେଳାଳି ପ୍ୟାରୀ ଖାଖା ଓ ମନୀଷା ପାନ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ ଏହି ଅବସରରେ ଉପସ୍ଥିତ ଥିଲେ।

ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମ ଏବଂ କ୍ୟାପିଟାଲ ଗ୍ରାଉଣ୍ଡରେ ଡବଲ୍ ଲେଗ୍ ଫର୍ମାଟରେ ଅନୁଷ୍ଠିତ ହେବ। ଲିଗ୍‌ରେ ସାଇ-ଏସ୍‌ଟିସି, ଇଷ୍ଟକୋଷ୍ଟ ରେଲୱେ, ଓଡ଼ିଶା ପୋଲିସ, ସ୍ପୋର୍ଟ୍ସ ଓଡ଼ିଶା, ଓଜିପି କ୍ଲବ ଏବଂ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଅଂଶଗ୍ରହଣ କରିବେ। ୭ମ ଦଳ ଭାବେ ୧୮ ବର୍ଷରୁ କମ୍ ଓଡ଼ିଶା ଦଳକୁ କାର୍ଯ୍ୟସୂଚୀରେ ସାମିଲ କରାଯାଇଛି। ଏହି ଦଳ ୫ଟି ମ୍ୟାଚ ଖେଳିବ ସତ, ମାତ୍ର ଏହା ପଏଣ୍ଟ ଟେବୁଲର ଅଂଶବିଶେଷ ହେବ ନାହିଁ। ଲିଗ୍‌ର ଚାମ୍ପିୟନ ଦଳ ଇଣ୍ଡିଆନ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ସର୍ବଭାରତୀୟ ଫୁଟବଲ ଫେଡେରେଶନ ପକ୍ଷରୁ ଏହି ଲିଗ୍ ପରେ ଆୟୋଜନ ହେବ। ଓଡ଼ିଶାରେ କ୍ରୀଡ଼ା ବିଶେଷକରି ଫୁଟବଲର ବିକାଶ ପାଇଁ ସମର୍ଥନ ଯୋଗାଇ ଦେଇ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଚିବ ଭିନିଲ କ୍ରିଷ୍ଣାଙ୍କୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଧନ୍ୟବାଦ ଜଣାଇଛନ୍ତି।

# ଭାରତ ଆସିବ ନାହିଁ ନେଦରଲାଣ୍ଡ୍ସ ମହିଳା ଦଳ

**ନୂଆଦିଲ୍ଲୀ/ ଆମଷ୍ଟରଡାମ୍, ୧୦।୨ (ପି.ଟି.):** ନେଦରଲାଣ୍ଡ୍ସରେ କରୋନା ମହାମାରୀର ନୂଆ ଭାରିଆଣ୍ଟ ଓମିକ୍ରନ ବ୍ୟାପିବାରେ ଲାଗିଥିବାରୁ ଡଚ୍ ମହିଳା ଦଳ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ ଖେଳିବା ଲାଗି ଭାରତ ଆସିବ ନାହିଁ। ଏହି ମ୍ୟାଚ ଦୁଇଟି ପଛକୁ ପଛ ଫେବୃୟାରୀ ୧୯ ଓ ୨୦ରେ ଭୁବନେଶ୍ୱରରେ ଖେଳାଯିବା କରିଛି। ନେଦରଲାଣ୍ଡ୍ସରେ ଓମିକ୍ରନ ସଂକ୍ରମଣ ଦ୍ରୁତ ବ୍ୟାପିବାରେ ଲାଗିଥିବାରୁ ତାକୁ ଭିତ୍ତି କରି କମିଟି ଏହି ପରାମର୍ଶ ଦେଇଥିବା ଡଚ୍ ଫେଡେରେଶନ କହିଛି। ଖେଳାଳି, ଷ୍ଟାଫ୍ ଓ ଡଚ୍ ଜାତୀୟ ଦଳ ସହିତ ଆଲୋଚନା ପରେ ବର୍ତ୍ତମାନ ପରିସ୍ଥିତିରେ ଭାରତ ଗସ୍ତ କରିବା ଉଚିତ ହେବ ନାହିଁ ବୋଲି ମନେ କରାଯାଇଥିଲା। ଡଚ୍ ଫେଡେରେଶନ କହିଛି। ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗମବାମ୍ ନେଦରଲାଣ୍ଡ୍ସର ଏହି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଭାରତରେ ପଜିଟିଭ ରେଟ୍ ୫ ପ୍ରତିଶତ ତଳେ ରହିଥିବାରୁ ମ୍ୟାଚ ଆୟୋଜନରେ କୌଣସି ଅସୁବିଧା ହୋଇ ନ ଥାନ୍ତା ବୋଲି ଦୃଢ଼ତାର ସହ କହିଛନ୍ତି। ୩ ମାସ ତଳେ ସମାନ ଭେନ୍ୟୁରେ ୧୬ଟି ଦଳକୁ ନେଇ ଏଫ୍‌ଆଇଏଚ୍ ହକି ପୁରୁଷ ଜୁନିୟର ବିଶ୍ୱକପ୍ ସଫଳତାର




**ଭୁବନେଶ୍ୱରରେ ହୋଇଥାନ୍ତା ମ୍ୟାଚ୍**

କାର୍ଯ୍ୟକ୍ରମ ରହିଥିଲା। ମ୍ୟାଚ ଦୁଇଟିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖି ପରେ ଖେଳାଯିବା ବ୍ୟବସ୍ଥା କରିବା ଲାଗି ରୟାଲ ଡଚ୍ ହକି ଆସୋସିଏଶନ (କେଏନ୍‌ଏଚ୍‌ବି) ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)କୁ ଅନୁରୋଧ କରିଛି। ଡଚ୍ ଟିମ୍ ଓହରିଯିବା ନେଇ ଗୁରୁବାର ହକି ଇଣ୍ଡିଆ ଆଶ୍ଚର୍ଯ୍ୟ ପ୍ରକାଶ କରିଛି। କେଏନ୍‌ଏଚ୍‌ବି ମେଡିକାଲ କମିଟି ଜାନୁୟାରୀରେ ଆନ୍ତଃମହାଦେଶୀୟ ଗସ୍ତ ନେଇ ଏକ ନକାରାତ୍ମକ ପରାମର୍ଶ ଜାରି ଭାରତ ଗସ୍ତ କରିବା ଲାଗି ହାତରେ ମାତ୍ର ୬ ଦିନ ସମୟ ରହିଛି। ନେଦରଲାଣ୍ଡ୍ସରେ ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଭାରତ ଗସ୍ତ କଲେ ସେଠାରେ କୋଭିଡ୍ ଟେଷ୍ଟରେ ହୁଏତ ବହୁ ପଜିଟିଭ ବାହାରିପାରନ୍ତି। ଏପରି ହେଲେ କ୍ୱାରାଣ୍ଟାଇନରେ ରହିବା ବାଧ୍ୟତାମୂଳକ। ଅଧିକ ସଂଖ୍ୟାରେ ସଂକ୍ରମିତ ବାହାରିଲେ ମ୍ୟାଚ ଖେଳାଯିବା ସମ୍ଭବ ହେବ ନାହିଁ ଏବଂ ଶେଷରେ ଘରବାହୁଡ଼ା କରିବାକୁ ହୋଇପାରେ ବୋଲି ସହ ଅନୁଷ୍ଠିତ ହୋଇପାରିଥିଲା ବୋଲି କହିଛନ୍ତି। ନେଦରଲାଣ୍ଡ୍ସର ଏହି ନିଷ୍ପତ୍ତିକୁ ନେଇ ହକି ଇଣ୍ଡିଆ ଏଫ୍‌ଆଇଏଚ୍ ନିକଟରେ ଏହାର ଅସନ୍ତୋଷ ପ୍ରକାଶ କରିଛି। ସୂଚନାଯୋଗ୍ୟ, ଭାରତ ମହିଳା ଦଳ ପ୍ରଥମ ଥର ଏହି ଲିଗ୍‌ରେ ଭାଗ ନେଇଛି। ଓମାନର ମସ୍କଟଠାରେ ଚାଇନା ବିପକ୍ଷରେ ଜାନୁୟାରୀ ୩୧ ଓ ଫେବୃୟାରୀ ୨ରେ ପଛକୁ ପଛ ଖେଳାଯାଇଥିବା ଦୁଇଟି ମ୍ୟାଚରେ ଦଳ ବିଜୟ ଲାଭ କରିଛି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ଲିଗ୍‌ରେ ଏପର୍ଯ୍ୟନ୍ତ ତିନୋଟି ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ ଗୋଟିଏ ଡ୍ର' ରଖିଛି।

# କ୍ଲିନ୍‌ସୁଇପ୍ ଲକ୍ଷ୍ୟରେ ଭାରତ

**ଅହମଦାବାଦ, ୧୦।୨ (ପି.ଟି.)**

ଭାରତ ଶୁକ୍ରବାର ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଖେଳିବ। ପ୍ରଥମ ଦୁଇଟି ମ୍ୟାଚରେ ସହଜ ବିଜୟ ହାସଲ କରିସାରିଥିବାରୁ ଦଳ ଏହି ମ୍ୟାଚରେ ମଧ୍ୟ ବିଜୟ ହାସଲ କରିବା ଲକ୍ଷ୍ୟରେ ଥିବ। ଶିଖର ଧାୱନ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହେବ। ଦିନିକିଆ ସିରିଜ ଆରମ୍ଭ ହେବାର ଚାରି ଦିନ ପୂର୍ବରୁ ସିନିୟର ଓପନର ଶିଖର ଧାୱନଙ୍କ ସମେତ ୪ ଖେଳାଳି କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ରିଜର୍ଭ ବୋଲର ମଧ୍ୟ ରହିଥିଲେ। ଫଳତଃ ଭାରତ ଏହାର ଓପନିଂ କମ୍ବିନେଶନରେ କେତେକ ପରିବର୍ତ୍ତନ କରିପାରେ। ଧାୱନଙ୍କ ଅନୁପସ୍ଥିତିରେ ରୋହିତ ଶର୍ମାଙ୍କ ସହ ପ୍ରଥମ ମ୍ୟାଚରେ ଇଶାନ କିଶନ ଓ ଦ୍ୱିତୀୟ ମ୍ୟାଚରେ ରିଷଭ ପନ୍ତ ଓପନ କରିଥିଲେ। ବୁଧବାର ଦ୍ୱିତୀୟ ଗେମ୍ ୪୪ରନରେ ବିଜୟ ଲାଭ କରିବା ପରେ ଭାରତ ଅଧିନାୟକ ରୋହିତ ଶର୍ମା ସ୍ପଷ୍ଟ କରିଛନ୍ତି ଯେ, ଦିନିକିଆ ସିରିଜର




ନେଟ୍ସରେ ଅଭ୍ୟାସ ଅବସରରେ ଲୋକେଶ ରାହୁଲ, ଶିଖର ଧାୱନ ଓ ରୋହିତ ଶର୍ମା।

ଶେଷ ମ୍ୟାଚରେ ଧାୱନ ଦଳକୁ ଫେରିବେ। ଏଥିରୁ ବୁଝାପଡୁଛି ଉପଅଧିନାୟକ କେ.ଏଲ୍. ରାହୁଲ ଓ ପୂର୍ବତନ ଅଧିନାୟକ ବିରାଟ କୋହଲି ମିଡଲ ଅର୍ଡରରେ ବ୍ୟାଟିଂ କରିବେ। କୋହଲି ତାଙ୍କର ୭୧ତମ ଅନ୍ତର୍ଜାତୀୟ ଶତକ ସନ୍ଧାନରେ ଅଛନ୍ତି। ଭାରତ ଗତ ମ୍ୟାଚରେ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୨୩୭ ରନ କରିଥିଲା। ଏହା ଯଥେଷ୍ଟ ମନେ ହେଉ ନ ଥିଲା। ଶୁକ୍ରବାର ଯଦି ପୁଣି ପ୍ରଥମେ ବ୍ୟାଟିଂ କରିବାକୁ ପଡ଼େ ତେବେ ବଡ଼ ସ୍କୋର ଛିଡ଼ା କରିବା ଲାଗି ଚାହିଁବ ଭାରତ। ଗତ ଗେମ୍‌ରେ ଅଧିନାୟକ ରୋହିତ ବିଫଳ ହୋଇଥିଲେ। କିନ୍ତୁ ଏହି ଷ୍ଟାର କ୍ରିକେଟର ଯେ କୌଣସି ଦିନ ତାଙ୍କ କମାଲ ଦେଖାଇପାରନ୍ତି। ଏକଥା ସମସ୍ତେ ଜାଣନ୍ତି। ଧାୱନଙ୍କ କ୍ଷେତ୍ରରେ ମଧ୍ୟ ସେଇଆ। ପନ୍ତ ମିଡ୍‌ଲ ଅର୍ଡରକୁ ଫେରିବେ। ଦ୍ୱିତୀୟ ମ୍ୟାଚରେ ଟପ୍ ଅର୍ଡର ଭୁଶୁଡ଼ି ପଡ଼ିବା ପରେ ଦଳର ଟପ୍ ସ୍କୋରର ହୋଇଥିବାରୁ ସୂର୍ଯ୍ୟକୁମାର ଯାଦବ ଦଳରେ ତାଙ୍କ ସ୍ଥାନ ବଜାୟ ରଖିବେ ବୋଲି ଆଶା। ଚୂଡ଼ାନ୍ତ ଏକାଦଶରେ ଧାୱନ ପ୍ରବେଶ କଲେ ଦୀପକ ହୁଡା ବାଦ୍ ପଡ଼ିବେ। ସିରିଜର ଅନ୍ତିମ ମ୍ୟାଚକୁ ଭଲ ଭାବେ ଶେଷ କରିବାକୁ ହେଲେ ସମସ୍ତ ମିଡ୍‌ଲ ଅର୍ଡର ବ୍ୟାଟର ପନ୍ତ, ସୂର୍ଯ୍ୟକୁମାର, କୋହଲି ଓ ରାହୁଲଙ୍କୁ ଅଧିକ ରନ ସଂଗ୍ରହ କରିବାକୁ ପଡ଼ିବ। ଶ୍ରେୟାସ ଆୟାର ଯଦି ଉପଲବ୍ଧ ହୁଅନ୍ତି ତେବେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ନେବା ଲାଗି ବିଚାର କରାଯାଇପାରେ। ପ୍ରଥମ ଦୁଇଟି ଯାକ ମ୍ୟାଚରେ ଭାରତୀୟ ବୋଲରମାନେ ଭଲ ପ୍ରଦର୍ଶନ କରିଛନ୍ତି। ଭ୍ରମଣକାରୀ ଦଳର ଇନିଂସକୁ ୧୭୬ ଓ ୧୯୩ରନରେ ସୀମିତ କରିବାରେ ସେମାନେ ସକ୍ଷମ ହୋଇଛନ୍ତି। ଯୁଜବେନ୍ଦ୍ର ଚହଲ କିମ୍ବା ୱାଶିଂଟନ ସୁନ୍ଦରଙ୍କ ମଧ୍ୟରୁ କାହାରିକୁ ବିଶ୍ରାମ ଦିଆଯାଇ ଅନ୍ୟ ଜଣେ ଯୁବ ବୋଲରଙ୍କୁ ହୁଏତ ଏହି ମ୍ୟାଚରେ ସୁଯୋଗ ଦିଆଯାଇପାରେ। ୱେଷ୍ଟଇଣ୍ଡିଜ ଏହାର ଗତ ୧୭ଟି ଅନ୍ତର୍ଜାତୀୟ ଦିନିକିଆ ମଧ୍ୟରୁ ୧୧ଟିରେ ୫୦ ଓଭର କୋଟା ବ୍ୟାଟିଂ କରିପାରି ନାହିଁ। ଅଧିନାୟକ କିରନ ପୋଲାର୍ଡ, ଅଲରାଉଣ୍ଡର ଜାସନ ହୋଲ୍ଡର, ଶାଇ ହୋପ୍, ବ୍ରାଣ୍ଡନ କିଙ୍ଗ୍ ଓ ବିସ୍ଫୋରକ ବ୍ୟାଟର ନିକୋଲାସ ପୁରନ ଆସନ୍ତା ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ଚାହିଁବେ। ୱେଷ୍ଟଇଣ୍ଡିଜର ବୋଲିଂ ଲାଇନ୍ ଅପ୍ ଠିକ୍ ରହିଛି। ଦ୍ୱିତୀୟ ଦିନିକିଆରେ ସେମାନେ ଭାରତ ବ୍ୟାଟିଂରେ ଅଙ୍କୁଶ ଲଗାଇବାରେ ସମର୍ଥ ହୋଇଥିଲେ।

**ମ୍ୟାଚ ଆରମ୍ଭ : ଅପରାହ୍ନ ୧ଟା ୩୦**
**ପ୍ରସାରଣ: ଷ୍ଟାର ନେଟ୍‌ୱର୍କ**



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Friday, February 11/2022 | ପୃଷ୍ଠା-୧




**୧୭ରେ ୟାମିଙ୍କ ‘ଏ ଥର୍ସଡେ’**

ଅଭିନେତ୍ରୀ ୟାମି ଗୌତମଙ୍କ ଆଗାମୀ ମୁଭି ‘ଏ ଥର୍ସଡେ’ ଫେବୃୟାରୀ ୧୭ରେ ମୁକ୍ତିଲାଭ କରିବ।


୦୬ ୦୩


**ମାଲ୍ୟାଙ୍କୁ ଶେଷ ସୁଯୋଗ**

ବିଜୟ ମାଲ୍ୟାଙ୍କୁ ଫେବୃୟାରୀ ୨୪ରେ ଅଦାଲତରେ ହାଜର ହୋଇ ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ଶେଷ ସୁଯୋଗ ଦେଇଛନ୍ତି।



# କେନ୍ଦ୍ରରେ ପହଞ୍ଚିନି ବିଧାନ ପରିଷଦ ସଂକଳ୍ପ

- ବିଜେଡିର ରାଜନୈତିକ ଲାଭ ଉଠାଇବାର ପ୍ରୟାସ: ପୂଜାରୀ
- ଶ୍ରୀରାମଙ୍କ ନାମରେ ଭାଜପା ସବୁକିଛି ଚଳାଇଛି : ପିନାକୀ
- ଭାଜପା-ବିଜେଡି ମଧ୍ୟରେ ସମ୍ପୂର୍ଣ୍ଣ ବୁଝାମଣା ରହିଛି: ସପ୍ତଗିରି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**

ଓଡ଼ିଶାରେ ବିଧାନ ପରିଷଦ ଗଠନ ସମ୍ପର୍କିତ କୌଣସି ସଂକଳ୍ପ କେନ୍ଦ୍ର ସରକାରଙ୍କ ହସ୍ତଗତ ହୋଇନାହିଁ। ଏଭଳି କିଛି ସଂକଳ୍ପ କେନ୍ଦ୍ର ପାଖରେ ପହଞ୍ଚି ନାହିଁ ବୋଲି କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରେନ୍ ରିଜିଜୁ ଗୁରୁବାର ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି। ରିଜିଜୁଙ୍କ ଏଭଳି ଉତ୍ତର ପରେ ରାଜନୈତିକ ମହଲରେ ହଟଚମଟ ଆରମ୍ଭ ହୋଇଯାଇଛି। ହେଲେ କେନ୍ଦ୍ର ସରକାର ମିଛ କଥା କହୁଛନ୍ତି ବୋଲି ବିଜେଡି ପାଲଟା ଦୋଷ ଲଦିଛି। ଅପରପକ୍ଷରେ ରାଜନୈତିକ ଲାଭ ଉଠାଇବା ଛଡ଼ା ବିଜେଡିକୁ କିଛି ଜଣାନାହିଁ ବୋଲି ଭାଜପା କହିଥିବାବେଳେ କଂଗ୍ରେସ ଉଭୟ ବିଜେଡି ଓ ଭାଜପାକୁ ଟାର୍ଗେଟ କରି ବର୍ଷିଛି।

ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ରିଜିଜୁ କହିଛନ୍ତି, ରେକର୍ଡ ଅନୁସାରେ ଓଡ଼ିଶାରୁ ବିଧାନ ପରିଷଦ ଗଠନ ନେଇ କୌଣସି ସଂକଳ୍ପ କେନ୍ଦ୍ର ପାଖରେ ନାହିଁ। ତଥାପି ଏହି ସଂକଳ୍ପ ପାରିତ କରାଯିବା ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ଠାରୁ ସୂଚନା ସଂଗ୍ରହ କରାଯାଉଥିବା ସେ କହିଛନ୍ତି। ଆସାମ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ସରକାର ସେମାନଙ୍କ ରାଜ୍ୟରେ ବିଧାନ ପରିଷଦ ଗଠନ ସମ୍ପର୍କିତ ସଂକଳ୍ପ ପାରିତ କରାଇଥିବା ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି। ଏବେ ୬ଟି ରାଜ୍ୟ ଯଥା– ଆନ୍ଧ୍ରପ୍ରଦେଶ, ବିହାର, କର୍ନାଟକ, ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶରେ ରାଜ୍ୟ ବିଧାନ ପରିଷଦ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଉତ୍ତର ଆସିବା ପରେ ରାଜ୍ୟ ସରକାରଙ୍କ ବିଧାନ ପରିଷଦ ଗଠନ ସମ୍ପର୍କିତ ପଦକ୍ଷେପ ଉପରେ ଏବେ ଦ୍ୱନ୍ଦ୍ୱ ଉଠିବା ଆରମ୍ଭ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଉତ୍ତର ମିଳିବା ପରେ ଶାସକ ବିଜେଡିକୁ ଭାଜପା ଟାର୍ଗେଟ କରିବା ଆରମ୍ଭ କରିଦେଇଛି। ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ବିଧାନସଭାରେ ସଂକଳ୍ପ ପାରିତ ହେବାପରେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ଏବେ କେନ୍ଦ୍ର ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଯାଇଛି। ଏହା କେବଳ ସଂକଳ୍ପ ନାଁରେ ରାଜନୈତିକ ଲାଭ ଉଠାଇବାର ପ୍ରୟାସ ବୋଲି ପୂଜାରୀ କହିଛନ୍ତି।

କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ବିଜେଡି କେବଳ ଗଣମାଧ୍ୟମକୁ ଦେଖାଇ ରାଜନୀତି କରିବା ଲାଗି ବିଧାନ ପରିଷଦ ଗଠନ କଥା ଉଠାଉଛି। ହେଲେ ଏହାକୁ ଗଠନ କରାଇବା ଲାଗି ଯେଉଁ ପଦ୍ଧତିରେ ଦାବି ଜଣାଇବା କଥା ବିଜେଡି ଜଣାଉନାହିଁ। ପ୍ରତି ୬ ମାସରେ ଥରେ ରାଜନୀତି କରିବା ଲାଗି ବିଜେଡି ଏଭଳି ବାହାନାବାଜି କରୁଛି। କେନ୍ଦ୍ର ସରକାର ମଧ୍ୟ ଓଡ଼ିଶାରେ ବିଧାନ ପରିଷଦ ଗଠନ ଦାବି ହେଉଛି ବୋଲି ଜାଣିଛନ୍ତି। କେନ୍ଦ୍ର ଚାହିଁଲେ ମଧ୍ୟ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ଡକାଇ ଏଥିଲାଗି ଆବଶ୍ୟକ ପଦକ୍ଷେପ ନେବା କଥା। ହେଲେ ଭାଜପା ଓ ବିଜେଡି ମଧ୍ୟରେ ସମ୍ପୂର୍ଣ୍ଣ ବୁଝାମଣା ରହିଛି। ଏହାଦ୍ୱାରା ଓଡ଼ିଶାବାସୀଙ୍କ କ୍ଷତି ହେଉଛି ବୋଲି ଉଲାକା କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ ବିଧାନ ପରିଷଦ ଗଠନ ଲାଗି ୨୦୧୫ ଜାନୁୟାରୀ ୭ରେ ରାଜ୍ୟ ସରକାର ଏକ ୫ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ବିଧାନ ପରିଷଦ ଥିବା ବିଭିନ୍ନ ରାଜ୍ୟ ଗସ୍ତକରି ରିପୋର୍ଟ ପ୍ରଦାନ ମଧ୍ୟ କରିଥିଲା। ଏହାପରେ କ୍ୟାବିନେଟ୍ ବୈଠକରେ ବିଧାନ ପରିଷଦ ଗଠନ ଲାଗି ସଂକଳ୍ପକୁ ଅନୁମୋଦନ ମିଳିଥିଲା। ୨୦୧୮ ସେପ୍ଟେମ୍ବର ୬ ତାରିଖରେ ବିଧାନସଭାରେ ଏ ସଂକ୍ରାନ୍ତ ସଂକଳ୍ପ ମଧ୍ୟ ପାରିତ ହୋଇଥିଲା। ଓଡ଼ିଶା ବିଧାନସଭା ଦ୍ୱାରା ସଂକଳ୍ପ ପାରିତ ଓ ଭାରତୀୟ ସମ୍ବିଧାନର ଧାରା ୧୬୯ର ଉପଧାରା(୧) ଅନୁସାରେ ସଂସଦର ଅନୁମୋଦନ ପାଇଁ କ୍ୟାବିନେଟ୍‌ରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା। ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ହଇଗୋଳ ସତ୍ତ୍ୱେ ବିଧାନ ପରିଷଦ ସଂକଳ୍ପ ସପକ୍ଷରେ ମୋଟ ୧୦୪ ଖଣ୍ଡ ଭୋଟ ପଡ଼ି ଏହାକୁ ପାରିତ କରାଯାଇଥିଲା। ହେଲେ ଏହି ସଂକଳ୍ପ ପାରିତ ହେବାର ସାଢେ ୩ ବର୍ଷ ପରେ ମଧ୍ୟ କେଉଁ କାରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇ ନାହିଁ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି କି ଏହି ସଂକଳ୍ପ କେନ୍ଦ୍ର ନିକଟକୁ ନ ପଠାଇ ସଂସଦରେ ବିଜେଡି ସଦସ୍ୟମାନେ କିପରି ଏହାକୁ ଅନୁମୋଦନ ଦେବା ☞ପୃଷ୍ଠା–୬

# ଓଡ଼ିଶାରେ ୯୮% ଓମିକ୍ରନ୍

**ଆଉ ୨୧ ଆକ୍ରାନ୍ତଙ୍କ ମୃତ୍ୟୁ**

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**



ଓଡ଼ିଶାରେ ୯୮ ପ୍ରତିଶତ ଓମିକ୍ରନ୍ ଭୂତାଣୁ ଚିହ୍ନଟ ହୋଇଛି। ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍)ର ଅନୁସନ୍ଧାନରୁ ଏହି ତଥ୍ୟ ମିଳିଛି। ଆଇଏଲ୍‌ଏସ୍ ପକ୍ଷରୁ ୨୪୧ଟି ନମୁନାକୁ ନେଇ ଅନୁଧ୍ୟାନ କରାଯାଇଥିଲା। ସେଥିମଧ୍ୟରୁ ୨୩୫ଟି ନମୁନା ଓମିକ୍ରନ୍ ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଡେଲ୍‌ଟା ବର୍ଗରେ ୬ଟି ନମୁନା ଅର୍ଥାତ୍ ୨ ପ୍ରତିଶତ ରହିଥିଲା। ଆଇଏଲ୍‌ଏସ୍ ପକ୍ଷରୁ କୁହାଯାଇଛି ଯେ, ଗତ ଜାନୁୟାରୀ ୨୭ରୁ ଫେବୃୟାରୀ ୪ ମଧ୍ୟରେ ନମୁନାଗୁଡ଼ିକ ସଂଗ୍ରହ କରାଯାଇଥିଲା। ୨୩୫ଟି ଓମିକ୍ରନ୍ ଭୂତାଣୁ ମଧ୍ୟରୁ ବିଏ.୧ ବର୍ଗରେ ୬ଟି, ବିଏ.୧.୧ ବର୍ଗରେ ୧୨ଟି ଓ ବିଏ.୨ ବର୍ଗରେ ୨୧୭ଟି ଚିହ୍ନଟ ହୋଇଛି। ସେପଟେ ରାଜ୍ୟରେ ପୁଣି ୨୧ଜଣ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୧୨ଜଣ ଥିବାବେଳେ ଖୋର୍ଦ୍ଧା, ଗଞ୍ଜାମ ଓ ଭଦ୍ରକରୁ ☞ପୃଷ୍ଠା–୬

# ଧର୍ମୀୟ ପୋଷାକ ଉପରେ ରୋକ




କୋଲକାତାରେ ମୁସଲମାନ ମହିଳାମାନେ ବୁର୍ଖା ଓ ହିଜାବ ପିନ୍ଧି କର୍ନାଟକର ନିଜ ସମ୍ପ୍ରଦାୟର ଛାତ୍ରୀଙ୍କ ସପକ୍ଷରେ ବିକ୍ଷୋଭ କରୁଛନ୍ତି।

**ହାଇକୋର୍ଟରେ ହିଜାବ ବିବାଦ**

- ସ୍କୁଲ, କଲେଜ ଖୋଲିବାକୁ ନିର୍ଦ୍ଦେଶ
- ୧୪ରେ ପରବର୍ତ୍ତୀ ଶୁଣାଣି

**ବେଙ୍ଗାଲୁରୁ, ୧୦।୨**

କର୍ନାଟକରେ ହିଜାବ ବିବାଦ ଥମିବାର ନାଁ ଧରୁ ନ ଥିବାବେଳେ ଗୁରୁବାର ସ୍କୁଲ, କଲେଜ ଖୋଲିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମାମଲା ବିଚାରାଧୀନ ଥିବା ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧର୍ମୀୟ ପୋଷାକ ପରିଧାନ ଉପରେ ଅଦାଲତ ରୋକ ଲଗାଇଛନ୍ତି। ମାମଲାର ଶୁଣାଣି ଚାଲିଥିବାରୁ କୌଣସି ଛାତ୍ରୀଛାତ୍ର ହିଜାବ କିମ୍ବା ଅନ୍ୟ ଧର୍ମୀୟ ପୋଷାକ ପରିଧାନ କରି ଶ୍ରେଣୀକୁ ନ ଆସିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ଶାନ୍ତି ବଜାୟ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବିଚାରପତି ରିତୁ ରାଜ ଅୱସ୍ତିଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କ୍ରିଷ୍ଣା ଏସ୍. ଦୀକ୍ଷିତ ଏବଂ ଜେ. ଏମ୍. ଖାଜିଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରୁଛନ୍ତି। ☞ପୃଷ୍ଠା–୬




## ଭୁବନେଶ୍ୱର ବିମାନବନ୍ଦରକୁ 'ଭଏସ୍ ଅଫ୍ କଷ୍ଟମର' ମାନ୍ୟତା

ଭୁବନେଶ୍ୱର, ୧୦।୨(ବ୍ୟୁରୋ): ଏୟାରପୋର୍ଟ କାଉନ୍‌ସିଲ ଇଣ୍ଟରନ୍ୟାଶନାଲ(ଏସିଆଇ) ଅଧୀନରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ୨୦୨୧ ପାଇଁ 'ଯାତ୍ରୀଙ୍କ ସ୍ୱର' ବା 'ଭଏସ୍ ଅଫ୍ କଷ୍ଟମର' ମାନ୍ୟତା ମିଳିଛି। ଏହାସହିତ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ସାତୋଟି ବିମାନବନ୍ଦର ଏହି ମାନ୍ୟତା ପାଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୨୦୨୧ରେ ଏସିଆଇ-ଏଏସ୍‌କ୍ୟୁ(ବିମାନବନ୍ଦର ସେବା ଗୁଣବତ୍ତା) ସର୍ଭେରେ ଅଂଶଗ୍ରହଣ କରିଥିବା ଚେନ୍ନାଇ, କୋଲକାତା, ଗୋଆ, ପୁଣେ, ଭୁବନେଶ୍ୱର ଏବଂ ଚଣ୍ଡିଗଡ଼ ଆଦି ବିମାନବନ୍ଦର 'ଭଏସ୍ ଅଫ୍ କଷ୍ଟମର' ମାନ୍ୟତା ପାଇଁ ମନୋନୀତ ହୋଇଛି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ବେଗୁନିଆ,୧୦।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମଦନ ବଡ଼ଜେନା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟା ୩୦ରେ ମଦନ ଗାଁ ନିକଟସ୍ଥ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ହଠାତ୍ ଏକ ହାତୀ ମଦନଙ୍କୁ ଆକ୍ରମଣ କରିଥିଲା। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ମଦନଙ୍କୁ ଉଦ୍ଧାର କରିଥିଲେ।

# ନାଟକର ନୂଆ ରୂପ 'ନୁକ୍କଡ'

ଦୃଶ୍ୟ ଅନୁଯାୟୀ ସଜା ଯାଇଥିବ ମଞ୍ଚ। ସଂଳାପ ଓ କରତାଳିରେ ଗୁଞ୍ଜରିତ ହେଉଥିବ ପ୍ରେକ୍ଷାଳୟ। ମୁହଁରେ ରଙ୍ଗ ମାଖି କଳାକାର ପରଷି ଦେଉଥିବେ ଜୀବନ୍ତ ଅଭିନୟ। ଧିମା ଆଲୁଅ ସାଙ୍ଗକୁ ମ୍ୟୁଜିକ୍‌ର ରୋମାଞ୍ଚରେ ରୋମାଞ୍ଚିତ ହେଉଥିବେ ଦର୍ଶକ। ନାଟକର କଥା ପଡ଼ିଲେ ଏଭଳି କିଛି ଦୃଶ୍ୟ ଆଖିଆଗରେ ନାଚି ଉଠେ। ହେଲେ ଏବେ ସମୟ ପରିବର୍ତ୍ତନ ହୋଇଛି, ତା' ସାଙ୍ଗକୁ ବଦଳିଛି ନାଟକର ପରିଭାଷା। ସ୍ୱତନ୍ତ୍ର ପେଣ୍ଡାଲ ବା ମଞ୍ଚକୁ ଛାଡ଼ି ନାଟକ ଏବେ ପହଞ୍ଚିଛି ଲୋକଙ୍କ ପାଖରେ। ମୁକ୍ତାକାଶ ତଳେ ଖୁବ୍ କମ୍ ସମୟ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଥିମ୍ ଓ ହାତଗଣତି କଳାକାରଙ୍କୁ ନେଇ ପରିବେଷଣ ହେଉଛି ନାଟକ। ନା ଆବଶ୍ୟକ ପଡୁଛି ଲାଇଟ୍ ନା ହେଉଛି ମଞ୍ଚସଜ୍ଜା। ଅଳ୍ପ ଖର୍ଚ୍ଚରେ ଅତି ନିକଟରୁ କଳାକାରଙ୍କ ମନଛୁଆଁ ଅଭିନୟକୁ ଉପଭୋଗ କରୁଛନ୍ତି ଲୋକେ। ନାଟକର ଏହି ନୂଆ ରୂପ ହେଉଛି 'ନୁକ୍କଡ'। ନୁକ୍କଡ଼ ଶବ୍ଦଟି ଉତ୍ତରପ୍ରଦେଶର। ଓଡ଼ିଶାରେ ଏହା ପଥପ୍ରାନ୍ତ ନାଟକ ଭାବେ ପରିଚିତ। ଜନ ସଚେତନତା ସହ ମନୋରଞ୍ଜନ ଯୋଗାଇବା ଏହାର ମୂଳ ଲକ୍ଷ୍ୟ। ବିଶେଷକରି ଛାତ୍ରୀଛାତ୍ର ଓ ନିର୍ଦ୍ଦିଷ୍ଟ କଳାକାରମାନେ ଏହାର ମୁଖ୍ୟ ଅଙ୍ଗ ସାଜିଛନ୍ତି। ଦିଲ୍ଲୀ, ମୁମ୍ବାଇଠୁ ନେଇ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନୁକ୍କଡ଼ ପରିବେଷଣ ଅଧିକ ଦେଖିବାକୁ ମିଳୁଛି। ରାଜନୈତିକ ଚର୍ଚ୍ଚାଠୁ ଆରମ୍ଭ କରି ସାମାଜିକ, ସାଂସ୍କୃତିକ, ଶିକ୍ଷା, ତତ୍କାଳ ଘଟଣାକୁ ନେଇ ପ୍ରସ୍ତୁତ ନୁକ୍କଡ଼ ସମାଜକୁ ସବୁବେଳେ ଭିନ୍ନ ବାର୍ତ୍ତା ଦେଇ ଆସୁଛି। ତେବେ ଏହା ସମାଜ ଉପରେ କିଭଳି ପ୍ରଭାବ ପକାଉଛି ଓ ଲୋକଙ୍କ ଦ୍ୱାରା କେତେ ଗ୍ରହଣୀୟତା ହୋଇପାରିଛି ତାହାକୁ ନେଇ ମତାମତଭିତ୍ତିକ ସ୍ୱତନ୍ତ୍ର ଉପସ୍ଥାପନା।



### ସବୁ ଦୃଷ୍ଟିରୁ ସମାଜ ପାଇଁ ବେଶ୍ ଉପଯୋଗୀ



ନୁକ୍କଡ଼ ବା ପଥପ୍ରାନ୍ତ ନାଟକ ସବୁ ସ୍ଥାନରେ ଆୟୋଜନ କରିହୁଏ। ଦର୍ଶକ ଏଥିପାଇଁ ସ୍ୱତନ୍ତ୍ର ସମୟ ଦେଇ ନ ଥାନ୍ତି। ରାସ୍ତାରେ ନାଟକ ହେଉଥିଲେ ସମୟ ଅନୁଯାୟୀ ଲୋକେ ଦେଖିଥାନ୍ତି। ଯେଉଁ ଅଞ୍ଚଳରେ ଲୋକମାନେ ବିଶେଷ ସୁବିଧା ସୁଯୋଗ ପାଉନାହାନ୍ତି ସେଠାରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ଏହାର ଆବଶ୍ୟକତା ବହୁତ ରହିଛି। ଖୁବ୍ କମ୍ ସମୟ ମଧ୍ୟରେ ଲୋକଙ୍କୁ ବାର୍ତ୍ତା ଦେବା ନୁକ୍କଡ଼ ବା ପଥପ୍ରାନ୍ତ ନାଟକର ମୁଖ୍ୟ ଉଦ୍ଦେଶ୍ୟ।

**-ମନୋଜ ପଟ୍ଟନାୟକ, ନାଟ୍ୟକାର**

### ପ୍ରଭାବଶାଳୀ, କିନ୍ତୁ ଲୋକେ ଏହାକୁ ବିଜ୍ଞାପନ ଭାବୁଛନ୍ତି



ନୁକ୍କଡ଼ ନାଟକ ଲୋକଙ୍କ ଉପରେ ବହୁତ ପ୍ରଭାବ ପକାଇଥାଏ। ଏହା ବିଶେଷତଃ ଲୋକଙ୍କୁ ସଚେତନ କରାଇବା ଦିଗରେ କାର୍ଯ୍ୟ କରିଥାଏ। କିନ୍ତୁ ଏହା ଏତିକିରେ ସୀମିତ ନ ରହିବା ଉଚିତ୍। ଦିନକୁ ଦିନ କିଛି ଲୋକ ଏହାକୁ ବିଜ୍ଞାପନ ଦୃଷ୍ଟି କୋଣରୁ ଦେଖିବାକୁ ଲାଗିଲେଣି।

**-ଦିନେଶ ଦାସ, ନାଟ୍ୟକାର ଓ ନିର୍ଦ୍ଦେଶକ**

### ଚାଲିଯାଇଥିଲା ଜୀବନ

ନୁକ୍କଡ଼ ନାଟକ ସହ ଯୋଡ଼ି ହୋଇ ରହିଛି ଏମିତି ଜଣେ ବ୍ୟକ୍ତିତ୍ୱ, ଯିଏ ସଦାକାଳ କଳାପ୍ରେମୀଙ୍କ ପାଇଁ ଅମର ରହିଛନ୍ତି। ତାଙ୍କ ନାଟକରେ ଥିଲା ବୀରତା, ସାହାସିକତା। ସେଥିପାଇଁ ତ ନାଟକ କରୁକରୁ ଚାଲିଯାଇଥିଲା ତାଙ୍କ ଜୀବନ। ୧୯୮୯ରେ ଦିଲ୍ଲୀର ଝଣ୍ଡପୁର ଗାଁରେ ହାଲ୍ଲାବୋଲ ନାମକ ଏକ ନୁକ୍କଡ଼ ନାଟକ ପରିବେଷଣ ସମୟରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ ସଫଦର୍ ହାସ୍‌ମି। ତାଙ୍କ ମୃତ୍ୟୁ ପରେ ନାଟକ ହେଉଥିବା ଉକ୍ତ ରାସ୍ତାକୁ ସଫଦର୍ ହାସ୍‌ମିଙ୍କ ନାମରେ ନାମିତ କରାଯାଇଥିବାବେଳେ ସ୍ୱାମୀ ଅଧା ଛାଡ଼ି ଯାଇଥିବା ନାଟକକୁ ସ୍ତ୍ରୀ ମୋଲୋୟେଶ୍ରୀ ହାସମି ପୂରା କରିଥିଲେ।



### ଓଡ଼ିଶାରେ ଅଧିକ ପ୍ରଚାର, ପ୍ରସାର ଦରକାର



କେବଳ ରାସ୍ତାଘାଟ ନୁହେଁ, ବିଭିନ୍ନ ରାଜ୍ୟ ତଥା ବାହାରେ ଥିବା କଲେଜଗୁଡ଼ିକରେ ନୁକ୍କଡ଼ ନାଟକର ଆୟୋଜନ କରାଯାଇଥାଏ। ଯେଉଁ ଉଦ୍ଦେଶ୍ୟ ନେଇ ନୁକ୍କଡ଼ ଆରମ୍ଭ ହୋଇଥିଲା ତାହା କେବେ ମରି ନ ଯାଉ। ଆବଶ୍ୟକ ପ୍ରୋତ୍ସାହନ ସହ ଏହାର ପ୍ରଚାର, ପ୍ରସାର ବି ହେବା ଦରକାର। ଓଡ଼ିଶାରେ ଏହା ଅଧିକ ହେବା ଦରକାର ଯଦ୍ୱାରା ଏକ ଉତ୍ତମ ପରିବେଶ ସୃଷ୍ଟି ହୋଇପାରିବ।

**-ଦୀପନ୍ୱିତ ଦାଶମହାପାତ୍ର, କଳାକାର**

### ଲୋକଙ୍କ ସହ କଥା ହେବାର ସିଧାସଳଖ ମାଧ୍ୟମ



ନୁକ୍କଡ଼ ନାଟକର ପରିସର ଖୁବ୍ ଲମ୍ବା। କିନ୍ତୁ ଓଡ଼ିଶାରେ ଏହା ବହୁତ କମ୍ ହେଉଛି। ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଅଧିକ ଥାଏ। ଏହି ନାଟକ ଲୋକଙ୍କ ସହ ସିଧାସଳଖ କଥା ହେବାର ଏକ ମାଧ୍ୟମ। ଏହା ଅବହେଳିତ ଅବସ୍ଥାରେ ଥିବା ଦେଖିବାକୁ ମିଳୁଛି। ଏହାକୁ ଅଧିକ ପ୍ରୋତ୍ସାହନ ଦେବା ଆବଶ୍ୟକ।

**-ଅତିଶ କୁମାର ଶତପଥୀ, ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ**

**-ରିପୋର୍ଟ- ଶର୍ମିଷ୍ଠା ପାଣିଗ୍ରାହୀ**

## ଏମ୍‌କେସିଜିରେ କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୦।୨

ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣେ କଏଦୀଙ୍କର ବୁଧବାର ମୃତ୍ୟୁ ଘଟିଛି। ମୃତକ ଗଜପତି ଜିଲା ପାରଳାଖେମୁଣ୍ଡି କାମ୍ପ ସାହିର ବାରିକ ପ୍ରଧାନ (୭୨)। ବୈଦ୍ୟନାଥପୁର ଥାନା ଅଧୀନ ମେଡିକାଲ ଫାଣ୍ଡି ପୋଲିସ ଗୁରୁବାର ମୃତଦେହ ଜବତ କରିଛି। ମୃତଦେହ ମେଡିକାଲ ପରିସରରେ ପଞ୍ଚନାମା କରାଯାଇଥିଲା। ପୋଲିସ ନଂ.୫୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

ପ୍ରକାଶ ଯେ, ୨୦୧୯ ମାର୍ଚ୍ଚ ୧୨ରେ ଏକ ନାବାଳିକା ବଳାତ୍କାର ମାମଲାରେ ପୋଲିସ ବାରିକ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ବିଚାର ପରେ ୨୦୨୦ ଜାନୁୟାରୀ ୧୩ରେ କୋର୍ଟ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜରିମାନା ଅନଦାୟେ ଅତିରିକ୍ତ ୬ମାସ ଜେଲ ଦଣ୍ଡର ରାୟ ଶୁଣାଇଥିଲେ। ସେବେଠାରୁ ବାରିକ ଆର.ଉଦୟଗିରି ସବ୍‌ଜେଲରେ ରହିଥିଲେ। ଗତ ୬ ତାରିଖରେ ବାରିକ ଶ୍ୱାସ ପ୍ରକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କର ଉତ୍ତମ ଚିକିତ୍ସା ପାଇଁ ବ୍ରହ୍ମପୁର ମଣ୍ଡଳକାରାଗାର ସ୍ଥାନାନ୍ତର କରାଯାଇଥିଲା। ପରେ ବାରିକ ଏମ୍‌କେସିଜି ମେଡିକାଲର ଭେଷଜ ବିଭାଗରେ ଚିକିତ୍ସିତ ହେଉଥିଲେ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଗୁଳିକରି ହତ୍ୟା

ମାଲକାନଗିରି,୧୦।୨ (ଡି.ଏନ୍.ଏ.)

ମାଲକାନଗିରିସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ତାଡ଼ମେର ଗ୍ରାମରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ବିଜାପୁର ଜିଲା ଅଣ୍ଡାବାଲି ପଞ୍ଚାୟତର ଘନଶ୍ୟାମ ମାଡବୀ(ସନ୍ତୋଷ)। ସେ ଏକ ରାଜନୈତିକ ଦଳର ସକ୍ରିୟ କର୍ମୀ ଏବଂ ତାଙ୍କ ସ୍ତ୍ରୀ ଉକ୍ତ ପଞ୍ଚାୟତର ସରପଞ୍ଚ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସନ୍ତୋଷ

**ପୋଲିସ ଇନ୍‌ଫର୍ମର ସନ୍ଦେହ**

ବିଭିନ୍ନ ସମୟରେ ସ୍ତ୍ରୀଙ୍କ କାମରେ ପଞ୍ଚାୟତର ଅନେକ ଗ୍ରାମକୁ ଯିବା ସହ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ବୈଠକ କରନ୍ତି। ବୁଧବାର ରାତିରେ ସେ କୌଣସି କାମରେ ତାଡ଼ମେର ଗ୍ରାମକୁ ଯାଇଥିଲେ। ସେଠାରେ କେତେଜଣ ସଶସ୍ତ୍ର ମାଓବାଦୀ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଇନ୍‌ଫର୍ମର ସନ୍ଦେହରେ ତାଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ଘଟଣାସ୍ଥଳରୁ ମିଳିଥିବା ଏକ ହାତଲେଖା ଚିଠିରେ ଉଲ୍ଲେଖ ରହିଛି। ଏହାକୁ ନେଇ ଉକ୍ତ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ସୀମାନ୍ତ ମାଲକାନଗିରି ଜିଲାରେ ପଞ୍ଚାୟତ ନିର୍ବାଚନ ରହିଥିବାବେଳେ ଏଭଳି ହିଂସାକାଣ୍ଡ ଉକ୍ତ ଅଞ୍ଚଳରେ ମଧ୍ୟ ଭୟ ସୃଷ୍ଟି କରିଛି। ତେବେ ଘଟଣା ପରେ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି।

## ବୃଦ୍ଧଙ୍କ ମୃତଦେହ ଜବତ

ଝରିଗାଁ, ୧୦।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବେଲଗାଁ ଗ୍ରାମ ନିକଟ ରାସ୍ତା କଡରେ ରହିଥିବା ଏକ ଚାଷ ଜମିରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ନେଇ ଥାନା ଭାରପ୍ରାପ୍ତ ଅଧିକାରୀ ନଟବର ନନ୍ଦ କହିଛନ୍ତି।




# ୬ ବର୍ଷ ହେଲା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା

ଯାଜପୁର ଅଫିସ,୧୦।୨

ଯାଜପୁର ଜିଲା ବଡ଼ଚଣା ବ୍ଲକ ଓଲରାସ୍ଥିତ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଓ ମୟୂରଭଞ୍ଜ ଜିଲା କରଞ୍ଜିଆସ୍ଥିତ ସାବିତ୍ରୀ ରାଇସ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଉପରେ ହୋଇଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ପ୍ରକାଶ ପାଇଛି। ଯାଜପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସଲାଉଦ୍ଦିନ ଖାନ ୭।୨।୨୦୨୨ରେ ଏହି ମର୍ମରେ ସବିଶେଷ ରିପୋର୍ଟ ରାଜ୍ୟ ଯୋଗାଣ ନିଗମର ମ୍ୟାନେଜର(ଆଇନ)ଙ୍କ ନିକଟରେ ଦାଖଲ କରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ବର୍ଷରେ ସାବିତ୍ରୀ ରାଇସ୍ ମିଲ୍‌ରେ ୪ କୋଟି ୪ ଲକ୍ଷ ୨୪ ହଜାର ୩୯୩ ଟଙ୍କାର ଚାଉଳ ହରିଲୁଟ ହୋଇଥିଲା। ସେ ବାବଦରେ ଏଯାଏ ୧ କୋଟି ୫୫ ଲକ୍ଷ ୮୬ ହଜାର ୮୯୩ ଟଙ୍କା ବାକି ରହିଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାବିତ୍ରୀ ରାଇସ୍ ମିଲ୍ ମାସିକ କିସ୍ତି ଅନୁସାରେ ଟଙ୍କା ଦାଖଲ କରିଚାଲିଛି। ତେବେ ଏହି ମହାଦୁର୍ନୀତିରେ ସମ୍ପୃକ୍ତ ଏସିଏସ୍‌ଓ ପ୍ରହ୍ଲାଦ ସେଠୀ ଓ ମାର୍କେଟିଂ ଇନ୍ସପେକ୍ଟର(ଏମ୍‌ଆଇ) ବିଶ୍ୱଜିତ ମିଶ୍ରଙ୍କୁ ୬ ବର୍ଷ ହେଲା ବିଭାଗୀୟ ସୁରକ୍ଷା ଯୋଗାଇ ଦିଆଯାଇଛି। କେବଳ ଡିପାର୍ଟମେଣ୍ଟାଲ ପ୍ରୋସିଡିଂରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ନିଗମର ଉପରୋକ୍ତ କ୍ଷତି ଟଙ୍କା ଭରଣା ପାଇଁ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ଏବଂ ଯାଜପୁରରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଚାଲିଥିବା ବେଆଇନ ଧାନ ପରିବହନରେ ଦାୟୀ ଅଧିକାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ବିଭାଗୀୟ ଜବାବ ତଲବ ହେଉଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। କୌଣସି ଅଦୃଶ୍ୟ ଶକ୍ତି ବଳରେ ଏହି ମହାଦୁର୍ନୀତିକୁ ପରୋକ୍ଷରେ ସହଯୋଗ କରିଥିବା ଅଧିକାରୀଙ୍କୁ ଏକ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଇଥିବା ମତପ୍ରକାଶ ପାଇଛି।



**ସାବିତ୍ରୀ ରାଇସ୍ ମିଲ୍ ଚାଉଳ ଲୁଟ୍ ମାମଲା**

- **ସବିଶେଷ ରିପୋର୍ଟ ଦାଖଲ କଲେ ଯାଜପୁର ସିଏସ୍‌ଓ**
- **୪ କୋଟିରୁ ୧.୫୫ କୋଟି ବାକି**

ସିଏସ୍‌ଓଙ୍କ ରିପୋର୍ଟ ଅନୁଯାୟୀ ୨୦୧୫-୧୬ ଧାନ ସଂଗ୍ରହ ବର୍ଷରେ ସାବିତ୍ରୀ ଇଣ୍ଡଷ୍ଟ୍ରିଜକୁ ୬୨,୨୩୯.୫୧ କୁଇଣ୍ଟାଲ ଧାନ ଚାଉଳ ମିଲିଂ ପାଇଁ ଦିଆଯାଇଥିଲା। ଜିଲାର ପିଡିଏସ୍, ଅନ୍ତ୍ୟୋଦୟ, ଏମ୍‌ଡିଏମ୍ ଆଦି ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ନିର୍ଦ୍ଧାରିତ ସମୟରେ ୪୨୩୨.୨୮୬ ମେଟ୍ରିକ୍ ଟନ୍ ଚାଉଳ ଦାଖଲ କରିବା କଥା। କିନ୍ତୁ ମାତ୍ର ୧୪,୮୨୪.୦୮ କୁଇଣ୍ଟାଲ ଚାଉଳ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ଦାଖଲ କରିଥିଲା। ଇତିମଧ୍ୟରେ ମୟୂରଭଞ୍ଜ ଜିଲା କରଞ୍ଜିଆ ସାବିତ୍ରୀ ରାଇସ୍ ମିଲ୍‌କୁ ୪୦,୨୩୯.୫୧ କୁଇଣ୍ଟାଲ ଧାନ ପରିବହନ ହୋଇଥିଲା। ତଦନୁସାରେ କରଞ୍ଜିଆ ମିଲ୍‌ରୁ ୨୭,୩୬୨.୮୭ କୁଇଣ୍ଟାଲ ଚାଉଳ ପ୍ରଶାସନ ନିକଟରେ ଦାଖଲ ହେବାର ନିୟମ ରହିଛି। କିନ୍ତୁ ମାତ୍ର ୯,୫୭୮.୦୪ କୁଇଣ୍ଟାଲ ଚାଉଳ କରଞ୍ଜିଆ ମିଲ୍‌ରୁ ଦାଖଲ ହୋଇଥିଲା। ବାକି ୧୭,୭୮୪.୮୩ କୁଇଣ୍ଟାଲ ଚାଉଳ ଦାଖଲରେ ଅନିୟମିତତା ହୋଇଥିଲା। ତଦନୁସାରେ ୨୬,୧୫୪.୧୬ କୁଇଣ୍ଟାଲ ଧାନର ମୂଲ୍ୟ ୪ କୋଟି ୪ ଲକ୍ଷ ୨୪ ହଜାର ୩୯୩ ଟଙ୍କା ହରିଲୁଟ୍ ହୋଇଥିଲା। ଟିଡିଏସ୍, ସିକ୍ୟୁରିଟି ଡିପୋଜିଟ୍ ଆଦିକୁ ମିଶାଇ ବାକି ୩ କୋଟି ୧୨ ଲକ୍ଷ ୪୦ ହଜାର ୭୫୪ ଟଙ୍କା ହେଉଥିଲା। ଏହିକ୍ରମରେ ମିଲ୍ ମାଲିକ ଦିଲୀପ କୁମାର ଅଗ୍ରୱାଲ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବାକି ରହିଥିବା ନିଗମ ଅର୍ଥ କିସ୍ତି ଅନୁସାରେ ଦାଖଲ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ମିଲ୍ ମାଲିକ ଅଗ୍ରୱାଲ ୧ କୋଟି ୫୬ ଲକ୍ଷ ୫୩ ହଜାର ୮୫୧ ଟଙ୍କା କିସ୍ତି ଅନୁସାରେ ଦାଖଲ କରିସାରିଛନ୍ତି। ହେଲେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନେ ବିଭାଗୀୟ ପଦପଦବୀରେ ଅଛନ୍ତି। ଏବେ ବି ଚାଉଳ ଯୋଗାଣରେ ମିଲ୍ ମାଲିକମାନଙ୍କ ସହ ମିଶି ଅନିୟମିତତା କରୁଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ଉପରୋକ୍ତ ଅନିୟମିତତା ଅଡିଟ୍ ରିପୋର୍ଟରେ ଧରାପଡିଥିଲା। ଯାଜପୁର ଜିଲା ଯୋଗାଣ ବିଭାଗ କର୍ତ୍ତୃପକ୍ଷ ଅଡିଟ୍ ରିପୋର୍ଟର ଅନୁପାଳନ କରିବାରେ ପଛଘୁଞ୍ଚା ଦେଇ ଆସୁଛନ୍ତି। ବିପୁଳ ପରିମାଣର ସରକାରୀ ଅର୍ଥ ହରିଲୁଟ୍ କରିଥିବା ମିଲର୍ସଙ୍କ ବିରୋଧରେ ସାର୍ଟିଫିକେଟ କେସ୍ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନାମରେ ବିଭାଗୀୟ କାର୍ଯ୍ୟବିଧି ଗ୍ରହଣ କରାଯାଉନାହିଁ। ଏପରିକି ଏ ସଂକ୍ରାନ୍ତରେ ରାଜ୍ୟ ଯୋଗାଣ ନିଗମର ଆର୍ଥିକ ପରାମର୍ଶଦାତା ତଥା ଚିଫ୍ ଆକାଉଣ୍ଟ ଅଫିସର ଏହା ପୂର୍ବରୁ ୫ ଥର ତଥ୍ୟ ମାଗିଥିଲେ ହେଁ ଯାଜପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ନୀରବ ରହିଥିଲେ। ତେଣୁ ଚିଫ୍ ଆକାଉଣ୍ଟ ଅଫିସର ଉଦ୍‌ବେଗ ପ୍ରକାଶ କରିବା ସହ ୧୫।୧୦।୨୦୨୧ ସୁଦ୍ଧା ସବିଶେଷ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନ କଲେ ଏଥିପାଇଁ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ସିଏସ୍‌ଓଙ୍କୁ ଚେତାବନୀ ଦେଇଥିଲେ। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ସଲାଉଦ୍ଦିନ ଖାନ୍‌ଙ୍କୁ ପଚାରିବାରେ ସେ କହିଛନ୍ତି, ସେତେବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ହୋଇଛି। ତେବେ ଏଯାଏ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

## ପାଇଖାନା ଟାଙ୍କିରେ ଫସିଥିବା ଗାଇ ଉଦ୍ଧାର



ପଡ଼ିଆ,୧୦।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡ଼ିଆ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ରହିଥିବା ପରିତ୍ୟକ୍ତ ପାଇଖାନା ଟାଙ୍କିରେ ଏକ ଗାଇ ପଡ଼ିଯାଇଥିବାବେଳେ ଅଗ୍ନିଶମ ବାହିନୀ ତାକୁ ଉଦ୍ଧାର କରିଛନ୍ତି। ଗାଇଟି ଟାଙ୍କିରେ ପଡ଼ି ବାହାରି ପାରୁ ନ ଥିବା ଗୁରୁବାର ଅପରାହ୍ନରେ ଅଗ୍ନିଶମ ବାହିନୀ ଖବର ପାଇଥିଲେ। ବିଭାଗୀୟ ମୁଖ୍ୟ ବୀରେନ୍ଦ୍ର କୁମାର ସିଂଙ୍କ ସମେତ ସୁଶାନ୍ତ ସାହୁ, କୁଶ ଖିଲ ପ୍ରମୁଖ ପହଞ୍ଚି ଫସିରହିଥିବା ଗାଇକୁ ସୁରକ୍ଷିତ ବାହାର କରିଥିଲେ। ଅଞ୍ଚଳବାସୀ ଟିମ୍‌ର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ମାଲ୍ୟାଙ୍କୁ ଶେଷ ସୁଯୋଗ ଦେଲେ ସୁପ୍ରିମକୋର୍ଟ

**୨୪ରେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ**



**ନୂଆଦିଲ୍ଲୀ,୧୦।୨:** ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଅଦାଲତରେ ହାଜର ହୋଇ ପକ୍ଷ ରଖିବାକୁ ସୁପ୍ରିମକୋର୍ଟ ଗୁରୁବାର ଶେଷ ସୁଯୋଗ ଦେଇଛନ୍ତି। ଫେବୃୟାରୀ ୨୪ରେ ସର୍ବୋଚ୍ଚ ଅଦାଲତ ଦଣ୍ଡ ଶୁଣାଇବା ପୂର୍ବରୁ ତାଙ୍କୁ କୋର୍ଟରେ ହାଜର ହୋଇ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଦାଲତ ଅବମାନନା ମାମଲାରେ ମାଲ୍ୟା ଦୋଷୀସାବ୍ୟସ୍ତ ହୋଇଥିବା ଜଷ୍ଟିସ୍ ୟୁ.ୟୁ. ଲଳିତ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠ କହିଛନ୍ତି। ସାଧାରଣତଃ ନିୟମ ଅନୁଯାୟୀ ଦଣ୍ଡବିଧାନ ପୂର୍ବରୁ ଅଭିଯୁକ୍ତଙ୍କ ବୟାନ ଶୁଣାଯିବା ଆବଶ୍ୟକ। ହେଲେ ମାଲ୍ୟା ଏପର୍ଯ୍ୟନ୍ତ କୋର୍ଟରେ ହାଜର ହେଲେନାହିଁ। ହାଜର ହେବା ଲାଗି ମାଲ୍ୟାଙ୍କୁ ଶେଷ ସୁଯୋଗ ଦିଆଯାଇପାରେ। ଏଥିପାଇଁ ଦଣ୍ଡ ଶୁଣାଣିକୁ କିଛିଦିନ ସ୍ଥଗିତ ରଖିବା ପାଇଁ ଆମିକସ୍ କ୍ୟୁରି ଜୟଦୀପ ଗୁପ୍ତା ଅଦାଲତଙ୍କୁ କହିଥିଲେ। ଫେବୃୟାରୀ ୨୪ରେ ଯଦି ମାଲ୍ୟା ହାଜର ନ ହୁଅନ୍ତି ତେବେ ତାଙ୍କ ଅନୁପସ୍ଥିତିରେ ଦଣ୍ଡ ଘୋଷଣା କରାଯିବ ବୋଲି ଜଷ୍ଟିସ୍ ଭଟ୍ଟ କହିଥିଲେ। ସୂଚନାଯୋଗ୍ୟ, ଭାରତର କେତେକ ବ୍ୟାଙ୍କରୁ ୯,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇଥିବା ମାଲ୍ୟା ଦେଶ ଛାଡ଼ି ଏବେ ବ୍ରିଟେନରେ ରହୁଛନ୍ତି।

### କେନ୍ଦ୍ରର ବିଜ୍ଞାପନ ଖର୍ଚ୍ଚ: ୫ ବର୍ଷରେ ୨,୬୦୨ କୋଟି

**ନୂଆଦିଲ୍ଲୀ,୧୦।୨:** କେନ୍ଦ୍ର ସରକାର ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ବିଜ୍ଞାପନ ବାବଦକୁ ୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅନ୍ୟ ବିଜ୍ଞାପନ ଖର୍ଚ୍ଚକୁ ମିଶାଇଲେ ଏହା ପ୍ରାୟ ୨,୬୦୨ କୋଟି ଟଙ୍କା ହେବ ବୋଲି ଗୁରୁବାର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପାର୍ଲାମେଣ୍ଟକୁ ଅବଗତ କରାଯାଇଛି। ରାଜ୍ୟସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ, ସରକାର ୨୦୧୭-୧୮ରୁ ଅଦ୍ୟାବଧି ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକୁ ୨,୬୦୧.୯୮ କୋଟି ଟଙ୍କାର ବିଜ୍ଞାପନ ଦେଇଛନ୍ତି। ୫ ବର୍ଷରେ ପ୍ରିଣ୍ଟ ମିଡିଆରେ ୧,୬୫୪.୫୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୧-୨୨ରେ ୫,୬୦୮ ଖବରକାଗଜକୁ ବିଜ୍ଞାପନ ବାବଦରେ ଅଦ୍ୟାବଧି ୧୬.୩୯ କୋଟି ଟଙ୍କା ଦିଆଯାଇଛି। ୨୦୨୦-୨୧ରେ ୫,୨୧୧ ଖବରକାଗଜକୁ ୧୯୭.୪୯ କୋଟି ଟଙ୍କାର ବିଜ୍ଞାପନ ଦିଆଯାଇଥିବାବେଳେ ୨୦୧୯-୨୦ରେ ୫,୩୨୬ ଖବରକାଗଜକୁ ୨୯୫.୦୫ କୋଟି ଟଙ୍କା ପଇଠ କରାଯାଇଥିଲା। ସେହିପରି ୨୦୧୮-୧୯ରେ ୫,୬୩୧ ଖବରକାଗଜକୁ ୪୨୯.୫୫ କୋଟି ଏବଂ ୨୦୧୭-୧୮ରେ ୬,୧୮୨ ନ୍ୟୁଜପେପରକୁ ୬୩୬ କୋଟି ଟଙ୍କା ବିଜ୍ଞାପନ ବାବଦରେ ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ, ଗତ ୫ ବର୍ଷ ମଧ୍ୟରେ ୧,୩୧୮ ଟିଭି ଚ୍ୟାନେଲକୁ ୪୭୯.୬୧ କୋଟି ଟଙ୍କାର ବିଜ୍ଞାପନ ଦିଆଯାଇଥିଲା। ଏହି ଅବଧି ମଧ୍ୟରେ ୧,୬୯୪ଟି ଏଫ୍ଏମ୍ ରେଡିଓ ଚ୍ୟାନେଲ ୪୬୦.୬୦ କୋଟି ଟଙ୍କାର ବିଜ୍ଞାପନ ପାଇଛନ୍ତି। ସେହିପରି ୨୦୦୭ରୁ ବର୍ତ୍ତମାନ ସୁଦ୍ଧା ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ସରକାର ୭.୨୦ କୋଟି ଟଙ୍କା ବିଜ୍ଞାପନ ବାବଦରେ ଖର୍ଚ୍ଚ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଗୃହକୁ ଅବଗତ କରାଇଛନ୍ତି।

# ଚର୍ଚ୍ଚରେ ଶିଶୁଙ୍କୁ ଯୌନ ଶୋଷଣ

**ଲିସ୍‌ବନ୍, ୧୦।୨**

ପର୍ତ୍ତୁଗିଜ୍ କ୍ୟାଥୋଲିକ୍ ଚର୍ଚ୍ଚରେ ଶିଶୁଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଖବର ପ୍ରକାଶ ପାଇ ଆସୁଥିବାବେଳେ ଏହା ଉପରେ ଅଧ୍ୟୟନ କରୁଥିବା ଏକ ସ୍ୱାଧୀନ କମିଟି ଗୁରୁବାର ଏକ ରିପୋର୍ଟ ପ୍ରଘଟ କରିଛି। ନ୍ୟାୟ ପାଇଁ ପ୍ରତିଶ୍ରୁତି ପାଇବା ପରେ ଶହ ଶହ ନିର୍ଯାତିତ ଦଶନ୍ଧି ଧରି ଲୁଚାଇ ରଖିଥିବା ଯନ୍ତ୍ରଣା ବଖାଣିଛନ୍ତି। କମିଟି କାର୍ଯ୍ୟକାରୀ ହେବାର ମାତ୍ର ମାସକ ମଧ୍ୟରେ ୨୧୪ ଜଣ ନିର୍ଯାତିତ ସେମାନଙ୍କ ଅଭିଯୋଗକୁ ଅନଲାଇନ ଯୋଗେ ଦାଖଲ କରିଛନ୍ତି। ପୀଡ଼ିତାପୀଡ଼ିତଙ୍କ ମଧ୍ୟରେ ଅଧିକାଂଶ ୧୯୩୩ରୁ ୨୦୦୬ ମଧ୍ୟରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରହିଛନ୍ତି ବୋଲି କମିଟି କହିଛି।

ଲଜ୍ଜା, ଭୟ, ଆତ୍ମବିଶ୍ୱାସ ଅଭାବ ଯୋଗୁ ଅଧିକାଂଶ ନିର୍ଯାତିତ ଏହାକୁ ଲୋକଲୋଚନକୁ ଆଣିପାରି ନ ଥିବା କମିଟି ଏକ ବିବୃତିରେ କହିଛି। ପର୍ତ୍ତୁଗାଲ ଚର୍ଚ୍ଚ ଅଧିକାରୀଙ୍କ କହିବା ଅନୁଯାୟୀ, ୨ ବର୍ଷ ତଳେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ତଦନ୍ତ କରାଯାଇଥିଲା। ୨୦୦୧ରୁ ଚର୍ଚ୍ଚରେ ପ୍ରିଷ୍ଟମାନଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ନେଇ ମାତ୍ର ଡଜନେ ମାମଲା ସାମ୍ନାକୁ ଆସିଥିଲା। ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ସେଥିମଧ୍ୟରୁ ଅଧାରୁ ଅଧିକ ମାମଲାକୁ ଚର୍ଚ୍ଚ ପକ୍ଷରୁ ଖାରଜ କରିଦିଆଯାଇଥିଲା। ପରେ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତି, ଜଣେ ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ସମେତ ୬ ଜଣିଆ ସଦସ୍ୟଙ୍କୁ ନେଇ ଗଠିତ ଉକ୍ତ କମିଟି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦେଇ ନିର୍ଯାତନାର ଶିକାର ହୋଇଥିବା ସମସ୍ତଙ୍କୁ ଅଭିଯୋଗ କରିବା ନିମନ୍ତେ କହିଥିଲା। ଜାନୁୟାରୀ ୧ରୁ ଏହି କମିଟି କାର୍ଯ୍ୟ ଆରମ୍ଭ କରିଥିବାବେଳେ ମାତ୍ର ମାସକରେ ୨୧୪ ଯୌନ ଶୋଷଣ ଅଭିଯୋଗ ଆସିଛି। ଉକ୍ତ କମିଟି ଚଳିତ ବର୍ଷ ଶେଷସୁଦ୍ଧା ପର୍ତ୍ତୁଗିଜ୍ ବିଶପ୍ କନଫରେନ୍ସରେ ରିପୋର୍ଟ ପ୍ରଦାନ କରିବ। ଜଣେ ଅଭିଯୁକ୍ତଙ୍କ ଦ୍ୱାରା ଏକାଧିକ ଶିଶୁ ନିର୍ଯାତନାର ଶିକାର ହୋଇଥାଇପାରନ୍ତି ବୋଲି ଉକ୍ତ ବିବୃତିରେ କୁହାଯାଇଛି। ଅନ୍‌ଲାଇନରେ ସାକ୍ଷୀଙ୍କ ବୟାନ ମଧ୍ୟ ସଂଗ୍ରହ କରାଯାଇଛି। ଆମେରିକା, କାନାଡା, ବ୍ରିଟେନ, ଫ୍ରାନ୍ସ, ଲକ୍ସମବର୍ଗ, ସୁଇଜରଲାଣ୍ଡ ଆଦି ଦେଶରେ ପର୍ତ୍ତୁଗାଲର ପ୍ରବାସୀମାନେ ବାସ କରୁଥିବାରୁ ସେଠାରୁ ମଧ୍ୟ ଅନୁରୂପ ଅଭିଯୋଗ ଆସିଛି। ଇଣ୍ଟରନେଟ ତଥା ଅନ୍ୟ ଟେକ୍ନୋଲୋଜି ଅପହଞ୍ଚ ଥିବା ଗ୍ରାମାଞ୍ଚଳ ଓ କମ୍ ବିକଶିତ ଅଞ୍ଚଳଗୁଡ଼ିକରେ ନିର୍ଯାତନାର ଶିକାର ହୋଇଥିବା ପୀଡ଼ିତାପୀଡ଼ିତଙ୍କ ନିକଟରେ ପହଞ୍ଚିବା ପାଇଁ କମିଟି ଉଦ୍ୟମ କରୁଛି। ଏଥିନିମନ୍ତେ ବିଭିନ୍ନ ଦାତବ୍ୟ ସଂସ୍ଥା, ସାମାଜିକ ଅନୁଷ୍ଠାନର ସହାୟତା ନିଆଯାଉଥିବା ଉକ୍ତ କମିଟି କହିଛି।

**ମାସକରେ ୨୧୪ ଅଭିଯୋଗ**



■ ଦଶନ୍ଧି ଧରି ଲୁଚାଇଛନ୍ତି ଯନ୍ତ୍ରଣା

■ ଅପହଞ୍ଚ ସ୍ଥାନରେ ଥିବା ନିର୍ଯାତିତଙ୍କୁ ଖୋଜିବ କମିଟି

# ଆଶିଷ ମିଶ୍ରାଙ୍କୁ ଜାମିନ

**ଲକ୍ଷ୍ନୌ,୧୦।୨**

**ଲଖିମପୁର ଖେରି ହିଂସା ମାମଲା**



ଆଶିଷ ମିଶ୍ରା

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଗତବର୍ଷ ଅକ୍ଟୋବର ୩ରେ ଚାଷୀମାନେ ଲଖିମପୁରୀ ଖେରି ଜିଲାର ଟିକୁନିଆଠାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଆଶିଷ ମିଶ୍ରାଙ୍କ ଏସ୍‌ୟୁଭି ସେମାନଙ୍କ ଉପରେ ମାଡ଼ିଯିବାରୁ ୪ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେବା ସହ ସଂଘର୍ଷ ଘଟି ଜଣେ ଖବରଦାତାଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ। ଏହି ମାମଲାରେ ଆଶିଷଙ୍କୁ ଗତବର୍ଷ ଅକ୍ଟୋବର ୯ରେ ଗିରଫ କରାଯାଇଥିଲା ଏବଂ ୧୧ ତାରିଖରୁ ସେ ଜେଲରେ ଥିଲେ। ଅନ୍ୟପକ୍ଷରେ ଗାଡ଼ି ମାଡ଼ିଯିବା ସମୟରେ ଆଶିଷ ସେଠାରେ ଉପସ୍ଥିତ ନ ଥିଲେ ବୋଲି ମନ୍ତ୍ରୀ ଅଜୟ ମିଶ୍ରା ସେତେବେଳେ କହିଥିଲେ। ଡ୍ରାଇଭର ଗାଡ଼ି ଚଳାଉଥିଲେ ଏବଂ ଚାଷୀଙ୍କ ଉପରେ ମାଡ଼ିଯିବା ପୂର୍ବରୁ ସେ ତାକୁ ନିୟନ୍ତ୍ରଣ କରିନେଇଥିଲେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ତେବେ ଘଟଣାସ୍ଥଳରେ ଆଶିଷ ଉପସ୍ଥିତ ଥିବାରୁ ସ୍ପଷ୍ଟ ପ୍ରମାଣ ରାଜ୍ୟ ସରକାର ଦେଇଥିଲେ। ଗିରଫ ହୋଇଥିବା ମୋଟ ୧୩ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଥମ ଅଭିଯୁକ୍ତ ଭାବେ ଆଶିଷଙ୍କୁ ଜଷ୍ଟିସ୍ ରାଜୀବ ସିଂଙ୍କ ଜଣିକିଆ ଖଣ୍ଡପୀଠ ଜାମିନ ପ୍ରଦାନ କରିଛନ୍ତି। ଗତ ମାସରେ ସେ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।




ବେରୋଜଗାରୀ ବିରୋଧରେ ଯୁବ କଂଗ୍ରେସ କର୍ମୀମାନେ ଗୁରୁବାର ଭୋପାଳସ୍ଥିତ ପିସିସି କାର୍ଯ୍ୟାଳୟ ନିକଟରେ ଜୋତା ପଲିସ୍ କରି ପ୍ରତିବାଦ ଜଣାଉଛନ୍ତି।

# ଚର୍ଚ୍ଚାରେ ହିଜାବ ଗର୍ଲ ମୁସ୍‌କାନ

**ବେଙ୍ଗାଲୁରୁ, ୧୦।୨**



କର୍ଣାଟକରେ ହିଜାବ ବିବାଦ ମଧ୍ୟରେ ୧୯ ବର୍ଷୀୟ ଛାତ୍ରୀ ମୁସ୍‌କାନ ଖାନ୍ ଏବେ ସର୍ବାଧିକ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ହିଜାବ ଆନ୍ଦୋଳନର ସେ ମୁଖ୍ୟ ଚେହେରା ପାଲଟିଯାଇଛନ୍ତି। ନିକଟରେ ମୁସ୍‌କାନ ହିଜାବ ପିନ୍ଧି କଲେଜ ଯାଇଥିବାବେଳେ ଗେରୁଆ ଗାମୁଛା ପକା କେତେଜଣ ଛାତ୍ର ତାଙ୍କୁ ଘେରିଯାଇ 'ଜୟ ଶ୍ରୀରାମ' ନାରାବାଜି କରିଥିଲେ। ସେହି ସମୟରେ ମୁସ୍‌କାନ ସେଠାରେ ଛିଡ଼ା ହୋଇ ବଡ଼ ପାଟିରେ ବାରମ୍ବାର 'ଆଲ୍ଲା ହୁ ଆକବର' କହିଥିଲେ। ପରେ ତାଙ୍କୁ କଲେଜ କର୍ତ୍ତୃପକ୍ଷ ଭିତରକୁ ନେଇଯାଇଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆରେ ମୁସ୍‌କାନଙ୍କ ଭିଡିଓ ଆସିବା ପରେ କର୍ଣାଟକର ମୁସଲମାନ ସମ୍ପ୍ରଦାୟର ଛାତ୍ରୀମାନେ ବିକ୍ଷୋଭରେ ତାଙ୍କ ଫଟୋ ଥିବା ବ୍ୟାନର ବ୍ୟବହାର କରୁଥିବା ଦେଖିବାକୁ ମିଳିଛି।

ମୁସ୍‌କାନଙ୍କ କହିବା ଅନୁଯାୟୀ, ସେ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିବା ଦିନଠାରୁ ହିଜାବ ପିନ୍ଧୁଛନ୍ତି। ସବୁଦିନ ପରି ଉକ୍ତ ଘଟଣା ଦିନ ମଧ୍ୟ ସେ କଲେଜ ଯାଇଥିଲେ। ହେଲେ କଲେଜ ବାହାରେ ଏକ ଗୋଷ୍ଠୀ ତାଙ୍କୁ ଘେରିଯାଇଥିଲେ। ବୁର୍କାରେ ସେ କ୍ଲାସକୁ ଯାଇପାରିବେନି ବୋଲି କହି ସେମାନେ ତାଙ୍କୁ ଅଟକାଇଥିଲେ। କିନ୍ତୁ ମୁସ୍‌କାନ ସେମାନଙ୍କ କଥା ନ ଶୁଣି କଲେଜ ଭିତରକୁ ପଳାଇଆସିଥିଲେ। ସ୍କୁଟି ରଖି ଶ୍ରେଣୀକୁ ଯାଉଥିବାବେଳେ ସେହି ଛାତ୍ରଗୋଷ୍ଠୀ ତାଙ୍କୁ ଘେରିଯାଇ 'ଜୟ ଶ୍ରୀରାମ' ନାରା ଦେଇଥିଲେ। ସେମାନଙ୍କ ମଧ୍ୟରେ ଅଳ୍ପ କେତେଜଣ ସେହି କଲେଜ ଛାତ୍ର ଥିଲେ। କିନ୍ତୁ ଅଧିକାଂଶ କଲେଜ ବାହାର ପିଲାଥିଲେ। ସେତେବେଳେ ସେ ବହୁତ ଡରିଯାଇଥିଲେ। ତେଣୁ ତାଙ୍କ ମୁହଁରୁ ଆଲ୍ଲା ହୁ ଆକବର ବାହାରିଥିଲା ବୋଲି ମୁସ୍‌କାନ କହିଛନ୍ତି। ପରେ କଲେଜ ପ୍ରିନ୍ସିପାଲ ଏବଂ କେତେଜଣ ଶିକ୍ଷକ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଭିତରକୁ ନେଇଯାଇଥିଲେ। ସୋସିଆଲ ମିଡିଆରେ ତାଙ୍କ ସାହସକୁ ପ୍ରଶଂସା କରାଯାଇଥିବାରୁ ସେ ବେଶ୍ ଖୁସି। ଏହା ତାଙ୍କୁ ଅଧିକ ଦୃଢ଼ କରିଛି ବୋଲି ସ୍ଥାନୀୟ ବ୍ୟବସାୟୀଙ୍କ ଝିଅ ମୁସ୍‌କାନ କହିଛନ୍ତି। ହିଜାବ ପିନ୍ଧୁଥିବାରୁ ସେମାନେ ତାଙ୍କୁ ଶିକ୍ଷାରୁ ବଞ୍ଚିତ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେ ତାଙ୍କ ଅଧିକାର ପାଇଁ ଲଢ଼ିବେ ବୋଲି ମୁସ୍‌କାନ ପ୍ରକାଶ କରିଛନ୍ତି।

# ଆଉ ଲକ୍ଷେ ସୈନ୍ୟ ପଠାଇଲା ରୁଷିଆ

**ରୁଷିଆ-ୟୁକ୍ରେନ ସୀମାରେ ଉତ୍ତେଜନା ଜାରି**

**ୱାଶିଂଟନ/କିଭ୍, ୧୦।୨**

ୟୁକ୍ରେନ ସୀମା ନିକଟରେ ରୁଷିଆ ପୂର୍ବରୁ ଲକ୍ଷାଧିକ ସୈନ୍ୟ ମୁତୟନ କରି ଯୁଦ୍ଧ ସ୍ଥିତି ଉପୁଜାଇଥିବାବେଳେ ଏବେ ଉତ୍ତର ସୀମାକୁ ଆଉ ଲକ୍ଷେ ସୈନ୍ୟ ପଠାଇଥିବା ଆମେରିକା କହିଛି। ବେଲାରୁଷ୍‌କୁ ଲାଗିଥିବା ୟୁକ୍ରେନ ସୀମାଠାରେ ମସ୍କୋ ନିଜ ସ୍ଥିତି ମଜଭୁତ କରିବାରେ ଲାଗିଛି। ଏପରି କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କ୍ରମାଗତ ଭାବେ ସେଠାରେ ଉତ୍ତେଜନା ବଢ଼ାଇବାରେ ଲାଗିଛନ୍ତି। କୌଣସି କୂଟନୈତିକ ରାସ୍ତା ଆପଣାଇ ୟୁକ୍ରେନ ସୀମା ନିକଟରୁ ସୈନ୍ୟ ପ୍ରତ୍ୟାହାର କରିବା ପରିବର୍ତ୍ତେ ପୁଟିନ ଉତ୍ତେଜନା ବୃଦ୍ଧି କରୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରଁ ଏହି ସପ୍ତାହରେ ପୁଟିନ୍ ଓ ୟୁକ୍ରେନ ପ୍ରତିପକ୍ଷ ଭୋଲୋଡିଭିର ଜେଲେନ୍‌ସ୍କିଙ୍କୁ ସାକ୍ଷାତ କରି ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ ନିମନ୍ତେ ଆଲୋଚନା କରିଥିଲେ। ଏ ବାବଦରେ ମାକ୍ରଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ବିବରଣୀ ଦେବା ପରେ ପେଣ୍ଟାଗନ୍ ପକ୍ଷରୁ ଏପରି ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ରୁଷିଆ ଏବଂ ବେଲାରୁସ୍ ୧୦ ଦିନିଆ ଯୁଗ୍ମ ସମରାଭ୍ୟାସ ଚଳାଇଛନ୍ତି। ବେଲାରୁଷ୍ ରୁଷିଆର ନିକଟ ସହଯୋଗୀ ହୋଇଥିବାବେଳେ ୟୁକ୍ରେନ ସହ ଏହାର ଦୀର୍ଘ ସୀମା ଲାଗିଛି। ତେଣୁ ୟୁକ୍ରେନ ସମସ୍ୟା ବଢ଼ାଇବାକୁ ରୁଷିଆ ବେଲାରୁସ୍ ସୀମା ନିକଟରେ ସୈନ୍ୟଠୁଳ କରିବା ସହ ସେଠାରେ ସମରାଭ୍ୟାସ ଚଳାଇଛି। ଶୀତଳ ଯୁଦ୍ଧ ପରଠାରୁ ବେଲାରୁଷ୍‌ରେ ରୁଷିଆ ଏତେ ସଂଖ୍ୟାରେ ସୈନ୍ୟ ମୁତୟନ କରିବା ପ୍ରଥମ ବୋଲି ଫ୍ରାନ୍ସ କହିଛି। ମାନସିକ ସ୍ତରରେ ଚାପ ପକାଇବାକୁ କ୍ରେମେଲିନ ଏପରି କରୁଥିବା ୟୁକ୍ରେନ କହିଛି। ୟୁକ୍ରେନ ସପକ୍ଷରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ବାହାରିଥିବାବେଳେ କିଭ୍‌କୁ ନିଜ ନିଜର ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ପଠାଇବା ଜାରି ରଖିଛନ୍ତି। ୟୁକ୍ରେନ ପ୍ରସଙ୍ଗ ଉପରେ କୌଣସି ବୁଝାମଣା ନ କରିବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଗୁରୁବାର କହିଛନ୍ତି।

# ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କର: ସିଜେଆଇ

**ସୁପ୍ରିମକୋର୍ଟରେ ହିଜାବ ଶୁଣାଣି ପିଟିଶନ**

**ନୂଆଦିଲ୍ଲୀ, ୧୦।୨:** ହିଜାବ ବିବାଦ ସମ୍ପର୍କିତ ପିଟିଶନକୁ ତତ୍କାଳ ସୁପ୍ରିମକୋର୍ଟକୁ ଟ୍ରାନ୍ସଫର କରାଯିବା ଦାବିକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା ପ୍ରତ୍ୟାଖାନ କରିଛନ୍ତି। ଏ ପ୍ରସଙ୍ଗରେ କର୍ଣାଟକ ହାଇକୋର୍ଟଙ୍କୁ ପ୍ରଥମେ ବିଚାର କରି ରାୟ ପ୍ରଦାନ ଅନୁମତି ମିଳିବା ଉଚିତ ବୋଲି ସିଜେଆଇ କହିଛନ୍ତି। ବରିଷ୍ଠ ଆଇନଜୀବୀ କପିଲ ସିବଲ ମାମଲା ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ପାଇଁ ପିଟିଶନ କରିଥିଲେ। ଏହାର ଶୁଣାଣି ପାଇଁ ୯ ଜଣିଆ ବିଚାରପତିଙ୍କ ଖଣ୍ଡପୀଠକୁ ପଠାଯିବା ଉଚିତ ବୋଲି ସିବଲ କହିଥିଲେ। ତେବେ ଏତେ ଶୀଘ୍ର ହିଜାବ ମାମଲାରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ହାଇକୋର୍ଟ ଏହାର ଶୁଣାଣି କରୁଛନ୍ତି। ଆଉ ଦିନେ ଦୁଇ ଦିନ ଅପେକ୍ଷା କରାଯାଉ ବୋଲି ସିଜେଆଇ କହିଛନ୍ତି।

# ଉଠିଲା ୭ ଦିନିଆ କ୍ୱାରାଣ୍ଟାଇନ୍ ନିୟମ

**ନୂଆଦିଲ୍ଲୀ,୧୦।୨(ପି.ଟି.)**

**ବିଦେଶୀ ଯାତ୍ରୀଙ୍କ ପାଇଁ ବଦଳିଲା ଗାଇଡ୍‌ଲାଇନ**



କୋଭିଡ୍ ସଂକ୍ରମଣ କମିଥିବାରୁ କେନ୍ଦ୍ର ସରକାର ଭାରତ ଆସୁଥିବା ବିଦେଶୀ ଯାତ୍ରୀଙ୍କ ପାଇଁ ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛନ୍ତି। ବିଦେଶୀ ଯାତ୍ରୀଙ୍କ ପାଇଁ ୭ ଦିନିଆ ବାଧ୍ୟତାମୂଳକ ହୋମ୍ କ୍ୱାରାଣ୍ଟାଇନ୍ ଏବଂ ଅଷ୍ଟମ ଦିନରେ ଆର୍‌ଟି-ପିସିଆର୍ ପରୀକ୍ଷାକୁ ବାଦ୍ ଦିଆଯାଇଛି। ନୂଆ ଗାଇଡ୍‌ଲାଇନ ଫେବୃୟାରୀ ୧୪ରୁ ଲାଗୁ ହେବ। ବିମାନବନ୍ଦରରେ ପହଞ୍ଚିବା ପରେ ମୋଟ ଯାତ୍ରୀଙ୍କ ମଧ୍ୟରୁ ୨ ପ୍ରତିଶତଙ୍କ ର୍‍ୟାଣ୍ଡମ୍ ପରୀକ୍ଷା କରାଯିବ। ଉକ୍ତ ଯାତ୍ରୀମାନେ ସେମାନଙ୍କ ସ୍ୱାବ୍ ନମୁନା ଦେଇ ବିମାନବନ୍ଦରରୁ ଯାଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ପୂର୍ବରୁ ରହିଥିବା ୭ ଦିନିଆ ବାଧ୍ୟତାମୂଳକ ହୋମ୍ କ୍ୱାରାଣ୍ଟାଇନ ବଦଳରେ ଯାତ୍ରୀମାନେ ପହଞ୍ଚିବାର ୧୪ ଦିନ ପର୍ଯ୍ୟନ୍ତ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବେ। ବିମାନ ଯାତ୍ରାର ୭୨ ଘଣ୍ଟା ପୂର୍ବରୁ ଆର୍‌ଟି-ପିସିଆର୍ ପରୀକ୍ଷା ନେଗେଟିଭ୍ ରିପୋର୍ଟ ଅପ୍‌ଲୋଡ୍ ସହିତ କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇଥିବାର ସାର୍ଟିଫିକେଟ ଅପ୍‌ଲୋଡ୍ କରିବା ଲାଗି ବିକଳ୍ପ ରହିବ। ଏଥିପାଇଁ ମନ୍ତ୍ରଣାଳୟ ପକ୍ଷରୁ ଆମେରିକା, ନ୍ୟୁଜିଲାଣ୍ଡ, ସୁଇଜରଲାଣ୍ଡ, ଅଷ୍ଟ୍ରେଲିଆ, ହଂକଂ, ସିଙ୍ଗାପୁର, ସାଉଦି ଆରବ, ଇସ୍ରାଏଲ୍, ବାଂଲାଦେଶ, ଇରାନ, ନେପାଳ, ମେକ୍ସିକୋ, ନେଦରଲାଣ୍ଡସ୍ ସମେତ ୮୨ ଦେଶର ତାଲିକା ଦିଆଯାଇଛି। ସେହିପରି ଅଷ୍ଟମ ଦିନରେ ଆର୍‌ଟି-ପିସିଆର୍ ପରୀକ୍ଷା କରାଇ ଏହାକୁ ଏୟାର ସୁବିଧା ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ହେବ। ବିମାନ ବନ୍ଦରରେ ପହଞ୍ଚିବା ପରେ ଯାତ୍ରୀଙ୍କଠାରେ ଲକ୍ଷଣ ଦେଖାଦେଲେ ସ୍ୱାସ୍ଥ୍ୟସେବା ପ୍ରୋଟୋକଲ ଅନୁଯାୟୀ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଆଇସୋଲେଶନରେ ରଖାଯିବ। ପଜିଟିଭ୍ ଚିହ୍ନଟ ହେଲେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରାଯିବ। ପଜିଟିଭ୍ ଚିହ୍ନଟ ହୋଇଥିବା ଯାତ୍ରୀଙ୍କ ନମୁନା ଜିନୋମ୍ ପରୀକ୍ଷା ଲାଗି ଆଇଏନ୍ଏସ୍ଏସିଓଜି ଲାବରେଟୋରିକୁ ପଠାଯିବ। ସେହିପରି ସାମୁଦ୍ରିକ ବନ୍ଦର ବା ସ୍ଥଳଭାଗ ବନ୍ଦର ଦେଇ ଆସୁଥିବା ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ମଧ୍ୟ ସମାନ ପ୍ରୋଟୋକଲ ଲାଗୁ ହେବ। ୫ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ବିମାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ଓ ପରେ କୋଭିଡ୍ ପରୀକ୍ଷା କରାଇବାକୁ ପଡ଼ିବ ନାହିଁ। ବିମାନ ବନ୍ଦରରେ ପହଞ୍ଚିବା ପରେ କିମ୍ବା ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସମୟରେ ଯଦି ସେମାନଙ୍କଠାରେ ଲକ୍ଷଣ ଦେଖାଯାଏ, ତେବେ କୋଭିଡ୍ ପରୀକ୍ଷା କରାଇବାକୁ ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି।

# ୧୦ ଲକ୍ଷ ଲୋକରେ ୨୧ ବିଚାରପତି

**ନୂଆଦିଲ୍ଲୀ,୧୦।୨(ପି.ଟି.)**



ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୨୧ ଜଣ ବିଚାରପତି ରହିଛନ୍ତି। ଗୁରୁବାର ରାଜ୍ୟ ସଭାରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ କିରେନ ରିଜିଜୁ କହିଥିଲେ, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଲୋକସଂଖ୍ୟା ଏବଂ ଏକ ନିର୍ଦ୍ଦିଷ୍ଟ ବର୍ଷରେ ବିଭିନ୍ନ ଅଦାଲତର ବିଚାରପତି ସଂଖ୍ୟାକୁ ହିସାବକୁ ନିଆଯାଇ ବିଚାରପତି ଜନସଂଖ୍ୟା ଅନୁପାତ ପ୍ରସ୍ତୁତ ହୋଇଛି। ଗତବର୍ଷ ଡିସେମ୍ବର ୩୧ରେ ପ୍ରତି ନିୟୁତ ଜନସଂଖ୍ୟାରେ ବିଚାରପତିଙ୍କ ସଂଖ୍ୟା ୨୧.୩ ରହିଥିବା ମନ୍ତ୍ରୀ କହିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୪ ରହିଥିବାବେଳେ ୨୫ ହାଇକୋର୍ଟର ବିଚାରପତି ସଂଖ୍ୟା ୧,୦୯୮ ରହିଛି। ଅଦାଲତଗୁଡ଼ିକରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ୁଥିବା ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ରିଜିଜୁ କହିଥିଲେ, ଫାଷ୍ଟ ଟ୍ରାକ୍ କୋର୍ଟ ସମେତ ଅନ୍ୟାନ୍ୟ ସବ୍‌ଅର୍ଡିନେଟ କୋର୍ଟ ସ୍ଥାପନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ରାଜ୍ୟ ସରକାର ସମ୍ପୃକ୍ତ ହାଇକୋର୍ଟଙ୍କ ସହ ପରାମର୍ଶକ୍ରମେ ଅଧିକ ସବ୍‌ଅର୍ଡିନେଟ କୋର୍ଟ ଖୋଲିପାରିବେ। ତ୍ୱରିତ୍ ନ୍ୟାୟ ପ୍ରଦାନ ଲାଗି ଚତୁର୍ଦ୍ଦଶ ଅର୍ଥ କମିଶନ ୨୦୧୫-୨୦୨୦ ସୁଦ୍ଧା ୧,୮୦୦ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ ଲାଗି ସୁପାରିସ କରିଥିଲେ। ଟିକସ ହସ୍ତାନ୍ତରଣ ଜରିଆରେ ମିଳୁଥିବା ଅଧିକ ଆର୍ଥିକ ସହାୟତାକୁ ଏଥିରେ ବିନିଯୋଗ କରିବାକୁ ଅର୍ଥ କମିଶନ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଦେଶର ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୮୯୮ ଫାଷ୍ଟଟ୍ରାକ୍ କୋର୍ଟ କାର୍ଯ୍ୟ କରୁଛି।

**ଗଣତାନ୍ତ୍ରିକ ସୂଚକାଙ୍କ**

# ୪୬ତମ ସ୍ଥାନରେ ଭାରତ

**ଲଣ୍ଡନ,୧୦।୨**

ଇଆଇୟୁ (ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ) ଦ୍ୱାରା ପ୍ରସ୍ତୁତ ୨୦୨୧ ଗଣତନ୍ତ୍ର ସୂଚକାଙ୍କରେ ଭାରତର ଗଣତାନ୍ତ୍ରିକ ସ୍କୋର ହ୍ରାସ ପାଇଛି। ହିନ୍ଦୁ ଜାତୀୟତାବାଦୀଙ୍କ ଦ୍ୱାରା ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ମାମଲା ଓ ଅନ୍ୟାନ୍ୟ ଧର୍ମୀୟ ମାମଲାଗୁଡ଼ିକୁ ରୋକିବାରେ ଭାରତ ସରକାର ବିଫଳ ହୋଇଥିବାରୁ ଗଣତାନ୍ତ୍ରିକ ସ୍କୋର କମୁଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ବର୍ଷେରୁ ଊର୍ଦ୍ଧ୍ୱ ସମୟ ଚାଷୀମାନଙ୍କ ବିକ୍ଷୋଭ ଯୋଗୁ ସରକାର କୃଷି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ଫଳରେ ଭାରତର ସ୍କୋର୍‌ରେ ସାମାନ୍ୟ ଉନ୍ନତି ହୋଇଥିଲା। ବିଶ୍ୱ ସୂଚକାଙ୍କରେ ଭାରତର ସ୍ଥାନ ୪୬ ରହିଛି। ଏହା ମୋଟ ଉପରେ ୬.୯୧ ସ୍କୋର ହାସଲ କରିଛି। ରାଜନୈତିକ ସଂସ୍କୃତିରେ ଭାରତ ସର୍ବନିମ୍ନ ସ୍କୋର ୫ ହାସଲ କରିଥିବାବେଳେ ନିର୍ବାଚନୀ ପ୍ରକ୍ରିୟା ଏବଂ ବହୁଳବାଦରେ ସର୍ବାଧିକ ୮.୬୭ ସ୍କୋର କରିଛି। ଏହା ବ୍ୟତୀତ ନାଗରିକ ସ୍ୱାଧୀନତାରେ ୬.୧୮, ରାଜନୈତିକ ଯୋଗଦାନରେ ୭.୨୨ ଏବଂ ସରକାରଙ୍କ କାର୍ଯ୍ୟକାରିତାରେ ଭାରତକୁ ୭.୫୦ ନମ୍ବର ମିଳିଛି। ଏସିଆ ମହାଦେଶରେ ମ୍ୟାନ୍‌ମାର, ଆଫଗାନିସ୍ତାନ, ଉତ୍ତର କୋରିଆ ସର୍ବନିମ୍ନ ର୍‍ୟାଙ୍କରେ ରହିଛନ୍ତି। ଏହି ଦେଶଗୁଡ଼ିକ ଲାଗି ଏସିଆର ହାରାହାରି ସୂଚକାଙ୍କ ହ୍ରାସ ପାଇଛି। ଇଆଇୟୁର ୨୦୨୧ ଡେମୋକ୍ରାସି ଇଣ୍ଡେକ୍ସ ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ଗଣତନ୍ତ୍ର ଓ ସ୍ୱାଧୀନତା ଉପରେ କୋଭିଡ୍-୧୯ର ନକାରାତ୍ମକ ପ୍ରଭାବ ପଡ଼ିଛି।

ଡେମୋକ୍ରାଟିକ୍ ଇଣ୍ଡେକ୍ସରେ ୨୦୨୦ରେ ୧୧ତମ ସ୍ଥାନରେ ଥିବା ତାଇୱାନ୍ ୨୦୨୧ରେ ଅଷ୍ଟମ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ଇଣ୍ଡେକ୍ସରେ ଜାମ୍ବିଆ ପରେ ଇଣ୍ଡୋନେସିଆ ଦ୍ୱିତୀୟ ସର୍ବାଧିକ ଉନ୍ନତି କରିଛି। ୨୦୨୦ରେ ଏହା ୬୪ତମ ସ୍ଥାନରେ ରହିଥିବାବେଳେ ଏଥର ୫୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ନିକଟ ଦଶକରେ ଚାଇନା ଉଲ୍ଲେଖନୀୟ ଆର୍ଥିକ ସଫଳତା ହାସଲ କରିବା ସତ୍ତ୍ୱେ ଏହା ଅଧିକ ଗଣତାନ୍ତ୍ରିକ ହୋଇପାରି ନାହିଁ। ଡେମୋକ୍ରାଟିକ୍ ଇଣ୍ଡେକ୍ସରେ ଚାଇନାରେ ସତ୍ତାବାଦୀ ଶାସନ ଚାଲିଥିବା କୁହାଯିବା ସହ ମୋଟ ସ୍କୋର ୨.୨୧ ଦିଆଯାଇଛି।

E·I·U
The Economist Intelligence Unit

## ସଂକ୍ଷେପରେ

### ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ୨ ଗୁରୁତର

**କଳିଙ୍ଗନଗର,୧୦।୨(ଡି.ଏନ.ଏ.):** କଳିଙ୍ଗନଗରସ୍ଥ ବାରଗାଡ଼ିଆ ଛକ ନିକଟରେ ଥିବା ଏକ ଗ୍ୟାସ୍ ଦୋକାନରେ ଗୁରୁବାର ଟାଙ୍କି ଫାଟି ବିସ୍ଫୋରଣ ଘଟିଛି। ଏଥିଯୋଗୁ ୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଦାନଗଦୀ ଦମକଳ ବାହିନୀ, ସୁକିନ୍ଦା ଦମକଳ ବାହିନୀ ଓ ଟାଟା ଷ୍ଟିଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂଚନା ମୁତାବକ, ଉକ୍ତ ଗ୍ୟାସ୍ ଦୋକାନରେ ବେଆଇନ ଭାବେ ଗ୍ୟାସ ଟାଙ୍କି ମହଜୁଦ ଥିଲା। ତେବେ ଗୋଟିଏ ଟାଙ୍କିରୁ ଅନ୍ୟ ଟାଙ୍କିକୁ ଗ୍ୟାସ ଭର୍ତ୍ତି କରାଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଦୋକାନରେ ୩୦ରୁ ଊର୍ଦ୍ଧ୍ୱ ଗ୍ୟାସ ଟାଙ୍କ ମହଜୁଦ ଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଗୁରୁତରଙ୍କ ପରିଚୟ ମିଳି ପାରି ନ ଥିଲା।

### ପୂର୍ବତନ ସମିତିସଭ୍ୟ ଅକ୍ଷୟ ଜେନା ବିଜେଡିରେ ସାମିଲ

**ପଟ୍ଟାମୁଣ୍ଡାଇ,୧୦।୨(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅକ୍ଷୟ ଜେନା, ଅଶୋକ ଜେନା ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଓ ବ୍ଲକ ସଭାପତି କିଶୋର ସାହୁ ପ୍ରମୁଖ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ପଞ୍ଚାୟତ ବିଜେଡି ସଭାପତି ଅଜାମ୍ବର ପ୍ରଧାନ, ଯୁବନେତା ଦିଲୀପ ଜେନା ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

### ବୃନ୍ଦାବନ ଚନ୍ଦ୍ର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରଘୁନାଥପୁର,୧୦।୨(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅଚ୍ଯୁତପୁରସ୍ଥିତ ବ୍ରାହ୍ମଣ ସାହିରେ ବୁଧବାରଠାରୁ ବୃନ୍ଦାବନ ଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୩ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସୁବ୍ରତ ମିଶ୍ର ଓ ସବିତା ମିଶ୍ର କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ରାମାୟାଣୀ ପଣ୍ଡିତ ଅଭୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନ ଦାଶ, ଅକ୍ଷୟ ତ୍ରିପାଠୀ, ଶୁଭାଶିଷ ପଣ୍ଡା ଓ ସଞ୍ଜୟ ଦାଶ ପ୍ରତିଷ୍ଠା ଓ ଯଜ୍ଞ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଶୁକ୍ରବାର ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ କରାଯିବ ବୋଲି ଆୟୋଜକ ସରୋଜ କୁମାର ଦାଶ ଓ ଲକ୍ଷ୍ମଣ ଦାଶ ପ୍ରକାଶ କରିଛନ୍ତି।

### ଖଣ୍ଡାରେ ହାଣି ବାଇକ୍ ଛଡ଼ାଇ ନେଲେ

**ସୋର,୧୦।୨(ଡି.ଏନ.ଏ.):** ସୋର କଲେଜଛକ ନିକଟରେ ବୁଧବାର ରାତି ପ୍ରାୟ ସାଢେ ୯ଟାରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ତାଙ୍କଠାରୁ ୬ହଜାର ଟଙ୍କା ଏବଂ ତାଙ୍କ ବୁଲେଟ ଛଡ଼ାଇ ନେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ଜଣଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋର ପୌରପରିଷଦ ଅଧୀନ ଇଟୁଆ ଗ୍ରାମର ରମେଶ ପ୍ରଧାନ ରାତିରେ ଚଣ୍ଡିଖୋଲରୁ ତାଙ୍କ ବୁଲେଟରେ ଘରକୁ ଫେରୁଥିଲେ। ସ୍କୁଲ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡାରେ ହାଣିଦେଇଥିଲେ। ତାଙ୍କ ନିକଟରେ ଥିବା ୬ ହଜାର ଟଙ୍କା ଛଡ଼ାଇ ନେବା ସହିତ ତାଙ୍କ ନୂଆ ବୁଲେଟକୁ ଛଡ଼ାଇ ଦେଇ ପଳାଇ ଯାଇଛନ୍ତି।

# ବୁଥ୍‌କୁ ଚାଲି ଚାଲି ଯିବେ ପୋଲିଂ କର୍ମଚାରୀ

**କେନ୍ଦ୍ରାପଡ଼ା ଅଫିସ, ୧୦।୨**

କେନ୍ଦ୍ରାପଡ଼ା ଜିଲା ବିକାଶର ନମୁନା ପ୍ରତ୍ୟେକ ନିର୍ବାଚନ ସମୟରେ ଦେଖିବାକୁ ମିଳୁଛି। ସ୍ୱାଧୀନତାର ୭୫ ବର୍ଷରେ ମଧ୍ୟ ଜିଲାର ବିଭିନ୍ନ ଗ୍ରାମକୁ ଯିବାକୁ ଉପଯୋଗୀ ରାସ୍ତା ନାହିଁ। ପୋଲିଂ କର୍ମଚାରୀ ବୁଥ୍‌କୁ ଚାଲି ଚାଲି ଯିବାକୁ ଥିବାବେଳେ ସରଞ୍ଜାମ ନିଜକୁ ବୋହିବାକୁ ପଡିବ। ସେହିପରି ମତଦାନ କେନ୍ଦ୍ର ପାଇଁ ୫୧ଟି ସ୍ଥାନରେ ଅସ୍ଥାୟୀ ଟେଣ୍ଟ ନିର୍ମାଣ କରିବାକୁ ପଡିବ। ତେବେ ଚଳିତ ତ୍ରିସ୍ତରୀୟ ନିର୍ବାଚନର ସୁପରିଚାଳନା ପାଇଁ ମୋଟ ୪,୨୫୮ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଥିବା ଜିଲା ପଞ୍ଚାୟତ ବିଭାଗ ପକ୍ଷରୁ ତଥ୍ୟ ମିଳିଛି।

ଆସନ୍ତା ୧୬ ତାରିଖରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଆଳି ବ୍ଲକ ଏହି ପ୍ରଥମ ପର୍ଯ୍ୟାୟରେ ଥିବା ବେଳେ ନଳପାହି, ଦକ୍ଷିଣଡିହା, ଏକମାଣିଆ ଓ ପଦନୀପାଳ ଗ୍ରାମକୁ ରାସ୍ତା ନାହିଁ। ଆଳି ବ୍ଲକର ଏହି ଦୁଇ ଗ୍ରାମ ସହ ମହାକାଳପଡ଼ାର ବଟିଘର ପଞ୍ଚାୟତକୁ ଯିବାକୁ ମଧ୍ୟ ରାସ୍ତା ନାହିଁ। ଏକାଧିକ ବୁଥରେ ଏହି ଅଞ୍ଚଳରେ ମତଦାନ କାର୍ଯ୍ୟ ଚାଲିବ। ସେହିପରି ଜିଲାର ଉପାନ୍ତ ରାଜନଗର ବ୍ଲକ ଅଞ୍ଚଳରେ କେତେଗୋଟି ବୁଥକୁ ରାସ୍ତା ନାହିଁ। ନଦୀ ଏଥିରେ ବାଧକ ସାଜିଛି। ସେତୁ ନ ଥିବାରୁ ପୋଲିଂ କର୍ମଚାରୀ ଡଙ୍ଗାରେ ଯାଇ ନଦୀ ଆରପଟରୁ ବୁଥ୍‌କୁ ଚାଲିକି ଯିବାକୁ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୨**

- ୫୨ ସ୍ଥାନରେ ବୁଥ୍ ପାଇଁ ଟେଣ୍ଟ ସାହାରା
- ଚଳିତ ନିର୍ବାଚନ ପାଇଁ ୪୨୫୮ କର୍ମଚାରୀ ନିୟୋଜିତ



ପଡିବ। କେତେକ ସ୍ଥାନରେ ବାଇକ୍ ଓ ଅଟୋ ରିକ୍ସା ବ୍ୟବସ୍ଥା ଥିଲେ ମଧ୍ୟ ପୋଲିଂ କର୍ମଚାରୀଙ୍କ ଦୁର୍ଦ୍ଦଶା ବଢ଼ିବ। ଜିଲାରେ ୩,୬୯୮ ବୁଥ୍ ପ୍ରସ୍ତୁତ ହୋଇଛି। ବାଲଟ ବକ୍ସ, କାଗଜପତ୍ର, ଲଣ୍ଠନ, କର୍ମଚାରୀଙ୍କ ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ୭୪୬ଟି ଛୋଟ, ବଡ଼ ଗାଡ଼ି ସହ ବାଇକ୍ ବ୍ୟବସ୍ଥା ହୋଇଛି। ଡେରାବିଶ ବ୍ଲକ ଅଞ୍ଚଳର ୩୭୧ ବୁଥ୍‌ରେ ଭୋଟ ଗ୍ରହଣ ହେବ। ତେବେ ଏଠାରେ ଆବଶ୍ୟକ ସ୍ଥାୟୀ ଗୃହ ନ ଥିବାରୁ ୧୯ଟି ମତଦାନ କେନ୍ଦ୍ର ପ୍ରସ୍ତୁତ କରାଯିବ। ସେହିପରି ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୫ଟି, ରାଜନଗରରେ ୫ଟି, କେନ୍ଦ୍ରାପଡ଼ା ବ୍ଲକରେ ୧୭ଟି ଓ ଗରଦପୁର ବ୍ଲକ ଅଞ୍ଚଳରେ ୬ଟି ଅସ୍ଥାୟୀ କେନ୍ଦ୍ର ନିର୍ମାଣ ହେବ। ନଦୀ ପାର ପାଇଁ ଡଙ୍ଗା ବ୍ୟବସ୍ଥା ହୋଇଥିବା ଜିଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି। ଜିଲାପାଳ ଋତୁରାଜ କହିଛନ୍ତି ଯେ, ସମସ୍ତ କର୍ମଚାରୀଙ୍କୁ ନିର୍ବାଚନର ସୁପରିଚାଳନା ପାଇଁ ତାଲିମ ସହ ଦାୟିତ୍ୱ ବଣ୍ଟନ ହୋଇଛି। ଇତିମଧ୍ୟରେ ଜିଲାର ୧୫୭୫ ଉତ୍ତେଜନାପ୍ରବଣ ବୁଥ୍‌ଗୁଡିକ ଚିହ୍ନଟ ହୋଇଛି। ଏହାର ସୁପରିଚାଳନା ପ୍ରତି ଦୃଷ୍ଟି ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଯୋଡ଼ା,୧୦।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଞ୍ଚଳର ଜଣୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଡମ୍ବରୁଧର ନାଏକ। ପୋଲିସ ସୂଚନା ଅନୁଯାୟୀ, ଡମ୍ବରୁଧର ଗତ ଏକ ବର୍ଷ ହେଲା ସମ୍ପୃକ୍ତ ୧୯ ବର୍ଷୀୟା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ରାଜି ନ ହେବାରୁ ଯୁବତୀଙ୍କ ପରିବାର ପକ୍ଷରୁ ଗୁରୁବାର ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ବଳାତ୍କାର ମାମଲା (ନଂ.୧୯/୨୨) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟରେ ମିଳୁନି ସାଧାରଣ ଔଷଧ

**ଚମ୍ପୁଆ,୧୦।୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସାଧାରଣ ରୋଗ ପାଇଁ ଔଷଧ ମିଳୁ ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଛି। ଥଣ୍ଡାଜ୍ୱର, ଏସିଡିଟି ଓ କାଛୁକୁଣ୍ଡିଆ ରୋଗ ପାଇଁ ବାହାରୁ ଔଷଧ କିଣିବାକୁ ପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଧର୍ମପଦ ଦାସମହାପାତ୍ରଙ୍କୁ ପଚାରିବାରୁ ୧୫ ଦିନ ହେବ ଡାକ୍ତରଖାନାରୁ ଉକ୍ତ ଔଷଧ ସରିଯାଇଛି। ଏ ନେଇ ଚିକିତ୍ସାଳୟ ପକ୍ଷରୁ ଇଣ୍ଡେନ୍ କରାଯାଇଛି ମାତ୍ର ଔଷଧ ଆସିପାରି ନାହିଁ ବୋଲି କହିଛନ୍ତି। ୧୯୧୦ରେ ପ୍ରତିଷ୍ଠିତ ଏହି ଚିକିତ୍ସାଳୟ ଉପରେ ଝାଡ଼ଖଣ୍ଡ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ର ରୋଗୀଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ରୋଗୀ ପ୍ରତ୍ୟହ ନିର୍ଭର କରୁଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କୁନି ଝିଅଙ୍କ ବାଉଁଶରାଣୀ ପ୍ରଦର୍ଶନ



ମହାକାଳପଡ଼ା ବ୍ଲକ ଅଞ୍ଚଳରେ କୁନି ଝିଅ ଅନ୍ତରା ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଛି।

**ମହାକାଳପଡ଼ା, ୧୦।୨(ଡି.ଏନ.ଏ.)**

- ପେଟ ପାଇଁ ନାଟ
- ଜୀବିକା ପାଇଁ ଜୀବନ ବନ୍ଧା

ପରିବାର ପ୍ରତିପୋଷଣ ପାଇଁ କୁନି ଝିଅଟିଏ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ବିଭିନ୍ନ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ। ସୁଦୂର ଛତିଶଗଡ଼ ଅଞ୍ଚଳରୁ ଏକ ଯାଦବ ସମ୍ପ୍ରଦାୟର ପରିବାର ଓଡ଼ିଶାର ଗାଁକୁ ଗାଁ ବୁଲି ବାଉଁଶରାଣୀ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି। ଏହି ଯାଦବ ସମ୍ପ୍ରଦାୟର କୁନି ଝିଅ ଅନ୍ତରା ଯାଦବ (୧୦) ନିଜ ପରିବାର ସହିତ ଶୀତ ଋତୁରେ ବ୍ଲକ ଅଞ୍ଚଳରେ ବୁଲି ସଙ୍ଗୀତର ତାଳେ ତାଳେ ଝୁମି ବଉଁଶରାଣୀ ଖେଳ ଦେଖାଉଛନ୍ତି। ଦୁଇପାର୍ଶ୍ୱର ବାଉଁଶରେ ବନ୍ଧା ଯାଇଥିବା ପ୍ଲାଷ୍ଟିକ ରଶି ଉପରେ ଖାଲି ପାଦରେ ଚାଲିବା, ଗାଡ଼ି ରିମ୍ ଉପରେ ଚାଲିବା, ଥାଳି ଉପରେ ଚାଲିବା ସହିତ ମୁଣ୍ଡରେ କଳସ ରଖି ଭାରସାମ୍ୟ ରକ୍ଷା କରି ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରଦର୍ଶନ କରି ଲୋକଙ୍କ ମନ ମୋହୁଛନ୍ତି। ସେହିପରି ଅଙ୍କିତାଙ୍କ ମା' ପ୍ରିୟଙ୍କାଙ୍କ କହିବା କଥା ଛୋଟ ବେଳୁ ମୁଁ ଏହି ବାଉଁଶ ରାଣୀ ଖେଳ ପ୍ରଦର୍ଶନ କରୁଥିଲି। ମୁଁ ଏହି ଖେଳ ମୋ ଝିଅ ଅନ୍ତରାକୁ ତାଲିମ ଦେଇଛି। ଏବେ କରୋନା ମହାମାରୀ ପାଇଁ ବିଦ୍ୟାଳୟ ବନ୍ଦ ଥିବାରୁ ଆମେ ଓଡ଼ିଶାର ଗାଁ ଗଣ୍ଡାରେ ବୁଲି ଖେଳ ପ୍ରଦର୍ଶନ କରୁଛୁ। ଏହି ଖେଳକୁ ଦେଖି ଯିଏ ଯାହା ସାହାଯ୍ୟ କରୁଛନ୍ତି ଆମେ ଖୁସିରେ ଗ୍ରହଣ କରୁଛୁ। ମଧ୍ୟାହ୍ନରେ ଖେଳ ପ୍ରଦର୍ଶନ ସରିଲେ ଉକ୍ତ ଗ୍ରାମରୁ ମାଗି ଯାଚି ଖାଇ ଥାଉ। ରାତି ହେଲେ ଗାଁ ବିଦ୍ୟାଳୟ ବାରଣ୍ଡା କିମ୍ବା ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇ ଥାଉ। ଆମ ସମ୍ପ୍ରଦାୟର ଏହି ଖେଳକୁ ପିଢ଼ି ପରେ ପିଢ଼ି ବେଉସା କରି ଆପଣେଇ ନେଇଛୁ। ଏତେ ଛୋଟ ବୟସରେ ବିପଦପୂର୍ଣ୍ଣ ଖେଳକୁ ଅଭ୍ୟାସ ଯୋଗୁ ସମ୍ଭବ ହୋଇପାରିଛି। ଦର୍ଶକଙ୍କ ତାଳି ଓ ଭଲ ପାଇବା ଆଗ୍ରହ ଦେଖି ଖେଳ ପ୍ରତି ମନୋବଳ ବୃଦ୍ଧି ପାଉଛି। ୩ ବର୍ଷ ଧରି ଓଡ଼ିଶା ମାଟିରେ ଖେଳ ପ୍ରଦର୍ଶନ କରିବା ପରେ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କହି ପାରୁଛୁ। ଆମର ଏହି ଖେଳକୁ ଓଡ଼ିଶାବାସୀ ଖୁବ୍ ପ୍ରଶଂସା କରୁଛନ୍ତି ବୋଲି ପ୍ରିୟଙ୍କା କହିଛନ୍ତି।

# ୨୮ ନଂ. ଜୋନ୍‌ରେ ଜୋରଦାର ଲଢ଼େଇ

**ବିଞ୍ଝାରପୁର,୧୦।୨(ଡି.ଏନ.ଏ.)**

ଯାଜପୁର ଜିଲା ପରିଷଦ ଅଧୀନ ବିଞ୍ଝାରପୁର ବ୍ଲକର ୨୮ ନଂ. ଜୋନରେ ବିଜେଡି, ଭାଜପା ଓ କଂଗ୍ରେସ ୩ ପ୍ରମୁଖ ଦଳ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଛି। ବ୍ଲକର ବାଙ୍ଗରା, ଜରି, ସିଂହପୁର, ହଳଦୀଡ଼ିହ, ଆଉଁରୀ, ଓଳେଇଚନ୍ଦନପୁର, ବାଛୋଳ ଓ ଟିଣା ସମେତ ୮ ପଞ୍ଚାୟତକୁ ନେଇ ଉକ୍ତ ଜୋନ୍ ଗଠିତ। ପୂର୍ବରୁ କଂଗ୍ରେସ ଅଧୀନରେ ଥିବା ଉକ୍ତ ଜୋନକୁ ୧୦ ବର୍ଷହେଲା ବିଜେଡି ନିଜ ଅକ୍ତିଆରରେ ରଖିଛି। ତେବେ ଚଳିତ ନିର୍ବାଚନରେ ପୂର୍ବତନ ଜିଲାପରିଷଦସଭ୍ୟ ତଥା ବିଜେଡି ଦଳର ନିର୍ବାଚନମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି। ବିଜେଡି ସରକାରର ବିକାଶ ସାଙ୍ଗକୁ ନବୀନଙ୍କ ଭାବମୂର୍ତ୍ତି ଓ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନୀତିଆଦର୍ଶକୁ ପାଥେୟକରି ମହାନ୍ତି ଘରକୁଘର ବୁଲି ଭୋଟ ଭିକ୍ଷା କରିବାସହ ଦଳର ଗଡ଼ ବଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି।

ସେହିପରି କଂଗ୍ରେସ ଛାଡି ଭାଜପାରେ ମିଶିଥିବା ଭୁବନାନନ୍ଦ ସାମଲଙ୍କୁ ଭାଜପା ଏହି ଜୋନରେ ପ୍ରାର୍ଥୀ କରିଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିବା ଭାଜପା ଚଳିତ ନିର୍ବାଚନରେ ଜୋନକୁ ନିଜ ଅକ୍ତିଆରକୁ ନେବାପାଇଁ ସାମଲଙ୍କୁ ପ୍ରାର୍ଥୀ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରା ଓ ବିଜେଡିର ଦୁର୍ନୀତିକୁ ପାଥେୟକରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଛି ଭାଜପା। ଏହି ଜୋନରେ ଥିବା ବିଭିନ୍ନ ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବାସହ ଭାଜପାକୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ସାମଲ ଲୋକଙ୍କୁ ନିବେଦନ କରୁଛନ୍ତି।

ସେହିପରି କଂଗ୍ରେସ ଉକ୍ତ ଜୋନ୍‌ରେ ମନୋଜ କୁମାର ସାମଲଙ୍କୁ ପ୍ରାର୍ଥୀ କରିଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ତୃତୀୟ ସ୍ଥାନ ଅକ୍ତିଆର କରିଥିବା କଂଗ୍ରେସ ଚଳିତ ନିର୍ବାଚନରେ ଜଣେ ନୂଆ ଚେହେରାଙ୍କୁ ପ୍ରାର୍ଥୀ କରିଛି। ସାମଲ ପୂର୍ବରୁ ବିଞ୍ଝାରପୁର ବ୍ଲକ ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରିବାସହ ବାତ୍ୟା, ବନ୍ୟା ସମେତ ବିଭିନ୍ନ ସମୟରେ ଲୋକଙ୍କ ସହିତ ଜଡ଼ିତରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ଯୁବ ସାମାଜିକ କର୍ମୀ ସାମଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାସହ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ, ଦରଦାମ ବୃଦ୍ଧି, ବେକାରି ସମସ୍ୟାକୁ ପାଥେୟକରି ଲୋକଙ୍କ ନିକଟତର ହେବାକୁ ଚାହୁଁଛନ୍ତି। ଜୋନରେ ଥିବା ବିଭିନ୍ନ ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବାସହ କଂଗ୍ରେସକୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରୁଛନ୍ତି। ସାମଲଙ୍କ ସମେତ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦିକା କନକଲତା ମଲ୍ଲିକ, ବ୍ଲକ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଓ ଅମର ମଲ୍ଲିକ ପ୍ରମୁଖଙ୍କୁ ସାମଲଙ୍କ ସହିତ ଦେଖିବାକୁ ମିଳିଛି।

## ସ୍କୁଲରେ ପ୍ଲାଷ୍ଟିକ, ପଲିଥିନ୍‌ମୁକ୍ତ ଅଭିଯାନ



ସଚେତନତା ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ଆଳି,୧୦।୨(ଡି.ଏନ.ଏ.)**

ପରିବେଶର ଶତ୍ରୁ ଭାବେ ଆଜିର ସଭ୍ୟ ସମାଜରେ ବହୁଳ ଭାବେ ବ୍ୟବହୃତ ପଲିଥିନ ଓ ପ୍ଲାଷ୍ଟିକର ବ୍ୟବହାର କମ୍ କରିବାକୁ ସହିରା ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମମତା ଧଳଙ୍କ ଉଦ୍ୟମରେ ସହକାରୀ ଶିକ୍ଷକ ବିଜୟାଲକ୍ଷ୍ମୀ ରାଉତ, ପ୍ରମୋଦ କୁମାର ମଲ୍ଲିକ, ଅରୁଣ କୁମାର ରାଉତ, ସରସ୍ୱତୀ ମୁର୍ମୁ, ପ୍ରଭାବତୀ ପଢିହାରୀଙ୍କ ସମେତ ଇକୋ କ୍ଲବ୍‌ର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନେ ପ୍ଲାକାର୍ଡ, ସ୍ଲୋଗାନ ମାଧ୍ୟମରେ ସଚେତନତା ଅଭିଯାନ କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।

## ଗୋଟିଏ ରାତିରେ ୪ ଦୋକାନରୁ ଚୋରି

**ସୋର, ୧୦।୨(ଡି.ଏନ୍.ଏ.)**

ସୋର ଥାନା ବାଗୁଡ଼ି ବଜାରରେ ବୁଧବାର ବିଳମ୍ବିତ ରାତିରେ ୪ଟି ଦୋକାନ ତାଲା ଭାଙ୍ଗି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ବଜାରରେ ଥିବା ଖଗେନ୍ଦ୍ର ବାରିକଙ୍କ ପରିବା ଦୋକାନର ତାଲାଭାଙ୍ଗି ଟଙ୍କା ବାକ୍ସରୁ ୧୫୦୦ଟଙ୍କା, ଶିବଶଙ୍କର ଜେନାଙ୍କ ଫଳ ଦୋକାନରୁ ୬ ହଜାର ଟଙ୍କା ସହିତ ୧୦ କିଲୋରୁ ଊର୍ଦ୍ଧ୍ୱ ସେଓ ଚୋରି କରିନେଇଛନ୍ତି। ସେହିପରି ସୁଶାନ୍ତ ପ୍ରଧାନଙ୍କ ପୂଜା ସାମଗ୍ରୀ ଦୋକାନରୁ ବାକ୍ସ ଭାଙ୍ଗି ୩୪ହଜାର ୫୦୦ଟଙ୍କା ଚୋରି କରିନେଇଥିବା ବେଳେ ବିଏସ୍ ଲେଡିସ୍ ଟେଲରରେ ତାଲାଭାଙ୍ଗି ଟଙ୍କା ବାକ୍ସ ଭାଙ୍ଗି ନ ପାରି ଚୋରି କରିବାରେ ବିଫଳ ହୋଇଥିଲେ। ଏ ସମ୍ପର୍କରେ ସୋର ଥାନାରେ ଅଭିଯୋଗ ହେବା ପରେ ସୋର ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଛି।

# ରାହାମା ଷ୍ଟେଶନକୁ ଆଧୁନିକୀକରଣ କରାଯାଉ



ଡିଆର୍‌ଏମ୍ ରିଙ୍କେଶ ରାୟଙ୍କୁ ଦାବିପତ୍ର ଦିଆଯାଉଛି।

**ରାହାମା,୧୦।୨(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନର ଆଞ୍ଚଳିକ ପ୍ରବନ୍ଧକ(ଡିଆର୍‌ଏମ୍) ରିଙ୍କେଶ ରାୟ ଗୁରୁବାର ପାରାଦୀପ ଗସ୍ତରେ ଆସିଥିଲେ। ଏହି ଅବସରରେ ରାହାମାଠାରେ ସ୍ଥାନୀୟ ଲୋକେ ତାଙ୍କୁ ରେଳ ଷ୍ଟେଶନ ଆଧୁନିକୀକରଣ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ରାହାମାରେ ଟିକେଟ୍ ରିଜର୍ଭେସନ କାଉଣ୍ଟର ଖୋଲିବା, ରୋଡ ଓଭରବ୍ରିଜ ନିର୍ମାଣ,

### ଡିଆର୍‌ଏମ୍‌ଙ୍କୁ ଦାବିପତ୍ର

ଷ୍ଟ୍ରିଟ୍ ଲାଇଟ ଲଗାଇବା, ଷ୍ଟେଶନ ରୋଡ ପ୍ରଶସ୍ତୀକରଣ, କମ୍ୟୁନିଟି ହଲ, ଜାତୀୟ ରାଜପଥରେ ଫାଟକ ଏବଂ ଷ୍ଟେଶନରେ ଯାତ୍ରୀ ବିଶ୍ରାମାଗାର ଆଦି ନିର୍ମାଣ ପାଇଁ ଡିଆରଏମ୍‌ଙ୍କୁ ଦାବିପତ୍ର ଦିଆଯାଇଥିଲା। ଗଣସଂଗ୍ରାମ ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ଓଡ଼ିଶା ସାମ୍ବାଦିକ ସଙ୍ଗଠନ ଜିଲା ସମ୍ପାଦକ ନୃସିଂହ ଚରଣ ବାରିକ, ସାମାଜିକ କର୍ମୀ ଗଗନ ବିହାରୀ ଦାସ, ଅରୁଣ ପଟ୍ଟନାୟକ, ପ୍ରମୋଦ ମଲ୍ଲିକ ଓ ନୀହାର ରଞ୍ଜନ ଲେଙ୍କା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଡେରାବିଶ,୧୦।୨(ସ୍ୱ.ପ୍ର.)**

କେନ୍ଦ୍ରାପଡା ବ୍ଲକ ଅଧୀନ ଚଉଦକୁଲାଟସ୍ଥିତ ଚନ୍ଦନପୁର ନୀଳକଣ୍ଠପୁର ମୌଜାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମନ୍ଦିରର ଆବାହକ ତପନ କୁମାର ଦାସ, ଅତିରିକ୍ତ ଆବାହକ ଗୋପବନ୍ଧୁ ସାହୁ ଓ ଦୋଳଗୋବିନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ର ସହ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଭାଗବତ ମହାନ୍ତି, ନୀଳମାଧବ ମହାନ୍ତିଙ୍କ ସମେତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ୪ଟି ରାଜସ୍ୱ ଗ୍ରାମର ଅଧିବାସୀ ଯୋଗ ଦେଇଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗାଁ ଉତ୍ସବମୁଖର ହୋଇ ପଡିଥିଲା।



ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ନୂତନ ମନ୍ଦିର।

# ଭୋଟ ବ୍ୟବଧାନ ବଜାୟ ରଖିବା ଲାଗି କସରତ

**ଚଣ୍ଡିଖୋଲ,୧୦।୨(ଡି.ଏନ.ଏ.)**

ବଡ଼ଚଣା ନିର୍ବାଚନମଣ୍ଡଳୀର ୧୮ ନଂ. ଜୋନ ଜିଲା ପରିଷଦ ଆସନ ଚଳିତ ଥର ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି। ଚଳିତ ନିର୍ବାଚନରେ ଏଠାରେ ତ୍ରିମୁଖୀ ଲଢ଼େଇ ହେଉଛି। ଏହି ଜୋନ ପାଇଁ ବିଜେଡିରୁ ସସ୍ମିତା ମହାନ୍ତି, କଂଗ୍ରେସରୁ ପୂର୍ବତନ ସରପଞ୍ଚ ମଇନା ରାୟ ଓ ଭାଜପାରୁ ଜିଲା ସାଧାରଣ ସମ୍ପାଦିକା ଦେବଜାନୀ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବଡ଼ଚଣା ବ୍ଲକର ଅଣକା, ଅରଖପୁର, ବଡ଼ଘୁମୁରୀ, ଚମ୍ପାପୁର, କୁନ୍ଦଳ, ଛତିଆ, ରାଧାଦେଇପୁର ଓ ନେଳିଆ ୮ ପଞ୍ଚାୟତର ୧୧୬ ୱାର୍ଡକୁ ନେଇ ଏହି ଜୋନ୍ ଗଠିତ। ଏଠାରେ ଭୋଟର ସଂଖ୍ୟା ୩୯,୭୯୫ ହୋଇଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୨୦, ୪୩୩ ଓ ମହିଳା ଭୋଟର ସଂଖ୍ୟା ୧୯,୩୬୨ ରହିଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରେ ୮୦ ପ୍ରତିଶତ ମତଦାନ ହୋଇଥିଲା। ବିଜେଡି ପ୍ରାର୍ଥୀ ଅରବିନ୍ଦ ସାମଲ ୧୩,୧୪୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଭାଜପାର ନାରାୟଣ ଚନ୍ଦ୍ର ସାମଲ ୪,୭୫୪ ଖଣ୍ଡ ଭୋଟ ପାଇଥିଲାବେଳେ କଂଗ୍ରେସର ସଂଗ୍ରାମ କିଶୋର ଜେନା ୩,୭୭୦ ଖଣ୍ଡ ଭୋଟ ପାଇଥିଲେ। ସ୍ୱାଧୀନ ପ୍ରାର୍ଥୀ ରମେଶ ଚନ୍ଦ୍ର ପୃଷ୍ଟି ୪,୩୫୩ ଖଣ୍ଡ ଭୋଟ ପାଇଥିଲା ବେଳେ ଭାସ୍କର ପ୍ରଧାନ ୧,୩୫୩, ମିହିର ରାୟ ୮୨ ଓ ଯତିନ୍ଦ୍ର ସାହୁ ୭୮ ଖଣ୍ଡ ଭୋଟ ପାଇଥିଲେ। ତେବେ ଏହି ନିର୍ବାଚନରେ ଶାସକ ପ୍ରାର୍ଥୀ ବଡ଼ଚଣା ନିର୍ବାଚନମଣ୍ଡଳୀର ୫ ଜୋନ୍ ମଧ୍ୟରୁ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ମାତ୍ର ଗତ ସାଧାରଣ ନିର୍ବାଚନରେ ଭାଜପା କିନ୍ତୁ ଶାସକ ଦଳକୁ କଡ଼ା ଟକ୍କର ଦେଇଥିଲା। ତେବେ ଚଳିତ ନିର୍ବାଚନରେ ଶାସକ ଦଳ ପୂର୍ବ ସଫଳତା ଦୋହରାଇବା ପାଇଁ କସରତ ଆରମ୍ଭ କରିଛି। ଏହି ଜୋନରେ ଶାସକ ବିଜେଡିର ଦୁଇ

**ବଡ଼ଚଣା ୧୮ ନମ୍ବର ଜୋନ୍ ଜିଲା ପରିଷଦ ଆସନ**



ଟାଣୁଆନେତା ବିଧାୟକ ଅମର ପ୍ରସାଦ ଶତପଥୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଓ କଂଗ୍ରେସର ମଙ୍ଗଧରିଥିବା ଯୁବନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିଜ ପଞ୍ଚାୟତ ରହିଥିବାରୁ ସବୁ ନେତାଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ ଭାବେ ଉଭାହୋଇଛି।

ଶାସକ ଦଳ ପ୍ରାର୍ଥୀ ସସ୍ମିତା ମହାନ୍ତିଙ୍କ ରାଜନୀତିରେ ଅଭିଜ୍ଞତା ନ ଥିଲେ ମଧ୍ୟ ତାଙ୍କ ସ୍ୱାମୀ ଅମର ମହାନ୍ତି ଜିଲା ବିଜେଡି ଉପସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ସେ ବଡ଼ଚଣା ବିଧାୟକଙ୍କ ଅନୁଗତ ଭାବେ ଜଣାଶୁଣା। ତାଙ୍କର ଏହି ଜୋନରେ ଥିବା ସମସ୍ତ ପଞ୍ଚାୟତରେ ପ୍ରଭାବ ରହିଛି। ଶାସକ ଦଳର ଦୃଢ ସଙ୍ଗଠନ ନବୀନ ସରକାରଙ୍କ ବିକାଶକୁ ମୁଖ୍ୟ ଅସ୍ତ୍ର କରି ସସ୍ମିତା ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଅପରପକ୍ଷରେ କଂଗ୍ରେସ ପ୍ରାର୍ଥୀ ମଇନା ରାୟ ରାଜନୀତିରେ ଅଭିଜ୍ଞସମ୍ପନ୍ନ। ପୂର୍ବରୁ ସେ ଅଣକା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ରାୟ ସ୍ଥାନୀୟ ସମସ୍ୟା, ଶାସକ ଦଳର ଦୁର୍ନୀତି ଓ କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ଆଦିକୁ ନିଜର ନିର୍ବାଚନୀ ପ୍ରସଙ୍ଗ କରିଛନ୍ତି। ଭାଜପା ପ୍ରାର୍ଥୀ ଦେବଯାନୀ ପ୍ରଧାନ ଏବେ ଭାଜପା ଯାଜପୁର ଜିଲା ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷ ନେତ୍ରୀ ଓ ଭଲବକ୍ତା ଭାବେ ସେ ପରିଚିତ। ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସାଙ୍ଗକୁ ଶାସକ ଦଳର ଦୁର୍ନୀତି ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରି ଭୋଟ ଭିକ୍ଷା କରୁଛନ୍ତି। ୩ ପ୍ରାର୍ଥୀ ଏବେ ନିଜର ସମର୍ଥକଙ୍କ ସହ ଘରକୁ ଘର ବୁଲି ପ୍ରଚାରକୁ ଜୋରଦାର କରିଛନ୍ତି। ତେବେ ଭୋଟର କେଉଁ ପ୍ରାର୍ଥୀଙ୍କୁ ସମର୍ଥନ ଦେଉଛନ୍ତି ତାହା ଫଳାଫଳ ପରେ ଜଣାପଡ଼ିବ। ୨୦୦୨ରୁ ଅଦ୍ୟାବଧି ଦୀର୍ଘ ୨୦ ବର୍ଷ ଧରି ଏହି ଜୋନଟି ଶାସକ ଦଳ ଦଖଲରେ ରହିଛି। ତେଣୁ ଶାସକ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇ ଠିଆ ହୋଇଛି।

# ବ୍ୟକ୍ତିତ୍ୱ, ଦଳ, ଅସନ୍ତୁଷ୍ଟଙ୍କୁ ନେଇ ଅଙ୍କକଷା

ଜଗତ୍‌ସିଂହପୁର ଅଫିସ, ୧୦।୨

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ୪ନଂ. ଜିଲା ପରିଷଦ ଜୋନର ଗୁରୁତ୍ୱ ରହିଛି। କାରଣ ଏହି ଜୋନର ଜିଲା ପରିଷଦ ସଭ୍ୟା ବବିତା ସ୍ୱାଇଁ ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ଓ ପରେ ଅଧ୍ୟକ୍ଷ ହୋଇଥିଲେ। ଏଥିସହ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ମଧ୍ୟ ହୋଇଛନ୍ତି। ସେହିପରି ରାଖାଲ ଦାସ କୁସୁପୁର ପଞ୍ଚାୟତ ସମିତିସଭ୍ୟ ସାଙ୍ଗକୁ ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ଥିଲେ। ବବିତା ଓ ରାଖାଲ ଏଥର ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ତାହା ଫସର ଫାଟି ଯାଇଥିଲା। ଅନ୍ୟପକ୍ଷେ ଗତ ନିର୍ବାଚନରେ ବିଜେଡି ଦଖଲରେ ଜୋନ ଥିଲେ ସୁଦ୍ଧା ଏବେ ଚିତ୍ର ବଦଳିଯାଇଛି। ଭାଜପାର ସଙ୍ଗଠନ ସେଭଳି ନ ଥିଲେ ସୁଦ୍ଧା ଦଳୀୟ ପ୍ରାର୍ଥୀଙ୍କ ଲୋକ ସମ୍ପର୍କ ବିଜେଡି ଓ କଂଗ୍ରେସର ଚିନ୍ତା ବଢ଼ାଇ ଦେଇଛି। ଏଥର ଜୋନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି।

ବାଲିକୁଦା ୪ନଂ. ଜୋନଟି ଗତଥର ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଏଥର ଅଣସଂରକ୍ଷିତ କରାଯାଇଛି। ଏହି ଜୋନ ଅନନ୍ତପୁର, ଅପଣ୍ଡରା, ଓଷକଣା, କୁସୁପୁର, ଖାଲଗାଁ, ନହରଣା, ବରମୁଣ୍ଡଳୀ ଓ ମରିଚପୁର ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନର ଭୋଟର ସଂଖ୍ୟା ୩୫,୫୧୫ ଥିଲା। କିନ୍ତୁ ଏଥର ଅଧିକ ୧,୭୦୫ ଜଣ ଯୋଡି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଏହି ଜୋନରୁ ବିଜେଡି ପ୍ରାର୍ଥୀ ବବିତା ସ୍ୱାଇଁଙ୍କୁ ୧୪,୪୧୩ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୪୦.୫୮% ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଚିନ୍ମୟୀ ସେଠୀଙ୍କ ସପକ୍ଷରେ ୮,୯୬୦ ଖଣ୍ଡ, ଅର୍ଥାତ୍ ୨୫.୨୨% ଭୋଟ ଯାଇଥିଲା। ଭାଜପାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କୁ ୫,୧୯୪ ଖଣ୍ଡ, ଅର୍ଥାତ୍ ୧୪.୬୨% ଭୋଟ ମିଳିଥିଲା। ଉକ୍ତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସେଠୀଙ୍କଠାରୁ ବିଜେଡିର ସ୍ୱାଇଁ ଅଧିକ ୫,୪୫୩ ଖଣ୍ଡ ଭୋଟ ପାଇ ଜିତିଥିଲେ। ଆସନ୍ତା ୧୬ ତାରିଖ ଉକ୍ତ ଜୋନରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବ। ଏଥର ବିଜେଡିରୁ ତଟିନୀ ସ୍ୱାଇଁ, କଂଗ୍ରେସରୁ ନୃସିଂହ ଚରଣ ଦାସ, ଭାଜପାରୁ ଡ. ଶଶାଙ୍କ ଶେଖର ସାହାଣୀ, ସ୍ୱାଧୀନରୁ ରମେଶ ଚନ୍ଦ୍ର ପାଇଟାଳ ଓ ବୀରବର ଦଳାଇ ପ୍ରାର୍ଥୀ ହୋଇଛନ୍ତି। କିନ୍ତୁ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେବ। ସ୍ୱାଧୀନ ପ୍ରାର୍ଥୀ ପାଇଟାଳ ମଧ୍ୟ ଏହି ନିର୍ବାଚନରେ କେତେକାଂଶରେ ପ୍ରଭାବ ପକାଇ ପାରନ୍ତି। କାରଣ ସେ ଗତ ନିର୍ବାଚନରେ ବିଜେଡି ସମର୍ଥନରେ ଅନନ୍ତପୁର ସରପଞ୍ଚ ହୋଇଥିଲେ। ଏଥର ସେ ବିଜେଡିରୁ ଜିଲା ପରିଷଦ ସଭ୍ୟ ପଦ ପାଇଁ ପ୍ରାର୍ଥୀ ହେବେ ବୋଲି ଆଶା ରଖିଥିଲେ। ଦଳ ତାଙ୍କୁ ନିରାଶ କରିବାରୁ ସେ ବାଧ୍ୟ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଆଇନଜୀବୀ ଯୁଗଳ ମହାନ୍ତି ଏଥର ଜୋନରୁ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ତାଙ୍କ ବାପା ମହେଶ୍ୱର ମହାନ୍ତି ସେ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ମହେଶ୍ୱର ବରମୁଣ୍ଡଳୀ ପଞ୍ଚାୟତ ସରପଞ୍ଚ ଥିଲେ। ଶେଷରେ ଯୁଗଳଙ୍କୁ ଉପେକ୍ଷା କରାଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା। ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଲଲାଟେନ୍ଦୁ ମହାପାତ୍ର ଦଳୀୟ ପ୍ରାର୍ଥୀ ସମ୍ପର୍କରେ କହିଛନ୍ତି, ଦାସ ଅପଣ୍ଡରା ପଞ୍ଚାୟତ ସରପଞ୍ଚ ଥିଲେ। ସେ ୩ ଥର ସମବାୟ ସେବା ସମିତି ସଭାପତି ଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଲୋକପ୍ରିୟ ନେତା ଭାବେ ପରିଚିତ। ତେଣୁ ଜନମତ କଂଗ୍ରେସ ସପକ୍ଷରେ ଯିବ। ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପୂର୍ବରୁ କଂଗ୍ରେସରେ ଥିଲେ। ସେ ୨୦୧୨-୧୭ ପର୍ଯ୍ୟନ୍ତ କଂଗ୍ରେସ ସମର୍ଥନରେ ବରମୁଣ୍ଡଳୀ ପଞ୍ଚାୟତ ସରପଞ୍ଚ ଥିଲେ। ୨୦୧୭ ନିର୍ବାଚନରେ ମଧ୍ୟ ଏହି ପଞ୍ଚାୟତ ସମିତି ସଭ୍ୟା ପ୍ରାର୍ଥୀ ହୋଇ ଜିତିଥିଲେ। ନିକଟରେ କଂଗ୍ରେସ ଛାଡି ବିଜେଡିରୁ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ଏହାଦ୍ୱାରା କଂଗ୍ରେସର କୌଣସି କ୍ଷତି ହେବନାହିଁ ବୋଲି ମହାପାତ୍ର କହିଛନ୍ତି। ବିଜେଡି ପ୍ରାର୍ଥୀ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଯୋଗୁ ଲୋକେ ଶଙ୍ଖ ଚିହ୍ନକୁ ଭୋଟ ଦେବେ। ଯେହେତୁ ବରମୁଣ୍ଡଳୀ ପଞ୍ଚାୟତରୁ ସେ ନିକଟରେ ୨ ଥର ଲୋକ ପ୍ରତିନିଧି ହୋଇ ପାରିଛନ୍ତି। ତେଣୁ ଏଥର ଜିଲା ପରିଷଦ ପ୍ରାର୍ଥୀ ହିସାବରେ ଅଧିକ ସମର୍ଥନ ପାଇବେ। ବିଶେଷ କରି କୁସୁପୁର ଏବଂ ଓଷକଣା ପଞ୍ଚାୟତରୁ ଅଧିକ ଭୋଟ ପାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଭାଜପା ପ୍ରାର୍ଥୀ ଡ.ସାହାଣୀ କହିଛନ୍ତି ସେ ଜଣେ ଡାକ୍ତର ହୋଇଥିଲେ ସୁଦ୍ଧା ଅଞ୍ଚଳରେ ଲୋକଙ୍କ ସାଙ୍ଗରେ ରହିଛନ୍ତି। ତଳମାଳ ବିକାଶ ପରିଷଦର ସଭାପତି ଭାବେ ବିଭିନ୍ନ ସମୟରେ ସ୍ଥାନୀୟ ସମସ୍ୟାକୁ ନେଇ ଆନ୍ଦୋଳନ କରିଛନ୍ତି। ଜୋନ ଅନ୍ତର୍ଗତ ନହରଣା, ମରୀଚପୁର, ଅପଣ୍ଡରା, ଓଷକଣା ଓ ବରମୁଣ୍ଡଳୀରୁ ଅଧିକ ଜନମତ ଆସିବ ବୋଲି ସାହାଣୀ କହିଛନ୍ତି। ଆଗକୁ ଦେଖିବାର ଅଛି ସମୀକରଣ ମୋଡ କେଉଁ ଆଡ଼କୁ ଯାଉଛି ।

**ବାଲିକୁଦା ଜିଲା ପରିଷଦ ୪ନଂ. ଜୋନ୍**

## ସରପଞ୍ଚ ପ୍ରାର୍ଥୀଙ୍କ ଭାଇବୋହୂଙ୍କୁ ଆକ୍ରମଣ



ଆକ୍ରମଣର ଶିକାର ହୋଇଥିବା ସୋନାଲି।

ଆଳି, ୧୦।୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତରେ ଚଳିତ ନିର୍ବାଚନରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ସରପଞ୍ଚ ପ୍ରାର୍ଥୀ ହୋଇଥିବା ଶାଳିଅଞ୍ଚ ଗାଁର ଅଶୋକ ମଲିକଙ୍କ ସାନଭାଇଙ୍କ ସ୍ତ୍ରୀ ସୋନାଲିଙ୍କୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋନାଲି ରାତି ପ୍ରାୟ ୭ଟା୫୫ ମିନିଟ୍‌ରେ ଘର ବାଡ଼ି ପଟେ କଥା ହେଉଥିବା ବେଳେ ହଠାତ ୩ରୁ ୪ ଜଣ ଅଜଣା ଯୁବକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ, ବେକ ଓ ହାତରେ ଆଘାତ ଲାଗିଛି। ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସିଯିବାରୁ ସେଠାରୁ ଆକ୍ରମଣକାରୀମାନେ ଖସି ପଳାଇ ଯିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଦେଢ଼ଶୁର ଅଶୋକ ବର୍ତ୍ତମାନ ସରପଞ୍ଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ତାଙ୍କ ଯାଆ ସୁକାନ୍ତି ବର୍ତ୍ତମାନ ସରପଞ୍ଚ ଅଛନ୍ତି। ସୋନାଲିଙ୍କୁ ସେମାନେ ସରପଞ୍ଚ ସୁକାନ୍ତି ଭାବି ତାଙ୍କୁ ଜୀବନରୁ ମାରିଦେବାକୁ ଦୁର୍ବୃତ୍ତମାନେ ଉଦ୍ୟମ କରିଥିଲେ। ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏ ନେଇ ଥାନାରେ ନଂ. ୪୦/୨୨ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ ଆରୋହୀ ଗୁରୁତର

**ଯାଁଳା, ୧୦।୨ (ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବେଗୁନିଆ ଥାନା ଅଧୀନ ଲେଖନପୁର ଗ୍ରାମର ଆଶିଷ ପଟ୍ଟନାୟକ(୨୫)। ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୃହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଶିଷ ବାଇକ୍‌ରେ ଯାଉଥିଲେ। ଯାଁଳା ଫାଣ୍ଡି ନିକଟରେ ପଛରୁ ତାଙ୍କୁ ଏକ ଟ୍ରକ୍ ଧକ୍କା ଦେବା ସହ ଡାହାଣ ଗୋଡ଼ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଏମ୍ସ ମେଡିକାଲ ପଠାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ବାଘଛୁଆ ରାକେଶ ଅସୁସ୍ଥ, ଆଜି ଦିଲ୍ଲୀରୁ ପହଞ୍ଚିବ ଇଞ୍ଜେକ୍ସନ

**ବାରଙ୍ଗ, ୧୦।୨ (ଡି.ଏନ୍.ଏ.):** ଧଳାବାଘୁଣୀ ବିଜୟା ଓ ବାଘ ସେଫର ମିଳନରୁ ଜନ୍ମଗ୍ରହଣ କରିଥିବା ବାଘଛୁଆ ରାକେଶ ଝାଡାରେ ଆକ୍ରାନ୍ତ ହୋଇ ୩୧ବି ଏନକ୍ଲୋଜରରୁ ବୁଧବାର ଡାକ୍ତରଖାନାକୁ ଅଣାଯାଇଛି। ଆସୋଲେଶନ ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି। ରାକେଶ ଖାନାଇନପାରବୋ ଭାଇରସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହି ଭାଇରସ ସାଧାରଣତଃ କୁକୁରଙ୍କଠାରେ ଦେଖାଦେଇଥାଏ। ଏହି ଭାଇରସ କବଳରୁ ରାକେଶକୁ ରକ୍ଷା କରିବା ପାଇଁ ଇମାନୋ ଗ୍ଲୋବିଲ ଇଞ୍ଜେକ୍ସନ ଦିଲ୍ଲୀର ପେଣ୍ଟ ଲାବଟୋରିରୁ ନନ୍ଦନକାନନ କର୍ତ୍ତୃପକ୍ଷ ମଗାଇଛନ୍ତି। ଏହି ଇଞ୍ଜେକ୍ସନ ଶୁକ୍ରବାର ନନ୍ଦନକାନନରେ ପହଞ୍ଚିବା ପରେ ରାକେଶକୁ ସାଲାଇନରେ ମିଶାଯାଇ ଦିଆଯିବ ବୋଲି ଜଣାପଡିଛି।

### ନିର୍ବାଚନ କାର୍ଯ୍ୟରେ ଗାଡ଼ି ନ ଲଗାଇଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର, ୧୦।୨ (ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନା କରିବା ନିମନ୍ତେ ଏକାଧିକ ଯାନବାହନ ଆବଶ୍ୟକ। ଯାନବାହନ ରିକ୍ୟୁଜେଶନ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଗାଡ଼ିମାଲିକଙ୍କୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କହିଛନ୍ତି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଇବା ପାଇଁ ହାଜର କରାଇବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗାଡି ମାଲିକମାନଙ୍କୁ ନିର୍ଦ୍ଦେଶପତ୍ର ଦିଆଯାଇଛି। ଏହି ନିର୍ଦ୍ଦେଶ ଅବମାନନା କରୁଥିବା ଗାଡ଼ିମାଲିକଙ୍କ ବିରୋଧରେ ରିକ୍ୟୁଜେଶନ ଅଧିନିୟମ ୧୯୮୪ର ଧାରା-୯ ଏବଂ ଜନ ପ୍ରତିନିଧି ଆଇନ ୧୯୫୧ ର ଧାରା-୧୬୭ ପ୍ରକାରେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏଥିରେ ଏକ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ସେମାନେ ତେଣୁ ନିଜର ନିର୍ଦ୍ଦିଷ୍ଟ ଯାନବାହାନକୁ ଗାଡ଼ିମାଲିକ ତୁରନ୍ତ ନିର୍ବାଚନ କାର୍ଯ୍ୟରେ ବିନିଯୋଗ ନିମନ୍ତେ ହାଜିର କରାଇ ସହଯୋଗ କରିବାକୁ କୁହାଯାଉଛି।

# ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି



ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତ ନାତୋର ଗ୍ରାମର ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଓ ବିଧାୟକଙ୍କ ମଧ୍ୟରେ ଆଲୋଚନା କରାଯାଉଛି।

**ନାତୋର ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି ପ୍ରସଙ୍ଗ**

କାଳିଆପାଣି, ୧୦।୨ (ଡି.ଏନ.ଏ.)

ସୁକିନ୍ଦା ବ୍ଲକ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନାତୋର ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତିକୁ ବଦଳାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ସେ ଗୁରୁବାର ନାତୋର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ସମସ୍ୟା ପର୍ଯ୍ୟାୟ କ୍ରମେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ନିର୍ବାଚନରେ ମତଦାନ କରି ନିଜ ପସନ୍ଦର ପ୍ରତିନିଧିଙ୍କୁ ଜିତାଇବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି।

ଆଦିବାସୀ ବହୁଳ ଏହି ଗ୍ରାମରେ ପାନୀୟ ଜଳ, ରାସ୍ତା, ମୋବାଇଲ ଟାୱାର ଓ କମ୍ୟୁନିଟି ସେଣ୍ଟର ଆଦି ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଘର ଡିହ ପଟ୍ଟା ନ ଥିବାରୁ ଇନ୍ଦିରା ଆବାସ ବା ବିଜୁ ପକ୍କା ଘର ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି। ପିଲାଙ୍କ ପାଠପଢା ପାଇଁ ପ୍ରମାଣ ପତ୍ର ମିଳିବାରେ ଅସୁବିଧା ହେଉଥିବା ନେଇ ଗ୍ରାମର ମାତେଲ ମୁର୍ମୁ, ଶରତ ମାରାଣ୍ଡି, ଗୋପାଳ ମାରାଣ୍ଡି, ବିଜୟ ଦେହୁରି, ସୁନାରାମ ମୁର୍ମୁ, ଯାଦୁ ହାଁସଦା, ବିନୋଦ କେଳି, ଜନାର୍ଦ୍ଦନ ଚାତମ୍ପା, କିରାଣି ନାୟକ ଓ ରଞ୍ଜିତ ମହାରଣା ପ୍ରମୁଖ କ୍ଷୋଭର ସହ ବିଧାୟକଙ୍କୁ ଜଣାଇଥିଲେ। ତେବେ ବିଧାୟକଙ୍କ ଏହି ଆଲୋଚନା ସମୟରେ କେତେଜଣ ଗଣମାଧ୍ୟମ ପ୍ରତିନିଧି, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଉପସଭାପତି ପ୍ରଭାତ ପ୍ରଧାନ, ସହ ସମ୍ପାଦକ ଭରତ ମହାନ୍ତ ପ୍ରମୁଖ ପହଞ୍ଚି ମତଦାନ ଲାଗି ଗ୍ରାମବାସୀଙ୍କୁ ବୁଝାଇଥିଲେ।

# ବିଜେଡି, ଭାଜପା ପାଇଁ କର ବା ମର ପରିସ୍ଥିତି

**କୁଜଙ୍ଗ ବ୍ଲକ ୩ ନଂ. ଜୋନ୍‌ରେ ତ୍ରିମୁଖୀ ଲଢ଼େଇ**

କୁଜଙ୍ଗ, ୧୦।୨ (ଡି.ଏନ.ଏ.)

କୁଜଙ୍ଗ ବ୍ଲକର ୩ ନଂ. ଜିଲା ପରିଷଦ ଜୋନରେ ନିର୍ବାଚନ ପ୍ରଚାର ସରଗରମ ହେବାରେ ଲାଗିଛି। ଉକ୍ତ ଜୋନଟି କୁଜଙ୍ଗ, ବାଲିଆ, ମଙ୍ଗରାଜପୁର, ଗୋପିଆକୁଦ, ଗଣ୍ଡକିପୁର ଓ ଫତେପୁର ପରି ୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନରେ ମୋଟ ଭୋଟରଙ୍କ ସଂଖ୍ୟା ୩୫,୬୯୯। ଏହି ଜୋନରେ ବିଜେଡି ପକ୍ଷରୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ପ୍ରାର୍ଥିନୀ ହୋଇଛନ୍ତି। ଭାଜପାର ମିଲ୍ଲି ପରିଡା, ସିପିଆଇ ଓ କଂଗ୍ରେସ ମେଣ୍ଟ ପକ୍ଷରୁ ପୂର୍ବତନ ବିଧାୟିକା ପ୍ରାର୍ଥିନୀ ଡା. ଜିନ୍ମୟୀ ସାହାଣୀ ପ୍ରାର୍ଥୀ ହୋଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରୁ ଭାଜପା ପ୍ରାର୍ଥିନୀ ସୁଶ୍ରୀ ପ୍ରିୟଦର୍ଶିନୀ ବିଜେଡି ପ୍ରାର୍ଥୀଙ୍କଠାରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଜିତିଥିଲେ। ଭାଜପା ପ୍ରାର୍ଥିନୀ ୧୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ କୈଳାସ ବେହେରା ୧୦ ହଜାରରୁ ଊର୍ଦ୍ଧ୍ୱ ଓ କଂଗ୍ରେସ ପ୍ରାର୍ଥିନୀ ଜୟଶ୍ରୀ ମହାପାତ୍ର ୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ। ମାତ୍ର ଗତ ପଞ୍ଚାୟତ ନିର୍ବାଚନ ସମୟରେ ତତ୍କାଳୀନ ମନ୍ତ୍ରୀ ଡା. ଦାମୋଦର ରାଉତ ନିଜେ ମଙ୍ଗ ଧରିଥିବା ବେଳେ ଲୁଣିପାଣିରେ ପଦ୍ମ ଫୁଟିବ ନାହିଁ ବୋଲି ଜୋରଦେଇ କହିଥିଲେ ବି ଏହି ଜୋନ୍‌ରେ ଭାଜପା ପ୍ରାର୍ଥିନୀ ବିଜୟ ଲାଭ କରିଥିଲେ। ପରେ ଦାମଙ୍କ ରାଜନୈତିକ ପତିଆରାପ୍ରତି ଶକ୍ତ ଧକ୍କା ଲାଗିଥିଲା। ବର୍ତ୍ତମାନ ପୂର୍ବତନ ମନ୍ତ୍ରୀ ଦାମଙ୍କ ପୁଅ ସମ୍ବିତ ବିଧାୟକ ଥିବାରୁ ତାଙ୍କ ନେତୃତ୍ୱରେ ବିଜେଡି ନିର୍ବାଚନ ଲଢୁଛି। ଏହି ଜୋନ୍‌ରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଜେନା, ରାଜ୍ୟ ସମ୍ପାଦକ ତଥା ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ, ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ଇଂ. ତ୍ରିଲୋଚନା ତରାଇ ଓ ପୂର୍ବତନ ସାଂସଦ ତଥା ବିଜେଡି ନେତା ଡା. କୁଳମଣି ସାମଲଙ୍କ ଘର। ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସାଂସଦ ଡ. ବିଭୁ ପ୍ରସାଦ ତରାଇଙ୍କ ମଧ୍ୟ ଘର। ତେଣୁ ଉକ୍ତ ଜୋନ୍‌ଟି ରାଜନୈତିକ ଦୃଷ୍ଟି କୋଣରୁ ଗୁରୁତ୍ୱ ବହନ କରୁଛି। ବିଜେଡି ବର୍ତ୍ତମାନ ଉପାଧ୍ୟକ୍ଷା ପୁଷ୍ପଲତାଙ୍କୁ ପ୍ରାର୍ଥିନୀ କରି ନିର୍ବାଚନ ବୈତରଣୀ ପାର ହେବାକୁ ମସୁଧା କରିଛି। ପୁଷ୍ପଲତା କୈବର୍ତ୍ତ ପେଣ୍ଠର ଏକ ଶକ୍ତ ରାଜନୈତିକ ପରିବାରର ସଦସ୍ୟ ଅଟନ୍ତି। ତାଙ୍କ ଶ୍ୱଶୁର ପୂର୍ବରୁ ୨ ଥର ସରପଞ୍ଚ ଥିବାବେଳେ ଦାଦା ଶ୍ୱଶୁର ସ୍ୱର୍ଗତ ଶଙ୍ଖନାଦ ବେହେରାଙ୍କର ସ୍ୱତନ୍ତ୍ର ରାଜନୈତିକ ପରିଚୟ ଥିଲା। ଚଳିତ ଥର ଭାଜପା ତା'ର ପ୍ରାର୍ଥୀ ବଦଳାଇ ଗଣ୍ଡକିପୁର ସରପଞ୍ଚଙ୍କ ସ୍ତ୍ରୀ ମିଲ୍ଲି ପରିଡାଙ୍କୁ ପ୍ରାର୍ଥୀ କରିଛି। ଭାଜପାର ଗଡ ରକ୍ଷା ପାଇଁ ନେତା ତରାଇ ଓ ସମ୍ପଦ ସ୍ୱାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ହେଲେ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ କଣ୍ଟା ସାଜିଛନ୍ତି ସିପିଆଇ ଏବଂ କଂଗ୍ରେସ ମେଣ୍ଟ ପ୍ରାର୍ଥୀ ଡା. ସାହାଣୀ। ସେ ଅଞ୍ଚଳରେ ଜଣେ ନାରୀନେତ୍ରୀ ରୂପେ ଜଣାଶୁଣା। ସେ ବିଭିନ୍ନ ସଙ୍ଗଠନ ସହ ଜଡିତ ରହି ବର୍ଷସାରା ଲୋକଙ୍କ ପାଇଁ ଲଢେଇ କରନ୍ତି। ସେ ସିପିଆଇ ପ୍ରାର୍ଥୀ ହୋଇଥିଲେ ବି ତାଙ୍କ ପ୍ରାର୍ଥିତ୍ୱ ସମର୍ଥନ ମିଳୁଥିବା ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। କୈବର୍ତ୍ତ ପେଣ୍ଠ ସିପିଆଇର ଭୋଟ ବ୍ୟାଙ୍କ ହୋଇଥିବା ବେଳେ କଂଗ୍ରେସର ଭୋଟ ରହିଛି। ତେବେ ନିର୍ବାଚନର ଫଳାଫଳ ପରେ କାହାରି ଜିତାପଟ ହେବ ତାହା ଦେଖିବାକୁ ବାକି ରହିଲା।

## ଫାଇନାଲରେ ସାଇପାର୍ଲର ଟିମ୍

ରାହାମା, ୧୦।୨ (ଡି.ଏନ୍.ଏ.)

ରାହାମା ପ୍ରିମିୟର ଲିଗ୍ ସିଜିନ ଟୁ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏଥିରେ ମୁନ ଇଲେଭେନକୁ ହରାଇ ସାଇପାର୍ଲର ଟିମ୍ ଫାଇନାଲରେ ପ୍ରବେଶ କରିଛି। ସାଇପାର୍ଲର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୧୫ ରନ୍ କରିଥିଲା। ଜବାବରେ ମୁନ ଇଲେଭେନ ସମସ୍ତ ଉଇକେଟ ହରାଇ ୪୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ସାଇ ପାର୍ଲର କ୍ରିକେଟ ଟିମ୍‌ର ସନ୍ତୋଷ ମହାନ୍ତି ୩୭ ବଲରେ ୫୭ରନ ହାସଲ କରିବା ସହ ୨ ଉଇକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ତାଳପଡାର ପୂର୍ବତନ ସରପଞ୍ଚ ନୀହାର ରଞ୍ଜନ ଲେଙ୍କା ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ କମଳାକାନ୍ତ ବରାଳ ଓ ଡ୍ୟାନ୍ସସର ବାବୁଲ ପରିଚାଳନା କରିଥିଲେ।

**APPENDIX A TO SCHEDULE III**
**ଯୋଡ଼ା ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C-1920:ଯୋଡା ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଯୋଡା ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ସିଡ଼ିପିଓ ଆଇସିଡ଼ିଏସ ଯୋଡା ସହରାଞ୍ଚଳ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/-ନିର୍ବାଚନ ଅଧିକାରୀ
ଯୋଡ଼ା ପୌର ପରିଷଦ
OIPR-13124/11/0018/2122

**APPENDIX A TO SCHEDULE III**
**କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦ**
**ପ୍ରେସ୍ ବିଜ୍ଞପ୍ତି**

No.C-1904:କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./-ନିର୍ବାଚନ ଅଧିକାରୀ
ଏନଏସି, କୁଚିଣ୍ଡା
OIPR-13121/11/0022/2122

**APPENDIX A TO SCHEDULE III**
**ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C-1915: ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଏନ.ଏ.ସି. କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/-ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
OIPR-13157/11/0015/2122

**APPENDIX A TO SCHEDULE III**
**ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ**
ନଂ.୩୬୦, ତା.୧୦.୦୨.୨୦୨୨
**ପ୍ରେସ ବିଜ୍ଞପ୍ତି**

No.C-1928:ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅଧିସୂଚିତ କ୍ଷେତ୍ର ପରିଷଦ ବିନିକାଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/-ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା
OIPR-13198/11/0005/2122

# 'ଆର୍‌ଏସ୍‌ଏସ୍ ନ ଥିଲେ ଦେଶ ବହୁ ପୂର୍ବରୁ ସ୍ୱାଧୀନ ହୋଇଥାନ୍ତା'

## ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଭାଷଣର କଡ଼ା ଜବାବ ରଖିଲା ପିସିସି

ଭୁବନେଶ୍ୱର,୧୦।୨(ବ୍ୟୁରୋ):

ସଂସଦରେ କଂଗ୍ରେସକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଟିପ୍ପଣୀର କଡ଼ା ଉତ୍ତର ରଖିଛି କଂଗ୍ରେସ। ବ୍ରିଟିଶ ସରକାର ସାଙ୍ଗରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ହିନ୍ଦୁ ମହାସଭା ନ ଥିଲେ ଭାରତ ବହୁ ପୂର୍ବରୁ ସ୍ୱାଧୀନତା ପାଇଥାନ୍ତା ବୋଲି ପାଲଟା ଅଭିଯୋଗ କରିଛି। ୫ଟି ରାଜ୍ୟର ସାଧାରଣ ନିର୍ବାଚନରେ ଭାଜପାକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରୁଥିବା ଜାଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଅଗର କଂଗ୍ରେସ ନା ହୋତି' ଭାଷଣ ତାଙ୍କର ନୈରାଶ୍ୟର ପ୍ରତିଫଳନ ବୋଲି କଂଗ୍ରେସ କହିଛି।

ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ନେହେରୁ ଓ ସୁଭାଷ ବୋଷଙ୍କ ସହଯୋଗରେ ଆମ ଦେଶକୁ ସ୍ୱାଧୀନ କରିଥିଲେ। ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ନେହେରୁ ଦେଶର ବିକାଶ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ସ୍କୁଲ, କଲେଜ, ଡାକ୍ତରଖାନା, ଚାଷ ପାଇଁ ଟ୍ରାକ୍ଟର, ଜଳସେଚନ ପାଇଁ ଡ୍ୟାମ, ଗମନାଗମନ ପାଇଁ ରାସ୍ତା ଓ ପୋଲ ଯୁଦ୍ଧକାଳୀନ ଭିତ୍ତିରେ ତିଆରି ହେଲା। ୧୯୭୧ରେ କଂଗ୍ରେସ ନେତୃତ୍ୱରେ ହୋଇଥିବା ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରାଯିବା ସହ ଦୁଇଭାଗ କରାଯାଇଥିଲା। ତେବେ ମୋଦି ପ୍ରଧାନମନ୍ତ୍ରୀ ହୋଇ ନ ଥିଲେ ଗୁଜରାଟରେ ନାଥୁରାମ ଗଡ଼ସେଙ୍କ ପ୍ରତିମୂର୍ତ୍ତି ନିର୍ମାଣ ହୋଇ ନ ଥାନ୍ତା ଓ ଗାନ୍ଧୀଙ୍କ ଫଟୋଚିତ୍ରକୁ ଗୁଳିବର୍ଷଣ ହୋଇ ନ ଥାନ୍ତା ଏବଂ ଦେଶର ଗୃହମନ୍ତ୍ରୀଙ୍କ ପୁଅ ଚାଷୀଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରି ନ ଥାନ୍ତେ। ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ କହିଛନ୍ତି, ମୋଦି ମାନସିକ ଭାରସାମ୍ୟ ହରାଇଛନ୍ତି। ସେ ନିଜର ଅପକର୍ମ ଓ କୁଶାସନ ପାଇଁ ଜନସାଧାରଣଙ୍କ ବିଶ୍ୱସନୀୟତା ହରାଇଛନ୍ତି। ଭାଜପା ପାଇଁ ଦେଶରେ କରୋନା ମହାମାରୀ ବ୍ୟାପିଲା, ଅନୁଚ୍ଛାନ ବିନା ଲୋକ ମଲେ, ଗଙ୍ଗାନଦୀରେ ହଜାର ହଜାର କରୋନା ମୃତକଙ୍କ ଶବ ଭାସିଲା, ବିମୁଦ୍ରୀକରଣ ବିଫଳହେଲା, କଳାଟଙ୍କା ଭାବେ ଲୋକଙ୍କ ଖାତାରେ ୧୫ ଲକ୍ଷ ଜମା ହେଲା ନାହିଁ, ଦେଶରେ ବେକାରିଙ୍କ ସଂଖ୍ୟା ଉତ୍କଟ ହେଲା, ଦେଶରେ ଅର୍ଥନୀତି ରସାତଳଗାମୀ ତଥା ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ହେଲା ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ରବି ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ଅଭିଯୋଗ ଆଣୁଛନ୍ତି।

# ରାଲିକୁ ନେଇ ଗୋଷ୍ଠୀ ସଂଘର୍ଷ, ୬ ଗୁରୁତର

ବ୍ରହ୍ମଗିରି,୧୦।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୀତି ସରଗରମ ରହିଛି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମରେ ପୋଷ୍ଟର ମାରିବା ଓ ରାଲିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ୬ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ବ୍ରହ୍ମଗିରି ପୋଲିସ ୧ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ମୁତାବକ, ଦଣ୍ଡୁଆସିପଡ଼ା ଗ୍ରାମରେ ବୁଧବାର ଏକ ରାଲିକୁ ନେଇ ଯୁକ୍ତିତର୍କ ହୋଇଥିଲା। ଗୁରୁବାର ସକାଳେ ଉକ୍ତ ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ଟେକାପଥର ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୬ ଗୁରୁତର ଆହତ ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗ୍ରାମରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ବ୍ରହ୍ମଗିରି ଆଇଆଇସି ମନୋଜ କୁମାର ଶତପଥୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଯାହା ବିରୋଧରେ ପ୍ରମାଣ ମିଳିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଛନ୍ତି।


ଗ୍ରାମରେ ପୋଲିସ ସ୍ଥିତି ପରଖୁଛି।

# ଖବରଦାତା ଜାଗୃତିଙ୍କ ନାଁରେ ମାନହାନି ଅଭିଯୋଗ କଲେ ବର୍ଷା

କଟକ ଅଫିସ,୧୦।୨

କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ଗୁରୁବାର ଖବରଦାତା ଜାଗୃତି ଶୁକ୍ଲାଙ୍କ ନାଁରେ ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି, ଜାଗୃତି ନିୟମିତ ଭାବେ ବର୍ଷାଙ୍କ ମାନହାନି କରିଆସୁଛନ୍ତି। କିଛିଦିନ ତଳେ ସେ ବର୍ଷାଙ୍କ ନାଁ ନ ନେଇ ସୋସିଆଲ ମିଡିଆରେ କଟାକ୍ଷ କରିଥିଲେ। ଜଣେ ଏମ୍‌ପିଙ୍କ ସ୍ତ୍ରୀ ମିଥ୍ୟା ପ୍ରମାଣପତ୍ର ଦେଇଥିବା କଥା ଜାଗୃତି ନିଜ ପୋଷ୍ଟରେ ଉଲ୍ଲେଖ କରିଥିଲେ। ହେଲେ ଖବର ଲେଖାହେବା ବେଳକୁ ଥାନାରେ ଏ ନେଇ ମାମଲା ରୁଜୁ ହୋଇନାହିଁ। ଏ ସମ୍ପର୍କରେ ଥାନାଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ବର୍ଷାଙ୍କ ଲିଖିତ ଅଭିଯୋଗ ଗ୍ରହଣ କରିଛୁ। ସୋସିଆଲ ମିଡ଼ିଆରେ ପୋଷ୍ଟ ହୋଇଥିବା ଡକ୍ୟୁମେଣ୍ଟ ବର୍ଷାଙ୍କୁ ମାଗିଛୁ। ହେଲେ ସେ ଏପର୍ଯ୍ୟନ୍ତ ତାହାକୁ ଦେଇନାହାନ୍ତି। ଏହା ମାନହାନି ସମ୍ପର୍କିତ ହୋଇଥିବାରୁ ସେ କୋର୍ଟକୁ ଯିବା ଉଚିତ।

# ୧୭ରେ ୟାମିଙ୍କ 'ଏ ଥର୍ସଡେ'

ମୁମ୍ବାଇ, ୧୦।୨

ଅଭିନେତ୍ରୀ ୟାମି ଗୌତମଙ୍କ ଆଗାମୀ ମୁଭି 'ଏ ଥର୍ସଡେ'ର ଟ୍ରେଲର୍ ରିଲିଜ୍ ହୋଇଛି। ଫିଲ୍ମଟି ଫେବୃୟାରୀ ୧୭ରେ ମୁକ୍ତିଲାଭ କରିବା ନେଇ ୟାମି ଟ୍ୱିଟରରେ ସୂଚନା ଦେଇଛନ୍ତି। ଏଥିରେ ୟାମିଙ୍କୁ ଜଣେ କିଡ୍‌ନାପର ଭୂମିକାରେ ଦେଖିବାକୁ ମିଳିବ। ସିନେମାରେ ୟାମି ନେନା ଜୈସୱାଲ ନାମକ ଜଣେ ସ୍କୁଲ ଶିକ୍ଷୟିତ୍ରୀ ହୋଇ ୧୬ ପିଲାଙ୍କୁ ବନ୍ଧକ ରଖିଥିବା ଜଣାପଡିଛି। ଏଥିରେ ଅନେକ ସସ୍ପେନ୍ସ ଡ୍ରାମାରେ ଭରି ରହିଛି। ଚଳଚ୍ଚିତ୍ରରେ ନେହା ଧୁପିଆ, ଡିମ୍ପଲ୍ କାପାଡିଆ, ଅତୁଲ କୁଲକର୍ଣ୍ଣୀ, କରନଭୀର ଶର୍ମା ନଜରକୁ ଆସିବେ।


ୟାମି ଗୌତମ

# ଚାକିରି ଦେବା ନାମରେ ଠକୁଥିଲେ ଯୁବକ

## ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ଜୟପୁର, ୧୦।୨(ନି.ପ୍ର.)

ଶିକ୍ଷିତ ଯୁବତୀ ଓ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ଅଭିଯୋଗର ପର୍ଦ୍ଦାଫାଶ କରିଛି ଜୟପୁର ଟାଉନ ପୋଲିସ। ଏହି ମାମଲାରେ ଜୟପୁର ଲିଙ୍ଗରାଜ ନଗରର ସୁବାସ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଠାରୁ ୧୪ଲକ୍ଷ ୭୬ ହଜାର ୯୫୦ ଟଙ୍କା, ୨ଟି ମୋବାଇଲ, କମ୍ପ୍ୟୁଟର, କେତେକ ଜରୁରୀ କାଗଜପତ୍ର ପୋଲିସ ଜବତ କରିଛି । ଏ ନେଇ ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ଅଙ୍ଗନୱାଡିରେ ଶିକ୍ଷକ ନିଯୁକ୍ତି ପାଇଁ ଏକ କମ୍ପାନୀର ବିଜ୍ଞାପନ ଦେଖି କେତେଜଣ ଶିକ୍ଷତ ଯୁବତୀ ଯୁବକ ଆବେଦନ କରିଥିଲେ। ସେମାନେ କମ୍ପାନୀର ସୁବାସ ଚୌଧୁରୀଙ୍କ ସହ ସାକ୍ଷାତ କରିଥିଲେ। ସେ ପ୍ରତ୍ୟେକ ପିଲାଙ୍କ ପିଛା ୨୦ ହଜାର ଟଙ୍କା ଲେଖାଏ ଡିପୋଜିଟ କରିବାକୁ ପଡିବ କହିଥିଲେ।।

ଏହି ଡିପୋଜିଟ୍ ଅର୍ଥ ୩ ବର୍ଷ ପରେ ଫେରସ୍ତ ହେବ। କେତେଜଣ ପ୍ରାର୍ଥୀ ୨୦ ହଜାର ଟଙ୍କା ଦେଇଥିଲେ। ପରେ ସେମାନଙ୍କୁ କମ୍ପାନୀ ପକ୍ଷରୁ ନିଯୁକ୍ତିପତ୍ର ମଧ୍ୟ ଦିଆଗଲା। ନିଯୁକ୍ତି ପରେ ଅଙ୍ଗନୱାଡି କର୍ମୀଙ୍କୁ ଯୋଗାଯୋଗ କରିବା ପରେ ସେମାନେ ଠକେଇର ଶୀକାର ହୋଇଥିବା ଜାଣିପାରିଲେ ବୋଲି ଅଭିଯୋଗକାରୀ ଦିନେଶ ଖିଲ ଏତଲାରେ ଉଲ୍ଲେଖ କରିଛନ୍ତି। ପ୍ରାୟ ୯୪ ଜଣ ଯୁବତୀ ଯୁବକ ଏହି ଠକେଇର ଶିକାର ହୋଇଛନ୍ତି। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାର ଆହୁରି ତଦନ୍ତ ଚାଲିଛି ବୋଲି ଟାଉନ ଥାନାଧିକାରୀ ସଞ୍ଜୟ ମଣ୍ଡଳ ସୂଚନା ଦେଇଛନ୍ତି।



ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ଟଙ୍କା।

# ସଫେଇ ଆଳରେ ସୁନାଚେନ ନେଇଗଲେ

ନିରାକାରପୁର,୧୦।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ କଲେଜ ଛକ ପଛପଟେ ରହୁଥିବା ହରିହର ରଥଙ୍କ ଠାରୁ ସଫେଇ ଆଳରେ ୪୦ଗ୍ରାମର ସୁନାଚେନ ଜଣେ ଦୁର୍ବୃତ୍ତ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ନିରାକାରପୁର ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ହରିହରଙ୍କ ଘରକୁ ଦୁର୍ବୃତ୍ତ ଜଣଙ୍କ ଆସି ତାଙ୍କର ପିତ୍ତଳ ଡାଳ ଓ ଥାଳି ଏକ ପାଉଡ଼ର ମାଧ୍ୟମରେ ସଫା କରୁଥିଲେ। ପରେ ହରିହର ବେକରେ ପିନ୍ଧିଥିବା ସୁନାଚେନକୁ ସଫା କରିବାକୁ କହିବା ସହ ଦେଇଥିଲେ। ଦୁର୍ବୃତ୍ତ ଜଣଙ୍କ ସଫା କରିବା ବାହାନାରେ ଉକ୍ତ ଚେନକୁ ନେଇଯାଇ ପାଖରେ ରଖିଥିବା ଆଉ ଏକ ନକଲି ଚେନକୁ ସଫା କରୁଥିବା ପାଉଡରରେ ରଖି ୪୦ମିନିଟ ପରେ ପିନ୍ଧିବାକୁ କହିଥିଲେ। ପରେ ଦୁର୍ବୃତ୍ତ ଜଣଙ୍କ ପାଉଣା ନେଇ ପଳାଇଥିଲେ। ପରେ ଏହା ନକଲି ସୁନାଚେନ ବୋଲି ହରିହର ଜାଣିବାକୁ ପାଇଥିଲେ। ଏନେଇ ହରିହର ଥାନାରେ ଅଭିଯୋଗ କରିଥିଲେ।

# ବସ୍ ଧକ୍କାରେ ଯୁବକ ମୃତ

ଦିଗପହଣ୍ଡି,୧୦।୨(ଡି.ଏନ.ଏ.)

ଦିଗପହଣ୍ଡି–ରାୟଗଡ଼ା ୩୨୬ ନଂ. ଜାତୀୟ ରାଜପଥର ଡେଙ୍ଗାଓସ୍ତା ଗ୍ରାମ ନିକଟରେ ଦିଲଖୁସ୍ ନାମକ ଯାତ୍ରୀବାହୀ ବସ୍ (ନଂ. ଓଡି ୦୨ – ବି ଏ –୦୭୯୭) ଧକ୍କାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ପୋଲିସ ପହଞ୍ଚି ମାମଲା ନଂ. ୬୨/୨୨ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ତାଙ୍କ ବୟସ ପ୍ରାୟ ୪୦ – ୪୨ ବର୍ଷ ହେବ। ସେ ବ୍ରାଉନ କଲର ଫୁଲ୍‌ପ୍ୟାଣ୍ଟ ଏବଂ ଏକ ଧଳା ରଙ୍ଗର ବାନିୟାନ ଗଞ୍ଜି ପିନ୍ଧିଛନ୍ତି। ତାଙ୍କ ପରିଚୟ କିମ୍ବା ଠିକଣା ଜଣାପଡିନି। ବୁଧବାର ରାତି ପ୍ରାୟ ସାଢେ ୨ ଟାରେ ଯାତ୍ରୀବାହୀ ବସ୍‌ଟି ମାଲକାନଗିରି ଚିତ୍ରକୋଣ୍ଡାରୁ ଭୁବନେଶ୍ୱର ଭାୟା ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

## ପ୍ରଥମ ପୃଷ୍ଠାରୁ...

### ଧର୍ମୀୟ ପୋଷାକ ...

ସୋମବାର ଅପରାହ୍ଣ ସାଢ଼େ ୨ଟାରେ ମାମଲାର ପୁନଃ ଶୁଣାଣି ଚାଲିବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଆବଦେନକାରୀ ଛାତ୍ରୀମାନଙ୍କ ପକ୍ଷରୁ ଆଇନଜୀବି ସଞ୍ଜୟ ହେଗ୍‌ଡେ ଶୁଣାଣିବେଳେ ଯୁକ୍ତି ବାଢ଼ିଥିଲେ, ଏହି ମାମଲା କେବଳ ଧର୍ମୀୟ ଆସ୍ଥା ନୁହେଁ, ବରଂ ଛାତ୍ରୀଙ୍କ ଶିକ୍ଷା ସହ ଜଡ଼ିତ। କର୍ଣାଟକ ଶିକ୍ଷା ନୀତିରେ ୟୁନିଫର୍ମ କିମ୍ବା ଏ ସମ୍ପର୍କିତ ଜରିମାନା ବାବଦରେ କୌଣସି ବ୍ୟବସ୍ଥା ନାହିଁ। ପରୀକ୍ଷା ପାଖେଇ ଆସୁଥିବାରୁ କୋର୍ଟ ଏକ ଅନ୍ତରୀଣ ରାୟ ଦେଇ ଛାତ୍ରୀମାନଙ୍କୁ ହିଜାବ ପିନ୍ଧି କଲେଜ ଆସିବାକୁ ଅନୁମତି ଦିଅନ୍ତୁ ବୋଲି ହେଗ୍‌ଡେ କହିଥିଲେ। ଖଣ୍ଡପୀଠ ଏହାର ବିଚାର କରି କହିଥିଲେ, ହିଜାବ ପିନ୍ଧିବା ମୌଳିକ ଅଧିକାର ଅଧୀନରେ ଆସୁଛି କି ନା ତାହା ଦେଖାଯିବ। ତେବେ ଶୁଣାଣି ଚାଲିଥିବା ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ ଧର୍ମୀୟ ପୋଷାକ ଉପରେ କୋର୍ଟ କଟକଣା ଲଗାଇଥିଲେ। ଏହାକୁ ହେଗ୍‌ଡେ ବିରୋଧ କରିଥିବାବେଳେ କୋର୍ଟ କହିଥିଲେ, ଏହା ମାତ୍ର କିଛି ଦିନର କଥା। ଅଦାଲତଙ୍କୁ ସହଯୋଗ କରିବାକୁ ମୁଖ୍ୟ ବିଚାରପତି ହେଗ୍‌ଡେଙ୍କୁ କହିଥିଲେ। ସୂଚନାଯୋଗ୍ୟ, ବୁଧବାର ହିଜାବ ବିବାଦ ବୃହତ୍ତର ଖଣ୍ଡପୀଠକୁ ପଠାଯାଇଥିଲା। ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହାର ଶୁଣାଣି ହେବ ବୋଲି ଜଷ୍ଟିସ୍ କ୍ରିଷ୍ଣା ଏସ୍. ଦୀକ୍ଷିତ କହିଥିଲେ।

### ଓଡ଼ିଶାରେ ୯୮% ...

୨ଜଣ ଲେଖାଏ ଏବଂ ବାଲେଶ୍ୱର, କନ୍ଧମାଳ ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ତେବେ କନ୍ଧମାଳରୁ ଜଣେ ୧୦ମାସର ଶିଶୁପୁତ୍ରର ମୃତ୍ୟୁ ହୋଇଛି। ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିଲେ ଓ କେବଳ କରୋନାରେ ହିଁ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୮୧୮କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ଆଉ ୧,୪୮୦ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨,୭୩,୦୦୩ରେ ପହଞ୍ଚିଛି।

### କେନ୍ଦ୍ରରେ ପହଞ୍ଚିନି ...

ଲାଗି ବାରମ୍ବାର ଦାବି ଉଠାଉଥିଲେ ତାହା ମଧ୍ୟ ଏକ ବିରାଟ ପ୍ରଶ୍ନ ସୃଷ୍ଟି କରୁଛି। ଏନେଇ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ଥରେ ନୁହେଁ ୫ଥର କେନ୍ଦ୍ର ସରକାରଙ୍କ ନିକଟକୁ ସଂକଳ୍ପ ପଠାଯାଇଛି। ମିଥ୍ୟା ଛଡ଼ା ସେମାନେ କେବେହେଲେ ସତ୍ୟ କୁହନ୍ତି ନାହିଁ। ସବୁ କଥାରେ ସେମାନଙ୍କ ମିଛ। ସେମାନେ କେଉଁଠି କ'ଣ କହୁଛନ୍ତି ତା'ର କିଛି ଠିକ୍ ଠିକଣା ନାହିଁ। ସେମାନଙ୍କର ସବୁ ଶ୍ରୀରାମଙ୍କ ନାଁରେ ଚାଲିଛି । ସୂଚନାଯୋଗ୍ୟ, ଓଡ଼ିଶାରେ ପ୍ରସ୍ତାବିତ ବିଧାନ ପରିଷଦ କାର୍ଯ୍ୟକାରୀ ହେଲେ ସେଥିରେ ୪୯ ସଦସ୍ୟ ରହିବେ। ଏଠାରେ ସଂକଳ୍ପ ଗୃହୀତ ହେବାପରେ ଏହା କେନ୍ଦ୍ର ସରକାର ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବା କଥା।


APPENDIX A TO SCHEDULE III
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
ପ୍ରେସ ବିଜ୍ଞପ୍ତି

No.C–1880:ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲାର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫର୍ମ ନଂ. III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫର୍ମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫର୍ମ ନଂ. IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫର୍ମ ନଂ. III ଓ ଫର୍ମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା
OIPR-13141/11/0005/2122

APPENDIX A TO SCHEDULE III
ନୀଳଗିରି ଅଧିସୂଚିତ କ୍ଷେତ୍ର ପରିଷଦ
ପ୍ରେସ ବିଜ୍ଞପ୍ତି

No.C–1893:ନୀଳଗିରି ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ନୀଳଗିରି ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନୀଳଗିରି କାର୍ଯ୍ୟାଳୟରେ ତା. ୧୧.୦୨.୨୦୨୨ରୁ ୧୫.୦୨.୨୦୨୨ ରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ. III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IV ରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ELECTION OFFICER, NILGIRI N.A.C.
OIPR-13179/11/0003/2122

APPENDIX A TO SCHEDULE III
କେସିଙ୍ଗା ଅଧିସୂଚିତ କ୍ଷେତ୍ର ପରିଷଦ
ନଂ.୩୯୨, ତା.୦୯.୦୨.୨୦୨୨
ପ୍ରେସ ବିଜ୍ଞପ୍ତି

No.C–1882:କେସିଙ୍ଗା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କେସିଙ୍ଗା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନିର୍ବାଚନ ଅଧିକାରୀ/କେସିଙ୍ଗା କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା କେସିଙ୍ଗା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
କେସିଙ୍ଗା ଅଧିସୂଚିତ କ୍ଷେତ୍ର ପରିଷଦ
OIPR-13109/11/0022/2122

ନୟାଗଡ଼ ପୌର ପରିଷଦ
ପ୍ରେସ ବିଜ୍ଞପ୍ତି

No.C–1873:ନୟାଗଡ ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ନୟାଗଡ଼ ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନୟାଗଡ଼ ପୌର ପରିଷଦ ଏବଂ ନିର୍ବାଚନ ଅଧିକାରୀ–ତଥା–ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ.IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ.III ଓ ଫାରମ ନଂ.IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛାପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ, ନୟାଗଡ଼ ପୌର ପରିଷଦ
OIPR-13134/11/0016/2122

OFFICE OF THE ELECTION OFFICER
NOTIFIED AREA COUNCIL, ATHAMALLIK
No. 04 DT.09.02.2022
APPENDIX A TO SCHEDULED III
ଆଠମଲ୍ଲିକ ଅଧିସୂଚିତ କ୍ଷେତ୍ର ପରିଷଦ
ପ୍ରେସ୍ ବିଜ୍ଞପ୍ତି

No.C-1900:- ଆଠମଲ୍ଲିକ ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତ ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଆଠମଲ୍ଲିକ ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଆଠମଲ୍ଲିକ ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଉଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ଆଠମଲ୍ଲିକ ଅଧିସୂଚିତ କ୍ଷେତ୍ର ପରିଷଦର ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.– III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ଠାରୁ ୧୬.୦୨.୨୦୨୨ରିଖ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କ ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./- ନିର୍ବାଚନ ଅଧିକାରୀ
ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ
OIPR-13161/11/0013/2122

APPENDIX A TO SCHEDULE III
କରଞ୍ଜିଆ ଅଧିସୂଚିତ କ୍ଷେତ୍ର ପରିଷଦ
ଜିଲ୍ଲା–ମୟୂରଭଞ୍ଜ
ପ୍ରେସ ବିଜ୍ଞପ୍ତି
ନଂ.୨୩୭, ତା.୦୯.୦୨.୨୦୨୨

No.C–1899:କରଞ୍ଜିଆ ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ତାରିଖ ୧୦.୦୨.୨୦୨୨ରେ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଅଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ନିର୍ବାଚନ ଅଧିକାରୀ/ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ପୌର ପରିଷଦର ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ. III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ.IV ରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ.IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ.III ଓ ଫାରମ ନଂ.IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
କରଞ୍ଜିଆ ଅଧିସୂଚିତ କ୍ଷେତ୍ର ପରିଷଦ
OIPR-13119/11/0012/2122



ନିର୍ମଳ କୁମାର ମିଶ୍ର

# ନଜରରେ ଆଇପିଏଲ୍





ରବିଚନ୍ଦ୍ରନ ଅଶ୍ୱିନ

ଡେଭିଡ ୱାର୍ନର

କାଗିଶୋ ରାବାଡ଼ା

**ଆଇପିଏଲ୍ -୧୫ର ଖେଳାଳି ନିଲାମ ପ୍ରକ୍ରିୟା ଚଳିତମାସ ୧୨ ଓ ୧୩ରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଦୁଇ ନୂଆ ଫ୍ରାଞ୍ଚାଇଜ ଅହମଦାବାଦ ଏବଂ ଲକ୍ଷ୍ନୌ ୩ଜଣ ଲେଖାଏ ଖେଳାଳି ନିଜ ଦଳକୁ ଆଣିଛନ୍ତି। ନିଲାମ ପ୍ରକ୍ରିୟାରେ ସାମିଲଥିବା ୧୨୧୪ ଖେଳାଳିଙ୍କ ମଧ୍ୟରେ ୮୯୬ ଭାରତୀୟ ଏବଂ ୩୧୮ ଜଣ ବିଦେଶୀ ଖେଳାଳି ରହିଛନ୍ତି...**

ଖୁବ୍ କମ୍ ସମୟ ବ୍ୟବଧାନରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨ଟି ନୂଆ ଦଳ ୧୫ ତମ ସଂସ୍କରଣରେ ଯୋଡି ହେବା ଫଳରେ ଆଇପିଏଲ୍ ଟିମ୍ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ଅହମଦାବାଦ ଏବଂ ଲକ୍ଷ୍ନୌ ଆଇପିଏଲ୍‌ର ଦୁଇଟି ନୂଆ ଦଳ। ଫଳରେ ଏହି ଲିଗ୍ ୨ମାସ ଧରି ଚାଲିବା ସମ୍ଭାବନା ରହିଛି। ମାର୍ଚ୍ଚ୨୭ରୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପ୍ରଫେଶନାଲ ଏହି ଟି୨୦ ଲିଗ୍‌ର ଶୁଭାରମ୍ଭ ହେବା ଆଶା କରାଯାଉଛି। ଏଥିପାଇଁ ବିସିସିଆଇ ଫ୍ରାଞ୍ଚାଇଜମାନଙ୍କ ପାଇଁ ନିଲାମ ତାଲିକା ଘୋଷଣା କରିଛି। ୧୦ଟି ଫ୍ରାଞ୍ଚାଇଜରେ ରହିଥିବା ୨୭୧ଟି ଖାଲିସ୍ଥାନ ପାଇଁ ମୋଟ ୧୨୧୪ଜଣ ଖେଳାଳିଙ୍କ ନାମ ତାଲିକାଭୁକ୍ତ ହୋଇଛି। ବିଗତ ସଂସ୍କରଣ ଗୁଡିକର ଚର୍ଚ୍ଚିତ ଖେଳାଳି କ୍ରିସ୍ ଗେଲ୍, ସାମ କୁରାନ, ମିଚେଲ ଷ୍ଟାର୍କ ଏବଂ ବେନ୍ ଷ୍ଟୋକ୍ସ ଏଥର ନିଲାମ ପ୍ରକ୍ରିୟାରୁ ଦୂରେଇ ରହିଛନ୍ତି। ପୂର୍ବରୁ ମ୍ୟାଚ ଫିକ୍ସି ଅଭିଯୋଗରେ ଦଣ୍ଡିତ ହୋଇ ପରେ ଦୋଷମୁକ୍ତ ହୋଇଥିବା ଟିମ୍ ଇଣ୍ଡିଆର ପୂର୍ବତନ ପେସ୍ ବୋଲର ଏସ. ଶ୍ରୀସନ୍ଥ ନିଜ ନାମ ତାଲିକାଭୁକ୍ତ କରି ପୁନର୍ବାର ଚର୍ଚ୍ଚାକୁ ଆସିଛନ୍ତି।

ଫେବୃଆରୀ ୧୨ ଓ ୧୩ରେ ବେଙ୍ଗାଲୁରୁଠାରେ ମେଗା ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହି ସମୟରେ ୱେଷ୍ଟଇଣ୍ଡିଜ ଦଳ ଭାରତ ଗସ୍ତରେ ରହିଥିବାରୁ ପୂର୍ବ ନିର୍ଦ୍ଧାରିତ ମ୍ୟାଚ କାର୍ଯ୍ୟସୂଚୀରେ ବିସିସିଆଇ କିଛି ମାତ୍ରାରେ ପରିବର୍ତ୍ତନ କରିଛି। ଆଇପିଏଲ୍ ୧୫ ପାଇଁ ଜାନୁୟାରୀ ୨୦ ତାରିଖକୁ ନାମ ପଞ୍ଜୀକରଣର ଶେଷ ତାରିଖ ଘୋଷଣା କରାଯାଇଥିଲା। ଦୁଇ ନୂଆ ଫ୍ରାଞ୍ଚାଇଜ ଅହମଦାବାଦ ଏବଂ ଲକ୍ଷ୍ନୌ ୩ଜଣ ଲେଖାଏ ଖେଳାଳି ନିଜ ଦଳକୁ ଆଣିଛନ୍ତି। ନିଲାମ ପ୍ରକ୍ରିୟାରେ ସାମିଲଥିବା ୧୨୧୪ ଖେଳାଳିଙ୍କ ମଧ୍ୟରେ ୮୯୬ ଭାରତୀୟ ଏବଂ ୩୧୮ ଜଣ ବିଦେଶୀ ଖେଳାଳି । ଏମାନଙ୍କ ମଧ୍ୟରୁ ୨୭୦ଜଣ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଛନ୍ତି। ୯୦୩ଜଣ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ବେଳେ ଆଇସିସି ସହଯୋଗୀ ଦେଶର ୪୧ ଖେଳାଳି ଏହି ନିଲାମ ପ୍ରକ୍ରିୟାରେ ଭାଗ ନେବେ।

ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ୨୭୦ ଖେଳାଳିଙ୍କ ମଧ୍ୟରେ ୬୧ ଭାରତୀୟ ଏବଂ ୨୦୯ ବିଦେଶୀ ଖେଳାଳି ରହିଛନ୍ତି। ସେହିପରି ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ତାଲିକାଭୁକ୍ତ ୯୦୩ ଖେଳାଳିଙ୍କ ମଧ୍ୟରେ ୧୪୩ ଭାରତୀୟ ଏବଂ ୬ ବିଦେଶୀ ଖେଳାଳି ପୂର୍ବରୁ ଆଇପିଏଲ୍ ଖେଳି ସାରିଛନ୍ତି। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଅଷ୍ଟ୍ରେଲିଆରୁ ସର୍ବାଧିକ ୫୯, ଦକ୍ଷିଣ ଆଫ୍ରିକାରୁ ୪୮ ଏବଂ ୱେଷ୍ଟଇଣ୍ଡିଜରୁ ୪୧ ଜଣ ଲେଖାଏ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି। ଭୁଟାନ, ନେଦରଲାଣ୍ଡ୍ସ, ସ୍କଟଲାଣ୍ଡ ଏବଂ ୟୁଏଇରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। ନିୟମ ଅନୁଯାୟୀ ପ୍ରତ୍ୟେକ ଫ୍ରାଞ୍ଚାଇଜ ୨୫ ଜଣିଆ ଖେଳାଳି ବିଶିଷ୍ଟ ଟିମ୍ ଗଠନ କରିବେ। ଏବେ ସୁଦ୍ଧ ୧୦ଟି ଫ୍ରାଞ୍ଚାଇଜ ମୋଟ ୩୩ଜଣ ଖେଳାଳିଙ୍କୁ ନିଜ ନିଜ ଦଳରେ ସାମିଲ କରିଛନ୍ତି। ବାକି ୨୧୭ ଜଣ ଖେଳାଳିଙ୍କୁ ଫ୍ରାଞ୍ଚାଇଜମାନେ ନିଲାମ ବେଳେ କିଣି ପାରିବେ। ଏମାନଙ୍କ ମଧ୍ୟରୁ ୭୦ ଜଣ ବିଦେଶୀ ଖେଳାଳିଙ୍କ ସ୍ଥାନ ଖାଲି ରହିଛି। ଦାମୀ ଖେଳାଳି ତାଲିକାରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର, ଭାରତର ରବିଚନ୍ଦ୍ରନ ଅଶ୍ୱିନ ଏବଂ ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡା ରହିଛନ୍ତି। ୨ କୋଟି ବେସ୍ ପ୍ରାଇସ ଥିବା ଦାମୀ ଖେଳାଳି ତାଲିକାରେ ରହିଛନ୍ତି ମୋଟ ୪୯ ଖେଳାଳି। ଏମାନଙ୍କ ମଧ୍ୟରେ ୧୭ ଜଣ ଭାରତୀୟ ଖେଳାଳି ସାମିଲ। ଦକ୍ଷିଣ ଆଫ୍ରିକା ଗସ୍ତରେ ଖରାପ ପ୍ରଦର୍ଶନ କରିଥିଲେ ହେଁ ଦିଲ୍ଲୀ କ୍ୟାପିଟାଲ୍ସର ପୂର୍ବତନ ଅଧିନାୟକ ଶ୍ରେୟସ ଆୟାରଙ୍କ ଉପରେ ଫ୍ରାଞ୍ଚାଇଜଙ୍କ ନଜର ରହିବ। ଚର୍ଚ୍ଚାରେ ଥିବା ଶ୍ରୀସନ୍ଥଙ୍କ ବେସ୍ ପ୍ରାଇସ ରହିଛି ୫୦ଲକ୍ଷ ଟଙ୍କା। ୨ କୋଟି ବେସ୍ ପ୍ରାଇସ ରହିଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ, ୟୁଜବେନ୍ଦ୍ର ଚହଲ, ଦୀପକ ଚହର, ଶିଖର ଧାୱନ, ଶ୍ରେୟସ ଆୟାର, ଦିନେଶ କାର୍ତ୍ତିକ, ଇଶାନ କିଶନ, ଭୁବନେଶ୍ୱର କୁମାର, ଦେବଦତ୍ତ ପଡିକଲ, କ୍ରୂନାଲ ପାଣ୍ଡ୍ୟା, ହର୍ଶଲ ପଟେଲ, ସୁରେଶ ରାଇନା, ଅମ୍ବାତି ରାଇଡୁ, ମହମ୍ମଦ ସାମି, ଶାର୍ଦ୍ଦୁଳ ଠାକୁର, ରବିନ୍ ଉଥପା ଏବଂ ଉମେଶ ଯାଦବ।

ଗତ ୧୪ତମ ସଂସ୍କରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା କେତେକ ଭାରତୀୟ ଖେଳାଳି ଏଥର କମ୍ ବେସ୍ ପ୍ରାଇସ୍ ତାଲିକାରେ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏମାନଙ୍କ ମଧ୍ୟରେ ଅଛନ୍ତି ପଞ୍ଜାବ କିଙ୍ଗ୍ସ ଏକାଦଶର ଶାହରୁଖ ଖାନ୍ ଏବଂ ପେସ୍ ବୋଲର ଅଭେଶ ଖାଁ। ଏଥର ସେମାନଙ୍କର ବେସ୍ ପ୍ରାଇସ ରହିଛି ୨୦ଲକ୍ଷ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅଭେଶ ଗତ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିଲେ। ୧୪ତମ ସଂସ୍କରଣରେ ସେ ୨ୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ହୋଇଥିଲେ। ଏହି ସଫଳତା ଯୋଗୁ ଆଭେଶ ବର୍ତ୍ତମାନ ଭାରତୀୟ ଦଳର ନେଟ୍ ବୋଲର ରୂପେ କାର୍ଯ୍ୟ କରୁଛନ୍ତି।

ଆଇପିଏଲ୍ ୧୫ର ସମସ୍ତ ମ୍ୟାଚ ଘରୋଇ ଗ୍ରାଉଣ୍ଡରେ ଆୟୋଜନ କରିବ ବିସିସିଆଇ। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ ଏହି ନିଷ୍ପତ୍ତି ଗ୍ରହଣ କରିଛି। ପ୍ରାଥମିକ ପର୍ଯ୍ୟାୟରେ ମୁମ୍ବାଇକୁ ଆୟୋଜନର ସ୍ଥାନ ରୂପେ ଘୋଷଣା କରାଯାଇଛି କାରଣ ମୁମ୍ବାଇରେ ଏକାଧିକ ଗ୍ରାଉଣ୍ଡ ରହିଛି। ଆଇପିଏଲ୍ ୧୫ ଆରମ୍ଭ ବେଳକୁ ଭାରତରେ କରୋନା ସଂକ୍ରମଣ ହାର ଯଦି ନିମ୍ନଗାମୀ ରହେ ତେବେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭେନ୍ୟୁ ରୂପେ ଅହମଦାବାଦକୁ ବଛାଯିବା ସମ୍ଭାବନା ରହିଛି। ଗତବର୍ଷର ବାୟୋ-ବବଲ ତ୍ରୁଟି, ଖେଳାଳି ଏବଂ କେତେକ ଫ୍ରାଞ୍ଚାଇଜଙ୍କ ନିୟମଭଙ୍ଗ ଯୋଗୁ କରୋନା ପାଇଁ ଶେଷ ମୁହୂର୍ତ୍ତରେ କେତେଗୁଡିଏ ମ୍ୟାଚ ବାତିଲ କରାଯାଇଥିଲା। ଆଗାମୀ ସଂସ୍କରଣରେ ୧୦ଟି ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ 'ହୋମ ଏବଂ ଆୱେ' ନିୟମ ଅନୁସାରେ ମୋଟ ୭୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଦକ୍ଷିଣ ଆଫ୍ରିକା ଏବଂ ୟୁଏଇକୁ ଷ୍ଟାଣ୍ଡବାଇ ଦେଶ ରୂପେ ରଖାଯାଇଥିବା ବେଳେ ଟାଟା ଏହାର ମୁଖ୍ୟ ପ୍ରାୟୋଜକ ହୋଇଛି। ସୂଚନା ଯୋଗ୍ୟ ଯେ ଗତଥର ଚେନ୍ନାଇ ସୁପର କିଙ୍ଗ୍ସ ଦଳ କୋଲକାତା ନାଇଟ୍ ରାଇଡର୍ସକୁ ଏକ ରୋମାଞ୍ଚକ ଫାଇନାଲରେ ହରାଇ ୪ର୍ଥ ଥର ପାଇଁ ଆଇପିଏଲ୍ ଚାମ୍ପିୟନ ହୋଇଥିଲା।

ଆଗାମୀ ସଂସ୍କରଣରେ ଓଡ଼ିଶାର ୨ ଖେଳାଳିଙ୍କ ନାମ ନିଲାମ୍ ପ୍ରକ୍ରିୟାରେ ରହିଛି। ସେମାନେ ହେଉଛନ୍ତି ଶୁଭ୍ରାଂଶୁ ସେନାପତି ଓ ଅଭିଷେକ ରାଉତ। ସୟଦ ମୁସ୍ତାକ ଅଲ୍ଲୀ ଏବଂ ବିଜୟ ହଜାରେ ଟ୍ରଫିରେ ସେମାନଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଏହା ପ୍ରକାଶ କରାଯିବା ପରେ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଓସିଏର ଭିଜନ ୨୦୨୪ ଯୋଗୁ ଓଡ଼ିଶା ଖେଳାଳି ଆଇପିଏଲରେ ସ୍ଥାନ ପାଇବା ସମ୍ଭାବନା ସୃଷ୍ଟି ହୋଇଛି, ଯାହାକି ରାଜ୍ୟ କ୍ରିକେଟ ପାଇଁ ଶୁଭ ସୂଚନା।

# ଓଡ଼ିଶାର ରଣଜୀ ଅଭିଯାନ

**ଏଥର ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ୨ ପର୍ଯ୍ୟାୟବିଶିଷ୍ଟ ହେବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୭ରୁ ମାର୍ଚ୍ଚ ୧୫ ଏବଂ ନକ୍ ଆଉଟ୍ ପର୍ଯ୍ୟାୟ ମେ' ୩୦ରୁ ଜୁନ୍ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପର୍ଯ୍ୟାୟରେ ମୋଟ ୩୮ ଟିମ୍ ଭାଗନେବେ। ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଶୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି...**



ଶୁଭ୍ରାଂଶୁ ସେନାପତି

ଘରୋଇ କ୍ରିକେଟ୍‌ର ସର୍ବୋଚ୍ଚ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ୮୭ତମ ସଂସ୍କରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜନ ହେବାକୁ ଯାଉଛି। ଦୁଇଟି ପର୍ଯ୍ୟାୟରେ ଏହା ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରକୃତରେ ୨୦୨୧ ନଭେମ୍ବର ୧୬ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାର ଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଏହାକୁ ୧୩ ଜାନୁୟାରୀରୁ ୨୦ ମାର୍ଚ୍ଚ ମଧ୍ୟରେ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହେଲା। ସେଥିପାଇଁ ରାଜ୍ୟ ଆସୋସିଏଶନ ଗୁଡିକ ତତ୍ପରତା ପ୍ରକାଶ କରିବା ସହିତ ସେମାନଙ୍କର ପ୍ରସ୍ତୁତିକୁ ଜୋରଦାର କରିଥିଲେ। ମାତ୍ର କୋଭିଡ୍ ଏବଂ ଆଗକୁ ଆଇପିଏଲ୍-୧୫ ଲାଗି ଏହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ରଖାଯାଇଥିଲା। ଯାହା ଫଳରେ ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ପୂର୍ବ ସିଜନରେ ଏହି ଟୁର୍ନାମେଣ୍ଟକୁ ବନ୍ଦ କରାଯାଇଥିବାରୁ ଯୁବ ଏବଂ ସିନିୟର ଖେଳାଳିମାନେ ହତୋତ୍ସାହିତ ହୋଇପଡିଥିଲେ। ମାତ୍ର କିଛି ଦିନ ପୂର୍ବରୁ ବିସିସିଆଇ ପକ୍ଷରୁ ଏହି ସମ୍ମାନ ଜନକ ଟୁର୍ନାମେଣ୍ଟ ହେବାର ଘୋଷଣା କରାଯାଇଥିଲା। ଫଳରେ ରାଜ୍ୟ ଆସୋସିଏଶନଗୁଡିକ ସେମାନଙ୍କର ଖେଳାଳି ତାଲିକା ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୧୭ରୁ ମାର୍ଚ୍ଚ ୧୫ ଏବଂ ନକ୍ ଆଉଟ୍ ପର୍ଯ୍ୟାୟ ମେ ୩୦ରୁ ଜୁନ୍ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଘୋଷଣା ହୋଇଛି। ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପର୍ଯ୍ୟାୟରେ ମୋଟ ୩୮ଟି ଟିମ୍ ଭାଗନେବେ ଓ ୬୪ଟି ମ୍ୟାଚ ଖେଳାଯିବ। ମ୍ୟାଚଗୁଡିକ ରାଜକୋଟ, କଟକ, ଭୁବନେଶ୍ୱର, ଚେନ୍ନାଇ, ଅହମଦାବାଦ, ତ୍ରିଭେନ୍ଦ୍ରମ, ଦିଲ୍ଲୀ, ହରିୟାଣା, ଗୁଆହାଟୀ ଓ କୋଲକାତାରେ ଖେଳାଯିବ। ଏଲିଟ ପର୍ଯ୍ୟାୟରେ ୮ଟି ଗ୍ରୁପ୍ କରାଯାଇଥିବାବେଳେ ୪ଟି ଲେଖାଏ ଦଳ ସେମାନଙ୍କର ଗତ ରଣଜୀ ପ୍ରଦର୍ଶନ ଆଧାରରେ ସାମିଲ ହୋଇଛନ୍ତି। ଏହି ୮ଟି ଗ୍ରୁପରୁ ଶୀର୍ଷ ୭ ଦଳ ସିଧା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅବଶିଷ୍ଟ ଗୋଟିଏ ଦଳ ୬ଟି ଦଳ ବିଶିଷ୍ଟ ପ୍ଲେଟ ଗ୍ରୁପ୍‌ର ଟପ୍ ଟିମ୍ ସହ ପ୍ରି କ୍ୱାର୍ଟର ଫାଇନାଲ ଖେଳିବ। ଏହିପରିଭାବେ କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ସମ୍ପୂର୍ଣ୍ଣ ହେବ।

୨୦୧୯-୨୦ ସିଜନ୍‌ରେ ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ 'ସି'ରେ ସ୍ଥାନ ପାଇ ୯ଟି ମ୍ୟାଚ ଖେଳିଥିଲା। ଗ୍ରୁପ୍‌ରେ ୨ୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ମୋଟ ୧୦ଟି ମ୍ୟାଚ ଖେଳିଥିଲା। ବେଙ୍ଗଲଠାରୁ ଦଳ କ୍ୱାର୍ଟର ଫାଇନାଲରେ ହାରିଥିଲା। ବିସିସିଆଇର ଏଥର ନୂତନ ଫର୍ମାଟରେ ଓଡ଼ିଶା ଟିମ୍ ଏଲିଟ୍ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଥିବା ଅନ୍ୟ ୩ ଦଳ ହେଲେ ଗତ ସିଜନ୍‌ର ଚାମ୍ପିୟନ ସୌରାଷ୍ଟ୍ର, ସର୍ବାଧିକ ଥର ଚାମ୍ପିୟନ ଶକ୍ତିଶାଳୀ ମୁମ୍ବାଇ ଏବଂ ଗୋଆ। ଗ୍ରୁପ ଚାମ୍ପିୟନ ହେଲେ ଯାଇ ଓଡ଼ିଶା କ୍ୱାର୍ଟର ଫାଇନାଲ ଖେଳି ପାରିବ। ନଚେତ୍ ୩ଟି ମ୍ୟାଚ ଖେଳି ସନ୍ତୁଷ୍ଟ ରହିବାକୁ ହେବ। ଓଡ଼ିଶା ତା'ର ସମସ୍ତ ମ୍ୟାଚ ଅହମଦାବାଦଠାରେ ଖେଳିବ।

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ମଧ୍ୟକ୍ରମ ବ୍ୟାଟର ଶୁଭ୍ରାଂଶୁ ସେନାପତିଙ୍କୁ ଚଳିତ ସିଜନ୍ ପାଇଁ ନେତୃତ୍ୱ ଭାର ପ୍ରଦାନ କରିଛି। ଗତ ସିଜନର ସର୍ବାଧିକ ରନ୍ ସ୍କୋରର ଶାନ୍ତନୁ ମିଶ୍ରଙ୍କ ସହିତ ଅନୁରାଗ ଷଡଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଦେବାଶିଷ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର ଏବଂ ଅଭିଷେକ ରାଉତ ବ୍ୟାଟିଂ ଦାୟିତ୍ୱ ସମ୍ଭାଳିବେ। ସେହିପରି ପେସ୍ ବୋଲିଂ ଦାୟିତ୍ୱ ଅଭିଜ୍ଞ ବସନ୍ତ ମହାନ୍ତି, ରାଜେଶ ମହାନ୍ତି ଏବଂ ଦେବବ୍ରତ ପ୍ରଧାନଙ୍କ ଉପରେ ନ୍ୟସ୍ତ ରହିଛି। ୫ଜଣ ନବାଗତ ଅଂଶୁମାନ ରଥ, ରାକେଶ ପଟ୍ଟନାୟକ, ଆଶିଷ ରାୟ, ପ୍ରଶାନ୍ତ ରଣା ଏବଂ ତାରିଣୀ ସା ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଓସିଏ ଦ୍ୱାରା ଆୟୋଜିତ ୩ଟି ଫର୍ମାଟରେ ଏମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସ୍ପିନ୍ ଦାୟିତ୍ୱ ପପୁ ରାୟ, ଶୁଭମ ନାୟକ ଏବଂ ଅଭିଜ୍ଞ ଜୟନ୍ତ ବେହେରାଙ୍କ ଉପରେ ରହିବ। ଗତ ରଣଜୀ ସିଜନ୍‌ର ସଫଳ ବ୍ୟାଟର ଏବଂ ଉଇକେଟ କିପର ରାଜେଶ ଧୂପର ଏବଂ ସୁଜିତ୍ ଲେଙ୍କା ମଧ୍ୟ ସୁଯୋଗ ପାଇବା ଭଲ କଥା। ସବୁଠାରୁ ଅଭିଜ୍ଞ ଏବଂ ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ଏବଂ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ଦଳରୁ ବାଦ ପଡିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବର୍ତ୍ତମାନର ଷ୍ଟାର ପେସ୍ ବୋଲର ବସନ୍ତ ମହାନ୍ତିଙ୍କ ପାଇଁ ଏହି ଟୁର୍ନାମେଣ୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଦେବାଶିଷ ମହାନ୍ତିଙ୍କ ପରେ ଓଡ଼ିଶାର ଦ୍ୱିତୀୟ ବୋଲରଭାବେ ୪ଶହ ଉଇକେଟ କ୍ଲବରେ ସାମିଲ ହେବାପାଇଁ ସେ ଆଉ ମାତ୍ର ୧୨ଟି ଉଇକେଟ ପଛରେ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ସେ ଏହି ୧୨ଟି ଉଇକେଟ ହାସଲ କଲେ ମାଇଲଖୁଣ୍ଟ ସ୍ପର୍ଶ କରିବେ। ବସନ୍ତ, ରାକେଶ ମହାନ୍ତି ଏବଂ ରାଜେଶ ଧୂପର ସେମାନଙ୍କର ଆଘାତଜନିତ ସମସ୍ୟାଠାରୁ ମୁକୁଳି ଦଳରେ ସାମିଲ ହୋଇଛନ୍ତି। ମୋଟ ଉପରେ ଦେଖିବାକୁ ଗଲେ ଆଗାମୀ ରଣଜୀ ସିଜନ୍ ପାଇଁ ଓସିଏ ଏକ ସନ୍ତୁଳିତ ଦଳ ଚୟନ କରିଛି। କେବଳ ଭଲ ପ୍ରଦର୍ଶନକୁ ଅପେକ୍ଷା କରାଯାଉଛି।

ଗତ ଏକଦିବସୀୟ ଏବଂ ଟି୨୦ରେ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷଜନକ ନ ଥିଲା। ମାତ୍ର ରଣଜୀ ଟ୍ରଫିରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ବର୍ତ୍ତମାନର ମୁଖ୍ୟ କୋଚ୍ ୱାସିମ ଜାଫର ଦୃଢୋକ୍ତି ପ୍ରକାଶ କରିଛନ୍ତି। ଶୁଭକାମନା ଟିମ୍ ଓଡ଼ିଶା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୧/୨୦୨୨ Bhubaneswar, Friday, February 11/ 2022

# ବଜେଟରେ ସୀମିତ ଚଣ୍ଡିଖୋଲ ତୈଳ ଭଣ୍ଡାର

- ଅଡୁଆରେ ବିଜେଡି, ଭାଜପା
- ଶିକ୍ଷିତ ବେକାରିଙ୍କୁ ଉପେକ୍ଷା

ଯାଜପୁର ଅଫିସ, ୧୦।୨

ଦେଶର ୪ର୍ଥ ସର୍ବବୃହତ୍ ଚଣ୍ଡିଖୋଲ ତୈଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ୨୦୧୮ ଜୁନ୍ ୨୭ରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଥିଲା । ଏଥିପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ଆବଶ୍ୟକ ୪୦୦ ଏକର ଜମି ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦଦେଶରେ ଏହା ପ୍ରତିଷ୍ଠା ହେବାକୁ ଜମି ଚିହ୍ନଟ ଚୂଡ଼ାନ୍ତ ହୋଇଥିଲା । ଏଥିରେ ପ୍ରାୟ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଥିଲା । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନର ୧୦ କିମି ପରିଧି ମଧ୍ୟରେ ଚାଲିଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କଳାପଥର ଖାଦାନ ମଧ୍ୟ ବନ୍ଦ କରାଯାଇଥିଲା । ପରବର୍ତ୍ତୀ ସମୟରେ ପଥର ଖାଦାନଗୁଡ଼ିକରୁ ଚାନ୍ଦା ଆଦାୟ ବନ୍ଦ ହେବା ଆଶଙ୍କାରେ ଏଥିପାଇଁ ଜମି ଯୋଗାଇ ଦେବାରେ ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଅବହେଳା ପ୍ରଦର୍ଶନ କରିଆସୁଛି ବୋଲି ଅଭିଯୋଗ ହେଉଛି । ଅନ୍ୟପକ୍ଷେ କେନ୍ଦ୍ର ସରକାର ମଧ୍ୟ ନୀରବି ଯାଇଛନ୍ତି । ଏହି ପରିପ୍ରେକ୍ଷୀରେ ଚଳିତ ପଞ୍ଚାୟତ ନିର୍ବାଚନ ଭାଜପା ଓ ବିଜେଡି ପାଇଁ ଅଡୁଆ ହୋଇପାରେ ବୋଲି ଧର୍ମଶାଳା ବ୍ଲକ ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି ।


ତୈଳ ଭଣ୍ଡାର ଲାଗି ଚିହ୍ନଟ କରାଯାଇଥିବା ସ୍ଥାନ ।

ଚଣ୍ଡିଖୋଲ ତୈଳ ଭଣ୍ଡାର ପାଇଁ କ୍ୟାବିନେଟ୍ ମଞ୍ଜୁରୀ ପୂର୍ବରୁ ୨୦୧୮ ମେ'ରେ ଏକ କେନ୍ଦ୍ରୀୟ ଦଳ ଡଙ୍କାରୀ ପରିଦର୍ଶନରେ ଆସିଥିଲେ । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସମେତ ୪ଜଣ ଏହି ଦଳରେ ସାମିଲ ହୋଇଥିଲେ । ରାଜ୍ୟ ମୁଖ୍ୟ ଶାସନ ସଚିବ ୨୦।୩।୨୦୧୮ରେ ଡଙ୍କାରୀ ପାହାଡ଼ରେ ଚାଲିଥିବା ପଥର ଖାଦାନଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଧର୍ମଶାଳା ତହସିଲଦାର ଡଙ୍କାରୀ ଓ ଏହାର ଆଖପାଖରେ ଚାଲିଥିବା ଖାଦାନଗୁଡ଼ିକ ବନ୍ଦ ହେଲେ ସରକାର ପ୍ରାୟ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା କ୍ଷତି ସହିବେ ବୋଲି ଜଣାଇଥିଲେ । ତଥାପି ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶମତେ ଲିଜ୍‌ଧାରୀମାନଙ୍କୁ ୧୨।୪।୨୦୧୮ରେ ଖାଦାନ ବନ୍ଦ କରିବାକୁ ନୋଟିସ ଜାରି ହୋଇଥିଲା । ଏହାସତ୍ତ୍ୱେ ଖାଦାନ ବନ୍ଦ ନ ହେବାରୁ ସ୍ଥାନୀୟ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟ ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ । ଏନ୍‌ଜିଟି ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ଇତିମଧ୍ୟରେ ଡଙ୍କାରୀର ଏକାଧିକ ଖାଦାନ ଚଳାଇବାକୁ ଅନୁମତି ଦିଆଯାଇଛି । ପଥର ମାଫିଆଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ବେକାରି ସମସ୍ୟା ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ । ତେଣୁ ତୈଳ ଭଣ୍ଡାର ପ୍ରତିଷ୍ଠା ନେଇ ଅନିଶ୍ଚିତତା ଲାଗି ରହିଛି ।

୨୦୧୭-୧୮ ବଜେଟରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥାନ ପାଇଥିଲା । ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ୨୨୧ ଖାତା ନମ୍ବର, ୬୦୦ ପ୍ଲଟ ନମ୍ବରର ୭୭୩.୬୦ ଏକର ପର୍ବତ କିସମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ହେବା ପ୍ରସ୍ତାବ ରହିଥିଲା । ଡଙ୍କାରୀ ରାଜସ୍ୱ ନିରୀକ୍ଷକ ମଧ୍ୟ ୧୧୮୧, ୧୧୮୩, ୧୧୮୫/୧୨।୪।୨୦୧୮ରେ ଲିଜ୍‌ଧାରୀମାନଙ୍କୁ ତୁରନ୍ତ କଳାପଥର ଉତ୍ତୋଳନ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ଏହାସହ ଡଙ୍କାରୀ ପାଦଦେଶରେ ସରକାରଙ୍କ ଧାର୍ଯ୍ୟ ନୀତି ଅନୁସାରେ ୨୧ଟି କ୍ରଶର ଚାଲିଛି । ଶାସକ ଦଳର କେତେଜଣ ପ୍ରଭାବଶାଳୀ ନେତାଙ୍କ କବ୍‌ଜାରେ ଡଙ୍କାରୀ ପାହାଡ଼ ରହିଛି । ଏଥିରୁ ଆଦାୟ ହେଉଥିବା ମୋଟା ଅଙ୍କର ଚାନ୍ଦାରେ ନିର୍ବାଚନ ପରିଚାଳନା ହେଉଥିବା ଚର୍ଚ୍ଚା ହେଉଛି । ତେଣୁ କଳେବଳେ କୌଶଳେ ଏହି ମହତ୍ ପ୍ରକଳ୍ପ ପ୍ରତିଷ୍ଠାରେ ଅଙ୍କୁଶ ଲଗାଯାଇଛି ବୋଲି କୁହାଯାଉଛି । ମେକାନିକାଲ ଇଞ୍ଜିନିୟର ଡିଗ୍ରୀ ହାସଲ କରିଥିବା ଆକାଶ କୁମାର ବେହେରା ଓ ତାପସ କୁମାର ବିଶ୍ୱାଳ କୁହନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ସୁପାରିସ ବିନା କୌଣସି ନିଯୁକ୍ତି ମିଳୁନାହିଁ । ତେଣୁ ସେମାନେ ବେକାର ଅଛନ୍ତି । ଏହି ତୈଳ ଭଣ୍ଡାର କାର୍ଯ୍ୟକାରୀ ହୋଇଥିଲେ ନିଯୁକ୍ତି ମିଳିବା ଆଶା ରହିଥିଲା । ହେଲେ ରାଜନୈତିକ ହସ୍ତକ୍ଷେପରେ ଏହି ପ୍ରକଳ୍ପକୁ ବନ୍ଦ କରିଦିଆଯାଇଛି । ଏହି ନିର୍ବାଚନରେ ଏହାର ଉଚିତ ଜବାବ ମିଳିବ । ଅନ୍ୟପକ୍ଷେ ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଜମି ଅଧିଗ୍ରହଣରେ ବିଳମ୍ବ ହେଉଥିବାରୁ ପ୍ରକଳ୍ପ ଅଗ୍ରଗତି ହୋଇପାରୁନାହିଁ ।

## ଦଳୀୟ ନିର୍ବାଚନୀ ସଭାରେ ଯୋଗଦେଲେ ଶିକ୍ଷକ

### କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ

ବିଞ୍ଝାରପୁର,୧୦।୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଅଳକୁଣ୍ଡ ପଞ୍ଚାୟତର ଅଳକୁଣ୍ଡ ଗ୍ରାମରେ ବୁଧବାର ଅପରାହ୍ନରେ ବିଜେଡି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଓ ୨୭ ନମ୍ବର ଜୋନ ଜିଲାପରିଷଦ ସଭ୍ୟା ସୁନିତା ନାୟକ, ବିଜେଡି ବ୍ଲକ ସଭାପତି ମୁରଲିଧର ବେହେରା, ପଞ୍ଚାୟତ ସଭାପତି ପ୍ରମୋଦ କୁମାର ରଥଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ତେବେ ଏହି ସଭାରେ ଅଳକୁଣ୍ଡସ୍ଥିତ ଅବଦୁଲ ମଜିଦ ନୋଡାଲ ସ୍କୁଲର ସହକାରୀ ଶିକ୍ଷକ ସେକ ମହମ୍ମଦ ଓକିଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଫଳରେ ଏହାକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ପଞ୍ଚାୟତ ନିର୍ବାଚନ ସମୟ ହୋଇଥିବାରୁ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ଆଦର୍ଶ ଆଚରଣ ବିଧି ଜାରି କରାଯାଇଛି । ମାତ୍ର ସମ୍ପୃକ୍ତ ଶିକ୍ଷକ ଜଣେ ସରକାରୀ କର୍ମଚାରୀ ହୋଇ କିପରି ନିର୍ବାଚନୀ ସଭାକୁ ଗଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ସମ୍ପୃକ୍ତ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଏମ୍.ବି. ହିମାଇନ୍ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ ଦଳୀୟ ନିର୍ବାଚନୀ ପ୍ରଚାରରେ ଯୋଗଦେଇଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ପ୍ରକାଶ କରିଛନ୍ତି ।

## ବଢୁଛି ବେଆଇନ ମଦ କାରବାର

ଯାଜପୁର ସଦର, ୧୦।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ଗାଁରୁ ସହର ଯାଏଁ ପ୍ରତି ଛକରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି । ଯାଜପୁର ଜିଲାର ଯାଜପୁର ଓ ଯାଜପୁର ସଦର ଥାନାର ବିଭିନ୍ନ ପଞ୍ଚାୟତରେ ଥିବା ଛକଗୁଡ଼ିକରେ ରାତିରେ ଚୋରା ମଦର ବିପୁଳ କାରବାର ହେଉଛି । ଚୋରା ବେପାରୀ ସ୍ୱୀକୃତି ପ୍ରାପ୍ତ ଦୋକାନରୁ ମଦ ଆଣି ତାହାକୁ ଭେଜାଲ୍ କରି ଗାଁଛକରେ ଖୁଲମ୍ ଖୁଲା ବିକ୍ରି କରୁଥିବା ଅଭିଯୋଗ ହେଉଛି । ବିଶେଷ କରି ପାନ ଦୋକାନ, ଢାବା ଏବଂ ଷ୍ଟେସନାରୀ ଦୋକାନରେ ମଦ ମିଳୁଛି । ଅବକାରୀ ବିଭାଗ କେବଳ ବଡ଼ବଡ଼ ଦୋକାନରେ ଚଢ଼ାଉ କରୁଥିବା ବେଳେ ଏହି ଛୋଟଛୋଟ ଚୋରାମଦ ବେପାରୀ ସେମାନଙ୍କ ନଜରକୁ ଆସି ପାରୁନାହାନ୍ତି । ମଦ କାରବାର ଗ୍ରାମ୍ୟ ପରିବେଶକୁ ସମ୍ପୂର୍ଣ୍ଣ ନଷ୍ଟ କରିବାକୁ ବସିଲାଣି । ସକାଳୁ ମଦ୍ୟପମାନେ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ନକଲି ମଦର ବ୍ୟାପକ କାରବାର ହେଉଥିବାରୁ ତାହା ବିପଦ ଆଣିଦେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଏବେଠାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି ।

## ସମର୍ଥନ ନ ଦେବାରୁ ଧାନ କ୍ରୟ ବନ୍ଦ

### ଅଭିଯୋଗ ଆଣିଲେ ଚାଷୀ

ପାଣିକୋଇଲି,୧୦।୨(ଡି.ଏନ.ଏ.)

ଆଉ ଦିନ କେଇଟା ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ତେବେ ନିର୍ବାଚନରେ ନିଜ ସପକ୍ଷରେ ଭୋଟ୍ ନେବାକୁ କେତେଜଣ ପ୍ରାର୍ଥୀ ଭୋଟରଙ୍କୁ ନିବେଦନ କରୁଥିବାବେଳେ ଅନ୍ୟକେତେଜଣ ନାନା ଧମକ ଚମକ ଦେଉଥିବା ଅଭିଯୋଗ ଆସୁଛି । ଏପରି ଏକ ଅଭିଯୋଗ ଦେଖିବାକୁ ମିଳିଛି ଯାଜପୁର ଜିଲାର କୋରେଇ ବ୍ଲକ ଅଞ୍ଚଳରେ । ଏହି ବ୍ଲକ ଅଧୀନ ଅମୃତିଆ ପଞ୍ଚାୟତ ବନହରା ଗ୍ରାମର ଚାଷୀ ଦୀନବନ୍ଧୁ ସାହୁ ଭୋଟ୍ ଦେବା ଲାଗି ସମର୍ଥନ ନ ଦେବାରୁ ଟୋକନ ଥାଇ ମଧ୍ୟ ତାଙ୍କ ଧାନ କିଣା ବନ୍ଦ କରିଦିଆଯାଇଛି । ତାଙ୍କ ଟୋକନରେ ଧାନ କିଣା ନ ଯାଇ ପରବର୍ତ୍ତୀ ଟୋକନରେ ଧାନ କିଣାଯାଇଛି । ଏନେଇ ସେ ଗୁରୁବାର ଏଆର୍‌ସିଏସ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ତାଙ୍କ ଅଭିଯୋଗ ମୁତାବକ, ବଗିରିଆ ପାକ୍ସ ଅଧୀନରେ ବନହରା ଯାଉଥିବା ବେଳେ ପାକ୍ସର ସେ ଜଣେ ସଦସ୍ୟ । ତାଙ୍କର ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିଲା । ଜାନୁୟାରୀ ୧୫ ତାରିଖରେ ୪୬.୨ କୁଇଣ୍ଟାଲ ଧାନ ବିକ୍ରୟ କରିବା ପାଇଁ ଟୋକନ ମଧ୍ୟ ଆସିଥିଲା । ତେବେ ଚଳିତ ପଞ୍ଚାୟତ ନିର୍ବାଚନରେ ପାକ୍ସର ସମ୍ପାଦକଙ୍କ ସ୍ତ୍ରୀ ସରପଞ୍ଚ ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତେଣୁ ଦୀନବନ୍ଧୁଙ୍କୁ ସମର୍ଥନ ଦେବାକୁ ସମ୍ପାଦକ ବାଧ୍ୟ କରିଥିଲେ । ମାତ୍ର ସେ ରାଜି ନ ହେବାରୁ ତାଙ୍କ ଧାନ କ୍ରୟ କରାଯାଉନାହିଁ । ତେଣୁ ତୁରନ୍ତ ଏହାର ତଦନ୍ତ କରାଯାଇ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ଦୀନବନ୍ଧୁ ଏଆର୍‌ସିଏସ୍‌ଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ଯାଜପୁର ଏଆର୍‌ସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରବାରୁ ସେ କହିଛନ୍ତି, ଅଭିଯୋଗ ମିଳିଛି । ଏନେଇ ଆବଶ୍ୟକ ତଦନ୍ତ କରାଯିବ । ତଦନ୍ତ ରିପୋର୍ଟ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ତେବେ ପ୍ରତିକ୍ରିୟା ଜାଣିବାକୁ ସମ୍ପୃକ୍ତ ସମ୍ପାଦକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଉଦଳା,୧୦।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦା-ଉଦଳା ମୁଖ୍ୟ ରାସ୍ତାର ଅଦାପାଳ ଛକ ନିକଟରେ ଗୁରୁବାର ବସ୍ ଧକ୍କାରେ ଜଣେ ବାଇକ୍ ଅରୋହୀଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାରିପଦା ଷ୍ଟେଶନ ବଜାର ସୁନାମୁହିଁ ଅଞ୍ଚଳର ଅଜିତ ମିଶ୍ର । ସେ ଉଦଳାରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ବସ୍‌ଟି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଉଦଳା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।




## କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଡେରାବିଶ,୧୦।୨ (ସ୍ୱ.ପ୍ର)

ଡେରାବିଶ ବ୍ଲକ ନିକିରାଇ ଥାନା ଅନ୍ତର୍ଗତ ନହଙ୍ଗ ଗାଁରେ କାନ୍ଥ ତଳେ ଚାପି ହୋଇ ଗୁରୁବାର ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ମୁରଲୀଧର ଗୋଚ୍ଛାୟତ (୬୦) । ସୂଚନା ଅନୁଯାୟୀ, ମୁରଲୀ ଦୀର୍ଘଦିନ ଧରି ଏକ କଚ୍ଚା ଘରେ ରହି ଆସୁଥିଲେ । ଏହି ଘରଟି ବହୁ ପୁରୁଣା ହୋଇଥିବା ବେଳେ ମାଟି କାନ୍ଥଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଥିଲା । ତେବେ ବୁଧବାର ଫାଟି ଯାଇଥିବା କାନ୍ଥକୁ ମୁରଲୀ ଭାଙ୍ଗି ଦେଇଥିଲେ । ମାତ୍ର ଘରର ଅନ୍ୟ ଦୁଇଟି କାନ୍ଥ ଗୁରୁବାର ଭଙ୍ଗା ହେବା କଥା । ମୁରଲୀ ଅପରାହ୍ନରେ କାନ୍ଥ ନିକଟରେ ଛିଡ଼ା ହୋଇଥିବା ବେଳେ ହଠାତ୍ କାନ୍ଥଟି ଉପରେ ପଡ଼ିଯାଇଥିଲା । ଫଳରେ ମୁରଲୀ ତାହା ତଳେ ଚାପି ହୋଇଯାଇଥିଲେ । ଗ୍ରାମବାସୀଙ୍କ ସହଯୋଗକ୍ରମେ ମୁରଲୀଙ୍କୁ କାନ୍ଥ ତଳୁ ଉଦ୍ଧାର କରାଯାଇଥିଲା । ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରିବାର ଲୋକଙ୍କଠାରୁ ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ବିଜେଡିର କର୍ମୀ ନିଲମ୍ବନ ସଂଖ୍ୟା ବଢୁଛି

ବିଞ୍ଝାରପୁର,୧୦।୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ବିଜେଡି ଅକ୍ତିଆରରେ ରହୁନାହାନ୍ତି କର୍ମୀ । ଫଳରେ ଦଳୀୟ କର୍ମୀଙ୍କ ମଧ୍ୟରେ ବିଦ୍ରୋହ ବଢ଼ିବାରେ ଲାଗିଛି । ତେଣୁ ବିଦ୍ରୋହ ଦମନ ପାଇଁ କର୍ମୀଙ୍କୁ ନିଲମ୍ବନ ପ୍ରକ୍ରିୟା ଆରମ୍ଭ କରିଛି ଦଳ । ଦଳ ଦ୍ୱାରା ଚୟନ କରାଯାଇଥିବା ପ୍ରାର୍ଥୀଙ୍କୁ କର୍ମୀ ଗ୍ରହଣ କରୁ ନ ଥିବାରୁ ନେତା ଚିନ୍ତାରେ ପଡୁଛନ୍ତି । ତେଣୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କୁ ନିଲମ୍ବନ କରାଯାଉଛି । ଏହିକ୍ରମରେ ଗତମାସ ୩୦ ତାରିଖରେ କଲ୍ୟାଣପୁର ପଞ୍ଚାୟତର ୩ଜଣ ଆଗଧାଡି କର୍ମୀଙ୍କୁ ଦଳପକ୍ଷରୁ ନିଲମ୍ବନ କରାଯାଇଥିଲା । ସେହିପରି ବିତନା ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ମଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଚଳିତମାସ ୬ ତାରିଖରେ ନିଲମ୍ବନ କରାଯାଇଥିଲା । ଗୁରୁବାର ଫତେପୁର ପଞ୍ଚାୟତର କର୍ମୀ ତରଙ୍ଗ କୁମାର ସାହୁ ଓ ଶତ୍ରୁଜିତ ନାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରାଯାଇଛି । ଏହାଦ୍ୱାରା ବିଦ୍ରୋହରେ ଅଙ୍କୁଶ ଲାଗିବ ବୋଲି ଦଳ ପକ୍ଷରୁ କୁହାଯାଇଛି । କିନ୍ତୁ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଦଳୀୟ କର୍ମୀ କହୁଛନ୍ତି । ଦଳୀୟ ପ୍ରାର୍ଥୀ ଚୟନରେ ତ୍ରୁଟି ଯୋଗୁ ବ୍ଲକର ଅଧିକାଂଶ ପଞ୍ଚାୟତରେ ବିଜେଡି ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର ଦେଖିବାକୁ ମିଳିଛି । ତେବେ ଦଳରେ ରହି ଅନ୍ତର୍ଘାତୀ କାର୍ଯ୍ୟ କରୁଥିବା କର୍ମୀଙ୍କ ବିରୋଧରେ ଦଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର ପ୍ରେସ୍ ଇସ୍ତାହାର ମାଧ୍ୟମରେ ଘୋଷଣା କରିଛନ୍ତି ।




## ଚେକ୍ ପୋଷ୍ଟ ଭାଙ୍ଗିଲେ ଦୁର୍ବୃତ୍ତ

ବରୀ,୧୦।୨(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ମହାକାଳପଡ଼ା ପଞ୍ଚାୟତର ବ୍ରାହ୍ମଣୀ-ବିରୂପା ଘେରିବନ୍ଧ ଉପରେ ନିର୍ମାଣ କରାଯାଇଥିବା ଚେକ୍ ପୋଷ୍ଟକୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି । ଏନେଇ ଜଳ ସମ୍ପଦ ବିଭାଗ ତରଫରୁ ସହକାରୀ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା ବରୀ ରାମଚନ୍ଦ୍ରପୁର ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି ।


ଦୁର୍ବୃତ୍ତ ଚେକ୍ ପୋଷ୍ଟ ଭାଙ୍ଗି ଦେଇଥିବା ସ୍ଥାନ ।

ଅଭିଯୋଗ ଅନୁସାରେ, ବେଆଇନ ବାଲି ମାଫିଆମାନେ ବିରୂପା ନଦୀରୁ ବାଲି ଉଠାଣ କରି ନିକଟସ୍ଥ କେନ୍ଦ୍ରାପଡ଼ା ଜିଲାକୁ ନେଉଛନ୍ତି । ଫଳରେ ଯାଜପୁର ଜିଲା ପ୍ରଶାସନର ରାଜସ୍ୱ ହାନି ହେଉଛି । ଏଥିସହିତ ବିରୂପା ନଦୀରୁ ଭାରିଯାନ ମାଧ୍ୟମରେ ବାଲି ଉଠାଣ କରାଯାଇ ସେରପୁର-ମହାକାଳପଡ଼ା (ଟିଆର୍ଇ) ରାସ୍ତାରେ ଯାତାୟାତ କରୁଥିବାରୁ ଏହି ରାସ୍ତା କ୍ଷତିଗ୍ରସ୍ତ ହେଉଥିଲା । ଏହି ରାସ୍ତା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେଣୁ ପ୍ରଶାସନ ତରଫରୁ ଭାରି ଯାନ ଚଳାଚଳ ଉପରେ ରୋକ ଲଗାଇବା ନିମନ୍ତେ ଉକ୍ତ ଚେକ ପୋଷ୍ଟ ନିର୍ମାଣ କରାଯାଇଥିଲା । ଭାରିଯାନ ଚଳାଚଳ ନ କରିବା ନିମନ୍ତେ ମଧ୍ୟ ନିର୍ଦ୍ଦେଶ ରହିଥିଲା । ଏହା ସତ୍ତ୍ୱେ ଦୁର୍ବୃତ୍ତ ତାହାକୁ ଭାଙ୍ଗି ଦେଇଛନ୍ତି । ଘଟଣା ସମ୍ପର୍କରେ ଥାନାଧିକାରୀ କାବୁଲି ବାରିକଙ୍କୁ ପଚାରିବାରେ ସେ କୁହନ୍ତି, ଜଳସମ୍ପଦ ବିଭାଗର ଲିଖିତ ଅଭିଯୋଗ ମିଳିଛି । ଘଟଣାର ତଦନ୍ତ ଚାଲିଛି । ଏହାପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଶାସକ ଦଳକୁ ଅସନ୍ତୁଷ୍ଟ କର୍ମୀଙ୍କ ଚିନ୍ତା

ନୟାଗଡ଼ ଅଫିସ,୧୦।୨

**ଓଡ଼ଗାଁ ବ୍ଲକ ଜିଲା ପରିଷଦ ୪ ନଂ.ଜୋନ୍**

- ବିଧାୟକଙ୍କ ନିୟନ୍ତ୍ରଣରେ ନାହିଁ ଦଳୀୟ ସଙ୍ଗଠନ
- ଗୋଡ଼ିପଡା ବ୍ଲକ ପାଇଁ ଅସନ୍ତୋଷ ବଢୁଛି

ନୟାଗଡ଼ ଅଫିସ,୧୦।୨:ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରଣପୁର ନିର୍ବାଚନମଣ୍ଡଳୀର ୪ ନଂ.ଜୋନ୍ । ଏହି ଜୋନ୍‌ରେ ଟିକେଟ୍ ପାଇ ନ ଥିବା ଆଶାୟୀ ତଥା ଅସନ୍ତୁଷ୍ଟ କର୍ମୀଙ୍କୁ ନେଇ ଶାସକଦଳର ଚିନ୍ତା ବଢ଼ିଛି। ବିଶେଷ କରି ଜିଲାପରିଷଦ,ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ପରାଜୟ କରିବାକୁ ସେମାନେ ଗୋଟି ଚାଳନା କରୁଛନ୍ତି । ଦଳରେ ରହି ଦଳ ବିରୋଧରେ କାମ କରୁଥିଲେ ମଧ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। କାରଣ ସଫଳ ଗୋଟି ଚାଳନା ସେମାନଙ୍କୁ ଦଳବିରୋଧୀ ବୋଲି ପ୍ରମାଣିତ କରିପାରୁନାହିଁ। ଅନ୍ୟପକ୍ଷେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଦଳୀୟ ସଙ୍ଗଠନକୁ ଠିକ୍ ଭାବେ ପରିଚାଳନା କରିପାରୁ ନ ଥିବା କର୍ମୀମାନେ ଅଭିଯୋଗ କରିଛନ୍ତି । ଏପରି କି ବହୁ ବରିଷ୍ଠ ନେତା ଦଳଠାରୁ ଦୂରେଇ ରହୁଛନ୍ତି। ସେହିପରି ନୟାଗଡ଼, ରଣପୁର ଓ ଓଡ଼ଗାଁ ବ୍ଲକର କେନ୍ଦ୍ରସ୍ଥଳ ଗୋଡ଼ିପଡାରେ ଏକ ବ୍ଲକ ଗଠନ ପାଇଁ ୫୦ବର୍ଷ ହେଲା ଦାବି ହୋଇ ଆସୁଛି । ବିଗତ ଦିନରେ ରଣପୁର ନିର୍ବାଚନମଣ୍ଡଳୀରେ ଥିବା ବିଧାୟକମାନେ ଗୋଡ଼ିପଡାରେ ବ୍ଲକ ଗଠନ ଦାବିକୁ ସମର୍ଥନ କରି ଆସୁଥିଲେ। ହେଲେ ବର୍ତ୍ତମାନର ବିଧାୟକ ଗୋଡ଼ିପଡା ଓ ଶରଣକୂଳ ବ୍ଲକ ଗଠନ ଦାବିକୁ ହଁ କହିବାପରେ ଗୋଡ଼ିପଡା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି; ଯାହାକି ପଞ୍ଚାୟତ ନିର୍ବାଚନ ଉପରେ ପ୍ରଭାବ ପଡିବ ବୋଲି ଚର୍ଚ୍ଚା ହେଉଛି । ଗତ ଥର ଏହି ଜୋନ୍ ଭାଜପା ଦଖଲରେ ଥିଲା । ୨୦୧୭ ନିର୍ବାଚନରେ ବିଜେଡିର ଦଳୀୟ କନ୍ଦଳର ଫାଇଦା ଭାଜପା ନେଇ ଜୋନ୍ ଦଖଲ କରିଥିଲା। ଏବେଠୁ ସଚେତନ ନ ହେଲେ ଚଳିତ ନିର୍ବାଚନରେ ସେହି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ରାଜନୈତିକ ବ୍ୟକ୍ତିମାନେ କହିଛନ୍ତି ।

୪ ନଂ.ଜୋନ୍‌ରେ ରହିଛି ବଡ଼ଗୋରଡ଼ା, ବରସାହି, ଡିମିଶର, ଗୋଡ଼ିପଡା, କଜଳାଇପଲ୍ଲୀ, ପଞ୍ଚୁପୁ, ଶିଖରପୁର, ଆଙ୍ଗିସିଙ୍ଗି, ଗୋଲଗାଁ, ଭାଲିଆଡିହି, ହରିଡ଼ାବନ୍ଧ ଆଦି ୧୧ ପଞ୍ଚାୟତ ।ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଭାଜପାରୁ ପ୍ରତିମା ପ୍ରଧାନ, କଂଗ୍ରେସରୁ ରୁନା ବିଶୋଇ ଓ ବିଜେଡିରୁ ସଂଯୁକ୍ତା ପଡ଼ିଆରୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଭାଜପା ପ୍ରାର୍ଥୀ ପ୍ରତିମା ପ୍ରଧାନ ଓଡ଼ଗାଁ ବ୍ଲକର ଚେୟାରମ୍ୟାନ ଭାବେ କାର୍ଯ୍ୟକରି ସାରିଛନ୍ତି। ବିଜେଡି ପ୍ରାର୍ଥୀ ସଂଯୁକ୍ତା ପଡ଼ିଆରୀ ହରିଡ଼ାବନ୍ଧ ପଞ୍ଚାୟତର ସରପଞ୍ଚ ଥିଲେ । କଂଗ୍ରେସ ପ୍ରାର୍ଥୀ ରୁନା ବିଶୋଇ ନୂଆ ପ୍ରାର୍ଥୀ । ସମସ୍ତ ପ୍ରାର୍ଥୀ ପ୍ରତି ୱାର୍ଡ୍ ବୁଲି ପ୍ରଚାର ଜୋରଦାର କରିଛନ୍ତି । ବିଜେଡି ରାଜ୍ୟ ସରକାରଙ୍କ ଓ ଭାଜପା କେନ୍ଦ୍ର ସରକାରଙ୍କ ସଫଳତା, ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଭୋଟରଙ୍କୁ ଭେଟୁଛନ୍ତି । କଂଗ୍ରେସ ଉଭୟ ସରକାରଙ୍କ ଦୋଷ ଦୁର୍ବଳତା, ଦୁର୍ନୀତିକୁ ଭୋଟରଙ୍କ ପାଖକୁ ନେଇ ସମର୍ଥନ ସଂଗ୍ରହ କରିବାକୁ ଉଦ୍ୟମ କରୁଛନ୍ତି । ଏନେଇ ବିଜେଡିର ଜଣେ କର୍ମୀ ନିଜ ନାମ ଗୋପନ ରଖି କହିଛନ୍ତି, କଂଗ୍ରେସର ଦୁର୍ଗ ହେଉଛି ୪ନଂ.ଜୋନ୍ । ଏହି ଜୋନ୍‌କୁ ବିଜେଡି ନିଜ କବ୍‌ଜାରେ ରଖିଥିଲା। ସ୍ଥାନୀୟ ଭୋଟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକୁ ଭଲ ଶାସନ କହୁଛନ୍ତି । ବିଧାନସଭା, ଲୋକ ସଭା ନିର୍ବାଚନ ସମୟରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟଦେଇ ବିଜୟୀ କରାଉଛନ୍ତି। ହେଲେ ଜିଲା ପରିଷଦ ନିର୍ବାଚନରେ ଭାଜପା ଜିତୁଛି । ଏହାର କାରଣ ଖୋଜାଯାଉନାହିଁ । ବିଧାୟକଙ୍କ ମନମାନି ଯୋଗୁ ଜିଲାପରିଷଦ ପ୍ରାର୍ଥୀ ହାରୁଛନ୍ତି। ହେଲେ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏବେବି ସମୟ ଅଛି । ଠିକ୍ ରଣନୀତି ଓ ଅସନ୍ତୁଷ୍ଟ କର୍ମୀଙ୍କୁ ସନ୍ତୁଷ୍ଟ କରିପାରିଲେ ଭାଜପା ଗଡ଼ରେ ବିଜେଡି ଜିତି ପାରିବ। ଜଣେ ଭାଜପା ସମର୍ଥକ କୁହନ୍ତି, ଭାଜପା ପ୍ରାର୍ଥୀଙ୍କୁ ଅସନ୍ତୋଷ ବିଜେଡି ପ୍ରାର୍ଥୀଙ୍କ ସମର୍ଥନ ଯୋଗୁ ଜିତିବା ସୁବିଧା ହେଉଛି । ଗତଥର ପରି ଏଥର ମଧ ଭାଜପା ୪ନଂ.ଜୋନ୍ ଦଖଲ କରିବ।

## ସଂକ୍ଷେପରେ

### ନୂଆଗଡ଼ ବ୍ଲକ: ୫ ନଂ ଜୋନ୍‌ରେ ପ୍ରଚାର ଜୋରଦାର

ନୂଆଗଡ଼,୧୦।୨:ଗଜପତି ଜିଲା ନୂଆଗଡ଼ ବ୍ଲକ ୫ନଂ ଜୋନ୍ ଜିଲା ପରିଷଦ ନିମନ୍ତେ ନୂଆଗଡ଼ ସଦରଠାରେ ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ(ଏମ୍)ଦଳର ପ୍ରଚାର ମଙ୍ଗଳବାର ଜୋରଦାର ଦେଖିବାକୁ ମିଳିଥିଲା। ନୂଆଗଡ଼ ସଦରଠାରେ ସାପ୍ତାହିକ ହାଟ ହେଉଥିବାରୁ ଏଠାକୁ ଆଖପାଖ ଗ୍ରାମ ସମେତ ବିଭିନ୍ନ ପଞ୍ଚାୟତର ବହୁ ଲୋକ ଆସିଥାନ୍ତି। ତାହାକୁ ଦୃଷ୍ଟିରେ ରଖି ୪ଟି ଦଳ ତଥା ଜିଲା ପରିଷଦ ପ୍ରାର୍ଥୀ ବିଜେଡିର ଜେମ୍‌ସ ରାଇକା, କଂଗ୍ରେସର ରାଜୀବ ଦୋରା, ଭାଜପାର ତ୍ରିନାଥ ମଣ୍ଡଳ, ସିପିଆଇ(ଏମ୍)ର ମନହର ମଣ୍ଡଳ ସେମାନଙ୍କ ନିଜ ନିଜ ଦଳ ପାଇଁ ପ୍ରଚାର କରିଥିଲେ। ପ୍ରଥମେ ଭାଜପାର ଜିଲା ପରିଷଦ ପ୍ରାର୍ଥୀ ତ୍ରିନାଥ ମଣ୍ଡଳ ଏବଂ କର୍ମୀମାନେ ଆସି ନିଜର ପ୍ରଚାର ପ୍ରସାର କଲାପରେ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ରାଜୀବ ଦୋରାଙ୍କ ସହିତ ବରିଷ୍ଠ କର୍ମୀ କଂଗ୍ରେସ ବ୍ଲକ ସଭାପତି ଯାକୋବ ରାଇକା, ସମ୍ପାଦକ ମୀନ ମଣ୍ଡଳଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଆସି ପ୍ରଚାର ଆରମ୍ଭ କରିଥିଲେ। ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଜେମ୍‌ସ ରାଇକଙ୍କ ସହ ବ୍ଲକ ସଭାପତି ଏନୋଷ ରଇତଙ୍କ ସମେତ ବରିଷ୍ଠ କର୍ମୀ ସୁଦାମ ମଣ୍ଡଳ, ସୂର୍ଯ୍ୟ ପରାଗ ଛିଞ୍ଚନୀ, କ୍ରିଷ୍ଣା ନାୟକ, ପ୍ରମା ମାଝୀ, ରିଙ୍କୁ ପାଣି, ପ୍ରମୋଦ ଏଡଲାଙ୍କ ସମେତ ବ୍ଲକର ବହୁ ସଂଖ୍ୟକ କର୍ମୀ ଯୋଗ ଦେଇଥିଲେ।

### ବାଲ୍ୟବିବାହ ନିଷେଧ ଅଭିଯାନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୦।୨(ଡି.ଏନ୍.ଏ.):ସଖୀ ୱାନଷ୍ଟପ କେନ୍ଦ୍ର ପକ୍ଷରୁ ଗଜପତି ଜିଲାର ବ୍ରାହ୍ମଣ ସୀତାପୁର, ଉପଲଡା, ଜୀବା, ପଦ୍ମପୁର , ଜଗିପାଡୁ ଗ୍ରାମରେ କିଶୋରୀ ବାଳିକାମାନଙ୍କୁ ନେଇ ବାଲ୍ୟ ବିବାହ ନିଷେଧ ଆଇନ, ଯୁବତୀ ଚାଲାଣ, ନିର୍ଯାତନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସଖୀ' ୱାନଷ୍ଟପ କେନ୍ଦ୍ରର ପ୍ରଶାସିକା ଭାଗ୍ୟଲକ୍ଷ୍ମୀ ନାୟକ ଯୋଗଦେଇ ବାଲ୍ୟ-ବିବାହ ନିଷେଧ ଆଇନର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ମୁଖ୍ୟତଃ ଏହି ଆଇନରେ ସମ୍ପୃକ୍ତ ଦୋଷୀଙ୍କ ପାଇଁ ୨ ବର୍ଷ ଜେଲ ସହ ୧ ଲକ୍ଷ ଟଙ୍କା ଜୋରିମାନା ଦଣ୍ଡବିଧାନ ରହିଥିବା କହିଥିଲେ। ଏତଦ ବ୍ୟତୀତ ବାଲ୍ୟବିବାହ କୁ-ପ୍ରଭାବ, ବାଲ୍ୟବିବାହ ପାଇଁ କେଉଁମାନେ ଦାୟୀ , ବାଲ୍ୟ-ବିବାହ ନିଷେଧ ଅଧିକାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ , ୧୮୧ ନମ୍ବର ଓ ୧୦୯୮ ନମ୍ବର କିଭଳି ଓ କେଉଁ ପରିସ୍ଥିତିରେ ସାହାର୍ଯ୍ୟ ଓ ସହାୟତା ପାଇଁ ଡାଏଲ କରି ପାରିବେ ଉପସ୍ଥିତ କିଶୋରୀ ବାଳିକା ମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ କାଉନସିଲର ସୁପ୍ରଭା ସାହୁ , ମିନାକୁମାରୀ ଟହଲ , ପ୍ରଣତି ପ୍ରିୟଦର୍ଶନୀ ଦାସ ଓ ସେଠାକାର ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ ।

### ଅତିରିକ୍ତ ଜିଲାପାଳଙ୍କ ସମୀକ୍ଷା

ଶେରଗଡ,୧୦।୨(ଡି.ଏନ୍.ଏ.):ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଗୁରୁବାର ଶେରଗଡ ବ୍ଲକରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ନିର୍ବାଚନ ପୂର୍ବରୁ ଗାଡି ପାର୍କିଂସ୍ଥାନ, ଭୋଟ ଗଣତି କୋଠରି ବୁଲି ଦେଖିଥିଲେ। ପରିଦର୍ଶନ ସମୟରେ ବିଡ଼ିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀଯନ୍ତ୍ରୀ କେଦାରନାଥ ପଣ୍ଡା, ଭୀମସେନ ବାରିକ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅବାଧ, ମୁକ୍ତ ନିର୍ବାଚନ ପାଇଁ ପ୍ରଶାସନ ସଜାଗ

ଶେରଗଡ,୧୦।୨(ଡି.ଏନ୍.ଏ.)- ଅବାଧ, ମୁକ୍ତ ନିର୍ବାଚନ ଲାଗି ପ୍ରଶାସନ ସଜାଗ ରହିଛି। ଶେରଗଡ ତହସିଲ ପ୍ରଶାସନ ଓ ଥାନା ପୋଲିସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ମିଳିତ ଭାବେ ଗ୍ରାମାଞ୍ଚଳରେ ସ୍ଥିତି ଅନୁଧ୍ୟାନ କରାଯାଇଛି। ତହସିଲଦାର ଡ଼.ଦୟାସିନ୍ଧୁ ପରିଡାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ ବିଭିନ୍ନ ଗ୍ରାମ ପରିକ୍ରମା କରିଛନ୍ତି। ଗ୍ରାମର ମଠ ମନ୍ଦିର ଓ କଲ୍ୟାଣ ମଣ୍ଡପ, କୋଠଘର ଓ ସାମାଜିକ ସଂଗଠନ, ବିଭିନ୍ନ ଅନୁଷ୍ଠାନ ଗୃହ ତଦନ୍ତ କରାଯାଇଛି। ଗ୍ରାମରେ ଯେଉଁଠି ଗଣ୍ଡଗୋଳ କିମ୍ବା କେହି ଆପରାଧିକ କାର୍ଯ୍ୟ କଲେ ଜଣାଇବାକୁ ଗ୍ରାମବାସୀଙ୍କୁ କହିଛନ୍ତି।

### ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା ମାମଲା ଅଭିଯୁକ୍ତ ସ୍ୱାମୀ ଗଲେ ଜେଲ

**ଦିଗପହଣ୍ଡି,୧୦।୨(ଡି.ଏନ.ଏ.)**-ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗାଁର ହିରଣ୍ୟ ସେଠୀଙ୍କୁ ଗୁରୁବାର ଦିଗପହଣ୍ଡି ପୋଲିସ ମାମଲା ନଂ.୬୧/୨୨ ଅନୁଯାୟୀ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ବିଳମ୍ବିତ ରାତିରେ ନିଜ ସ୍ତ୍ରୀ ଝୁନୁ ଘରେ ଶୋଇଥିବା ବେଳେ ହିରଣ୍ୟ ଏକ ଛୁରିରେ ତାଙ୍କ ବେକ ଓ ଶରୀରର ବିଭିନ୍ନ ଅଂଶକୁ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ପ୍ରଚାର ମଇଦାନରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା

ଗଞ୍ଜାମ,୧୦।୨(ଡି.ଏନ.ଏ.)

ଗତ କିଛି ବର୍ଷ ହେବ ରାଜନୀତିରୁ ଦୂରେଇ ଯାଇଥିବା ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ଉର୍ମିଳା ପଲାଇ ଚଳିତ ପଞ୍ଚାୟତ ନିର୍ବାଚନ ପ୍ରଚାର ମୈଦାନରେ ଦେଖିବାକୁ ମିଳୁଛି। ଗଞ୍ଜାମ ଏନଏସିରେ ପ୍ରଥମେ ଭାଜପାରୁ କାଉନସିଲର ପ୍ରାର୍ଥୀ ଭାବେ ଜିତି ଧର୍ମଗୁଳାରେ ଉପାଧ୍ୟକ୍ଷା ହୋଇଥିଲେ। ପରବର୍ତ୍ତୀ ସମୟରେ ବିଜେଡିରେ ମିଶିବା ପରେ ଦୁଇ ଥର ଚେୟାରମ୍ୟାନ ହୋଇଥିବା ପଲାଇ ଗତ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ସଭା ସମିତିରେ ଦେଖିବାକୁ ମିଳୁ ନ ଥିବା ବେଳେ ହଠାତ୍ ପଞ୍ଚାୟତ ନିର୍ବାଚନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ଆଗକୁ ପୌର ନିର୍ବାଚନ। ପୁଣି ଗଞ୍ଜାମ ଏନ୍‌ଏସି ମହିଳାଙ୍କ ଲାଗି ସଂରକ୍ଷଣ ଅଛି। ପୂର୍ବରୁ ବିଭିନ୍ନ ୱାର୍ଡର ନିର୍ବାଚିତ କାଉନସିଲରମାନେ ଅଧ୍ୟକ୍ଷ ଚୟନ କରୁଥିଲେ। ଏବେ କିନ୍ତୁ ଚେୟାରମ୍ୟାନ ଇଲେକ୍ସନ ସିଧାସଳଖ ହେବ। ଏହାକୁ ଦୃଷ୍ଟିରେ ରଖି ପଲାଇ ଦଳୀୟ ଟିକେଟ ପାଇଁ ଆଶାବାଦୀ ଥିବା ସହରରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପଲାଇଙ୍କୁ ପଚାରିବାରେ ଘରୋଇ ସମସ୍ୟା ଯୋଗୁ କିଛି ସମୟ ରାଜନୀତିରୁ ଦୂରେଇଥିଲି। ତେଣୁ ଯଦି ଦଳ ହାଇକମାଣ୍ଡ ଚାହାନ୍ତି ଏବଂ ଦଳୀୟ ଟିକେଟ ମିଳେ ତା'ହେଲେ ସେ ନିର୍ବାଚନ ଲଢ଼ିବାରେ କୌଣସି ଦ୍ୱିଧା ନାହିଁ।

# ଝାଡ଼ଭୂମି ଅଞ୍ଚଳରେ ଆନ୍ଦୋଳନ ପାଇଁ ଚାଷୀ ସଜବାଜ

ଜଗନ୍ନାଥପ୍ରସାଦ,୧୦।୨(ଡି.ଏନ.ଏ.)



ଅଭିଯୋଗ କରିବାକୁ ଆସିଥିବା ଚାଷୀ

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଝାଡ଼ଭୂମି ପଞ୍ଚାୟତର ଚାଷୀମାନଙ୍କ ଧାନ ଉଠୁନି। ସରକାରଙ୍କ ମଣ୍ଡି ବ୍ୟବସ୍ଥାରେ ଉଠାଣ ଅହେତୁକ ବିଳମ୍ବ ହେତୁ ଟୋକେନ ରଦ୍ଦ ହେବାର ଆଶଙ୍କା ଦେଖାଯାଇଛି। ଉକ୍ତ ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଯାହା ବୁଧବାର ଝାଡ଼ଭୂମି ପଞ୍ଚାୟତର ଅନେକ କୃଷକ ଜଗନ୍ନାଥପ୍ରସାଦ ତହସିଲରେ ପହଞ୍ଚି ତହସିଲଦାର ମନୋଜ କୁମାର ତ୍ରିପାଠୀଙ୍କୁ ଭେଟି ସମସ୍ୟାକୁ ନେଇ ଲିଖିତ ଭାବେ ଅବଗତ କରାଇଛନ୍ତି। ଚାଷୀଙ୍କ କହିବା ପ୍ରକାରେ କାହାକୁ ଟୋକେନ ମିଳିଛି ତ କାହାର ଟୋକେନ ତାରିଖ ଅବଧି ସରିବାକୁ ବସିଲାଣି। କିଛି ଚାଷୀ ଟୋକେନ ପାଇ ମିଲରଙ୍କ ପାଖରେ ଧାନ ପକାଇଛନ୍ତି। କିନ୍ତୁ ଶେଷ ସମୟ ଆସିଲାଣି ସୋସାଇଟି ଦ୍ୱାରା ଚାଷୀଙ୍କ ଆଖି ସ୍କାନ କରାଯାଇନାହିଁ ବୋଲି ଅଭିଯୋଗ ଆଣିଛନ୍ତି। ଯାହା ଏଠାରେ କାର୍ଯ୍ୟରତ ସୋସାଇଟି ସେକ୍ରେଟାରୀଙ୍କ ଖମାଖିଆଲ ମନୋବୃତ୍ତି ଓ ମିଲରଙ୍କ ଦାୟିତ୍ୱ ଅବହେଳାରୁ ଚାଷୀଙ୍କ ଏହିଭଳି ଅବସ୍ଥା ହୋଇଥିବା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଉ କିଛି ମିଲର ମାନଙ୍କ ସହ ସେକ୍ରେଟାରୀଙ୍କ ମଧୁଚନ୍ଦ୍ରିକାରେ ଧାନ କିଣା ବିକା ଚାଲିଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଜଗନ୍ନାଥପ୍ରସାଦ ବ୍ଲକରେ ମଣ୍ଡିରେ ଧାନ ପାଇଁ ରହିଥିବା ଟାର୍ଗେଟରୁ ୯୫% ସରିଥିବା ତହସିଲଦାର କହୁଥିବା ବେଳେ ଝାଡ଼ଭୂମି ସୋସାଇଟିରେ କାହିଁକି ଧାନ ଉଠାଯାଇ ନାହିଁ ଓ ସେକ୍ରେଟାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଜି.ଉଦୟଗିରି ବିଧାୟକ

ଜି.ଉଦୟଗିରି,୧୦।୨(ଡି.ଏନ.ଏ.)

ବିଜେଡି ତରଫରୁ ଜି.ଉଦୟଗିରି ୫ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଲିଲିମା ପ୍ରଧାନଙ୍କ ପାଇଁ ପ୍ରଚାର କରିଛନ୍ତି ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ। ରଟିଙ୍ଗିଆ ପଞ୍ଚାୟତର ସରୁଚିନାଙ୍ଗିଆ, ଡଡାପଡା, ଝିମାଙ୍ଗିଆ ଓ ରଟିଙ୍ଗିଆ ଆଦି ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ବିଜେଡି ପ୍ରାର୍ଥୀ ଲିଲିମା ପ୍ରଧାନଙ୍କୁ ଭେଟ ଦେବାକୁ ଅନୁରୋଧ କରିଥିଲେ। ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସହିତ ସୁଶାସନକୁ ଆଧାର କରି ବିଜେଡି ଭୋଟରଙ୍କୁ ଭେଟୁଥିବା ବେଳେ ଲୋକମାନେ ଆଗ୍ରହ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଲିଲିମା ପ୍ରଧାନ, ବ୍ଲକ ସଭାପତି ଲିଙ୍ଗରାଜ କହଁର, ମହିଳା ନଗର ବିଜେଡି ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ବ୍ଲକ ବିଧାୟକ ପ୍ରତିନିଧି ଯମେଶ ଚନ୍ଦ୍ର ନାୟକ, ବିଜେଡି ଛାତ୍ର ସଭାପତି ଛଟନ କୁମାର ନାୟକଙ୍କ ସହିତ ୱାର୍ଡ ସଭାପତିମାନେ ଯୋଗ ଦେଇଥିଲେ।


ବିଧାୟକଙ୍କ ନିର୍ବାଚନ ପ୍ରଚାର

## ଡ.ଭାରତ ଭୂଷଣ ରଥଙ୍କୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପନିର୍ଦ୍ଦେଶକ ଦାୟିତ୍ୱ



ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଭାପୁର ବ୍ଲକ ତଥା କଣ୍ଟିଲୋ ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମର ଡ. ଭାରତ ଭୂଷଣ ରଥ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଦୂରସ୍ଥ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ଆନ୍ଧ୍ରପ୍ରଦେଶ ଡିଷ୍ଟାନ୍ସ ଏଜୁକେଶନର ଡାଇରେକ୍ଟର ପ୍ରଫେସର ସି. ରଙ୍ଗନାଥମ୍ ଡ.ରଥଙ୍କୁ ଉପନିର୍ଦ୍ଦେଶକ ପଦବୀରେ ନିଯୁକ୍ତି ଦେଇଛନ୍ତି । ଆନ୍ଧ୍ର ପ୍ରଦେଶର ପ୍ରସିଦ୍ଧ ତିରୁପତି ନଗରରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସାହିତ୍ୟ ବିଭାଗରେ ଡ. ରଥ ଗତ ୧୨ ବର୍ଷ ଧରି ଅଧ୍ୟାପକ ଭାବେ ନିଜର ଖ୍ୟାତି ଅର୍ଜନ କରିଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଯୁବ ପୁରସ୍କାରରେ ପୁରସ୍କୃତ ଡ. ରଥ ଉଭୟ ସଂସ୍କୃତ ଏବଂ ଓଡ଼ିଆ ଭାଷାରେ ୮ ପୁସ୍ତକ ରଚନା କରିବା ସହିତ ଜଣେ ଗ୍ରନ୍ଥକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୦।୨

**ସୁନାଗହଣା ଲୁଟ୍ ମାମଲା**

ଅତିରିକ୍ତ ଜିଲା ଜଜ୍ (ଏଡିଜେ)- ୨ ରାଜଶ୍ରୀ ମହାପାତ୍ର ବୁଧବାର ଏକ ଲୁଟ ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ସୌମ୍ୟ ରଞ୍ଜନ ଜେନାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ୩ ଜଣ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଅନ୍ୟତମ ଅଭିଯୁକ୍ତ ସନାତନ ପ୍ରଧାନ ଘଟଣା ପରଠାରୁ ଫେରାର ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଦିଗପହଣ୍ଡିରେ ରହୁଥିବା କୁଞ୍ଜ ବିହାରୀ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ଲିଲିରାଣୀ ପଣ୍ଡା ଏକ ଭୋଜିରେ ଯୋଗଦେବା ପାଇଁ ବ୍ରହ୍ମପୁର ଆସିଥିଲେ। ୨୦୧୦ ମେ' ୨୩ ଅପରାହ୍ନ ସାଢେ ୨ଟାରେ ସେମାନେ ବାଇକରେ ଘରକୁ ଫେରୁଥିଲେ। ଜକରାପଲ୍ଲୀ ନିକଟସ୍ଥ କୁରେଇଶୁଣିମନ୍ଦିର ଓ ଗଣିଆନାଳ ରାସ୍ତାରେ ଦୁଇଟି ବାଇକରେ ୬ଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ ବାଇକ୍ ଚାବି ଛଡାଇ ନେବା ସହ କୁଞ୍ଜଙ୍କୁ ଆକ୍ରମଣ କରିଥିଲେ। ପରେ ଲିଲିରାଣୀ ପିନ୍ଧିଥିବା ପ୍ରାୟ ୬ଭରି ଓଜନର ସୁନା ଅଲଙ୍କାର ନେଇ ଚମ୍ପଟ ମାରିଥିଲେ। ଏଥିରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ବିଚାର ବେଳେ ଚକାନୟନଙ୍କ ସମେତ ୪ ଜଣ ନିର୍ଦ୍ଦୋଷ ହୋଇଥିବା ବେଳେ ସୌମ୍ୟ ରଞ୍ଜନ ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିଲେ। ପରେ ପୋଲିସ ତାଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ମିଳି ନ ଥିବାରୁ ଏଡିଜେ -୨ ଅଭିଯୁକ୍ତ ସୌମ୍ୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଜନ ଆରୋଗ୍ୟ ସମିତି ବୈଠକ

ବ୍ରହ୍ମପୁର ଅଫିସ,୧୦।୨

ବ୍ରହ୍ମପୁର ଆଗାସାହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବୁଧବାର ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ମନୋଜ କୁମାର ପଣ୍ଡା, ସିଟିମେଡିକାଲ ଅଫିସର ଡ.ମାନସ କୁମାର ପଣ୍ଡା ଯୋଗଦେଇଥିଲେ। ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ କିଭଳି ଠିକ୍ ଚିକିତ୍ସା ଓ ଉତ୍ତମ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏଥିସହ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଦିବସଗୁଡିକୁ କିଭଳି ସୁଚାରୁ ରୂପେ ପାଳନ କରିବେ ସେ ନେଇ ପରାମର୍ଶ ଦିଆଯାଇଥିଲା।

# କଟକଣା ମାନୁନାହାନ୍ତି ଡିଜେ ସାଉଣ୍ଡ ମାଲିକ

ବ୍ରହ୍ମପୁର ଅଫିସ,୧୦।୨

**ବିଳମ୍ବିତ ରାତ୍ରି ଯାଏ ଶୁଭୁଛି ଉଚ୍ଚ ଶବ୍ଦ ଡିଜେ**


ବରଯାତ୍ରୀର ଡିଜେ ସାଉଣ୍ଡ ଗାଡି।

କୋଭିଡ୍ ସଂକ୍ରମଣ ହ୍ରାସକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କଟକଣାକୁ କୋହଳ କରାଯାଇଛି। କିନ୍ତୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶାବଳୀ ରହିଛି। ବିବାହ, ବ୍ରତ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କୋଭିଡ୍ ଗାଇଡଲାଇନ୍ ମଧ୍ୟରେ ଅନୁଷ୍ଠିତ ହେବା ନେଇ ନିର୍ଦ୍ଦେଶ ରହିଛି। ଗାଇଡ୍‌ଲାଇନକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେବେ କୋଭିଡ୍ କଟକଣା କୋହଳ ପରେ ବିବାହ ଓ ବ୍ରତ ଭଳି କାର୍ଯ୍ୟ ବ୍ରହ୍ମପୁର ସହରରେ ଧୂମଧାମରେ ହେଉଥିବା ଦେଖିବାକୁ ମିଳିଛି। କଟକଣା କୋହଳ ପରେ ଲାଇଟ ଆଣ୍ଡ ସାଉଣ୍ଡଠାରୁ ଆରମ୍ଭ କରି ବିଭିନ୍ନ ଇଭେଣ୍ଟ ମ୍ୟାନେଜମେଣ୍ଟ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି। ତେବେ ବିବାହ କାର୍ଯ୍ୟରେ କଟକଣାକୁ ସମ୍ପୂର୍ଣ୍ଣ ରୂପେ ଉଲ୍ଲଂଘନ କରାଯାଇ ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କୌଣସି ବିବାହ କାର୍ଯ୍ୟ ନିମନ୍ତେ ଡିଜେ ସାଙ୍ଗକୁ ବାଣ ଫୁଟାଇବା ନିମନ୍ତେ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରୁ ଅନୁମତି ବାଧ୍ୟତାମୂଳକ କରାଯାଇଛି। ଏଥିସହ ବରଯାତ୍ରୀ ପ୍ରୋସେସନ ନିମନ୍ତେ ସ୍ଥାନୀୟ ପୋଲିସ ଥାନାରୁ ଅନୁମତି ଆଣିବା ପାଇଁ ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି। କିନ୍ତୁ ଡିଜେ ମାଲିକମାନେ ଗାଇଡ୍‌ଲାଇନକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି।

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ଡିଜେ ସାଉଣ୍ଡ ନିମନ୍ତେ ଶିଳ୍ପାଞ୍ଚଳ ଅଞ୍ଚଳରେ ଦିନ ସମୟରେ ୮୫ ଡେସିବେଲ୍, ରାତ୍ରି ସମୟରେ ୭୫ ଡେସିବେଲ୍, ବାଣିଜ୍ୟିକ ପ୍ରତିଷ୍ଠାନ ଅଞ୍ଚଳରେ ଦିନ ସମୟରେ ୬୦ ଡେସିବେଲ୍ ଓ ରାତି ସମୟରେ ୫୫ ଡେସିବେଲ୍, ରେସିଡେନ୍ସ ଅଞ୍ଚଳଗୁଡିକରେ ଦିନରେ ୫୫ ଡେସିବେଲ୍ ଓ ରାତ୍ରିରେ ୪୫ ଡେସିବେଲ୍ ଓ ଶାନ୍ତି ବାତାବରଣ ଅଞ୍ଚଳଗୁଡିକରେ ଦିନରେ ୫୦ ଡେସି ବେଲ୍ ଓ ରାତ୍ରିରେ ୪୦ ଡେସିବେଲ୍ ଶବ୍ଦ ପାଇଁ ଡିଜେଗୁଡିକୁ ଅନୁମତି ମିଳିଛି। କିନ୍ତୁ ଏହି ନିୟମକୁ ଡିଜେ ମାଲିକ ସମ୍ପୂର୍ଣ୍ଣ ରୂପେ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ସେମାନେ ନିର୍ଦ୍ଧାରିତ ଡେସିବେଲ୍ ଶବ୍ଦଠାରୁ ଅଧିକ ମାତ୍ରାରେ ଉଚ୍ଚ ଶବ୍ଦ ସୃଷ୍ଟି କରୁଛନ୍ତି। ଫଳରେ କୌଣସି ଅଞ୍ଚଳ ଦେଇ ଡିଜେ ଯିବା ସମୟରେ ଘର ଆସବାବପତ୍ର ଦୋହଲିବା ସାଙ୍ଗକୁ ହୃଦ୍‌ରୋଗୀଙ୍କ ଉପରେ ପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ସେହିଭଳି ବରଯାତ୍ରୀଙ୍କ ନିମନ୍ତେ ୫୦ ଜଣଙ୍କୁ ଅନୁମତି ରହିଛି। କିନ୍ତୁ ବରଯାତ୍ରୀରେ ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ରାତ୍ରି ୧୦ଟା ପରେ ରାତ୍ରିକାଳୀନ କର୍ଫ୍ୟୁ ଜାରି ହୋଇଥିବା ବେଳେ ଏହାକୁ ମଧ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଛି। ରାତ୍ରି ୧୦ଟା ପରେ ମଧ ଉଚ୍ଚ ଶବ୍ଦ ଡିଜେ ବଜାଇ ବରଯାତ୍ରୀ ଯାଉଥିବା ଦେଖିବାକୁ ମିଳିଛି।

ଏ ଦିଗରେ ପୋଲିସ ପ୍ରଶାସନ, ବିଏମ୍‌ସି କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏଭଳି ଅଭିଯୋଗ ଦୃଷ୍ଟିଗୋଚରକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେତେକ ଡିଜେ ଗାଡିକୁ ସିଲ୍ ମଧ କରାଯାଇଛି। ଆଗାମୀ ଦିନରେ ସହରରେ ଥିବା ଡିଜେ ସାଉଣ୍ଡ ସଂଘ ସହ ଆଲୋଚନା କରାଯାଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

ଆସିକା,୧୦।୨(ଡି.ଏନ୍.ଏ.)

ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବା ଲାଗି ଏକ ବନଖଣ୍ଡସ୍ତରୀୟ ସଚେତନତା ଶିବିର ଗୁରୁବାର ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସହକାରୀ ବନସଂରକ୍ଷକ ପ୍ରଭାକର ନାୟକ, ଅବୈତନିକ ବନ୍ୟପ୍ରାଣି ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ, ଉମାକାନ୍ତ ବିଶ୍ୱାଳ, ଆସିକା ଅଗ୍ନିଶମ ଅଧିକାରୀ ସୁଶାନ୍ତ କୁମାର ରାଉଳ, ପ୍ରାଣୀ ଚିକିତ୍ସାଧିକାରୀ, ଆସିକା କଲେଜ ଜାତୀୟ ସେବା ସଂସ୍ଥା ଅଧିକାରୀ, ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନଙ୍କ ସମେତ ୧୪ଟି ବନସଂରକ୍ଷଣ ସମିତିର କର୍ମକର୍ତ୍ତା ଯୋଗଦେଇଥିଲେ। ଜଙ୍ଗଲରେ ବିଭିନ୍ନ ସମୟରେ ଦେଖାଦେଉଥିବା ଅଗ୍ନିକାଣ୍ଡ ଓ ଏହାର ନିରାକରଣ ଦିଗରେ ଜନସାଧାରଣଙ୍କ କର୍ତ୍ତବ୍ୟ ସମ୍ପର୍କରେ ଶିବିରରେ ଆଲୋଚନା କରାଯାଇଥିଲା।

# ଧାନବସ୍ତା ରଖି ଚାଷୀଙ୍କ ବିକ୍ଷୋଭ

ନୟାଗଡ଼ ଅଫିସ,୧୦।୨

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଗୁରୁବାର ଧାନବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଏହି ଆନ୍ଦୋଳନ ପ୍ରାୟ୧ଘଣ୍ଟା ଚାଲିବା ପରେ ଜିଲାପାଳ ପୋମା ଟୁଡୁ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ କୋର୍ଡ ଅଫ୍ କଣ୍ଡକ୍ଟ ଲାଗିଥିବାବେଳେ ବିକ୍ଷୋଭ ଓ ଆନ୍ଦୋଳନ ମନା ବୋଲି ଜିଲାପାଳ ଚାଷୀମାନଙ୍କୁ ବୁଝାଇ ଥିଲେ । ଏପରି କି ଯଦି କିଛି ଆପତ୍ତି ଅଭିଯୋଗ ଅଛି ତେବେ ଉପଜିଲାପାଳଙ୍କ ସହ ଆଲୋଚନା କରିବାକୁ କହିଥିଲେ। ପରେ ଜିଲାଯୋଗାଣ ଅଧିକାରୀ ଆସି ଜିଲାପାଳଙ୍କ ଉପସ୍ଥିତିରେ ଚାଷୀଙ୍କ ସହ ଆଲୋଚନା କରି ନିଜ କାର୍ଯ୍ୟାଳୟକୁ ସେମାନଙ୍କୁ ଡକାଇ ନେଇଥିଲେ। ଜିଲା ଯୋଗାଣ ଅଫିସ ସମ୍ମୁଖରେ ଚାଷୀମାନେ ପୁଣି ଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଧାନର ମାନ ଯାଞ୍ଚ କରାଯାଇଥିଲା। ଧାନର ମାନ ଠିକ୍ ଥିଲେ ମଧ୍ୟ ମିଲର କୁଇଣ୍ଟାଲ ପିଛା ୧୦ରୁ ୧୨କେଜି ଧାନ କାଟୁଥିବା ଚାଷୀମାନେ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। କଟ୍‌ନୀଛଟନୀ କରୁଥିବା ମିଲରଙ୍କୁ ଗିରଫ କରିବାକୁ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା ।

- ଜିଲାପାଳଙ୍କ ସହ ଆଲୋଚନା ପରେ ଯାଞ୍ଚ ହେଲା ଧାନ
- ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା ପରେ ବଢ଼ୁଛି ଆନ୍ଦୋଳନ
- କଟ୍‌ନୀଛଟନୀ କରୁଥିବା ମିଲରଙ୍କୁ ଗିରଫ କରାଯାଉନାହିଁ
- କୁଇଣ୍ଟାଲ ପିଛା କଟୁଛି ୧୦ରୁ ୧୨କେଜି

ଯୋଗାଣ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ନୟାଗଡ଼ରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ଉଠିଥିଲା। ଏନେଇ ଚାଷୀମାନେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଉପରୋକ୍ତ ସମସ୍ୟାର ତଦନ୍ତ, ସମାଧାନ ଦାବି କରିଥିଲେ।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ମିଲରଙ୍କୁ ଗିରଫ କରିବାକୁ ଯୋଗାଣ ମନ୍ତ୍ରୀ ପଦକ୍ଷେପ ନେଉ ନାହାନ୍ତି । ମିଲରଙ୍କ ଏଜେଣ୍ଟ ଚଳାଉଛନ୍ତି ଧାନ ମଣ୍ଡି। ମଣ୍ଡିର ସୁବିଧା ଅସୁବିଧା ବୁଝିବା ପାଇଁ ଗଠିତ ସ୍କ୍ୱାଡ୍‌ର ଦେଖାନାହିଁ । ୧୨ଶହରୁ ୧୩ଶହ ଟଙ୍କାରେ ମିଲର କିଣୁଛନ୍ତି ସିଧା ସଳଖ ଧାନ । ମିଲରଙ୍କ ଷ୍ଟକ୍ ଚେକ୍ ହେଉ ନାହିଁ । ମିଲରଙ୍କ ଏଜେଣ୍ଟଙ୍କୁ ମଣ୍ଡିରୁ ବହିଷ୍କାର କରାଯାଉନାହିଁ। ଧାନ ମଣ୍ଡି ଓ ଧାନକିଣାରେ ଅବ୍ୟବସ୍ଥା ବଢ଼ି ଚାଲିଥିବାବେଳେ କୃଷି, ଯୋଗାଣ ଓ ସମବାୟ ବିଭାଗ ଚୁପ୍ ବସିଛି । ଫାଇଲିନ୍, ହୁଦହୁଦ୍ ଓ ଜୱାଦ୍ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମିଲରମାନେ ଚାଷୀଙ୍କୁ ହଇରାଣ କରୁଛନ୍ତି। ନିର୍ବାଚନ ସମୟରେ ମିଲର ନିର୍ବାଚନୀ ଚାନ୍ଦା ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ମିଲରମାନେ କହୁଛନ୍ତି ଚାଷୀମାନେ ତଳେ ଧାନ ଅଜାଡି ଦିଅନ୍ତୁ । ଆମେ ଧାନ ତୋଳିକରି ନେବୁ। ହେଲେ ମୁହଁବନ୍ଧା ଅଖାରେ ଧାନ ନେଉଥିବା ମିଲରମାନେ ଚାଷୀଙ୍କୁ ବସ୍ତା ବାବଦ ଟଙ୍କା ଦେଉ ନାହାନ୍ତି । ଜରିଅଖା ପାଇଁ ୫ ଟଙ୍କା ଓ ଝୋଟ ଅଖା ପାଇଁ ୧୦ ଟଙ୍କା ଚାଷୀ ପାଇବାକୁ ନିୟମ ଥିବାବେଳେ ଅଧିକାଂଶ ସମବାୟ ସମିତି ସମ୍ପାଦକ ଚାଷୀଙ୍କୁ ସେହି ଅର୍ଥ ପ୍ରଦାନ କରୁନାହାନ୍ତି। ଏହାର ପ୍ରତିବାଦରେ ନୟାଗଡ଼ ବଜାର ତ୍ରିନାଥ ଛକଠାରୁ ଚାଷୀମାନେ ଧାନବସ୍ତା ମୁଣ୍ଡାଇ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ । ସରକାରଙ୍କ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଆନ୍ଦୋଳନରେ ସଙ୍ଗଠନର ପ୍ରଭାରୀ ଚିନୁ ଦାସ , ଶରତ ଚନ୍ଦ୍ର ସ୍ୱାଇଁ, ଜିଲା ସଂଯୋଜକ ମହେଶ୍ୱର ଜେନା, ସହ ସଂଯୋଜକ ରଞ୍ଜିତ୍ ଦଳବେହେରା, ପ୍ରସନ୍ନ ପ୍ରଧାନ, ଗଣିଆ ସଂଯୋଜକ ସୁଧାଂଶୁ ଶେଖର ସ୍ୱାଇଁ, ଭାପୁର ସଂଯୋଜକ ଅଭିମନ୍ୟୁ ମହାନ୍ତି, ରଣପୁର ସଭାପତି ଅଜୟ ମହାନ୍ତି, ଭାଗବତ ପରିଡା, କାଳନ୍ଦୀ ଦଳବେହେରା, ସୁକାନ୍ତ ସାହୁ, ନାଥ ପ୍ରଧାନ, ପ୍ରମୋଦ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ସହ ସଂଯୋଜକ ଦଳବେହେରା କହିଛନ୍ତି, ଜିଲା ଯୋଗାଣ ଅଧିକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଧାନର ମାନ ଯାଞ୍ଚ ପରେ ଧାନ ଠିକ୍ ଅଛି ବୋଲି କହିଥିଲେ। ମଣ୍ଡିରେ ଧାନ କଟା ଯିବା ବିଷୟରେ ଆଗାମୀ ସୋମବାର ଜିଲାପାଳ, ଏଆରସିଏସ୍, ଯୋଗାଣ ଅଧିକାରୀଙ୍କ ସହ କୃଷକ ସଙ୍ଗଠନର ୧୦ ଜଣିଆ ପ୍ରତିନିଧି ଦଳ ଆଲୋଚନା କରିବ । ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକ କହିଛନ୍ତି, ଚାଷୀଙ୍କ ଧାନବିକାର ଅସୁବିଧା ନେଇ ସୋମ ଓ ମଙ୍ଗଳବାର ମଧ୍ୟରେ ଜିଲାପାଳଙ୍କ ସହ ଆଲୋଚନା କରାଯିବ। ଜିଲାପାଳ ଯେଉଁ ତାରିଖ ଦେବେ ସେଦିନ ଚାଷୀ ପ୍ରତିନିଧିଙ୍କୁ ଡକାଯିବ ।

## ସଂକ୍ଷେପରେ

### ୫୮ ଲିଟର ଦେଶୀ ମଦ ଜବତ, ୪ ଗିରଫ

ଖଣ୍ଡପଡ଼ା/ ନୂଆଗାଁ,୧୦।୨ (ସ୍ୱ.ପ୍ର./ଡି.ଏନ.ଏ.):ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଓ ନୂଆଗାଁ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ଗୁରୁବାର ପୋଲିସ ୫୮ ଲିଟର ଦେଶୀ ମଦ ଜବତ କରିବା ସହିତ ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଖଣ୍ଡପଡ଼ା ଥାନା ଅଧୀନ କୋସକା ପଞ୍ଚାୟତ ମଧୁପୁର ଗ୍ରାମର ମଦନ ମୋହନ ସୁବୁଦ୍ଧି, କୋସକା ଗ୍ରାମର ବଳଭଦ୍ର ଜାନି, ନିକଟସ୍ଥ ସିଙ୍ଗିବାରୀ ଗ୍ରାମର ଶ୍ରୀନିବାସ ବେହେରା ଓ ନୂଆଗାଁ ଥାନା ଅଧୀନ କୁଟିବାରି ଗ୍ରାମର ସଂସାରି ଜାନି।

### ବ୍ରାଉନସୁଗାର କାରବାର ବଢ଼ୁଛି

ନୟାଗଡ଼ ଅଫିସ,୧୦।୨:ନୟାଗଡ଼ ଟାଉନ ଥାନାର ସିନ୍ଦୁରିଆ ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ୁଥିବାର ଅଭିଯୋଗ ହେଉଛି। ହେଲେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରୁ ନ ଥିବାରୁ ଏହା ଉପରେ ଲଗାମ ଲଗାଯାଇ ପାରୁନାହିଁ। ଏବେ ପଞ୍ଚାୟତ ନିର୍ବାଚନ ଥିବାରୁ କାରବାର ବଢ଼ି ଚାଲିଛି । ପ୍ରଶାସନ ପକ୍ଷରୁ ଏଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

### ଉଦ୍ୟାନ କୃଷି ବିଭାଗ ତାଲିମ ଶିବିର

ଜି.ଉଦୟଗିରି,୧୦।୨(ଡି.ଏନ.ଏ.): ଜି.ଉଦୟଗିରି ଉଦ୍ୟାନ କୃଷି ବିଭାଗ ତରଫରୁ ଗୁରୁବାର ଆଗ୍ରହୀ ଯୁବକମାନଙ୍କୁ ବୃକ୍ଷ କଲମୀକରଣ ଏବଂ ଉତ୍କୃଷ୍ଟ ଚାରା ଉତ୍ପାଦନ କରିବା ପାଇଁ ତାଲିମ ପ୍ରଦାନ କରାଯାଇଛି। ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ଡ. ସିଦ୍ଧାର୍ଥ କର ଏ ସମ୍ପର୍କରେ ତାଲିମ ଦେଇଥିଲେ। କୃଷକମାନଙ୍କ ଆୟକୁ ବଢ଼ାଇବା ଲକ୍ଷ୍ୟରେ ଆୟୋଜିତ ଏହି ତାଲିମ ଶିବିରରେ ବୃକ୍ଷ କଲମୀକରଣ ଏବଂ ଉତ୍କୃଷ୍ଟ ଚାରା ଉତ୍ପାଦନ ଯେପରି ପନିପରିବା ଗ୍ରେଡିଂ, ପ୍ୟାକେଜିଂ ଓ ପୃଥକୀକରଣ କରି ବଜାରରେ ବିକ୍ରି କରିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା।

### ପୋଖରୀରୁ ୨ ମୃତଦେହ ଜବତ

ରାଇଘର, ୧୦।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ରାଇଘର ଥାନା ନାକଟିସିମୋଡା ପଞ୍ଚାୟତ ଅଧୀନ ଭୀମାଭାଟା ଗ୍ରାମ ନିକଟ ଏକ ପୋଖରୀରୁ ୨ଜଣଙ୍କ ମୃତଦେହ ରାଇଘର ପୋଲିସ ଜବତ କରିଛି। ମୃତକ ହେଲେ ଜୋଡ଼ିଙ୍ଗା ପଞ୍ଚାୟତ ବରଗାଁ ଗ୍ରାମର ମୋହନ ଗଣ୍ଡଙ୍କ ପୁଅ ରାଜେଶ ଓ ଓ ବଡ଼ପାରା ମରୁଆଡିହି ଗ୍ରାମର ଚେୟନ୍ ଗଣ୍ଡଙ୍କ ପୁଅ ବିଜୟ। ସୂଚନାନୁଯାୟୀ, ରାଜେଶ ଓ ବିଜୟ ବୁଧବାର ରାତିରେ ଜୋଡ଼ିଙ୍ଗାରୁ ଗରଞ୍ଜି ଅଭିମୁଖେ ବାହାରିଥିଲେ। କିନ୍ତୁ ସେମାନେ ରାତିରେ ଘରକୁ ଫେରିନଥିଲେ। ଗୁରୁବାର ସକାଳେ ପୋଖରୀ ନିକଟରେ ସେମାନଙ୍କ ବାଇକ ପଡିଥିବା ଦେଖି ଗ୍ରାମବାସୀ ପୋଲିସକୁ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଖରୀ ଭିତରୁ ମୃତଦେହ ମିଳିବା ପରେ ୪୦/୨୨ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସମବାୟ ସମିତି ସମ୍ପାଦକ, ସହ ସମ୍ପାଦକଙ୍କୁ ତାଲା ପକାଇଲେ ଚାଷୀ



ସମବାୟ ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

ଓଡ଼ଗାଁ,୧୦।୨(ସ୍ୱ.ପ୍ର.)

ଅଭାବୀ ଧାନ ବିକ୍ରି ଓ ଚାଷୀଙ୍କ ନାମ ଏଥି ନିମନ୍ତେ ପଞ୍ଜୀକୃତ ହୋଇ ନ ଥିବା କାରଣରୁ ସ୍ଥାନୀୟ କୃଷି ସମବାୟ ସମିତି ଅନ୍ତର୍ଗତ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କାରଣରୁ ସେମାନେ ୪ ତାରିଖରେ ସମିତି ଆଗରେ ସମାନ ଦାବିରେ ଧାରଣା ଦେଇଥିଲେ । ଗୁରୁବାର ଅପରାହ୍ନରେ ଅଫିସ ଭିତରେ ଥିବା ସମ୍ପାଦକ ଓ ସହ ସମ୍ପାଦକଙ୍କୁ ତାଲା ପକାଇ ଅଟକ ରଖିଥିଲେ। ୪ ତାରିଖ ପ୍ରତିଶ୍ରୁତି ଅନୁସାରେ ସେମାନଙ୍କ କଥା ବୁଝା ଯାଇ ନ ଥିବାରୁ ସେମାନେ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କହିଛନ୍ତି । ଏଥି ନିମନ୍ତେ ସେମାନେ ସ୍ଥାନୀୟ ବିଡିଓ, ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଦର୍ଶାଇଛନ୍ତି । କର୍ମଚାରୀଙ୍କୁ ତାଲା ପକାଯାଇଥିବା ସୂଚନା ପାଇ ଆସିଥିବା ସମବାୟ ଅଧିକାରୀ ଏଆରସିଏସ୍ ବିରଜାନନ୍ଦ ଦାସ ମଧ୍ୟ ସେମାନଙ୍କୁ କୌଣସି ନିର୍ଭର ପ୍ରତିଶ୍ରୁତି ନ ଦେଇ ଚାଲିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ଧାନ ବିକ୍ରି ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକୃତ ନ କରିବା କାରଣରୁ ତତ୍କାଳୀନ ସମ୍ପାଦକ ନିଲମ୍ବିତ ହୋଇଥିଲେ । ଅବଧି ଗଡିଯାଇଥିବାରୁ ଏହି ସମିତିର ୩୪୬ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇ ନ ଥିବା ଅଧିକାରୀ ଜଣକ ସ୍ୱୀକାର କରିଛନ୍ତି । ଏଥି ନିମନ୍ତେ ସେ ସମବାୟ ରେଜିଷ୍ଟ୍ରାରଙ୍କୁ ଅବଗତ କରିଥିବା ବେଳେ କୌଣସି ଉତ୍ତର ଆସି ନ ଥିବା ସେ ପ୍ରକାଶ କରିଛନ୍ତି । ଏଥି ନିମନ୍ତେ ସେ ନିଜର ଅସହାୟତା ପ୍ରକାଶ କରିଥିଲେ। ଏନେଇ ସେ ଜିଲା ଯୋଗାଣ ଅଧିକାରୀଙ୍କ ସହିତ କଥା ହେଉଥିବା କହି ଚାଷୀଙ୍କୁ କୌଣସି ପ୍ରତିଶ୍ରୁତି ନ ଦେଇ ଚାଲିଯାଇଥିଲେ । ସନ୍ଧ୍ୟା ହୋଇଯାଇଥିବାରୁ ଚାଷୀମାନେ ମାନବିକତା କାରଣରୁ ଅଫିସ ତାଲା ଖୋଲିଦେଇଥିଲେ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ କହିଛନ୍ତି ।

## ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି ବିରୋଧୀ

ଖଣ୍ଡପଡ଼ା,୧୦।୨(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଶାଳଝରିଆ ପଞ୍ଚାୟତ ୧୧ ୱାର୍ଡକୁ ନେଇ ଗଠିତ । ଏହି ପଞ୍ଚାୟତରେ ଭୋଟର ସଂଖ୍ୟା ୧୯୩୮ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତରେ ରାଜନୈତିକ ବାତାବରଣ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି । ସରପଞ୍ଚ ପଦବୀ ଅସଂରକ୍ଷିତ ଓ ସମିତି ସଭ୍ୟ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସରପଞ୍ଚ ପଦବୀ ପାଇଁ ୪ ଓ ସମିତି ସଭ୍ୟ ପଦବୀ ପାଇଁ ୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସରପଞ୍ଚ ପଦବୀ ପାଇଁ ସ୍ନେହଲତା ନାୟକ, ପୂର୍ବତନ ସରପଞ୍ଚ ଦୁତିଆ ନିଶଙ୍କ, ନବାଗତ ପ୍ରଦୀପ୍ତ କୁମାର ପଣ୍ଡା, ନୀଳାଞ୍ଚଳ ପରିଡ଼ା ପ୍ରମୁଖ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସମିତି ସଭ୍ୟ ପଦବୀ ପାଇଁ ସମିତି ସଭ୍ୟ ଘନଶ୍ୟାମ ନାୟକଙ୍କ ସ୍ତ୍ରୀ ନିର୍ମଳା ନାୟକ, ଏଲିନା ନାୟକ, ଅନୀତା ପତି, ବାସନ୍ତୀ ପଣ୍ଡା, ବିଷ୍ଣୁପ୍ରିୟା ପ୍ରଧାନ ଓ ରୋଜାଲିନ ବାରିକ ନିର୍ବାଚନ ଲଢୁଛନ୍ତି । ଗତ ପଞ୍ଚାୟତ ସମିତି କାର୍ଯ୍ୟକାଳ ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ବିରୋଧୀ ପ୍ରାର୍ଥୀମାନେ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କୁ ପ୍ରତିକ୍ଷେତ୍ରରେ ଅଣଦେଖା କରାଯାଇ ବିଭିନ୍ନ କାର୍ଯ୍ୟରେ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ଉଠାଇ ବିରୋଧୀ ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି । ଦଳ କିମ୍ବା ଅର୍ଥବଳ ନୁହେଁ, ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବା ପାଇଁ ଭୋଟରମାନେ ସ୍ଥିର କରିଥିବା ସୂଚନା ମିଳିଛି ।


**APPENDIX A TO SCHEDULE III**
**ଯୋଡ଼ା ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C–1920:ଯୋଡା ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଯୋଡା ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ସିଡ଼ିପିଓ ଆଇସିଡ଼ିଏସ ଯୋଡା ସହରାଞ୍ଚଳ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ଯୋଡ଼ା ପୌର ପରିଷଦ
OIPR-13124/11/0018/2122



**APPENDIX A TO SCHEDULE III**
**କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦ**
**ପ୍ରେସ୍ ବିଜ୍ଞପ୍ତି**

No.C–1904:କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା କୁଚିଣ୍ଡା ଅଧିସୂଚିତ କ୍ଷେତ୍ର ପରିଷଦର କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ର ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା./–ନିର୍ବାଚନ ଅଧିକାରୀ
ଏନଏସି, କୁଚିଣ୍ଡା
OIPR-13121/11/0022/2122


## ଉଦ୍ଧାର ଶିଶୁପୁତ୍ରଙ୍କୁ ଦେଖିବାକୁ ସୁଯୋଗ ମିଳୁନି

ନୟାଗଡ଼ ଅଫିସ,୧୦।୨

**ନୟାଗଡ଼ ଶିଶୁ ବିକ୍ରି ଘଟଣା**

- ଆତ୍ମାହୁତି ଧମକ ଦେଲେ ମା’ବାପା
- ଶିଶୁବିକ୍ରି ଘଟଣାରେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଅଭିଯୋଗ

ଗତ ୨୮ ତାରିଖରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ବିକ୍ରି ଘଟଣାରେ ଲେବର ରୁମ୍‌ର ୱାର୍ଡ ଇନ୍‌ଚାର୍ଜ ଓ ୱାର୍ଡ ଆଟେଣ୍ଡାଣ୍ଟ, ନୋଉର ଆଶା କର୍ମୀ ଜେଲଯିବାପରେ ବିବାଦ ଥମିବାର ନାଁ ଧରୁନି । ଏହି ଘଟଣାରେ ଜଣେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି । ଘଟଣାକୁ ରଫାଦଫା କରିବାକୁ ସେ କୁଆଡେ ଚାପ ପ୍ରୟୋଗ କରୁଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଜିଲା ଶିଶୁସୁରକ୍ଷା ୟୁନିଟ ପକ୍ଷରୁ ଉଦ୍ଧାର ଶିଶୁପୁତ୍ରକୁ ମା’ବାପାଙ୍କୁ ଦେଖାଇବାର ସୁଯୋଗ ଦିଆଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳିସ୍ଥଳେ ନବଜାତ ଶିଶୁର ମା’ବାପା ଆତ୍ମାହୁତି ଦେବେ ବୋଲି ଧମକ ଦେଇଛନ୍ତି ।

ଏହି ପରିପ୍ରେକ୍ଷୀରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁ ଓ ସ୍ତ୍ରୀ ଜଲି କୁହନ୍ତି ଗତ ୨୮ ତାରିଖରେ ଆମର ପୁଅ ହେଲାକି ଝିଅ ହେଲା ଆମେ ଦେଖି ନାହୁଁ। ଆମକୁ ମଲା ଝିଅ ହେଲା କହି ଡଷ୍ଟବିନରେ ଫୋପାଡ଼ି ଦିଆଗଲା ବୋଲି କୁହାଗଲା। ହେଲେ ପୂର୍ବରୁ ଯୋଜନାକରି ଶିଶୁଟିକୁ ଗାଏବ କରିନେଲେ। ଆମର ପୁଅ ହୋଇଛି ଜାଣିବା ପରେ ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଫେରିଲୁ । ପୋଲିସରେ ଅଭିଯୋଗ ପରେ ଶିଶୁପୁତ୍ର ଉଦ୍ଧାର ହେଲା । ଏହି ଘଟଣାରେ ୱାର୍ଡ ଇନ୍‌ଚାର୍ଜ ଓ ୱାର୍ଡ ଆଟେଣ୍ଡାଣ୍ଟ, ନୋଉର ଆଶା କର୍ମୀ ପ୍ରମୁଖ ୩ଜଣ ମହିଳା ଜେଲଗଲେ। ହେଲେ ଏଯାବତ ଆମ ପୁଅକୁ ଦେଖାଇବାର ସୁଯୋଗ ଦେଉ ନାହାନ୍ତି । ଏପରି କି ଘଟଣାର ୧୩ଦିନ ବିତି ଯାଇଥିଲେ ମଧ୍ୟ ଆମ ପୁଅ ଆମ ପାଖକୁ ଫେରିନାହିଁ। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆମକୁ ସହଯୋଗ କରୁନି । ବାରମ୍ବାର ଏ ଅଫିସରୁ ସେ ଅଫିସକୁ ଦୌଡି ନୟାନ୍ତ ହୋଇ ସାରିଲୁଣି। ଗରିବ ଲୋକ ହୋଇଥିବାରୁ ଶିଶୁପୁତ୍ର ବିକ୍ରି ନ କରି ଆମକୁ ବିଭିନ୍ନ ଅପବାଦ ଶୁଣିବାକୁ ପଡିଲା। ଏହି ଘଟଣାରେ ଯିଏ ଦୋଷୀ ସେ ଦଣ୍ଡ ପାଉ । ହେଲେ ଆମ ପୁଅ ଆମ ପାଖକୁ ଶୀଘ୍ର ଫେରୁ। ନଚେତ୍ ଆମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବୁ । ଆମକୁ ସରକାରୀ ନୀତିନିୟମ ଜଣା ନ ଥିବାରୁ ଆମ ପୁଅକୁ ପାଇବାରେ ପ୍ରଶାସନ ସମୟ ଗଡାଇ ଚାଲିଛି। ନୋଉର ଗାଁର ଆଶାକର୍ମୀ ଭାନୁମତୀ ନାୟକ କୁହନ୍ତି, ଶିଶୁବିକ୍ରି ଘଟଣାରେ ମୋତେ ଫସାଇ ଦିଆଯାଇଛି । ସତ କ’ଣ ଜାଣିବାକୁ ହେଲେ ନିରପେକ୍ଷ ତଦନ୍ତ ହେବା ଦରକାର । ନିରପେକ୍ଷ ତଦନ୍ତ ହେଲେ ସତ୍ୟପଦାକୁ ଆସିବ । ନୋଉର ଗାଁର ଜଣେ ମହିଳା କୁହନ୍ତି ଶିଶୁ ବିକ୍ରି ଘଟଣା କେହି ଯେପରି ଜାଣିପାରିବେନି ସେଥିପାଇଁ ଚକ୍ରବ୍ୟୂହ କରାଯାଇଥିଲା। ହେଲେ ଘଟଣା କିପରି ଲୋକଲୋଚନକୁ ଆସିଲା ଜଣାପଡି ନାହିଁ। ତେବେ ଶିଶୁ ବିକ୍ରି ଘଟଣାରେ ଏକ ଅଡିଓ ରହିଛି । ହେଲେ ଏହାକୁ ପ୍ରକାଶ କରାଯାଉ ନାହିଁ। ଅଡିଓ ଭାଇରାଲ ହେଲେ ଅନେକ ଫସିବାର ଅନୁମାନ କରାଯାଉଛି । ଏଥିରେ ଜଣେ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ରହିଛି। ତାଙ୍କୁ ଜଣେ ବିଧାୟକ ସହଯୋଗ କରୁଛନ୍ତି । ପୋଲିସ ଶିଶୁବିକ୍ରିନେଇ ସବୁ ଜାଣିଥିଲେ ମଧ୍ୟ ତଦନ୍ତକୁ ବାଟବଣା କରୁଛି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପଛ ପାଖର ଏକ ପରିବାର ଶିଶୁପୁତ୍ର କିଣିଥିବା ଜଣାପଡିଛି । ସଂପୃକ୍ତ ଶିଶୁ ଭୁବନେଶ୍ୱରରୁ ଉଦ୍ଧାର କରାଯାଇଥିଲେ ମଧ୍ୟ ପୋଲିସ କିଛି କହୁ ନ ଏହାର ନିରପେକ୍ଷ ତଦନ୍ତ ଉପରେ ପ୍ରଶ୍ନ ଉଠୁଛି । ନୟାଗଡ଼ ଗସ୍ତରେ ଆସିଥିବା ରାଜ୍ୟ ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କୁ ଶିଶୁ ବିକ୍ରି ଘଟଣା ସଂକ୍ରାନ୍ତରେ ପଚାରିବାରୁ କହିଥିଲେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ବିକ୍ରି ଘଟଣାରେ ପୋଲିସ ତଦନ୍ତ କରୁଛି । ଶିଶୁବିକ୍ରି ଘଟଣାରେ ସ୍ୱାସ୍ଥ୍ୟବିଭାଗର କ’ଣ ଦୋଷ ଓ ଅବହେଳା ରହିଛି ସେନେଇ ତଦନ୍ତ କରାଯିବ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ। ତେବେ ଏନେଇ କିଛି କହି ହେବନି । ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ।


**APPENDIX A TO SCHEDULE III**
**ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

No.C–1915: ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଚମ୍ପୁଆ ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଏନ.ଏ.ସି. କାର୍ଯ୍ୟାଳୟରେ ତାରିଖ ୧୦.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ଚମ୍ପୁଆ
OIPR-13157/11/0015/2122



**APPENDIX A TO SCHEDULE III**
**ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ**
ନଂ.୩୬୦, ତା.୧୦.୦୨.୨୦୨୨
**ପ୍ରେସ ବିଜ୍ଞପ୍ତି**

No.C–1928:ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ବିନିକା ଅଧିସୂଚିତ କ୍ଷେତ୍ର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅଧିସୂଚିତ କ୍ଷେତ୍ର ପରିଷଦ ବିନିକାଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି ନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ IVରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖିଲ କରିପାରିବେ ।

ସ୍ୱା/–ନିର୍ବାଚନ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ବିନିକା
OIPR-13198/11/0005/2122